# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୩୦/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, March 30/2023 | Page 16 | ₹ 7.00

୪୯ଶ ଭାଗ ୧୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 124 | ମୂଲ୍ୟ₹୭/-




**ଯଶୋଦାଙ୍କ ୪ ଗୋଲ**

ଜାତୀୟ ମହିଳା ଫୁଟବଲର ବୁଧବାର ଅନୁଷ୍ଠିତ ରାଜସ୍ଥାନ ବିପକ୍ଷ ମ୍ୟାଚରେ ୪ଟି ଗୋଲ ଦେଇଛନ୍ତି ଓଡ଼ିଶାର ଯଶୋଦା ମୁଣ୍ଡା। ୧୩

୧୪ **ଅନନ୍ୟାଙ୍କ ଡେଟିଂକୁ ନେଇ ଚର୍ଚ୍ଚା**

ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ବର୍ତ୍ତମାନ ଅଭିନେତା ଆଦିତ୍ୟ ରୟ କପୁରଙ୍କୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ଜୋର ଧରିଛି।





ପବିତ୍ର ଅଶୋକାଷ୍ଟମୀରେ ବୁଧବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ରୁକୁଣା ରଥରେ ଶ୍ରଦ୍ଧାଳୁମାନେ ଟାଣି ମାଉସୀମା ମନ୍ଦିରକୁ ନେଉଛନ୍ତି। (ଫଟୋ- ମୌସମ)

# ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ନିଯୁକ୍ତି ହେଲାନି, ସୁପ୍ରିମକୋର୍ଟ କ୍ଷୁବ୍ଧ

## କମିଟି ଷ୍ଟାଫ୍ ଓ ସେବାୟତଙ୍କ ପରିଚୟପତ୍ର ଜାରି କରିବାକୁ ନିର୍ଦ୍ଦେଶ

**ପୁରୀ ଶ୍ରୀମନ୍ଦିରରେ ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ଓ ଉତ୍ତମ ବ୍ୟବସ୍ଥା ନିମନ୍ତେ ସୁପ୍ରିମକୋର୍ଟ ୪ ନଭେମ୍ବର ୨୦୧୯ରେ ୨୨ଟି ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ଏହାକୁ କେତେ ଅନୁପାଳନ କରିଛନ୍ତି ସେନେଇ ସର୍ବୋଚ୍ଚ ଅଦାଲତଙ୍କୁ ଏବେ ଯାଏ ଅବଗତ କରାଯାଇନାହିଁ। ବିଶେଷକରି ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ନିଯୁକ୍ତି ପାଇଁ ଦେଇଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ଥିବାରୁ ସୁପ୍ରିମକୋର୍ଟ ବୁଧବାର ରାଜ୍ୟ ସରକାରଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କେଉଁ ସବୁ ନିର୍ଦ୍ଦେଶ ପାଳନ ହୋଇଛି ଏବଂ କ'ଣ ହୋଇନାହିଁ ତାହାର ଷ୍ଟାଟସ୍ ରିପୋର୍ଟ ୪ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ସି.ଟି. ରବିକୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।**



**ନୂଆଦିଲ୍ଲୀ,୨୯।୩**

ଶ୍ରୀମନ୍ଦିର ସଂସ୍କାର ମାମଲାରେ ଦିଆଯାଇଥିବା ୨୨ଟି ନିର୍ଦ୍ଦେଶକୁ କିଭଳି ପାଳନ କରାଯାଇଛି ତାହାର ପ୍ରୋଗ୍ରେସ୍ ରିପୋର୍ଟ ରାଜ୍ୟ ସରକାରଙ୍କ ପକ୍ଷରୁ ଦାଖଲ କରାଯାଇ ନ ଥିବା ନେଇ ସୁପ୍ରିମକୋର୍ଟଙ୍କୁ ଆମିକସ୍ କ୍ୟୁରି ଭାବେ ସହଯୋଗ କରୁଥିବା ବରିଷ୍ଠ ଆଇନଜୀବୀ ରଞ୍ଜିତ କୁମାର ଅବଗତ କରାଇଥିଲେ। ଏହାକୁ ଗମ୍ଭୀରତାର ସହ ନେଇ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ୪ ସପ୍ତାହ ମଧ୍ୟରେ ଏକ ବିସ୍ତୃତ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ରିପୋର୍ଟର ଏକ ନକଲ ଆମିକସ୍ କ୍ୟୁରିଙ୍କୁ ଆଗୁଆ ପ୍ରଦାନ କରିବେ। ଏହି ପ୍ରସଙ୍ଗରେ ମେ' ୧ରେ ପରବର୍ତ୍ତୀ ଶୁଣାଣି କରିବାକୁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।

୨୦୧୯ରେ ସୁପ୍ରିମକୋର୍ଟ ଶ୍ରୀମନ୍ଦିର ବ୍ୟାପାର ପରିଚାଳନା ଲାଗି ଜଣେ ମୁଖ୍ୟ ପ୍ରଶାସକଙ୍କୁ ନିଯୁକ୍ତ କରିବାକୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଭକ୍ତମାନେ ଯେପରି ଶାନ୍ତିଶୃଙ୍ଖଳାର ସହ ଶ୍ରୀଜୀଉଙ୍କୁ ଦର୍ଶନ କରିପାରିବେ ତା'ର ବ୍ୟବସ୍ଥା ସହ ସେମାନଙ୍କୁ ସୁବିଧା ଯୋଗାଇଦେବାକୁ ମଧ୍ୟ ଶୀର୍ଷ ଅଦାଲତଙ୍କ ନିର୍ଦ୍ଦେଶ ରହିଥିଲା। ସେବାୟତମାନଙ୍କ ପିଲାଙ୍କ ପାଠପଢ଼ା ପାଇଁ ସ୍କୁଲ ପ୍ରତିଷ୍ଠା କରିବା ନିମନ୍ତେ ଏକ ଉପଯୁକ୍ତ ସ୍ଥାନ ଯୋଗାଇଦେବାକୁ ମଧ୍ୟ ମନ୍ଦିର ପରିଚାଳନା କମିଟିକୁ ନିର୍ଦ୍ଦେଶ ଦିଆଯାଇଥିଲା। ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଦର୍ଶନ ସୁବିଧା ଲାଗି ବିଶେଷଜ୍ଞଙ୍କ ସହଯୋଗ ନେଇ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ କୁହାଯାଇଥିଲା। ଭକ୍ତମାନେ ଜଗନ୍ନାଥ ମନ୍ଦିରରେ କିପରି ଅସୁବିଧା ଭୋଗୁଛନ୍ତି ଏବଂ ସେବାୟତମାନେ ସେମାନଙ୍କୁ କିଭଳି ଶୋଷଣ କରୁଛନ୍ତି ସେନେଇ ଆବେଦନକାରୀ ମୃଣାଳିନୀ ପାଢ଼ୀ ନିଜ ପିଟିଶନରେ ଉଲ୍ଲେଖ କରିଥିଲେ। ତାଙ୍କ ଆବେଦନର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ☞ପୃଷ୍ଠା-୪

## ମେ' ୧୦ରେ ଭୋଟ, ୧୩ରେ ଗଣତି

### ଝାରସୁଗୁଡ଼ା ଉପନିର୍ବାଚନ

**ଭୁବନେଶ୍ୱର, ୨୯।୩(ବ୍ୟୁରୋ)**

ଝାରସୁଗୁଡ଼ା ବିଧାନସଭା ଆସନ ପାଇଁ ଉପନିର୍ବାଚନ ତାରିଖ ଘୋଷଣା କରାଯାଇଛି। ଆସନ୍ତା ମେ' ୧୦ତାରିଖରେ ମତଦାନ ହେବାକୁ ଥିବାବେଳେ ୧୩ତାରିଖରେ ଫଳାଫଳ ଘୋଷଣା କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ବୁଧବାର ସୂଚନା ଦେଇଛନ୍ତି। ଉପନିର୍ବାଚନ ପାଇଁ ଏପ୍ରିଲ ୧୩ରେ ☞ପୃଷ୍ଠା-୪

### କର୍ଣ୍ଣାଟକ ବିଧାନସଭା

**ନୂଆଦିଲ୍ଲୀ,୨୯।୩**

୨୨୪ ଆସନ ବିଶିଷ୍ଟ କର୍ଣ୍ଣାଟକ ବିଧାନସଭାର ବହୁପ୍ରତୀକ୍ଷିତ ନିର୍ବାଚନ ଆସନ୍ତା ମେ' ୧୦ରେ ଅନୁଷ୍ଠିତ ହେବ। ୧୩ ତାରିଖରେ ଭୋଟ ଗଣତି କରାଯିବ ବୋଲି ବୁଧବାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଘୋଷଣା କରିଛନ୍ତି। ଏହି ଦକ୍ଷିଣ ଭାରତୀୟ ☞ପୃଷ୍ଠା-୪

# ବଣିକ୍ କୋଚିଂ ସେଣ୍ଟରରେ ୧୮ ଘଣ୍ଟାର ଜିଏସ୍‌ଟି ଯାଞ୍ଚ

**ଭୁବନେଶ୍ୱର, ୨୯।୩(ବ୍ୟୁରୋ)**

ବଣିକ୍ କୋଚିଂ ସେଣ୍ଟରରେ ମଙ୍ଗଳବାର ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ଜିଏସ୍‌ଟି ଇଣ୍ଟେଲିଜେନ୍ସ ପକ୍ଷରୁ ହୋଇଥିବା ଚଢ଼ାଉକୁ ନେଇ ଚର୍ଚ୍ଚା ଲାଗି ରହିଛି। ୧୮ ଘଣ୍ଟାର ଏହି ଯାଞ୍ଚ ପ୍ରକ୍ରିୟାରେ ଏଜେନ୍ସି ପକ୍ଷରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇ ଅଧିକ ଅନୁସନ୍ଧାନ କରାଯାଉଛି। ତେବେ ପ୍ରାରମ୍ଭିକ ଅନୁସନ୍ଧାନରେ କୋଚିଂ ସଂସ୍ଥା ପକ୍ଷରୁ ପ୍ରାୟ ୨କୋଟି ଟଙ୍କାର ଟିକସ ହେର୍‌ଫେର୍ କରାଯାଇଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି କୋଚିଂ ସେଣ୍ଟର ପକ୍ଷରୁ ଛାତ୍ରୀଛାତ୍ରଙ୍କଠାରୁ କୋଚିଂ ଫି' ଓ ଷ୍ଟଡି ମ୍ୟାଟେରିଆଲ୍ ଫି' ବାବଦକୁ ଟଙ୍କା ଆଦାୟ କରାଯାଉଛି। ତେବେ ମିଳିଥିବା କୋଚିଂ ଫି'ରୁ ୧୮ ପ୍ରତିଶତ ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ଦିଆଯାଉଥିବାବେଳେ ଷ୍ଟଡି ମ୍ୟାଟେରିଆଲ୍ ସଂକ୍ରାନ୍ତରେ ଜିଏସ୍‌ଟି ହେରଫେର ହୋଇଥିବା ଏଜେନ୍ସି ପ୍ରମାଣ ପାଇଛି। ଏପରିକି ସଂସ୍ଥାର ବ୍ୟବସାୟ ତୁଳନାରେ କମ୍ ଦେଖାଯାଇ ଟିକସ ଦେବାରେ ହେରଫେର କରାଯାଇଥିବା ଅଭିଯୋଗ ହୋଇଛି। ☞ପୃଷ୍ଠା-୪

## କୋଚିଂ ସେଣ୍ଟର ମାଲିକ ବିଜେଡି ନେତା: ସାଲୁଜା

**ଭୁବନେଶ୍ୱର, ୨୯।୩(ବ୍ୟୁରୋ)**

- **ବିଧାନସଭାରେ ଉଠିବ ପ୍ରସଙ୍ଗ**
- **ଯିଏ ଦୋଷ କରିବ, ସିଏ ଦଣ୍ଡ ପାଇବ: ବିଜେଡି**

ସୁବ୍ରତ ଛାଟୋଇଙ୍କ ମାଲିକାନାରେ ଥିବା କୋଚିଂ ସେଣ୍ଟର ବଣିକ୍ ଏଜୁକେଶନ ପ୍ରାଇଭେଟ୍ ଲିମିଟେଡ୍ ଏବଂ ବଣିକ୍ ପବ୍ଲିକେଶନ ପ୍ରାଇଭେଟ୍ ଲିମିଟେଡ୍‌ରେ ଜିଏସ୍‌ଟି ଚଢ଼ାଉ ହୋଇଛି। ବଣିକ୍ କୋଚିଂ ସେଣ୍ଟରରେ ଛାତ୍ରୀଛାତ୍ରଙ୍କୁ ଆଇଏଏସ୍, ଓଏଏସ୍, ରେଲୱେ ଏବଂ ଅନ୍ୟ ସରକାରୀ ଚାକିରି ଯଥା ବ୍ୟାଙ୍କିଙ୍ଗ୍, ଏସ୍‌ଏସ୍‌ସି ପରୀକ୍ଷା ଲାଗି ଶିକ୍ଷା ଦିଆଯାଉଛି। ତେବେ ଛାଟୋଇଙ୍କ ଉକ୍ତ ୨ ସଂସ୍ଥା ଉପରେ ବହୁ କୋଟି ଟଙ୍କାର ଜିଏସ୍‌ଟି ଫାଙ୍କିବା ସନ୍ଦେହରେ ଏହି ଚଢ଼ାଉ ହୋଇଥିବା ଜଣାପଡ଼ିଛି। ଚଢ଼ାଉକୁ ନେଇ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ସଙ୍ଗିନ ଅଭିଯୋଗ ଆଣିଛନ୍ତି। ସାଲୁଜା କହିଛନ୍ତି ଯେ, ବିଧାନସଭାରେ ତାଙ୍କ ଦଳ ଏହି କୋଚିଂ ସେଣ୍ଟରକୁ ତଦନ୍ତ ପରିସରଭୁକ୍ତ କରିବା କଥା ଉଠାଇବ। ☞ପୃଷ୍ଠା-୪



ମୟୂରଭଞ୍ଜର ବିଜାତଳା ବ୍ଲକରେ ଅନୁଷ୍ଠିତ ଏକ ବିଜେଡି କର୍ମୀ ସମ୍ମିଳନୀରେ ସୁବ୍ରତ ଛାଟୋଇ।

# ୫୦ଲକ୍ଷର ମୁଣ୍ଡଜାମିନ: ନାବାଳକଙ୍କୁ ହତ୍ୟା

**ବ୍ରଜରାଜନଗର,୨୯।୩(ଡି.ଏନ୍.ଏ.)**

ଗତ ମାର୍ଚ୍ଚ ୨୭ରୁ ଅପହରଣ ହୋଇଥିବା ଝାରସୁଗୁଡ଼ାର ବ୍ୟବସାୟୀ ସୁନିତ ଅଗ୍ରୱାଲଙ୍କ ୧୫ ବର୍ଷୀୟ ପୁଅ ସମର୍ଥ ଅଗ୍ରୱାଲଙ୍କୁ ହତ୍ୟା କରାଯାଇଛି। ଦାବି ମୁତାବକ ୫୦ ଲକ୍ଷ ଟଙ୍କା ନ ମିଳିବା ଏବଂ ପୋଲିସ ସୂଚନା ପାଇଯିବା ଯୋଗୁ ଅପହରଣକାରୀମାନେ ନାବାଳକଙ୍କୁ ହତ୍ୟା କରିଛନ୍ତି। ପଡ଼ୋଶୀ ବରଗଡ଼ ଜିଲାରେ ନାବାଳକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ମିଳିଥିବାବେଳେ ଝାରସୁଗୁଡ଼ା ପୋଲିସ କେତେକ ସୂଚନାକୁ ଆଧାର କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଝାରସୁଗୁଡ଼ା ସଦର ଥାନା ଅଧୀନ ବିଜୁ ନଗରର ଅମିତ କୁମାର ଶର୍ମା ଓ ବ୍ରଜରାଜନଗର ଥାନା ଅଧୀନ ଗାନ୍ଧୀ ଛକ ଅଞ୍ଚଳର ଦିନେଶ ଅଗ୍ରୱାଲ। ଏ ସମ୍ପର୍କରେ ବୁଧବାର ଏକ ଖବରଦାତା ସମ୍ମିଳନୀ କରି ଝାରସୁଗୁଡ଼ା ଏସ୍‌ପି ପରମାର ସ୍ମିଥ୍ ପୁରୁଷୋତ୍ତମ ଦାସ ସୂଚନା ଦେଇଛନ୍ତି।

ଏସ୍‌ପି ଦାସଙ୍କ ସୂଚନା ଅନୁଯାୟୀ ଝାରସୁଗୁଡ଼ା ଟାଉନ ଥାନା ଅନ୍ତର୍ଗତ ସରବାହାଲରେ ରହୁଥିବା ବ୍ୟବସାୟୀ ସୁନିତ ଅଗ୍ରୱାଲଙ୍କ ପୁଅ ସମର୍ଥ ସବୁଦିନ ଭଳି ଗତ ସୋମବାର ଅପରାହ୍ନ ୪ଟା ସମୟରେ ସ୍କୁଟି ଧରି ଖେଳିବାକୁ ଯାଇଥିଲେ। ବାଟରେ ତାଙ୍କ ପରିବାରର ସମ୍ପର୍କୀୟ ଅମିତ୍ ତାଙ୍କ ସ୍କୁଟିରେ ବସି ଯାଇଥିଲେ। କିଛି ବାଟ ଯିବା ପରେ ଅମିତ୍ ସହଯୋଗୀ ଦିନେଶଙ୍କ ସହ ମିଶି ସମର୍ଥଙ୍କୁ ଅପହରଣ କରିଥିଲେ। ଏଣେ ସନ୍ଧ୍ୟା ପରେ ପୁଅ ଘରକୁ ନ ଫେରିବାରୁ ପରିବାର ଲୋକେ ଚିନ୍ତା ପ୍ରକଟ କରିଥିଲେ। ଫୋନ୍ କରିଥିଲେ ମଧ୍ୟ ସମର୍ଥଙ୍କ ମୋବାଇଲ ସୁଇଚ୍ ଅଫ୍ ରହିଥିବାରୁ ପରିବାରର ଚିନ୍ତା ବଢ଼ିଯାଇଥିଲା। ରାତି ୯ଟା ସମୟରେ ସମର୍ଥଙ୍କ ମୋବାଇଲରୁ ଫୋନ୍ ଆସିଥିଲା। ୫୦ଲକ୍ଷ ଟଙ୍କା ଦେଇ ପୁଅକୁ ନେଇଯାଅ ବୋଲି ଅଭିଯୁକ୍ତମାନେ ଫୋନ୍‌ରେ କହିଥିଲେ। ☞ପୃଷ୍ଠା-୪

## ୨ ଟଙ୍କା ବଢ଼ିଲା ଓମ୍‌ଫେଡ ଦୁଗ୍ଧ ଦର

| (୫୦୦ ମି.ଲି.) | ଥିଲା (ଟଙ୍କା) | ହେଲା |
|---|---|---|
| ଟୋନ୍‌ଡ ମିଲ୍କ | ୨୧ | ୨୩ |
| ପ୍ରିମିୟମ | ୨୪ | ୨୬ |
| ଗୋଲ୍‌ଡ ମିଲ୍କ | ୨୪ | ୨୬ |
| ଟାଏ ସ୍ପେଶାଲ | ୨୩ | ୨୫ |

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

ରାଜ୍ୟ ସରକାର ଓମ୍‌ଫେଡ ଦୁଗ୍ଧ ମୂଲ୍ୟ ବୃଦ୍ଧି କରିଛନ୍ତି। ୫୦୦ ମିଲିଲିଟର ପ୍ୟାକେଟ ପିଛା ୨ ଟଙ୍କା ବୃଦ୍ଧି କରାଯାଇଛି। ଏ ନେଇ ଓମ୍‌ଫେଡ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଟୋନ୍‌ଡ ପ୍ୟାକେଟ ପିଛା ୨୧ଟଙ୍କା ଥିବା ବେଳେ ତାହା ୨୩ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ପ୍ରିମିୟମ ୨୪ରୁ ୨୬ ଟଙ୍କା, ଗୋଲ୍‌ଡ ମିଲ୍କ ପ୍ୟାକେଟ ୨୪ରୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଶ୍ରୀରାମଙ୍କ ଅପେକ୍ଷାରେ

# ବିଡିଓ ଝିଅଙ୍କ ଏତଲାରେ ବାପା ଗିରଫ

## ଆକ୍ରମଣରେ ବିଡିଓ, ସହକାରୀ ଯନ୍ତ୍ରୀ ଆହତ

**ଟେନ୍‌ସା, ୨୯।୩(ଡି.ଏନ୍.ଏ.)**

*ଜଣେ ମହିଳା ପ୍ରଶାସନିକ ଅଧିକାରୀଙ୍କୁ ତାଙ୍କ ବାପା ଓ ଭାଇ ଟଙ୍କା ମାଗିଲେ। ଟଙ୍କା ନ ଦେବାରୁ ତାଙ୍କୁ ଆକ୍ରମଣ କଲେ। ଆକ୍ରମଣରେ ଆହତ ହୋଇ ସୁନ୍ଦରଗଡ଼ ଜିଲା କୋଇଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ପଲ୍ଲବୀରାଣୀ ରାଜ ବାପା, ଭାଇଙ୍କ ବିରୋଧରେ ହତ୍ୟା ଉଦ୍ୟମ ଅଭିଯୋଗ ଆଣିଛନ୍ତି। ତଦନୁଯାୟୀ କୋଇଡ଼ା ଥାନା ପୋଲିସ ବିଡିଓ ରାଜଙ୍କ ବାପା ରମେଶ ଚନ୍ଦ୍ର ରାଜଙ୍କୁ ବୁଧବାର ଗିରଫ କରିଥିବାବେଳେ ଭାଇ ସଂଗ୍ରାମ ରାଜ ଫେରାର୍ ହୋଇଯାଇଛନ୍ତି।*

**ଟେନ୍‌ସା, ୨୯।୩(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୋଇଡ଼ା ବିଡିଓ ପଲ୍ଲବୀରାଣୀ ରାଜ ଓ ସହକାରୀ ଯନ୍ତ୍ରୀ ଅଭିଷେକ ପାଣିଗ୍ରାହୀଙ୍କୁ ମଙ୍ଗଳବାର ରାତିରେ ମାଡ଼ ମାରିବା ସହ ହତ୍ୟା ଉଦ୍ୟମ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ବିଡିଓ ରାଜ ଏନେଇ କୋଇଡ଼ା ଥାନାରେ ବାପା ଓ ଭାଇଙ୍କ ନାଁରେ ଏତଲା ଦେବା ପରେ ପୋଲିସ ଅଭିଯୋଗକୁ ଆଧାର କରି ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରିବା ସହ ବିଡିଓଙ୍କ ବାପା ରମେଶ ଚନ୍ଦ୍ର ରାଜଙ୍କୁ ବୁଧବାର ଗିରଫ କରିଛି। ଭାଇ ସଂଗ୍ରାମ ରାଜ ଫେରାର ହୋଇଯାଇଥିବାରୁ ପୋଲିସ ତାଙ୍କୁ ଖୋଜୁଛି।

ଅଭିଯୋଗରୁ ଜଣାଯାଇଛି ଯେ, ମଙ୍ଗଳବାର ରାତି ୧୦ଟାରେ ବିଡିଓ ନିଜ ସରକାରୀ ବାସଗୃହରେ ଥିଲେ। ହଠାତ୍ ତାଙ୍କ ବାପା ଓ ଭାଇ ଘର ଭିତରକୁ ପଶିଆସି ଟଙ୍କା ମାଗିଥିଲେ। ବିଡିଓ ରାଜ ମନା କରିବାରୁ ତାଙ୍କୁ ଉଭୟେ ମାଡ଼ ମାରିଥିଲେ। ପାଟିତୁଣ୍ଡ ଶୁଣି ବ୍ଲକ ସହକାରୀ ଯନ୍ତ୍ରୀ ଅଭିଷେକ ଆସି ଏହାକୁ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ବିଡିଓ ଗୁରୁତର ଥିବାରୁ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ତାଙ୍କ ସରକାରୀ ବାସଭବନକୁ ଯାଇ ଚିକିତ୍ସା କରିଥିଲେ। ପରେ ତାଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ସହକାରୀ ଯନ୍ତ୍ରୀଙ୍କୁ କୋଇଡ଼ା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଏ ନେଇ କୋଇଡା ଥାନାରେ ଦଫା ୩୪୧, ୩୦୭, ୫୦୬, ୩୮୪, ୩୪ରେ ଏକ ମାମଲା (ନଂ.୩୪/୨୦୨୩) ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି ବୋଲି କୋଇଡ଼ା ଥାନା ଅଧିକାରୀ ଲୋକେଶ୍ୱର ସାହୁ ପ୍ରକାଶ କରିଛନ୍ତି।



କୋଇଡ଼ା ବିଡିଓ ପଲ୍ଲବୀରାଣୀ ରାଜ

ସୂଚନାଯୋଗ୍ୟ, ବିଡିଓ ପଲ୍ଲବୀରାଣୀ ପୂର୍ବରୁ ମଧ୍ୟ ଚର୍ଚ୍ଚାରେ ରହି ଆସିଛନ୍ତି। ଜନ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ଏବଂ ଦୁର୍ନୀତିରେ ସମ୍ପୃକ୍ତ ଅଭିଯୋଗ ଆଣି ତାଙ୍କ ବଦଳି ଦାବି କରାଯାଇ ଆସୁଛି। ଏପରି କି ଗତ ସପ୍ତାହରେ ସିପିଆଇଏମ୍ ପକ୍ଷରୁ ବିଡିଓଙ୍କ ବଦଳି ଦାବିରେ ୬ଘଣ୍ଟିଆ ଚକାଜାମ୍ ମଧ୍ୟ କରାଯାଇଥିଲା। ଏଥିସହ ଉକ୍ତ ପ୍ରସଙ୍ଗକୁ ନେଇ ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ମୁଣ୍ଡା ବିଧାନସଭାରେ ମଧ୍ୟ ପ୍ରସଙ୍ଗ ଉଠାଇଥିଲେ।

# ରମାଦେବୀ ଛାତ୍ରୀଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

ହଷ୍ଟେଲରେ ଛାତ୍ରୀ ମୃତ୍ୟୁ ଘଟଣା ପୁଣି ଘଟିଛି। ମଙ୍ଗଳବାର ଯାଜପୁର ସରକାରୀ ପଲିଟେକ୍‌ନିକ କଲେଜ ହଷ୍ଟେଲରେ ଛାତ୍ରୀ ରୋଜାଲିନ ପାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଥିଲା। ବୁଧବାର ଭୁବନେଶ୍ୱର ରମାଦେବୀ ଉଚ୍ଚ ମାଧ୍ୟମିକ ସ୍କୁଲର ଯୁକ୍ତ୨ ଦ୍ୱିତୀୟ ବର୍ଷ କଳା ଛାତ୍ରୀ ପ୍ରଜ୍ଞା ମହାନ୍ତିଙ୍କ ମୃତଦେହ ହଷ୍ଟେଲ ରୁମ୍‌ର ପଙ୍ଖାରେ ଝୁଲୁଥିବା ଅବସ୍ଥାରେ ଜବତ କରାଯାଇଛି। ଯୁକ୍ତ୨ ଶେଷ ବର୍ଷ ପରୀକ୍ଷା ଆସନ୍ତା ୫ ତାରିଖରେ ଶେଷ ହେବାକୁ ଥିବାବେଳେ ପ୍ରଜ୍ଞା ପାଠପଢ଼ା ଚାପ ଯୋଗୁ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିବା ଶହୀଦନଗର ଆଇଆଇସି ମନୋଜ ଶତପଥୀ ସୁଇସାଇଡ୍ ନୋଟ୍‌କୁ ଆଧାର କରି କହିଛନ୍ତି। ତେବେ କେବଳ ଛାତ୍ରୀ ନୁହଁନ୍ତି, ରାଜ୍ୟରେ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢ଼ିଚାଲିଛି। ପାଠ ଚାପ, ପ୍ରେମରେ ବିଫଳତା, ପାରିବାରିକ ଅଶାନ୍ତି ଆଦି ବିଭିନ୍ନ କାରଣ ଯୋଗୁ ଜଣକ ପରେ ଜଣେ ଜୀବନ ହାରୁଛନ୍ତି। କିଛିଦିନ ଭିତରେ ଲୋକପ୍ରିୟ କଳାକାର ଡିଜେ ଆଜେକ୍ସ ଓ ଯୁବ ଇଂଜିନିୟର ଦୁର୍ଗାପ୍ରସାଦ ମିଶ୍ରଙ୍କ ଆତ୍ମହତ୍ୟା ଘଟଣା ମନରୁ ନ ଲିଭୁଣୁ ଆଉ ଏକ ଘଟଣା ବୁଧବାର ଘଟିଛି।

**ପାଠ ଚାପରୁ ଚରମ ନିଷ୍ପତ୍ତି**



ପ୍ରଜ୍ଞା ମହାନ୍ତି

ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ ପ୍ରଜ୍ଞା ମହାନ୍ତି (୧୭)ଙ୍କ ଘର ରାୟଗଡ଼ା ଜିଲା ଟିକିରି ଥାନା ଅଞ୍ଚଳରେ ହୋଇଥିବାବେଳେ ସେ ଏଠାରେ ହଷ୍ଟେଲରେ ରହି ପାଠ ପଢୁଥିଲେ। ଶହୀଦନଗର ☞ପୃଷ୍ଠା-୪

## ହୋଟେଲରେ ନିଆଁ: ୮ ଉଦ୍ଧାର

ମଧ୍ୟପ୍ରଦେଶ ଭୋପାଳର ୬ ମହଲା ବିଶିଷ୍ଟ ପପେୟା ଟ୍ରି ହୋଟେଲରେ ବୁଧବାର ଭୋରୁ ନିଆଁ ଲାଗିଥିଲା। ସୂଚନା ପାଇ ଅଗ୍ନିଶମ ବିଭାଗ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ହୋଟେଲରୁ ମୋଟ ୩ ମହିଳାଙ୍କ ସମେତ ୮ ଜଣଙ୍କୁ ଉଦ୍ଧାର କରାଯାଇଛି। ଘଟଣାରେ କାହାରି ମୃତ୍ୟୁ ଘଟି ନ ଥିବା ପୋଲିସ କହିଛି। ତେବେ ହୋଟେଲରେ ନିଆଁ କିପରି ଲାଗିଲା ସେ ନେଇ ତଦନ୍ତ ଚାଲିଛି।

## କୋଲାରରୁ ପ୍ରଚାର ଆରମ୍ଭ କରିବେ ରାହୁଲ

ବେଙ୍ଗାଲୁରୁ,୨୯।୩: କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆସନ୍ତା ଏପ୍ରିଲରୁ ପ୍ରଚାର କରିବେ। ୨୦୧୯ରେ ଯେଉଁ କୋଲାରରୁ 'ସବୁ ମୋଦି ଚୋର' ମନ୍ତବ୍ୟ ଦେଇଥିଲେ ସେହି ସହରରୁ ହିଁ ରାହୁଲ ପ୍ରଚାର ଅଭିଯାନ ଆରମ୍ଭ କରିବେ। ଏପ୍ରିଲ ୫ରେ କୋଲାରରେ ସେ ଏକ ବିଶାଳ ସଭାକୁ ସମ୍ବୋଧନ କରିବେ। ରାହୁଲ କୋଲାରକୁ ଫେରିବେ ଏବଂ 'ସତ୍ୟମେବ୍ଜୟତେ' ରାଲି ଆରମ୍ଭ କରିବେ ବୋଲି କର୍ଣ୍ଣାଟକ କଂଗ୍ରେସ ସଭାପତି ଡି.କେ. ଶିବକୁମାର ଟୁଇଟ୍ କରିଛନ୍ତି।

## ମେ' ୧୦ରେ ଜଳନ୍ଧର ଲୋକ ସଭା, ୪ ବିଧାନସଭା ଉପନିର୍ବାଚନ

ନୂଆଦିଲ୍ଲୀ,୨୯।୩: କର୍ଣ୍ଣାଟକ ବିଧାନସଭା ନିର୍ବାଚନ ସହ ଅନ୍ୟ ୪ ରାଜ୍ୟରେ ଉପନିର୍ବାଚନ ହେବ। ମେ' ୧୦ରେ ପଞ୍ଜାବର ଜଳନ୍ଧର ଲୋକ ସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଗତ ଜାନୁୟାରୀରେ 'ଭାରତ ଯୋଡ଼ୋ ଯାତ୍ରା' ବେଳେ କଂଗ୍ରେସ ଏମ୍‌ପି ସନ୍ତୋଖ ସିଂ ଚୌଧରୀଙ୍କ ପରଲୋକ ପରଠୁ ଏହି ଆସନ ଖାଲି ପଡ଼ିଛି। ସେହିପରି ଓଡ଼ିଶାର ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସଙ୍କୁ ଜାନୁୟାରୀରେ ହତ୍ୟା କରାଯାଇଥିଲା। ଉତ୍ତରପ୍ରଦେଶର ସମାଜବାଦୀ ପାର୍ଟି ନେତା ଆଜମ୍ ଖାନ୍ ଏକ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କ ବିଧାୟକ ପଦ ରଦ୍ଦ ହୋଇଛି। ୟୁପିର ଛାନବେ (ଅପନା ଦଳ) ବିଧାୟକ ରାହୁଲ ପ୍ରକାଶ କୋଲ କର୍କଟରେ ପୀଡ଼ିତ ହୋଇ ପ୍ରାଣ ହରାଇଥିଲେ। ମେଘାଳୟର ସୋହିଓଙ୍ଗ୍ ନିର୍ବାଚନମଣ୍ଡଳୀ (ୟୁଡିପି) ବିଧାୟକ ପ୍ରାର୍ଥୀଙ୍କ ମୃତ୍ୟୁ ଘଟିବାରୁ ସେଠାରେ ନିର୍ବାଚନ କରାଯାଇ ନ ଥିଲା। ଏହି ସମସ୍ତ ଆସନରେ ମେ' ୧୦ରେ ଭୋଟ ଗ୍ରହଣ କରାଯିବ ବୋଲି ସିଇସି ରାଜୀବ କୁମାର ସୂଚନା ଦେଇଛନ୍ତି। ତେବେ ପୂର୍ବରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରତିନିଧିତ୍ୱ କରୁଥିବା ୱାୟନାଡ୍‌ରେ ଉପନିର୍ବାଚନ ପାଇଁ ୬ ବାକି ଥିବାରୁ ତରତର ହେବାର ନାହିଁ ବୋଲି ସିଇସି ସ୍ପଷ୍ଟ କରିଛନ୍ତି।

# ନିର୍ଣ୍ଣାୟକ ହେବ କର୍ଣ୍ଣାଟକ ଲଢ଼େଇ

## ବିଧାନସଭା ନିର୍ବାଚନକୁ ୪୩ ଦିନ ବାକି



| ୨୦୧୯ ଲୋକସଭା ମୋଟ ଆସନ ୨୮ | |
|---|---|
| ଭଜପା | ୨୫ |
| କଂଗ୍ରେସ | ୧ |
| ଜେଡିଏସ୍ | ୧ |
| ଅନ୍ୟ | ୧ |

| ୨୦୧୮ ବିଧାନସଭା ଭୋଟ ହାର | |
|---|---|
| ଭାଜପା | ୩୬% |
| କଂଗ୍ରେସ | ୩୮% |
| ଜେଡିଏସ୍ | ୧୮% |
| ଅନ୍ୟ | ୮% |

| ବିଧାନସଭାରେ ବର୍ତ୍ତମାନ ସ୍ଥିତି | |
|---|---|
| ଭାଜପା | ୧୧୯ |
| କଂଗ୍ରେସ | ୭୫ |
| ଜେଡିଏସ୍ | ୨୮ |
| ଖାଲି | ୨ |

ବେଙ୍ଗାଲୁରୁ/ନୂଆଦିଲ୍ଲୀ,୨୯।୩

କର୍ଣ୍ଣାଟକ ବିଧାନସଭାର ୨୨୪ ଆସନ ପାଇଁ ମେ' ୧୦ରେ ଭୋଟ ଗ୍ରହଣ କରାଯିବ ବୋଲି ବୁଧବାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଘୋଷଣା କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ସିଇସି କୁମାର କହିଛନ୍ତି, ଭୋଟରମାନେ ସପ୍ତାହାନ୍ତ ଛୁଟିରେ ସହର ଛାଡ଼ି ଗଲେ ମତଦାନ ହାର କମିଥାଏ। ଏହାକୁ ଦୃଷ୍ଟିରେ ରଖି ସୋମବାର କିମ୍ବା ଶୁକ୍ରବାର ପରିବର୍ତ୍ତେ ବୁଧବାର ଭୋଟ ଗ୍ରହଣ କରାଯିବ। ନିର୍ବାଚନ ପାଇଁ ଏପ୍ରିଲ ୧୩ରେ ବିଜ୍ଞପ୍ତି ଜାରି କରାଯିବ। ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଏପ୍ରିଲ ୨୦। ୨୧ରେ ସେଗୁଡ଼ିକୁ ଯାଞ୍ଚ କରାଯିବ। ଏପ୍ରିଲ ୨୪ ହେଉଛି ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିନ। ସିଇସିଙ୍କ ଏହି ଘୋଷଣା ସହ ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ନିର୍ବାଚନ କମିଶନଙ୍କ ସତର୍କ ଦୃଷ୍ଟି ଓ ତତ୍ପରତା ଯୋଗୁ କିଛି ନ ହେଉଣୁ ରାଜନୈତିକ ବ୍ୟକ୍ତିମାନଙ୍କଠାରୁ ୮୦ କୋଟି ଟଙ୍କା ଜବତ କରାଗଲାଣି। ଶତ ପ୍ରତିଶତ ମତଦାନ ସୁନିଶ୍ଚିତ କରିବା ପାଇଁ ଏଥର ଅନେକ ପଦକ୍ଷେପ ନିଆଯାଇଛି। ୫.୨୪ କୋଟି ଭୋଟର ମତଦାନ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସୁରୁଖୁରୁରେ ମତଦାନ ପାଇଁ ରାଜ୍ୟରେ ମୋଟ ୫୮,୨୮୨ ପୋଲିଂ ଷ୍ଟେସନର ବ୍ୟବସ୍ଥା କରାଯିବ। ୧,୩୨୦ ପୋଲିଂ ଷ୍ଟେସନର ପରିଚାଳନା ଦାୟିତ୍ୱ ମହିଳା ଅଧିକାରୀମାନଙ୍କୁ ନ୍ୟସ୍ତ କରାଯିବ। ୫୦% ମତଦାନ କେନ୍ଦ୍ରରେ ୱେବ୍‌କାଷ୍ଟିଂ ସୁବିଧା ରହିବ।

୨୦୧୮ ମେ'ରେ କର୍ଣ୍ଣାଟକ ବିଧାନସଭାର ଶେଷ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କର୍ଣ୍ଣାଟକ ଭୋଟର ଖଣ୍ଡିତ ଜନାଦେଶ ଦେବାରୁ ଝୁଲା ସ୍ଥିତି ଉପୁଜିଥିଲା। ଭାଜପା ୧୦୪ ଆସନ ଦଖଲ କରି ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲା। କିନ୍ତୁ ମ୍ୟାଜିକ୍ ନମ୍ବର (୧୧୩) ହାସଲ କରିପାରି ନ ଥିଲା। ଫଳରେ କଂଗ୍ରେସ (୮୦) ଏବଂ ୩୭ ଆସନରେ ବିଜୟୀ ହୋଇଥିବା ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ମେଣ୍ଟ ସରକାର ଗଢ଼ିଥିଲେ। ଜେଡିଏସ୍ ମୁଖ୍ୟ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ପୁଅ ଏଚ୍.ଡି. କୁମାରସ୍ୱାମୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। ତେବେ ଶାସକ ମେଣ୍ଟର ଅନେକ ବିଧାୟକ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇଥିବାରୁ ଏହି ମେଣ୍ଟ ଭାଙ୍ଗିଯାଇଥିଲା। କୁମାରସ୍ୱାମୀ ସରକାରଙ୍କ ପତନ ଘଟିଥିଲା। ଭାଜପା ଲିଙ୍ଗାୟତ ଷ୍ଟ୍ରଙ୍ଗମ୍ୟାନ୍ ବି.ଏସ୍. ୟେଦୁରପ୍ପାଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇଥିଲା। ୨୦୨୧ରେ ସେ ଇସ୍ତଫା ଦେଇଥିଲେ। ତାଙ୍କ ସ୍ଥାନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍. ଆର. ବୋମାଇଙ୍କ ପୁଅ ତଥା ଗୃହମନ୍ତ୍ରୀ ବାସବରାଜ ବୋମାଇଙ୍କୁ ଦଳ ମୁଖ୍ୟମନ୍ତ୍ରୀ କରିଥିଲା। ଇତିମଧ୍ୟରେ ୟେଦୁରପ୍ପା ସକ୍ରିୟ ରାଜନୀତିରୁ ଅବସର ଘୋଷଣା କରିସାରିଛନ୍ତି। କର୍ଣ୍ଣାଟକ ବିଧାନସଭାରେ ଏବେ ଶାସକ ଭାଜପାର ୧୧୯ ବିଧାୟକ ଅଛନ୍ତି। କଂଗ୍ରେସ ଏମ୍‌ଏଲ୍‌ଏ ସଂଖ୍ୟା ୭୫ ଥିବାବେଳେ ଜେଡିଏସ୍ ୨୮ରେ ସୀମିତ ରହିଛି। ଅନ୍ୟ ୨ଟି ଆସନ ଖାଲି ପଡ଼ିଛି। ରାଜ୍ୟର ୪୦% ଜନସଂଖ୍ୟା (ସର୍ବାଧିକ ଭୋଟର) ଥିବା ଲିଙ୍ଗାୟତ ଓ ଭୋକାଲିଙ୍ଗା ସମ୍ପ୍ରଦାୟର ଭୋଟରଙ୍କୁ ନିଜ ଆଡ଼କୁ ଟାଣିବା ପାଇଁ ଗୈରିକ ଦଳ ପ୍ରାଣପଣେ ଉଦ୍ୟମ ଜାରି ରଖିଛି। ଏହିକ୍ରମରେ ନିକଟରେ ଭାଜପା ଦୁଇ ସମ୍ପ୍ରଦାୟ ପାଇଁ ଶିକ୍ଷା ଓ ସରକାରୀ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ବୃଦ୍ଧି କରିଛି। ଏଥିସହ ପୂର୍ବର କଂଗ୍ରେସ ସରକାର ମୁସଲମାନ ସମ୍ପ୍ରଦାୟ ପାଇଁ କରିଥିବା ୪% ସଂରକ୍ଷଣକୁ ଭାଜପା ଉଚ୍ଛେଦ କରିଛି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଅନେକ ଥର କର୍ଣ୍ଣାଟକ ଗସ୍ତ କରି ବହୁ କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରିଛନ୍ତି। ତେଣୁ ମୋଦି-ଶାହା ଯୋଡ଼ି ପାଇଁ କର୍ଣ୍ଣାଟକ ନିର୍ବାଚନ ଅଗ୍ନିପରୀକ୍ଷା ସଦୃଶ ହେବ। ଅନ୍ୟପକ୍ଷେ ଭାଜପା ସାମ୍ପ୍ରଦାୟିକ ରାଜନୀତି ଓ ଦୁର୍ନୀତିରେ ମଜ୍ଜି ରହିଥିବା କଂଗ୍ରେସ ଅଭିଯୋଗ ଆଣିଛି। ଦଳ କ୍ଷମତାକୁ ଆସିଲେ ବେକାର ଗ୍ରାଜୁଏଟ୍‌ମାନଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ମାସିକ ୩,୦୦୦ ଟଙ୍କା ଲେଖାଏ ଭତ୍ତା ଦିଆଯିବ ବୋଲି ଘୋଷଣା କରିଛି। ସେହିପରି ପଛୁଆ ବର୍ଗ, ସଂଖ୍ୟାଲଘୁ ଓ ଦଳିତ ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ମଧ୍ୟ କଂଗ୍ରେସର ଉଦ୍ୟମ ଜାରି ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଇମୋଶନାଲ କାର୍ଡ ଖେଳି ଭୋଟରଙ୍କୁ ଆଶୀର୍ବାଦ ଭିକ୍ଷା କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ସିଦ୍ଧାରାମାୟା କହିଛନ୍ତି, ଏହା ହେଉଛି ତାଙ୍କର ଶେଷ ନିର୍ବାଚନ। ଏଥର ହାରିଲେ ସେ ଆଉ ରାଜନୀତି କରିବେ ନାହିଁ। 'ସବୁ ମୋଦି ଚୋର' ମନ୍ତବ୍ୟ ଦେଇ ୨ ବର୍ଷ ଜେଲ ଦଣ୍ଡାଦେଶ ପାଇବା ସହ ଲୋକ ସଭା ସଦସ୍ୟତା ହରାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏଥର ମାରାଥନ ପ୍ରଚାର କରିବେ। ଦଳକୁ କ୍ଷମତାକୁ ଫେରାଇ ଆଣିବା ପାଇଁ ସେ ଧୂଆଁଧାର ପ୍ରଚାର କରିବେ ବୋଲି କଂଗ୍ରେସ ସୂତ୍ରରୁ ପ୍ରକାଶ। ଜେଡିଏସ୍ କର୍ଣ୍ଣାଟକ ରାଜନୀତିରେ କିଙ୍ଗମେକର ଭୂମିକା ନେଇଥାଏ। ଦେବେଗୌଡ଼ାଙ୍କ ଦଳ ଉଭୟ ଭାଜପା ଏବଂ କଂଗ୍ରେସଠାରୁ ସମଦୂରତ୍ୱ ବଜାୟ ରଖିବା ସହ ନିର୍ବାଚନ ପରବର୍ତ୍ତୀ ମେଣ୍ଟ ପାଇଁ ବିକଳ୍ପ ଖୋଲା ରଖିଥାଏ। କୃଷକ କଲ୍ୟାଣ ଓ ଆଞ୍ଚଳିକ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଜେଡିଏସ୍‌ର ଫୋକସ ରହିଥାଏ। ତେଣୁ ଏଥର ନିର୍ବାଚନ ବେଳେ କୁମାରସ୍ୱାମୀ କେଉଁ ରଣନୀତି ଆପଣାଉଛନ୍ତି ତା' ଉପରେ ସମସ୍ତଙ୍କ ନଜର ରହିବ।

### ମୋଦି, ବୋମାଇଙ୍କ ପାଇଁ ଅଗ୍ନିପରୀକ୍ଷା



ବାସବରାଜ ବୋମାଇ

### ରାହୁଲଙ୍କ ଅପମାନର ପ୍ରତିଶୋଧ ନେବ କଂଗ୍ରେସ



ସିଦ୍ଧାରାମାୟା

### କ'ଣ ରହିବ କୁମାରସ୍ୱାମୀଙ୍କ ରଣନୀତି



ଏଚ୍.ଡି. କୁମାରସ୍ୱାମୀ

## ଲୋକ ସଭା ସଦସ୍ୟତା ଫେରିପାଇଲେ ମହମ୍ମଦ ଫୈଜଲ

ନୂଆଦିଲ୍ଲୀ,୨୯।୩



- ହତ୍ୟା ଉଦ୍ୟମ ମାମଲାରେ ୧୦ ବର୍ଷ ଜେଲଦଣ୍ଡ ପାଇଛନ୍ତି
- ତଳ କୋର୍ଟ ରାୟ ଉପରେ କେରଳ ହାଇକୋର୍ଟଙ୍କ ସ୍ଥଗିତାଦେଶ

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ମହମ୍ମଦ ଫୈଜଲ ବୁଧବାର ନିଜ ଲୋକ ସଭା ସଦସ୍ୟତା ଫେରିପାଇଛନ୍ତି। ସୁପ୍ରିମକୋର୍ଟରେ ଫୈଜଲଙ୍କ ଆବେଦନ ଶୁଣାଣିର କିଛି ଘଣ୍ଟା ପୂର୍ବରୁ ଲୋକ ସଭା ସେକ୍ରେଟାରି ଜେନେରାଲ ଉତ୍ପଳ କୁମାର ସିଂ ଏକ ବିଜ୍ଞପ୍ତି ଜାରି କରିଥିଲେ। ୧୦ ସପ୍ତାହ ପୂର୍ବେ ରଦ୍ଦ କରାଯାଇଥିବା ଫୈଜଲଙ୍କ ସଦସ୍ୟତାକୁ ପୁନଃ ଅବସ୍ଥାପିତ କରାଯାଇଥିବା ସେ ଏଥିରେ ଉଲ୍ଲେଖ କରିଛନ୍ତି। ଫୈଜଲ ପାର୍ଲାମେଣ୍ଟର ନିମ୍ନ ସଦନକୁ ଯାଇ ବାଚସ୍ପତି ଓମ୍ ବିର୍ଲାଙ୍କୁ ଭେଟିଛନ୍ତି। ସେକ୍ରେଟାରିଏଟ୍ ତାଙ୍କ ସଦସ୍ୟତା ରଦ୍ଦ କରିବା ଉଚିତ ନ ଥିଲା ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି।

ଲାକ୍ଷାଦ୍ୱୀପରୁ ପ୍ରତିନିଧିତ୍ୱ କରୁଥିବା ମହମ୍ମଦ ଫୈଜଲ ୨୦୧୯ ଲୋକ ସଭା ନିର୍ବାଚନ ବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି.ଏମ୍. ସୟିଦଙ୍କ ଜ୍ୱାଇଁ ମହମ୍ମଦ ସାଲିହଙ୍କୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ କେରଳର କଭରଟ୍ଟି ସେସନ୍ସ କୋର୍ଟରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। କୋର୍ଟ ଫୈଜଲଙ୍କ ସହ ଅନ୍ୟ ୩ ଜଣଙ୍କୁ ୧୦ ବର୍ଷ ସଶ୍ରମ ଜେଲ ଦଣ୍ଡାଦେଶ ଏବଂ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଥିଲେ। ଗତ ଜାନୁୟାରୀ ୧୩ରେ ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଫୈଜଲଙ୍କ ଦଣ୍ଡାଦେଶ ଉପରେ କେରଳ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିବା ପରେ ତାଙ୍କ ସଦସ୍ୟତା ନିଲମ୍ବନକୁ ପ୍ରତ୍ୟାହାର ପାଇଁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ କେ.ଏମ୍. ଖାନ୍‌ୱିଲକର ଏବଂ ବି.ଭି. ନାଗରତ୍ନା ତାଙ୍କ ଆବେଦନକୁ ଗ୍ରହଣ କରିଛନ୍ତି। ଫଳରେ ସେକ୍ରେଟାରିଏଟ୍ ତାଙ୍କୁ ଲୋକ ସଭାରେ ପୁନଃ ଅବସ୍ଥାପିତ କରିଛି। ଏହାକୁ ଏନ୍‌ସିପି ପକ୍ଷରୁ ସ୍ୱାଗତ କରାଯାଇଛି। 'ସବୁ ମୋଦି ଚୋର' ମନ୍ତବ୍ୟ ମାମଲାରେ ଗୁଜରାଟର ସୁରଟ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇ ୨ ବର୍ଷ ଜେଲ ଦଣ୍ଡାଦେଶ ପାଇଥିବା କଂଗ୍ରେସ ନେତା ରାହୁଲଙ୍କ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ହୋଇଥିବାବେଳେ ଏହି ନିଷ୍ପତ୍ତି ନିଆଯାଇଛି। କିନ୍ତୁ ରାହୁଲ ଅଦ୍ୟାବଧି କୌଣସି ଉଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇନାହାନ୍ତି।

## ପୋଲିସକୁ ପୁଣି ଚକ୍‌ମା ଦେଖାଇଲେ ଅମ୍ରିତପାଲ୍

ହୋସିଆରପୁର, ୨୯।୩

ଫେରାର ଖଲିସ୍ତାନୀ ଅମ୍ରିତପାଲ୍ ସିଂଙ୍କ ଏକ ଭିଡିଓ ବୁଧବାର ଜାରି ହୋଇଛି। ଏଥିରେ ସେ ଫେରାର ଥିବା କହିଛନ୍ତି। ୨ ଦିନ ପୁରୁଣା ଏହି ଭିଡିଓକୁ ବ୍ରିଟେନ୍‌ର ହ୍ୟାଣ୍ଡେଲର ପ୍ରସାର କରିଥିବା ଜଣାପଡ଼ିଛି। ଅମ୍ରିତପାଲ୍ ଏବଂ ସହଯୋଗୀ ପପଲପ୍ରୀତ ସିଂ ପୁଣିଥରେ ପଞ୍ଜାବ ପୋଲିସ ହାତରୁ ଖସି ପଳାଇବାରେ ସଫଳ ହୋଇଛନ୍ତି। ଦୁହିଁଙ୍କୁ ଗିରଫ କରିବା ପାଇଁ ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ହୋସିଆରପୁରରେ ତଲାସି ଅଭିଯାନ ଚଳାଇଥିଲା। ଏକ ଧଳାରଙ୍ଗର ଇନୋଭା ଗାଡ଼ିରେ ଅମ୍ରିତପାଲ ଏବଂ ପପଲପ୍ରୀତ ଥିବା ସନ୍ଦେହ କରି ପୋଲିସ ଫଗୱାରାରୁ ପିଛା କରିଥିଲା। ମାରେୟାନ ଗ୍ରାମର ଗୁରୁଦ୍ୱାରାରୁ କାର୍ ପୋଲିସକୁ ଚକ୍‌ମା ଦେଖାଇ ଚାଲିଯାଇଥିଲା। ତେବେ ତାଙ୍କ ଅନ୍ୟ ୨ ସହଯୋଗୀଙ୍କୁ ପୋଲିସ କାବୁ କରିଛି। ହୋସିଆରପୁର ଆଖପାଖ ଚେକ୍‌ପୋଷ୍ଟଗୁଡ଼ିକରେ ପୋଲିସ ମୁତୟନ କରାଯାଇଛି। ୱାରିସ୍ ପଞ୍ଜାବ ଦେ' ମୁଖ୍ୟ ଅମ୍ରିତପାଲ୍ ପଞ୍ଜାବ ପୋଲିସ ନିକଟରେ ଆତ୍ମସମର୍ପଣ କରିବେ ବୋଲି ବିଶେଷ ସୂତ୍ରରୁ ପୋଲିସ ଜାଣିବାକୁ ପାଇଛି।



ସହଯୋଗୀ ପପଲପ୍ରୀତ ସିଂଙ୍କ ସହ ଅମ୍ରିତପାଲ୍ ସିଂ।

## ଏମ୍‌ପି ଗିରୀଶ ବାପଟଙ୍କ ପରଲୋକ

**ପୁଣେ,୨୯।୩:** ପୁଣେର ଭାଜପା ଏମ୍‌ପି ଗିରୀଶ ବାପଟ (୭୨)ଙ୍କ ବୁଧବାର ପରଲୋକ ହୋଇଛି। ସେ ଦେଢ଼ ବର୍ଷ ଧରି ଅସୁସ୍ଥ ଥିବାରୁ ଦିନାନାଥ ମଙ୍ଗେଶକର ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ପୁଣେର କଶବା ପେଥ ଆସନରୁ ସେ ୫ ଥର ବିଧାୟକ ଥିଲେ। ୨୦୧୯ରେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ।



## କୁନୋରେ ୪ ଶାବକ ଜନ୍ମଦେଲା ସିୟାୟା

**କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲା ସାଶା**

ଭୋପାଳ, ୨୯।୩

ଗତବର୍ଷ ନାମିବ୍ୟାରୁ ଭାରତ ଅଣାଯାଇଥିବା ଚିତା ସିୟାୟା ୪ ଶାବକଙ୍କୁ ଜନ୍ମ ଦେଇଥିବା କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦର ଯାଦବ ବୁଧବାର ସୂଚନା ଦେଇଛନ୍ତି। ଦେଶରେ ବିଲୁପ୍ତ ଚିତା ସଂଖ୍ୟା ବୃଦ୍ଧି ସକାଶେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ପ୍ରୋଜେକ୍ଟ ଚିତା' ସଫଳ ହୋଇଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି ପ୍ରୋଜେକ୍ଟରେ ସାମିଲ ହୋଇଥିବ ସମସ୍ତଙ୍କୁ ଭୂପେନ୍ଦର ଶୁଭେଚ୍ଛା ଜଣାଇଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ୫ ମାଈ ଏବଂ ୩ ଅଣ୍ଡିରା ଚିତା ନାମିବ୍ୟାରୁ ଭାରତ ଅଣାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ୭୨ତମ ଜନ୍ମଦିବସ ଅବସରରେ ୮ ଚିତାଙ୍କୁ ମଧ୍ୟ ପ୍ରଦେଶ କୁନୋ ନ୍ୟାଶନାଲ ପାର୍କରେ ଛାଡ଼ିଥିଲେ। କିଡନୀ ରୋଗରେ ଆକ୍ରାନ୍ତ ହେବା ଯୋଗୁ ସୋମବାର ନାମିବ୍ୟାରୁ ଅଣାଯାଇଥିବା ବାଘୁଣୀ ସାଶାର ମୃତ୍ୟୁ ଘଟିଥିଲା।






**ମା' ତାରିଣୀଙ୍କ ହୁଣ୍ଡିରୁ ୧୭ ଲକ୍ଷ ୪୫ ହଜାର ମିଳିଲା** କେନ୍ଦୁଝର ଜିଲା ଘଟଗାଁସ୍ଥିତ ମା' ତାରିଣୀ ମନ୍ଦିର ହୁଣ୍ଡି ବୁଧବାର ଖୋଲାଯାଇଛି। ସମ୍ବଲପୁର ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାୟକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ବେଢ଼ା ଭିତର ଓ ବାହାରେ ଥିବା ୧୩ ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ମୋଟ ୧୭ ଲକ୍ଷ ୪୫ ହଜାର ୮୪୫ଟଙ୍କା, ୪୯ ଗ୍ରାମ ୮୧୦ ମିଲିଗ୍ରାମ ସୁନା ଓ ୧ କେଜି ୫୮୭ ଗ୍ରାମ ୪୭୦ ମିଲିଗ୍ରାମ ରୁପା ମିଳିଥିବା ସୂଚନା ମିଳିଛି।




# ପାରିବାରିକ ବିବାଦରୁ ୨ ମହିଳାଙ୍କୁ ହତ୍ୟା

**ବାଲେଶ୍ୱର ଅଫିସ/ଜଳେଶ୍ୱର/ସିମୁଳିଆ, ୨୯।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ପୃଥକ ସ୍ଥାନରେ ପାରିବାରିକ ବିବାଦରୁ ୨ ମହିଳାଙ୍କ ଜୀବନ ଯାଇଛି। ଉଭୟ ସ୍ଥାନରେ ନିଶାସକ୍ତ ଅବସ୍ଥାରେ ସ୍ୱାମୀ ପିଟି ପିଟି ସେମାନଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ପୋଲିସ ଉଭୟ ମହିଳାଙ୍କ ସ୍ୱାମୀମାନଙ୍କୁ ଗିରଫ କରିଛି। ଗୋଟିଏ ଘଟଣା ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନ ଗହୀରାବନ୍ଧ ଗ୍ରାମରେ ଘଟିଥିବା ବେଳେ ଅନ୍ୟଟି ସିମୁଳିଆ ଥାନା ଅଡ଼ା ପଞ୍ଚାୟତ ଅଧୀନ ଛତ୍ରପୁର ଅଞ୍ଚଳରେ ଘଟିଛି। ମଙ୍ଗଳବାର ରାତିରେ ଗହୀରାବନ୍ଧ ଗ୍ରାମର ଦୁର୍ଗା ମୁର୍ମୁ କୌଣସି କଥାକୁ ନେଇ ସ୍ତ୍ରୀ ମଞ୍ଜୁଲତାଙ୍କ ସହ ପାଟିତୁଣ୍ଡ କରିଥିଲେ। ଏହି ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଏଥିରେ ସ୍ୱାମୀ ଦୁର୍ଗା ଉତ୍ତ୍ୟକ୍ତ ହୋଇ ସ୍ତ୍ରୀ ମଞ୍ଜୁଲତାଙ୍କୁ ଠେଙ୍ଗାରେ ନିସ୍ତୁକ ପିଟିଥିଲେ। ଘଟଣାସ୍ଥଳରେ ହିଁ ମଞ୍ଜୁଲତାଙ୍କ ମୃତ୍ୟୁ ହୋଇଥିଲା। ଗ୍ରାମବାସୀ ପହଞ୍ଚି ସ୍ୱାମୀ ଦୁର୍ଗା ମୁର୍ମୁଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ମାତ୍ର ରାଇବଣିଆ ପୋଲିସ ରାତିରେ ନ ପହଞ୍ଚି ବୁଧବାର ସକାଳେ ପହଞ୍ଚିଥିଲା। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ସେହିପରି ସିମୁଳିଆ ଥାନା ଅଡ଼ା ପଞ୍ଚାୟତ ଅଧୀନ ଛତ୍ରପୁର ଅଞ୍ଚଳର ବୀର ସିଂ ଓ ତାଙ୍କ ସ୍ତ୍ରୀ କୁନି ଉଭୟେ ସ୍ଥାନୀୟ କଳାଶୁଣୀ ଛକରେ ଥିବା ମଦ ଦୋକାନରୁ ମଦ ପିଇଥିଲେ। ପରେ ରାସ୍ତାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବୀର ଏକ ବାଡିରେ କୁନିଙ୍କୁ ପିଟିବା ସହିତ ତାଙ୍କ ପିନ୍ଧା ଲୁଗାରେ କୁନିଙ୍କ ଗୋଡ଼ ବାନ୍ଧି ବିଲରେ ପକାଇ ଘରକୁ ପଳାଇ ଆସିଥିଲେ। ସକାଳେ ସ୍ଥାନୀୟ ଲୋକେ କୁନିଙ୍କୁ ବିଲରେ ମୃତ ଅବସ୍ଥାରେ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ବୀର ନିଜ ସ୍ତ୍ରୀଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପୋଲିସ ତାଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ପରେ ସାଇଣ୍ଟିଫିକ ଟିମ ପହଞ୍ଚି ଘଟଣାର ତଦନ୍ତ କରୁଛି।

# ବାସୁଦେବପୁରରେ ବଜ୍ରପାତ: ୫ ମୃତ

## ୩୦ ମିନିଟ୍‌ରେ ସର୍ବାଧିକ ୫୪୦୦ ଥର ବିଜୁଳି ମାରିଛି

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

ଆସୁଛି ଆଉ ଏକ ପଶ୍ଚିମା ଝଡ଼। ଏପ୍ରିଲ ୨ତାରିଖ ବେଳକୁ ଭାରତର ଉତ୍ତର-ପଶ୍ଚିମ ଭାଗକୁ ଏକ ନୂଆ ପଶ୍ଚିମା ଝଡ଼ ପ୍ରଭାବିତ କରିବାର ସମ୍ଭାବନା ରହିଛି। ଏନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ କରାଇଛି। ଅନ୍ୟପକ୍ଷରେ ବୁଧବାର ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଛି। ଭଦ୍ରକ ଜିଲାର ବାସୁଦେବପୁରରେ ମାତ୍ର ୩୦ ମିନିଟରେ ସର୍ବାଧିକ ୫୪୦୦ ଥର ବିଜୁଳି ମାରିଥିବାବେଳେ ଏଥିରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ବିଶେଷଜ୍ଞ ଉମାଶଙ୍କର ଦାସ ସୂଚନା ଦେଇଛନ୍ତି।

ଭଦ୍ରକ ବ୍ୟତୀତ ଖୋର୍ଦ୍ଧା, ନୟାଗଡ଼, ବାଲେଶ୍ୱର, କଟକ, ଜଗତ୍‌ସିଂହପୁର, ପୁରୀ ସମେତ ଅନ୍ୟ ଉପକୂଳବର୍ତ୍ତୀ ଜିଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଥିବା ସୂଚନା ମିଳିଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ମୁଖ୍ୟ ଏଚ୍.ଆର୍. ବିଶ୍ୱାସଙ୍କ ସୂଚନା ଅନୁଯାୟୀ, ଆସନ୍ତା ୫ ଦିନ ଯାଏ ରାଜ୍ୟରେ ବର୍ଷା ସମ୍ଭାବନା ରହିଛି। ଗୁରୁବାର ପଶ୍ଚିମ ଓଡ଼ିଶା ଓ ସମସ୍ତ ଜିଲା ସମେତ କିଛି ଉପକୂଳବର୍ତ୍ତୀ ଜିଲାରେ ବର୍ଷା ସମ୍ଭାବନା

- ■ ୫ଦିନ ପର୍ଯ୍ୟନ୍ତ ଲାଗିରହିବ ବର୍ଷା
- ■ ୨ରେ ଆଉ ଏକ ପଶ୍ଚିମା ଝଡ଼

ରହିଛି। ମୁଖ୍ୟତଃ ନୂଆପଡ଼ା, ବରଗଡ଼, ବଲାଙ୍ଗୀର, ସମ୍ବଲପୁର, ଝାରସୁଗୁଡ଼ା, ସୋନପୁର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଆଦି ୧୫ଟି ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ୩୧ ତାରିଖରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବା ସହ ପଶ୍ଚିମା ଝଡ଼ର ସର୍ବାଧିକ ପ୍ରଭାବ ଅନୁଭୂତ ହେବ। ସେହିପରି ଶୁକ୍ରବାର ରାଜ୍ୟର ସମସ୍ତ ଜିଲାରେ ବର୍ଷା ସମ୍ଭାବନା ରହିଛି। ଏନେଇ ୧୧ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ସେଗୁଡ଼ିକ ହେଲା ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦ୍ରାପଡ଼ା। ବାକି ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ଏଠାରେ ବର୍ଷା ସହ ପବନର ବେଗ ଘଣ୍ଟା ପ୍ରତି ୫୦ କିମି ଯାଏ ରହିବ। ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ। ବର୍ତ୍ତମାନ ଉତ୍ତର ମଧ୍ୟପ୍ରଦେଶର



ମଧ୍ୟଭାଗରୁ ଏକ ନିମ୍ନଚାପରେଖା ବାହାରି ଦକ୍ଷିଣ ତାମିଲନାଡୁ ଦେଇ ବିଦର୍ଭ, ତେଲଙ୍ଗାନା ଓ ରୟାଲସୀମା ଯାଏ ସମୁଦ୍ରପତ୍ତନରୁ ୦.୯ କିମି ଉଚ୍ଚରେ ଲମ୍ବିଛି। ସେହିପରି ଅନ୍ୟ ଏକ ନିମ୍ନଚାପରେଖା ସବ୍‌ହିମାଳୟନ୍‌ଠାରୁ ବାହାରି ପଶ୍ଚିମବଙ୍ଗ ହୋଇ ଉତ୍ତର ଦିଗ ଦେଇ ସମୁଦ୍ର ପତ୍ତନଠାରୁ ୦.୯ କିମି ଉଚ୍ଚରେ ଲମ୍ବିଛି। ଫଳରେ ରାଜ୍ୟରେ ବର୍ଷା ଅନୁଭୂତ ହେଉଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ଦେଶୀ ବନ୍ଧୁକରୁ ଗୁଳି ଫୁଟି ମହିଳା ମୃତ

**ପଟ୍ଟାଙ୍ଗି, ୨୯।୩(ଡି.ଏନ୍.ଏ.)**

ଘରେ ରଖିଥିବା ଦେଶୀ ବନ୍ଧୁକ କାଢ଼ିବାବେଳେ ଅସାବଧାନତା ହେତୁ ଗୁଳି ଫୁଟି ପାଖରେ ଥିବା ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ସେ ହେଲେ କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅଧୀନ ନୂଆଁଗା ପଞ୍ଚାୟତ ସଦର ଗ୍ରାମର ଜାନି ମାଙ୍ଗୁଡୁଙ୍କ ସ୍ତ୍ରୀ ମଞ୍ଜୁଳା। ପୋଲିସ ବନ୍ଧୁକ ସଫା କରୁଥିବା ବଇ କମଲୁଙ୍କୁ ଅଟକ ରଖି ପଚରାଉଚରା କରୁଛି। ଚୈତ୍ର ପର୍ବରେ ଶିକାର କରି ପୂଜା କରିବା ଉଦ୍ଦେଶ୍ୟରେ ଘରେ ଥିବା ଦେଶୀ ବନ୍ଧୁକକୁ ଜାନିଙ୍କ ସମ୍ପର୍କୀୟ ବଇ ମଙ୍ଗଳବାର ରାତିରେ ସଫା କରିବା ପାଇଁ ଘର ଆଟୁ ଉପରୁ କାଢ଼ିବାବେଳେ ତାହା ଖସି ପଡ଼ିଥିଲା। ବନ୍ଧୁକରେ ଗୁଳି ଭରି ରହିଥିବାରୁ ତାହା ଫୁଟିଯାଇ ତଳେ ଶୋଇଥିବା ମଞ୍ଜୁଳାଙ୍କ ଦେହରେ ବାଜିଥିଲା। ଗୁଳି ଫୁଟିବା ଶବ୍ଦ ଶୁଣି ଗ୍ରାମବାସୀ ମାଙ୍ଗୁଡୁଙ୍କ ଘରେ ପହଞ୍ଚିଥିଲେ। ଏହି ସମୟରେ ମଞ୍ଜୁଳା ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିରହିଥିଲେ। ବିଳମ୍ବିତ ରାତି ହୋଇଯାଇଥିବାରୁ ସ୍ଥାନୀୟ ଡାକ୍ତରଖାନାକୁ ଆଣି ପାରି ନ ଥିଲେ। ବୁଧବାର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବାବେଳେ ମଞ୍ଜୁଳାଙ୍କ ମୃତ୍ୟୁ ହୋଇଯାଇଥିଲା। ଡାକ୍ତରଖାନା କର୍ତ୍ତୃପକ୍ଷ ପୋଲିସକୁ ଖବର ଦେଇଥିଲେ। ସୁନାବେଡ଼ା ଏସ୍‌ଡିପିଓ ମନୋଜ କୁମାର ବେହେରା ଏବଂ ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତକରି କେସ୍ ନଂ. ୪୧/୨୩ରେ ଏକ ମାମଲା ରୁଜୁ କରିଛି। ପୋଲିସ ବଇଙ୍କୁ ଅଟକ ରଖି ପଚରାଉଚରା କରୁଛି।






# ବନ ବିଭାଗ ପାଟ୍ରୋଲିଂ ଗାଡ଼ିକୁ ଗୁଳିମାଡ଼

## ଦୁଇ କର୍ମଚାରୀ ଆହତ, ବର୍ତ୍ତିଲେ ଏସିଏଫ୍

**ବୌଦ୍ଧ/ବଘିଆପଡ଼ା, ୨୯।୩(ସ୍ୱ.ପ୍ର.)**

ବୌଦ୍ଧ ଜିଲା ବଘିଆପଡ଼ା ଫାଣ୍ଡି ଅନ୍ତର୍ଗତ ଖଲିଆପାଲି ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ବନ ବିଭାଗର ଏକ ପାଟ୍ରୋଲିଂ ଗାଡ଼ି ଉପରକୁ ଗୁଳିମାଡ଼ ହୋଇଛି। ଏଥିରେ ଦୁଇ ବନ କର୍ମଚାରୀ ଆହତ ହୋଇଥିବାବେଳେ ଏସିଏଫ୍ ବର୍ତ୍ତିଯାଇଛନ୍ତି। ବଘିଆପଡ଼ା ଫରେଷ୍ଟ ସେକ୍ସନ ପକ୍ଷରୁ ଏସିଏଫ୍ ଆଶିଷ କହଁର ଜଣେ ଫରେଷ୍ଟ ଗାର୍ଡ ଓ ଚାରି ଜଗୁଆଳିଙ୍କୁ ଧରି ସମ୍ପୃକ୍ତ ଅଞ୍ଚଳରେ ରାତ୍ରି ପାଟ୍ରୋଲିଂ କରୁଥିଲେ।


ଆହତ ଦୁଇ ବନ କର୍ମଚାରୀ।

ଖଲିଆପାଲି ଛକ ନିକଟରେ କେତେଜଣ ଦୁର୍ବୃତ୍ତ ବନ୍ଧୁକ ଧରି ସେମାନଙ୍କ ଗାଡ଼ିକୁ ଅଟକାଇଥିଲେ। ଗାଡ଼ି ନ ରଖି ସେଠାରୁ ଖସି ପଳାଉଥିବା ଦେଖି ଦୁର୍ବୃତ୍ତମାନେ ଗାଡ଼ି ପଛରୁ ଗୁଳିଚାଳନା କରିଥିଲେ। ଫଳରେ ଗାଡ଼ି ପଛରେ ବସିଥିବା ଜଗୁଆଳି ସରଣ୍ଡା ଗ୍ରାମର ନୀଳାଞ୍ଚଳ ପ୍ରଧାନଙ୍କ ହାତ, ବଡ଼ବାଗବର ଗ୍ରାମର ନବକିଶୋର ସାହୁଙ୍କ ପିଠିରେ ଗୁଳି ବାଜିଥିଲା। ଗୁଳିମାଡ଼ କରିବା ପରେ ମଧ୍ୟ ଦୁର୍ବୃତ୍ତମାନେ ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ସେମାନଙ୍କ ପିଛା କରିଥିଲେ। କୌଶଳକ୍ରମେ ବନ କର୍ମଚାରୀ ବାଉଁଶୁଣୀ ଦେଇ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ଉଭୟ ଆହତଙ୍କୁ ସେଠାରେ ଭର୍ତ୍ତି କରାଯାଇଥିଲା। ନବକିଶୋରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ପଠାଯାଇଛି। ଖବରପାଇ ଡିଏଫ୍‌ଓ ଦେବପ୍ରିୟ କମ୍ପ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତଙ୍କ ଅବସ୍ଥା ପଚାରି ବୁଝିଥିଲେ। ଘଟଣାସ୍ଥଳକୁ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିବା ଜଣାପଡ଼ିଛି। ଘଟଣା ସ୍ଥଳରୁ ପୋଲିସ ଦୁଇଟି ଖୋକା ଜବତ କରିଛି। ଏନେଇ ବୌଦ୍ଧ ଥାନାରେ ଏକ ମାମଲା ରୁଜୁ ହୋଇଛି। ଗୁଳିମାଡ଼ର କାରଣ ଏବେବି ଅସ୍ପଷ୍ଟ ରହିଛି।






# ଚଣ୍ଡିତାଳରୁ ୧୦୦୦ ବର୍ଷର କୂଅ ଠାବ



**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିତାଳ ଗ୍ରାମରୁ ଠାବ ହୋଇଛି ଏକ ପ୍ରାଚୀନ କୂଅ। ଐତିହ୍ୟ ଓ ସଂସ୍କୃତି ଗବେଷଣା ସଂସ୍ଥା ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ କଲଚର ହେରିଟେଜ (ଇନ୍‌ଟାକ୍)ର ସଦସ୍ୟମାନେ ଏହି ପ୍ରାଚୀନ କୂଅକୁ ସନ୍ଧାନ କରିଥିବା ବେଳେ ଏହା ପ୍ରାୟ ୧୦୦୦ ବର୍ଷ ତଳର ବୋଲି ଇନ୍‌ଟାକ ପ୍ରକଳ୍ପ ସଂଯୋଜକ ଅନିଲ ଧୀର ସୂଚନା ଦେଇଛନ୍ତି। ସ୍ଥାନୀୟ ଅଧିବାସୀଙ୍କ ସହାୟତାରେ ଇନ୍‌ଟାକ୍ ପ୍ରକଳ୍ପ ସଂଯୋଜକ ଧୀରଙ୍କ ସମେତ ଐତିହ୍ୟ ଗବେଷକ ଦୀପକ କୁମାର ନାୟକ ଓ ଐତିହ୍ୟପ୍ରେମୀ ସୁମନ ପ୍ରକାଶ ସ୍ୱାଇଁ ପହଞ୍ଚି କୂଅ ତଥା ଆଖପାଖ ଅଞ୍ଚଳର ପ୍ରାଥମିକ ପର୍ଯ୍ୟବେକ୍ଷଣ କରିଛନ୍ତି। ଏହି କୂଅ ସମ୍ପର୍କରେ ଐତିହ୍ୟ ଗବେଷକ ଦୀପକ କୁମାର ନାୟକ କହିଥିଲେ ଯେ, ଚଣ୍ଡିତାଳ ଗ୍ରାମର ଶିଖରଚଣ୍ଡୀ ମୁଣ୍ଡିଆ ପାଦଦେଶରେ ଏହି ପ୍ରାଚୀନ କୂଅଟି ପ୍ରାୟ ୧୨୦ ଫୁଟ ଦୈର୍ଘ୍ୟ ଓ ୩୫ ଫୁଟ ପ୍ରସ୍ଥ ଆୟତାକାର ଭୂମି ଉପରେ ଅବସ୍ଥିତ। ପୁରାତନ ନିର୍ମାଣ ଶୈଳୀରେ ମାଙ୍କଡା ପଥର ଦ୍ୱାରା ନିର୍ମିତ ଏହି କୂଅଟି ଏକ 'step well' ଅର୍ଥାତ ପାହାଚ ଆକାରରେ ରହିଛି। ଓଡ଼ିଶାର ଉଦୟଗିରି ବୌଦ୍ଧ ବିହାର, ଡାଳିଯୋଡ଼ା ଜଙ୍ଗଲ, ନୀଳଗିରି ରାଜପ୍ରାସାଦ, ବୈଦେଶ୍ୱର ମନ୍ଦିର ତଥା କୋଶଳେଶ୍ୱର ମନ୍ଦିର ପରିସରରେ ଏଭଳି ପ୍ରାଚୀନ କୂଅ ରହିଛି। କିନ୍ତୁ ଚଣ୍ଡିତାଳର ଏହି କୂଅଟି ଏ ସମସ୍ତ କୂଅଠାରୁ ବୃହତ୍ତର। ପ୍ରାୟ ୮୦ ଫୁଟ ତଳକୁ ପାହାଚରେ ଓହ୍ଲାଇ ଜଳ ସଂଗ୍ରହ କରିହୁଏ। ଆଜି ମଧ୍ୟ ଗ୍ରାମବାସୀ ଏହି କୂଅର ଜଳକୁ ବ୍ୟବହାର କରୁଛନ୍ତି। କୂଅଟିର ଖନନ ସମୟ ପାହାଡ଼ ଶିଖରରେ ପୂଜା ପାଉଥିବା ଦେବୀ ଶିଖରଚଣ୍ଡୀଙ୍କ ପୀଠରୁ ମିଳୁଥିବା ପ୍ରତ୍ନତାତ୍ତ୍ୱିକ ଅବଶେଷ ଓଡ଼ିଶାରେ ସୋମବଂଶୀ ରାଜୁତିର ଶେଷକାଳ ଓ ଗଙ୍ଗ ରାଜୁତିର ପ୍ରାରମ୍ଭ କାଳ ହୋଇଥିବ। ସେହି ଅନୁଯାୟୀ ଏହି କୂପର ଖନନ ପ୍ରାୟ ୯୦୦ରୁ ୧୦୦୦ ବର୍ଷ ତଳେ ହୋଇଥାଇପାରେ ବୋଲି ଗବେଷକ ନାୟକ କହିଛନ୍ତି। ସେହିପରି ଇନ୍‌ଟାକ ପ୍ରକଳ୍ପ ସଂଯୋଜକ ଅନିଲ ଧୀର କହିଛନ୍ତି, ଚଣ୍ଡିତାଳର ଏହି ପ୍ରାଚୀନ କୂଅ ହେଉଛି ଓଡ଼ିଶା ସ୍ଥାପତ୍ୟର ଏକ ଆଶ୍ଚର୍ଯ୍ୟ। ଶହ ଶହ ବର୍ଷ ଧରି ବିନା କୌଣସି ଯତ୍ନରେ ଏହି ପ୍ରାଚୀନ ଐତିହ୍ୟ ଦୃଢ଼ତାର ସହ ତିଷ୍ଠି ରହିଛି। ଏହା ଓଡ଼ିଶାର ବୃହତ୍ତମ step well ହୋଇପାରେ। କିନ୍ତୁ ଏଯାଏ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ କୂପ ସମ୍ବନ୍ଧୀୟ କୌଣସି ସନ୍ଧାନ ନିଆଯାଇନାହିଁ। ଗ୍ରାମବାସୀଙ୍କ ମଧ୍ୟରେ ଏହା 'ଦେଢଗୁର-ଭାଇବୋହୂ' କୂଅ ନାମରେ ଜଣାଶୁଣା। କୂଅଟିର ରକ୍ଷଣାବେକ୍ଷଣ ପାଇଁ କେବଳ ଗୋଟିଏ ପଟ କାନ୍ଥରେ ଅଳ୍ପ ମରାମତି ଆବଶ୍ୟକ। ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଓ ରାଜ୍ୟ ପର୍ଯ୍ୟଟନ ବିଭାଗର ଅଧିକାରୀମାନେ ସ୍ଥାନଟିର ପୁଙ୍ଖାନୁପୁଙ୍ଖ ଗବେଷଣା କରି ଏହି ପୁରାତନ ଐତିହ୍ୟର ସଂରକ୍ଷଣ ଓ ପ୍ରଚାର ପ୍ରସାର ଦିଗରେ ପଦକ୍ଷେପ ନେବା ଉଚିତ। ଏ ସମ୍ପର୍କରେ ରାଜ୍ୟ ସଂସ୍କୃତି ବିଭାଗକୁ ଇନ୍‌ଟାକ ତୁରନ୍ତ ଅବଗତ କରାଇବ ବୋଲି ଅନିଲ ଧୀର ପ୍ରକାଶ କରିଛନ୍ତି।

**ଆଜିର ମନ୍ତବ୍ୟ**

"ଦେଶର ଗଣତନ୍ତ୍ରକୁ ପ୍ରଭାବିତ କରିବା ପାଇଁ ଭାଜପା କୌଣସି ସୁଯୋଗ ଛାଡୁନାହିଁ। ସବୁ ଚୋର, ଲୁଟେରା ଓ ଦୁର୍ନୀତିଗ୍ରସ୍ତ ଏହି ଦଳରେ ଅଛନ୍ତି। ଭାଜପା ଶାସନ ଶେଷ ହୋଇଗଲେ ଦେଶ ଦୁର୍ନୀତିମୁକ୍ତ ହୋଇଯିବ। **-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଟ ଯାଏ ନାଳେ ନାଳେ**
**ଥାଳେ ପିଏ ପାଣି**
**ଥାଳକୁ ରସି ମୁଁ ଥାଳିକି ଛାଡ଼ିଲି**
**ବୁଲିଲି ପତର କିଣି ।**

ସାଧାରଣତଃ ଖାଦ୍ୟ ଗ୍ରହଣ କରିସାରିଲା ପରେ ପାଣି ପିଆଯାଇଥାଏ। ତେବେ ପ୍ରଚୁର ପାଣି ପିଇସାରିବା ପରେ ଖାଦ୍ୟ ଅଛି ବୋଲି ଜାଣିବାକୁ ମିଳିଲେ ମନରେ ହତାଶାଭାବ ସୃଷ୍ଟି ହେବା ସ୍ୱାଭାବିକ। ପରୋକ୍ଷରେ ଭଲକୁ ଆଶା କରି ଭେଲ ପାଇ ମନ ଊଣା କରିବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଢଣା ପଡିଚି ନାକ ସରିକି**
**ତୁଣ୍ଡ ଶୁଭୁଅଛି ଚଉପାଢ଼ିକି ।**

ଲଜ୍ଜା ନାରୀର ଭୂଷଣ। ଶାଶୁଘରେ ନୂଆକରି ପାଦ ଥାପିଥିବା ବୋହୂ ମୁଣ୍ଡରେ ଓଢ଼ଣା ପକେଇ ରହିଥାଏ, ଯାହାକି ତା'ର ଲଜ୍ଜାଶିଳା ଗୁଣକୁ ସୂଚାଇଥାଏ। ତେବେ କିଛି ବୋହୂ ଅତି ଉଚ୍ଚ ସ୍ୱରରେ କଥା ହୋଇ ନିଜର ଔଦ୍ଧତ୍ୟ ଦେଖାଇଥାନ୍ତି। ଏପରିସ୍ଥଳେ ଉକ୍ତ ମୁଖୁରା ବୋହୂ ପ୍ରତି ଅନାଦର ଭାବ ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବିଧାନସଭାରେ ନକଲି ସାର୍ଟିଫିକେଟ୍ ପ୍ରସଙ୍ଗ

- **ବଲାଙ୍ଗୀର ନୁହେଁ, ଚେର ରାଜ୍ୟ ବାହାରକୁ ଲମ୍ବିଛି: ନରସିଂହ**
- **ବିଧାୟକ ସୁଶାନ୍ତ ସିଂଙ୍କ ସମ୍ପୃକ୍ତି ଅଭିଯୋଗ ଆଣିଲେ ସାଲୁଜା**
- **ବିଜେଡି ନେତାଙ୍କୁ ଯୋଡ଼ିବା ବିରୋଧୀଙ୍କ ଅଭ୍ୟାସ: ଭାଗୀରଥି**

ଭୁବନେଶ୍ୱର, ୨୯।୩(ବ୍ୟୁରୋ)

ବଲାଙ୍ଗୀର ନକଲି ସାର୍ଟିଫିକେଟ୍ ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହାର ଚେର କେବଳ ବଲାଙ୍ଗୀରରେ ସୀମିତ ହୋଇ ରହିନାହିଁ, ବରଂ ରାଜ୍ୟର ବିଭିନ୍ନ ସ୍ଥାନ ସମେତ ରାଜ୍ୟ ବାହାରକୁ ମଧ୍ୟ ଲମ୍ବିଛି। ବୁଧବାର ବିଧାନସଭା ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର। ସେ କହିଲେ, ଜାଲ ସାର୍ଟିଫିକେଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏଥିରେ ଶାସକ ଦଳର ବହୁ ନେତା ସମ୍ପୃକ୍ତ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ୧୯ ଜଣ ଗିରଫ ହେଲେଣି। ଆଉ କେତେଜଣ ଗିରଫ ହେବେ ତାହା ଆକଳନ ବାହାରେ। ଏହିଘଟଣାରେ ପୋଲିସ ଏବଂ ଗୋଇନ୍ଦା ବିଫଳ ହୋଇଛି। ବାହାର ଜିଲା ଓ ରାଜ୍ୟରେ ତଦନ୍ତ କରିବାକୁ ବଲାଙ୍ଗୀର ପୋଲିସର କ୍ଷମତା ଅଛି କି ନାହିଁ ଏ ସବୁ ବିଷୟରେ ଆଲୋଚନା କରାଯାଇ ନିର୍ଯ୍ୟାସ ବାହାର କରାଯାଉ। ନ ହେଲେ ଆଗକୁ ସ୍ଥିତି ଅଧିକ ସଙ୍ଗିନ ହେବ। ସେହିପରି କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ବିଜେଡି ନେତା ସୁଶାନ୍ତ ସିଂଙ୍କୁ ଟାର୍ଗେଟ କରିଛନ୍ତି। ଜାଲ୍ ସାର୍ଟିଫିକେଟ୍ କାରବାର ପଛରେ ଅଭିଯୁକ୍ତଙ୍କ ସହ ସୁଶାନ୍ତ ସିଂଙ୍କ ଲିଙ୍କ୍ ଥିବା ସେ ଅଭିଯୋଗ କରିଛନ୍ତି। ବର୍ଷ ବର୍ଷ ଧରି ଏହି ର୍ୟାକେଟ୍ ଚାଲିଛି ବୋଲି ସେ କହିଛନ୍ତି। ଏହି ପ୍ରସଙ୍ଗରେ ଗୃହରେ କଂଗ୍ରେସ ପ୍ରତିବାଦ କରିଥିଲା। ଅନୁରୂପ ଭାବେ ଭାଜପା ପକ୍ଷରୁ ମଧ୍ୟ ବିଧାନସଭା ବାହାରେ ପ୍ରତିବାଦ କରାଯାଇଛି। ଶାସକ ଦଳ ନେତା ସୁଶାନ୍ତ ସିଂଙ୍କ ସହ ଗିରଫ ଅଭିଯୁକ୍ତ ମନୋଜ ମିଶ୍ରଙ୍କ ଲିଙ୍କ୍ ଥିବା ଦର୍ଶାଇ ଭାଜପା ବିଧାୟକମାନେ ପ୍ରତିବାଦ କରିଥିଲେ। ସେମାନେ ସୁଶାନ୍ତ ସିଂଙ୍କ କେତେକ ଫଟୋ ମଧ୍ୟ ଦେଖାଇଥିଲେ। ଅପରପକ୍ଷେ ବିରୋଧୀଙ୍କ ଏଭଳି ଅଭିଯୋଗର ଜବାବ ଦେଇଛି ବିଜେଡି। ଦଳୀୟ ବିଧାୟକ ଭାଗୀରଥି ସେଠୀ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଦୋଷୀଙ୍କୁ ଦଣ୍ଡବିଧାନ ହେବ। କେତେଜଣ ଗିରଫ ହେଲେଣି। ଦଳର ଏଥିରେ କୌଣସି ଲିଙ୍କ୍ ନାହିଁ। ବିରୋଧୀଙ୍କ ପାଖରେ କୌଣସି ପ୍ରସଙ୍ଗ ନାହିଁ। ଯାହା ହେଲା ସେଥିରେ ବିଜେଡି ନେତାଙ୍କୁ ଯୋଡ଼ାଯାଉଛି। ବିଜେଡି ନେତାଙ୍କ ବିରୋଧରେ କହିବା ସେମାନଙ୍କର ଏକ ଅଭ୍ୟାସରେ ପରିଣତ ହୋଇଗଲାଣି ବୋଲି ବିଧାୟକ ସେଠୀ ପ୍ରତିକ୍ରିୟାରେ କହିଛନ୍ତି।

# କୋଟିଆବାସୀଙ୍କ ସହ ଓଡ଼ିଶା ଦିବସ ପାଳିବେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୯।୩(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାରଠାରୁ ୩ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତକାଳରେ ସେ ଭୁବନେଶ୍ୱର, କଟକ ଏବଂ କୋରାପୁଟ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। କୋଟିଆରେ ଆୟୋଜିତ 'ଓଡ଼ିଶା ଦିବସ' ସମାରୋହରେ ସାମିଲ ହେବେ।

ଧର୍ମେନ୍ଦ୍ର ଗୁରୁବାର କଟକ ଷ୍ଟେଶନରେ ଭଦ୍ରକ-ନୟାଗଡ଼ ମେମୁ ଟ୍ରେନର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଭାରତୀୟ ଡାକ ବିଭାଗ ପକ୍ଷରୁ ଆୟୋଜିତ 'ଓଡ଼ିଶାର କିମ୍ବଦନ୍ତୀଙ୍କ ଡାକ ଟିକଟ୍' ଉନ୍ମୋଚନ ସମାରୋହରେ ସାମିଲ ହେବେ। ୩୧ ତାରିଖରେ ସାମାଜିକ ସଙ୍ଗଠନ 'ଆମେ ଓଡ଼ିଆ' ପକ୍ଷରୁ ଆୟୋଜିତ 'ଓଡ଼ିଶା @୧୦୦ ବଡ଼ ଭାବିବା, ବଡ଼ ସ୍ୱପ୍ନ ଦେଖିବା'କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରରୁ ଟ୍ରେନ୍ ଯୋଗେ କୋରାପୁଟ ଜିଲା ଦାମନଯୋଡ଼ି ଗସ୍ତ କରିବେ। ସେଠାରୁ କୋଟିଆରେ ପହଞ୍ଚି ସ୍ଥାନୀୟ ବାସିନ୍ଦାଙ୍କୁ ଭେଟିବେ। କୋଟିଆ ଗ୍ରାମ ସମିତି ଦ୍ୱାରା ଆୟୋଜିତ 'ଓଡ଼ିଶା ଦିବସ' କାର୍ଯ୍ୟକ୍ରମରେ ଯୋଗଦେବେ। ପରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଲୋକାର୍ପଣ କାର୍ଯ୍ୟକ୍ରମ ରହିଛି।

# ୧୧୨୦ ବୋତଲ କଫ୍ ସିରପ ଜବତ

- **ଭୁବନେଶ୍ୱରରୁ ବଲାଙ୍ଗୀର ଚୋରାଚାଲାଣ ହେଉଥିଲା**
- **୫ଜଣଙ୍କୁ ଗିରଫ କଲା ପୋଲିସ**

ବଲାଙ୍ଗୀର ଅଫିସ, ୨୯।୩

ଭୁବନେଶ୍ୱରରୁ ବଲାଙ୍ଗୀର ଚୋରାଚାଲାଣ ବେଳେ ଏକ କଫ୍‌ସିରପ ଭ୍ୟାନ (ଓଡି୩୧କେ୪୧୦୧)କୁ ବଲାଙ୍ଗୀର ପୋଲିସର ଆଣ୍ଟି ଡ୍ରଗ୍ ଅପରେଶନ୍ ଟିମ୍ ଚନ୍ଦନଭାଟି-ତଲିଉଡାର ରାସ୍ତାରୁ ଜବତ କରିଛି। ଉକ୍ତ ଭ୍ୟାନରୁ ୧୧୨୦ ବୋତଲ ଏସ୍‌କପ୍ ବ୍ରାଣ୍ଡର କଫ୍ ସିରପ ଜବତ କରାଯଇଛି। ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଲୋଇସିଂହା ଥାନା ଫାସଡର କରୁଣା ନାଏକ, ପୁଇଁତଲା ଥାନା ବିଲେଇସର୍ଡାର ସତୀଶ କୁମାର ଶର୍ମା, ବରଗଡ ଜିଲା ବୁଡେନ୍ ଥାନା ବୁଦାମାଲର ଯୁବରାଜ ଭୁଏ, ବରଗଡ ଜିଲା ମେଲଛାମୁଣ୍ଡା ଥାନା ମେଲଛାମୁଣ୍ଡାର ନିରୋଜ ବନ୍‌ଛୋର, ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଚେରୁପାଲିର ଜିତୁ ସା। କରୁଣା ଏବଂ ସତୀଶ ବେଆଇନ କଫ୍ ସିରପ ଚୋରାଚାଲାଣ କରୁଥିଲେ। ସେମାନେ ଭୁବନେଶ୍ୱରରୁ କଫ୍ ସିରପ ଆଣିବା ପରେ ଅଭିଯୁକ୍ତ ଯୁବରାଜ, ନିରୋଜ ଏବଂ ଜିତୁଙ୍କ ଜରିଆରେ ବିଭିନ୍ନ ସ୍ଥାନକୁ ଯୋଗାଣ କରୁଥିଲେ। ବୁଧବାର ବଲାଙ୍ଗୀର ସଦର ଏସ୍‌ଡିପିଓ ତୋଫାନ ବାଗ ସଦର ଥାନାରେ ଜବତ କଫ୍ ସିରପ ଏବଂ ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି।



ଜବତ ଭ୍ୟାନ୍ ସହ ୧୧୨୦ ବୋତଲ କଫ୍ ସିରପ୍।

# ସୁଇସାଇଡ୍ ନୋଟର ପ୍ରଥମ ପୃଷ୍ଠା ଗାଏବ

**ହଷ୍ଟେଲରୁ ଇଞ୍ଜିନିୟରିଂ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା**

କୋରେଇ,୨୯।୩(ଡି.ଏନ.ଏ.)

ଯାଜପୁର ଜିଲା କୋରେଇ ଥାନା ଅଧୀନ ରଗଡ଼ି ସରକାରୀ ପଲିଟେକନିକ କଲେଜର ୩ୟ ବର୍ଷ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଛାତ୍ରୀ ରୋଜାଲିନ ପାତ୍ର(୧୮) କଲେଜ ମଧ୍ୟରେ ଥିବା ବିରଜା ହଷ୍ଟେଲର ନିଜ ରୁମରେ ଚୁନି ଲଗେଇ ଆତ୍ମହତ୍ୟା କରିବା ଘଟଣାରୁ ପରଦା ଉଠାଇ ପାରୁନି ପୋଲିସ। ତାଙ୍କ ବାପା ଅମୂଲ୍ୟ ପାତ୍ରଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ.୮୦/୨୩ରେ ମାମଲା ରୁଜୁ କରିଥିଲେ ମଧ୍ୟ କେଉଁ କାରଣରୁ ରୋଜାଲିନ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇପାରିନାହିଁ। ରୋଜାଲିନ ୨ ଫର୍ଦ୍ଦର ସୁଇସାଇଡ ନୋଟ ଲେଖିଥିବା ଆଲୋଚନା ହେଉଥିବା ବେଳେ ପୋଲିସ କିନ୍ତୁ ଗୋଟିଏ ଫର୍ଦ୍ଦ ଜବତ କରିଥିବା କହୁଛି। ଅନ୍ୟପକ୍ଷରେ ରୋଜାଲିନ ନିଜ ମୋବାଇଲରେ ବ୍ୟବହାର କରୁଥିବା ସିମ୍ ମିଳୁ ନ ଥିବାରୁ ପୁରାଘଟଣା ଉପରେ କଲେଜ କର୍ତ୍ତୃପକ୍ଷଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପ୍ରକୃତରେ ରୋଜାଲିନ ନିଜ ମୋବାଇଲରୁ ସିମ କାଢ଼ି ନଷ୍ଟ କରିଛନ୍ତି ନା କେହି ଦୁର୍ବୃତ୍ତ ପ୍ରମାଣ ନଷ୍ଟ ପାଇଁ ତାଙ୍କ ମୋବାଇଲରୁ ସିମ କାଢ଼ିନେଇଛି ତାହା ତଦନ୍ତ ସାପେକ୍ଷ। ରୋଜାଲିନ ସେହି ରୁମରେ ସେଦିନ କାହିଁକି ଏକା ଥିଲେ। ତାଙ୍କ ସାଥିରେ ଥିବା ସହପାଠୀଙ୍କ ସହ ଘଟଣାଦିନ ତାଙ୍କର କ'ଣ ଆଲୋଚନା ହୋଇଥିଲା। ହଷ୍ଟେଲ ୱାର୍ଡେନଙ୍କ ସହ ତାଙ୍କର ଶେଷ ବାର୍ତ୍ତାଳାପ କ'ଣ ହୋଇଥିଲା, ଏହିସବୁ ପ୍ରଶ୍ନ ଏବେ ସାଧାରଣରେ ଉଙ୍କି ମାରୁଛି। ପୁରା ଘଟଣାକୁ ଅନୁଧ୍ୟାନ କଲେ ପୋଲିସ ଓ କଲେଜ କର୍ତ୍ତୃପକ୍ଷ କେଉଁଠି ନା କେଉଁଠି କାହାକୁ ସୁରକ୍ଷା ଦେବାକୁ ଚେଷ୍ଟିତ ଥିବା ଚର୍ଚ୍ଚା ହେଉଛି। ୪ଥର କ୍ୟାମ୍ପସ ପାଇ କଲେଜରେ ଚର୍ଚ୍ଚାରେ ଥିବା ମେଧାବୀ ଛାତ୍ରୀ ରୋଜାଲିନଙ୍କୁ ପୂର୍ବରୁ କଲେଜର କିଛି ଛାତ୍ରୀଛାତ୍ର ମାନସିକ ନିର୍ଯ୍ୟାତନା ଦେଇଆସୁଥିବା ସେ ପରିବାର ଲୋକଙ୍କୁ ଜଣାଇଥିଲେ। ଘଟଣାର ପୂର୍ବଦିନ ମଧ୍ୟ ଜଣେ ଛାତ୍ର ତାଙ୍କୁ ମାଡ଼ ମାରିବାକୁ ପ୍ରୟାସ କରିଥିଲେ ବୋଲି ରୋଜାଲିନଙ୍କ କିଛି ସହପାଠୀ କହିଛନ୍ତି। ସେ ଘରକୁ ଯାଇଥିବା ସମୟରେ କେହିଜଣେ ଯୁବକ ତାଙ୍କୁ ହ୍ୱାଟ୍ସଆପ ଜରିଆରେ ଅଶ୍ଳୀଳ ମେସେଜ କରି ମାନସିକ ନିର୍ଯ୍ୟାତନା ଦେଉଥିବା ସେ ପରିବାର ଲୋକଙ୍କୁ ଜଣାଇଥିଲେ। କଲେଜରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏଭଳି କଳି ଲାଗି ରହୁଥିବା ବେଳେ କଲେଜ କର୍ତ୍ତୃପକ୍ଷ ଏବିଷୟରେ କିପରି ଅବଗତ ନ ଥିଲେ ନା ସବୁକିଛି ଜାଣିଶୁଣି ଚୁପ ରହୁଥିଲେ ତାହା ଆଲୋଚନାର ବିଷୟ ହୋଇଛି।

ଅନ୍ୟପକ୍ଷରେ ପୋଲିସ ୩ଜଣ ଛାତ୍ରୀଛାତ୍ରଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ କରୁଥିବା ସଫେଇ ଦେଇଛି। ହେଲେ ଯେଉଁ ଭଳି ଭାବେ ତଦନ୍ତ ହେବା କଥା ତାହା ହେଉନାହିଁ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଓ କଲେଜ କର୍ତ୍ତୃପକ୍ଷଙ୍କ ମିଳିତ ଉଦ୍ୟମରେ ମାମଲାକୁ ରଫାଦଫା କରିବାକୁ ଯୋଜନା ହେଉଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ଯାଜପୁର ରୋଡ୍ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଛାତ୍ରୀଙ୍କ ଅନ୍ୟ କୌଣସି ହାତଲେଖା ସୁଇସାଇଡ୍ ନୋଟ ମିଳିନାହିଁ। ଏବେ ତାଙ୍କ ସିମ୍ ନ ମିଳିବା ଉପରେ ଅଧିକ ତଦନ୍ତ କରାଯାଉଛି। ଏଥିସହିତ ପୋଷ୍ଟମର୍ଟମ ରିପୋର୍ଟ ଆସିନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ...

ଏହି ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ ରାଜ୍ୟ ସରକାର ପୂର୍ଣ୍ଣକାଳୀନ ପ୍ରଶାସକ ନିଯୁକ୍ତି ପାଇଁ ଅଧିକ ସମୟ ଦେବାକୁ ଅଦାଲତଙ୍କୁ ନିବେଦନ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଖଣ୍ଡପୀଠଙ୍କୁ ଜଣାଇଥିଲେ ଯେ, ବର୍ତ୍ତମାନ ପୂର୍ତ୍ତ ବିଭାଗ ସଚିବ ପରିଚାଳନା ବ୍ୟାପାର ବୁଝୁଛନ୍ତି। ଖଣ୍ଡପୀଠ କହିଥିଲେ, ସରକାର ପୂର୍ତ୍ତ ସଚିବଙ୍କୁ ଜଣେ ପରାମର୍ଶଦାତା ଭାବେ ରଖିପାରିବେ କିମ୍ବା ତାଙ୍କୁ ପୂର୍ଣ୍ଣକାଳୀନ ପ୍ରଶାସକ ଭାବେ ନିଯୁକ୍ତ କରିବେ। ଶ୍ରୀମନ୍ଦିର କମିଟି ଷ୍ଟାଫ୍ ଓ ସେବାୟତମାନଙ୍କ ପାଇଁ ଆଇ-କାର୍ଡ (ପରିଚୟପତ୍ର) ଜାରି କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଭକ୍ତଙ୍କ ପାଇଁ ଏକ ଆଶ୍ରୟ ଗୃହ ନିର୍ମାଣ କରିବାକୁ ମଧ୍ୟ ଦୁଇଜଣିଆ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ରହିଛି।

## ୫୦ଲକ୍ଷର ମୁଣ୍ଡଜାମିନ...

ଫୋନ୍ କଲ୍ ପାଇବା ପରେ ପରିବାର ସଦସ୍ୟ ତୁରନ୍ତ ଝାରସୁଗୁଡ଼ା ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ୩ ଗୋଟି ଟିମ୍ କରି ପ୍ରଥମେ ପଡ଼ୋଶୀ ଜିଲାରେ ତଦନ୍ତ କରିଥିଲା। ଅଭିଯୁକ୍ତମାନେ ପୋଲିସର ଗତିବିଧି ଉପରେ ନଜର ରଖି ସମର୍ଥଙ୍କୁ ହତ୍ୟାକରି ବରଗଡ଼ ଜିଲାର ଭେଡେନ ଥାନା ଅଞ୍ଚଳରେ ପୋଡ଼ିଦେଇଥିଲେ। ତେବେ ପୋଲିସ କୌଣସି ସୂତ୍ରରୁ ଜାଣିପାରି ଅଭିଯୁକ୍ତ ଦ୍ୱୟଙ୍କୁ ଧରିବାରେ ସଫଳ ହୋଇଥିଲା। ତେବେ ହତ୍ୟାର କାରଣ ଟଙ୍କା ନା ପାରିବାରିକ ଶତ୍ରୁତା ତାହା ପୋଲିସ ପକ୍ଷରୁ ସ୍ପଷ୍ଟ ହୋଇନାହିଁ। ଏମାନଙ୍କ ସହିତ ଆଉ କେହି ସମ୍ପୃକ୍ତ ଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ତେବେ ତଦନ୍ତ ପରେ ସବିଶେଷ ତଥ୍ୟ ଜଣାପଡ଼ିବ ବୋଲି ଏସ୍‌ପି ଦାସ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଦ୍ୱୟ ଦୋଷ ସ୍ୱୀକାର କରିବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ରମାଦେବୀ ଛାତ୍ରୀଙ୍କ ...

ଥାନା ପୋଲିସ ତାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ତେବେ ପ୍ରଜ୍ଞାଙ୍କ ମୃତଦେହ ପାଖରୁ ଏକ ସୁଇସାଇଡ୍ ନୋଟ୍ ଜବତ ହୋଇଛି। ଏ ସଂକ୍ରାନ୍ତରେ ଥାନାଧିକାରୀ ମନୋଜ ଶତପଥୀ କହିଛନ୍ତି, ପାଠପଢ଼ା ଚାପ ସହ ପାଠ ମନେ ରହୁ ନ ଥିବାରୁ ଛାତ୍ରୀ ଜଣକ ଆତ୍ମହତ୍ୟା କରିଥିବା ଉକ୍ତ ସୁଇସାଇଡ୍ ନୋଟରେ ଉଲ୍ଲେଖ ରହିଛି। ଛାତ୍ରୀଙ୍କ ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଥିବାବେଳେ ଗୁରୁବାର ବ୍ୟବଚ୍ଛେଦ କରାଯିବ। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୧୯/୨୦୨୩) ରୁଜୁ କରାଯାଇ ତଦନ୍ତ ଚାଲିଥିବା ସେ କହିଛନ୍ତି। ସୂଚନା ଅନୁଯାୟୀ, ପ୍ରଜ୍ଞା ୨ ନଂ. ହଷ୍ଟେଲରେ ରହୁଥିଲେ। ମାର୍ଚ୍ଚ ୧ରୁ ଯୁକ୍ତ-୨ ଶେଷ ବର୍ଷର ପରୀକ୍ଷା ଚାଲୁଥିବାରୁ ସେ ନିୟମିତ ପାଠ ପଢ଼ିବା ସହ ପରୀକ୍ଷା ଦେଉଥିଲେ। ବୁଧବାର ତାଙ୍କର କୌଣସି ବିଷୟରେ ପରୀକ୍ଷା ନ ଥିବାରୁ ସେ ହଷ୍ଟେଲରେ ଥିଲେ। ତେବେ ପ୍ରଜ୍ଞା ଆତ୍ମହତ୍ୟା କରିଥିବା ଅପରାହ୍ନ ପ୍ରାୟ ୨ଟା ୨୦ ମିନିଟ୍ ବେଳେ ସହପାଠିନୀମାନେ ଦେଖିବାକୁ ପାଇଥିଲେ। ଏନେଇ ସେମାନେ ହଷ୍ଟେଲ କର୍ତ୍ତୃପକ୍ଷ ଓ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ପୋଲିସକୁ ଖବର ଦିଆଯାଇଥିଲା। ଏଥିସହ ଭୁବନେଶ୍ୱରରେ ରହୁଥିବା ପ୍ରଜ୍ଞାଙ୍କ ଦାଦାଙ୍କୁ ଅବଗତ କରାଯାଇଥିଲା। ପୋଲିସ ଟିମ୍ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲା। ହେଲେ ସେଠାରେ ପ୍ରଜ୍ଞାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରଜ୍ଞା ବିଭିନ୍ନ ବିଷୟରେ ପୂର୍ବରୁ ପରୀକ୍ଷା ଦେଇଥିବାବେଳେ ୨ଟି ବିଷୟରେ ତାଙ୍କର ଖରାପ ହୋଇଥିଲା। ସେଥିପାଇଁ ସେ ଚିନ୍ତାରେ ରହୁଥିଲେ ବୋଲି ଶୁଣିବାକୁ ମିଳୁଛି।

## ଝାରସୁଗୁଡ଼ା ଉପନିର୍ବାଚନ...

ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବ। ଏପ୍ରିଲ ୨୦ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିପାରିବେ। ୨୧ରେ ପ୍ରାର୍ଥିପତ୍ର ଯାଞ୍ଚ ହେବ। ୨୪ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପ୍ରତ୍ୟାହାର କରିବାର ଶେଷ ସମୟ ବୋଲି ମୁଖ୍ୟ ନିର୍ବାଚନ କମିଶନର ସୂଚନା ଦେଇଛନ୍ତି। ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନ ପାଇଁ ନିର୍ବାଚନ ତାରିଖ ଘୋଷଣା ହେବା ସହ ସମଗ୍ର ଜିଲାରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି। ଗତ ଜାନୁୟାରୀ ୨୯ତାରିଖରେ ଝାରସୁଗୁଡ଼ା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କୁ ବ୍ରଜରାଜନଗର ଗାନ୍ଧୀଛକଠାରେ ଗୁଳିକରି ହତ୍ୟା କରିବା ପରେ ଉକ୍ତ ନିର୍ବାଚନମଣ୍ଡଳୀ ଆସନ ଖାଲି ରହିଛି। ଉପନିର୍ବାଚନ ତାରିଖ ଘୋଷଣା ପରେ ଝାରସୁଗୁଡ଼ାରେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ବେଶ୍ ତତ୍ପରତା ଦେଖିବାକୁ ମିଳିଲାଣି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଉପନିର୍ବାଚନ ପାଇଁ ତାରିଖ ଘୋଷଣା ସହ ସମଗ୍ର ଜିଲାରେ ଆଦର୍ଶ ଆଚରଣ ବିଧି ସମସ୍ତ ପ୍ରାର୍ଥୀ, ରାଜନୈତିକ ଦଳ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଂସ୍ଥା ଓ ଉଦ୍ୟୋଗ ପାଇଁ ବଳବତ୍ତର ରହିବ। ନିର୍ବାଚନମଣ୍ଡଳୀରେ ମୋଟ ୨୫୩ ମତଦାନ କେନ୍ଦ୍ର ଚିହ୍ନଟ ହୋଇଥିବାବେଳେ ୧,୧୦,୩୨୦ଜଣ ପୁରୁଷ ଓ ୧,୧୦, ୬୮୭ଜଣ ମହିଳା ଭୋଟର ଏବଂ ୬୩ ଜଣ ତୃତୀୟ ଲିଙ୍ଗ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ। ଏହି ଭୋଟରଙ୍କ ମଧ୍ୟରେ ୨,୫୨୬ ଜଣ ଭିନ୍ନକ୍ଷମ ଓ ୪,୦୭୪ ଜଣଙ୍କ ବୟସ ୮୦ରୁ ଅଧିକ। ଉପନିର୍ବାଚନ ପାଇଁ ଆବଶ୍ୟକ ପରିମାଣର ଇଭିଏମ୍ ମେସିନ ଓ ଭିଭିପାଟ୍ ଅଣାଯାଇଛି। ପ୍ରଥମ ପର୍ଯ୍ୟାୟ ଇଭିଏମ୍ ଚେକିଂ କାର୍ଯ୍ୟ ଶେଷ ହୋଇସାରିଛି। ସମସ୍ତ ମତଦାନ କେନ୍ଦ୍ରରେ ପାନୀୟ ଜଳ, ଶୌଚାଳୟ, ବିଦ୍ୟୁତ୍ ସଂଯୋଗ, ଭିନ୍ନକ୍ଷମଙ୍କ ଯିବା ପାଇଁ ର୍ୟାମ୍ପ ଆଦିର ବ୍ୟବସ୍ଥା ହେବ। ଉପନିର୍ବାଚନ ପ୍ରକ୍ରିୟାରେ କୋଭିଡ୍ କଟକଣା ରହିବ ନାହିଁ କିନ୍ତୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପରାମର୍ଶକୁ ପାଳନ କରାଯିବ। କୋଭିଡ୍ ସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବାକୁ ଜିଲା ପ୍ରଶାସନକୁ କୁହାଯାଇଥିବା ନିକୁଞ୍ଜ କହିଛନ୍ତି।

## ୨ ଟଙ୍କା ବଢ଼ିଲା...

୨୬ ଟଙ୍କା ଏବଂ ଚାଏ ସ୍ପେଶାଲ ୫୦୦ ଏମ୍‌ଏଲ ୨୩ରୁ ୨୫ ଟଙ୍କାକୁ ବୃଦ୍ଧି କରାଯାଇଛି। ଗୋଖାଦ୍ୟ, ଔଷଧ, ଜାଳେଣି ଇତ୍ୟାଦି ଦର ବୃଦ୍ଧି ହୋଇଥିବାରୁ ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କ୍ଷୀର ଦର ବୃଦ୍ଧି କରାଯାଇଥିବା ଓମ୍‌ଫେଡ ପକ୍ଷରୁ କୁହାଯାଇଛି। ଓମ୍‌ଫେଡ କ୍ଷୀର ବିକ୍ରିରୁ ୯୦ ପ୍ରତିଶତ କ୍ଷୀର ସଂଗ୍ରହରେ ବ୍ୟୟ କରାଯାଉଛି। ଚାଷୀଙ୍କୁ ସର୍ବାଧିକ ମୂଲ୍ୟ ଦେବାକୁ ଓମ୍‌ଫେଡ ସର୍ବଦା ଚେଷ୍ଟା କରି ଆସିଥିବା ବିଜ୍ଞପ୍ତିରେ କୁହାଯାଇଛି।

## କର୍ନାଟକ ବିଧାନସଭା...

ରାଜ୍ୟରେ ଶାସକ ଭାଜପା ଏବଂ ବିରୋଧୀ କଂଗ୍ରେସ ଓ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ମଧ୍ୟରେ କଡ଼ା ମୁକାବିଲା ଚାଲିଥିବାବେଳେ ସିଇସିଙ୍କ ଘୋଷଣା ପରେ ରାଜନୈତିକ ତତ୍ପରତା ବୃଦ୍ଧି ପାଇଛି। କାରଣ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହାର ପରିଣାମ ବିଶେଷ ଗୁରୁତ୍ୱ ବହନ କରିବ ବୋଲି ମନେକରାଯାଉଛି। ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ନେତୃତ୍ୱାଧୀନ ଭାଜପା କ୍ଷମତା ବଜାୟ ରଖିବା ନେଇ ଆଶାବାଦୀ ଥିବାବେଳେ ବିରୋଧୀ ତାଙ୍କ ବିରୋଧରେ ଦୁର୍ନୀତି ଓ ସାମ୍ପ୍ରଦାୟିକ ଧ୍ରୁବୀକରଣ ଅଭିଯୋଗ ଆଣି ଶାସନଗାଦିରୁ ହଟାଇବାକୁ ଅଣ୍ଟା ଭିଡ଼ିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଜ୍ୟ ତଥା ଜାତୀୟ ସ୍ତରରେ ତାଙ୍କ ଦଳର ନୀତିଗୁଡ଼ିକ ପାଇଁ ମଧ୍ୟ ଏହି ନିର୍ବାଚନ ଅଗ୍ନିପରୀକ୍ଷା ସଦୃଶ ହେବ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି। ତେବେ ୫.୨୪ କୋଟି ଭୋଟର କେଉଁ ଦଳ ମୁଣ୍ଡରେ ସୁନାକଳସ ଢାଳୁଛନ୍ତି ତାହା ମେ' ୧୩ରେ ସ୍ପଷ୍ଟ ହେବ।

## ବଣିକ୍ କୋଚିଂ ସେଣ୍ଟରରେ ...

ଏନେଇ ଭୁବନେଶ୍ୱର ଜୋନାଲ୍ ୟୁନିଟ୍ ଅତିରିକ୍ତ ଡାଇରେକ୍ଟର ଜେନେରାଲ୍ (ଏଡିଜି) ଦେବାଶିଷ ସାହୁ ଗଣମାଧ୍ୟମକୁ କହିଛନ୍ତି, ପ୍ରାରମ୍ଭିକ ଅନୁସନ୍ଧାନରୁ ଟିକସ ହେରଫେର ହୋଇଥିବା ପ୍ରମାଣ ମିଳିବା ପରେ ଏନେଇ ମାମଲା ହୋଇଛି। ସଂସ୍ଥାରୁ ଜବତ ହୋଇଥିବା ୫ବର୍ଷର କାଗଜପତ୍ରକୁ ଯାଞ୍ଚ କରାଯିବା ପରେ ଜିଏସ୍‌ଟି ଫାଙ୍କି ଘଟଣାରେ ପ୍ରକୃତ ହିସାବ ଜଣାପଡ଼ିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ବଣିକ୍ ପକ୍ଷରୁ ବ୍ୟାଙ୍କିଙ୍ଗ୍, ରେଲ୍‌ୱେ, ବିଇଡି ଓ ଏସ୍‌ଏସ୍‌ସି ଆଦି କୋଚିଂ ଦିଆଯାଇଥାଏ। ରାଜ୍ୟର ଭୁବନେଶ୍ୱର ସମେତ କଟକ, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର, ରାଉରକେଲା ଓ ପଶ୍ଚିମବଙ୍ଗର କୋଲ୍‌କାତାରେ ଏହି କୋଚିଂ ସେଣ୍ଟରର ଶାଖା ରହିଛି। ଜିଏସ୍‌ଟି ଫାଙ୍କିବା ଅଭିଯୋଗରେ ମଙ୍ଗଳବାର ଏଜେନ୍ସି ପକ୍ଷରୁ ସଂସ୍ଥାର ୨ଟି ଶାଖାରେ ଚଢ଼ାଉ ହୋଇଥିଲା।

## ବଣିକ୍ କୋଚିଂର ମାଲିକ ବିଜେଡି...

ରାଜ୍ୟରେ ସମସ୍ତ ନିଯୁକ୍ତି ଜାଲିଆତିରେ ବିଜେଡି ନେତାମାନଙ୍କ ସମ୍ପୃକ୍ତି ରହିଛି। ଛାଟୋଇ ହେଉଛନ୍ତି ବିଜେଡି ଆଇଟି ସେଲ୍ ସଦସ୍ୟ। ତାଙ୍କ ପଛରେ ବିଜେଡିର ବଡ଼ ବଡ଼ ଲୋକ ରହିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ନିଯୁକ୍ତି ଯାହା ଓପିଏସ୍‌ସି ଏବଂ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ ଦ୍ୱାରା ହେଉଛି ଅବା ଅନ୍ୟାନ୍ୟ ସରକାରୀ ଚାକିରି ଯାହା ବାହାରୁଛି ସେଥିରେ ଶତପ୍ରତିଶତ ନିଯୁକ୍ତି ମିଳିବ ବୋଲି ପିଲାମାନଙ୍କୁ ପ୍ରତିଶ୍ରୁତି ଦିଆଯାଇ ବଣିକ୍ କୋଚିଂ ସେଣ୍ଟରରେ ଆଡ୍‌ମିଶନ କରାଯାଉଛି। ଏସବୁ ପ୍ରସଙ୍ଗକୁ ତାଙ୍କ ଦଳ ପକ୍ଷରୁ ବିଧାନସଭାରେ ଉତ୍ଥାପନ କରାଯିବ ବୋଲି ସାଲୁଜା କହିଛନ୍ତି।

କଂଗ୍ରେସନେତା ସୌମ୍ୟକାନ୍ତ ଖୁଣ୍ଟିଆ କହିଛନ୍ତି, ସୁବ୍ରତ ଛାଟୋଇ ବହୁକୋଟିର କଳା ଟଙ୍କା ଉପାର୍ଜନ କରୁଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ କାକଟପୁର ବ୍ଲକରେ ନିଜ ଭାଉଜଙ୍କୁ ପ୍ରାର୍ଥୀ କରିବାବେଳେ ସେ ଯେଉଁ ହାରରେ ଟଙ୍କା ଖର୍ଚ୍ଚ କରିଥିଲେ ସେଥିରୁ ଏସବୁ ଜଳଜଳ ହୋଇ ଜଣାପଡୁଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ଆଡ଼େ ଯାଉଛନ୍ତି, ସେ ତାଙ୍କ ପଛେ ପଛେ ଯାଉଛନ୍ତି। ଯେଉଁମାନେ ସରକାର ଚଳାଉଛନ୍ତି, ସେମାନଙ୍କ ସହ ସମ୍ପର୍କ ରଖି ସେ ଏଭଳି ବିପୁଳ କଳାଟଙ୍କା ଉପାର୍ଜନ କରିଛନ୍ତି। ଠୋସ୍ ପ୍ରମାଣ ଅଛି ବୋଲି ସୌମ୍ୟକାନ୍ତ କହିଛନ୍ତି।

ଭାଜପା ନେତା ତଥା ବିଧାୟକ ନାଉରି ନାଏକ କହିଛନ୍ତି, ଏହି ସଂସ୍ଥାର ଯିଏ ମାଲିକ, ସିଏ ମଧ୍ୟ ବିଜେଡି ଲିଙ୍କ୍‌ରେ ରହିଛନ୍ତି। ଯଦି ସରକାରୀ ଶକ୍ତି ତାଙ୍କ ସହ ନ ରହିବ ସେମାନେ ଏଭଳି କାମ କରିପାରିବେ ନାହିଁ। ସେମାନେ ଏଭଳି ଠକାମି କରିବା ପାଇଁ ସାହସ କେଉଁଠାରୁ ଜୁଟାଉଛନ୍ତି ତାହା ମଧ୍ୟ ଦେଖିବା ଦରକାର। ତେବେ ବିଜେଡି ବିଧାୟକ ଭାଗୀରଥି ସେଠୀ କହିଛନ୍ତି, ନିର୍ବାଚନ ପାଖେଇଲେ ଏଭଳି ତଦନ୍ତ ଚାଲିଥାଏ। ଏହି ଘଟଣା ସମ୍ପର୍କରେ ଜାଣି ନାହିଁ, ଯିଏ ଦୋଷ କରିବ ସିଏ ଦଣ୍ଡ ପାଇବ ବୋଲି ସେ କହିଛନ୍ତି। ସୂଚନାଥାଉ କି, ବିଜେଡି ନେତାମାନଙ୍କ ସହ ସୁବ୍ରତ ଛାଟୋଇଙ୍କ ଫଟୋ ଏବେ ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ:** ଆଜି ସାଧାରଣ କଥାରେ ମତାନ୍ତରଜନିତ ପାରିବାରିକ କ୍ଷେତ୍ରରେ ଟେନ୍ସନ ସୃଷ୍ଟି ହୋଇପାରେ। ଜମିଜମା କାରବାର କିମ୍ବା ବ୍ୟବସାୟ କ୍ଷେତ୍ରରେ କେତେକ ସୁବିଧା ସୁଯୋଗ ପାଇବେ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ନିର୍ମାଣ କାମ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ।

**ବୃଷ:** ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ କମି କମି ଆସିବାରୁ ଆଶ୍ୱସ୍ତିଲାଭ କରିବେ। ଆନୁଷ୍ଠାନିକ, ସଂଗଠନ, ରାଜନୀତି କ୍ଷେତ୍ରରେ ଫଳପ୍ରଦ ଆଲୋଚନା କରିପାରନ୍ତି। ଶିକ୍ଷା, ସନ୍ତାନ, ପରୀକ୍ଷା, ସଭାସମିତି ପାଇଁ ମଧ୍ୟ ଦିନଟି ମନ୍ଦ ହେବନି। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ:** ଅନୁକୂଳ ଗ୍ରହସ୍ଥିତିରୁ ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି, କଦାପି ନିଷ୍ଫଳ ହେବନାହିଁ। ଭାଇ, ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ ଘରୋଇ ଆଲୋଚନା ଫଳପ୍ରଦ ହେବ। କଳା,ସାହିତ୍ୟ ଓ କ୍ରୀଡ଼ା ମନୋରଞ୍ଜନ ପ୍ରୀତିପ୍ରଦ ହେବାର ଆଶା କରାଯାଇପାରେ। ନିର୍ମାଣାଧୀନ କାମ ଓ ଆନୁଷ୍ଠାନିକ କ୍ଷେତ୍ରରେ ଅଗ୍ରଗତି ଘଟିବ।

**କର୍କଟ:** ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ କାର୍ଯ୍ୟସିଦ୍ଧି କାରଣରୁ ମନ ଖୁସି ରହିବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସନ୍ତାନଙ୍କ ବୈବାହିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଯୋଗାଯୋଗ, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ:** ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ କୌଣସି ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତଭେଦର ସମ୍ଭାବନା ରହିଛି। ସହକର୍ମୀଙ୍କ ସୌଜନ୍ୟତାରୁ କର୍ମକ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ ହୋଇଯିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାର ସୂଚନା ରହିଛି।

**କନ୍ୟା:** ସ୍ଥଗିତ ରହିଥିବା କାମଟିକୁ ପୁନଃ ଆରମ୍ଭ କଲେ ସଫଳତା ପାଇବେ। ପାରିବାରିକ ସ୍ଥିତି ଗମ୍ଭୀର ରହିବ ଏଣୁ ଭାବିଚିନ୍ତି କାମ କରିବା ଭଲ ହେବ। ଅଫିସରେ ଆଲୋଚନା କାଳରେ ଭାବପ୍ରବଣବଶତଃ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ। ବନ୍ଧୁଙ୍କୁ ପ୍ରିୟକଥା କହି ଘରୋଇ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟିତ ହେବେ।

**ତୁଳା:** ଆଜି ଯେକୌଣସି ପ୍ରତିଦ୍ୱନ୍ଦ୍ୱିତାରେ ସଫଳ ହେବେ ଓ ପ୍ରଶଂସାଲାଭ କରିବେ। ବୁଦ୍ଧିବଳ ଖଟାଇ କାମ ହାସଲ କରିବା ଦିଗରେ ଚେଷ୍ଟିତ ହୋଇପାରନ୍ତି। ବନ୍ଧୁମାନଙ୍କ ଜରିଆରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବାର ସୂଚନା ରହିଛି।

**ବିଛା:** ବନ୍ଧୁଙ୍କ ଉପରେ ଅଯଥା ରାଗ କିମ୍ବା ଅଭିମାନ କରି ଚୁପ୍ ରହିଲେ ଲାଭ ବଦଳରେ କ୍ଷତିରେ ପଡିବେ। ସବୁ ସମୟରେ ଅଯଥା ଗୁଡିଏ କଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ବନ୍ଧୁମାନଙ୍କ ନିମନ୍ତ୍ରଣ ରକ୍ଷାକରି ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇପାରନ୍ତି। କର୍ମକ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତାକୁ ନେଇ ବ୍ୟସ୍ତତା ପ୍ରକାଶ କରିପାରନ୍ତି।

**ଧନୁ:** ବନ୍ଧୁଙ୍କ ସହାୟତାରେ ପାରିବାରିକ ଅସ୍ଥିରତା ଦୂର ହେବା ସାଙ୍ଗକୁ ମନର ବଳ ଖୁବ୍ ଟାଣ ରହିବ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଭ୍ରାତୃ ସମ୍ପର୍କରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହେବ। ଆର୍ଥିକ ସମସ୍ୟା ପ୍ରଗତିର ପଥରୋଧ କରିବ।

**ମକର:** ବୁଝାମଣାର ଅଭାବ କାରଣରୁ ପାରିବାରିକ କ୍ଷେତ୍ରରେ କଳହର ସୂଚନା ରହିଛି। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ଅଦଳବଦଳ ହୋଇଯାଇପାରେ। ଆନୁଷ୍ଠାନିକ କାମରୁ ଖୁସି ରହିବେ ଏବଂ ପ୍ରଶଂସିତ ମଧ୍ୟ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**କୁମ୍ଭ:** ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ ଓ ଯେଉଁ କାମରେ ବାହାରିଛନ୍ତି ସେଥିରେ ଅସୁବିଧା ହେବ ନାହିଁ। ପାରିବାରିକ ଭାବପ୍ରବଣତା ଆପଣଙ୍କୁ କେତେମାତ୍ରାରେ ବିବ୍ରତ କରିବ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଅତି ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ପେଟ ଗୋଳମାଳଜନିତ ପୀଡ଼ାରେ କଷ୍ଟ ଅନୁଭବ କରିବେ।

**ମୀନ:** ଅର୍ଥ ଓ ସମ୍ମାନ ପାଇବାରେ ନିଜ ଲୋକମାନଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ଆକସ୍ମିକ ଭାବରେ ପରିଜନମାନଙ୍କ ସହ ଦୂରଯାତ୍ରାର ସୁଯୋଗ ପାଇବେ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ସାହିତ୍ୟ ତଥା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

ଆଜି ଶ୍ରୀରାମନବମୀ, ମାର୍ଚ୍ଚ ୩୦ ତାରିଖ, ଗୁରୁବାର, ରାଶି ନକ୍ଷତ୍ର- ପୁନର୍ବସୁ/ମିଥୁନ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୪୬ ଗତେ ଘ.୦୭।୨୩ ମଧ୍ୟେ, ଘ.୧୦।୩୮ ଗତେ ଘ.୦୧।୦୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧।୨୨ ଗତେ ଘ୦୨।୫୪ ମଧ୍ୟେ ରାହୁକାଳ ।

## ସ୍କୁଲରେ ମହୁମାଛି ଆକ୍ରମଣ, ୬ ଆହତ

ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ମହୁମାଛି ଆକ୍ରମଣରେ ୬ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୪ ଜଣ ଛାତ୍ରୀଛାତ୍ର, ଜଣେ ଶିକ୍ଷୟିତ୍ରୀ ଓ ଚତୁର୍ଥଶ୍ରେଣୀ କର୍ମଚାରୀ ଅଛନ୍ତି। ଶିକ୍ଷୟିତ୍ରୀ ଏବଂ ଜଣେ ଛାତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ବିଦ୍ୟାଳୟ ନିକଟରେ ଏକ ସିମିଳି ଗଛରେ ବହୁ ସଂଖ୍ୟାରେ ମହୁମାଛି ବସା ରହିଛି। ପୂର୍ବାହ୍ନରେ ସ୍କୁଲ ଖୋଲିବା ସମୟରେ ହଠାତ୍ ମହୁମାଛି ବସାରୁ ବାହାରି ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ୪ ଜଣ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ନନ୍ଦିନୀ ପ୍ରଭା ମହାପାତ୍ର ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ରାମସିଂ ପାତ୍ର ଆହତ ହୋଇଥିବା ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ପୂର୍ଣ୍ଣିମା ସୂଚନା ଦେଇଛନ୍ତି।

# ବାଲିମେଦରେ ସନ୍ଦିଗ୍ଧ ପାରା



## ■ ଗୋଡ଼ରେ ଲାଗିଥିବା ପିତ୍ତଳ ରିଙ୍ଗ୍‌ରେ ଫୋନ୍ ନମ୍ବର

ପଦ୍ମପୁର,୨୯।୩ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ଗ୍ରାମରୁ ଏକ ସନ୍ଦିଗ୍ଧ ପାରା ଉଦ୍ଧାର ହୋଇଛି। ପାରା ଗୋଡ଼ରେ ଦୁଇଟି ପିତ୍ତଳ ରିଙ୍ଗ୍ ଲାଗିଥିବା ବେଳେ ସେଥିରେ ଏକ ଫୋନ୍ ନମ୍ବର ଲେଖାଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଝଡ଼ବର୍ଷା ବେଳେ ବାଲିମେଦ ଗ୍ରାମର ସୁଶୀଲ ମହାନ୍ତି ଘର ପାଖରେ ଉକ୍ତ ପାରାଟିକୁ ଦେଖିଥିଲେ। ପାରା ଗୋଡ଼ରେ ୨ଟି ପିତ୍ତଳ ରିଙ୍ଗ୍ ସଦୃଶ ବନ୍ଧାଯାଇଥିବାବେଳେ ସେଥିରେ 'ୱାଇ ଯାଦବ' ନାମ ସହ ମୋବାଇଲ ନମ୍ବର ଲେଖା ରହିଛି। ସନ୍ଦିଗ୍ଧ ପାରାକୁ ଦେଖିବା ପାଇଁ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ସୁଶୀଲ ପାରାକୁ ଉଦ୍ଧାର କରି ବାସୁଦେବପୁର ବନ ବିଭାଗକୁ ଖବର ଦେଇଥିଲେ। ରାତି ପ୍ରାୟ ୧୧ଟା ବେଳେ ଫରେଷ୍ଟର ପ୍ରଶାନ୍ତ କୁମାର ଦାସ କର୍ମଚାରୀଙ୍କ ସହ ଉକ୍ତ ଗ୍ରାମରେ ପହଞ୍ଚି ସୁଶୀଲଙ୍କଠାରୁ ପାରାକୁ ନେଇ ବାସୁଦେବପୁର ବନ ବିଭାଗ କାର୍ଯ୍ୟାଳୟରେ ରଖିଥିଲେ। ବୁଧବାର ପୂର୍ବାହ୍ନରେ ବନ ବିଭାଗ କର୍ମଚାରୀମାନେ ପାରାକୁ ନାୟକାଣିଡିହୀ ଥାନା ପୋଲିସକୁ ହସ୍ତାନ୍ତର କରିଥିଲେ। ପାରା ଗୋଡ଼ରେ ଲାଗିଥିବା ରିଙ୍ଗ୍‌ରେ ଲେଖାଥିବା ନମ୍ବରରୁ ତା'ର ଠିକଣା ସମ୍ପର୍କରେ ଜଣାପଡ଼ିଛି। ଏନେଇ ନାୟକାଣିଡିହୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ପତି କହିଛନ୍ତି, ଉଦ୍ଧାର ହୋଇଥିବା ପାରା ବିଜୟୱାଡା ଅଞ୍ଚଳର ଜଣେ ବ୍ୟକ୍ତିଙ୍କର। ସେ ପାରାଗୁଡ଼ିକୁ ରଖି ଟ୍ରେନିଂ ଦେଉଥିବା ବେଳେ ଏହି ପାରା ପଶ୍ଚିମବଙ୍ଗରୁ ଝଡ଼ ସମୟରେ ବାଟ ଭୁଲି ଓଡ଼ିଶା ଭିତରକୁ ପଶିଆସିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ଅଧିକ ତଦନ୍ତ ଜାରି ରହିଛି।

# ୧୨୦୫ ମେଡିକାଲ ଅଫିସର ନିଯୁକ୍ତି ସୁପାରିସ

କଟକ ଅଫିସ/ଭୁବନେଶ୍ୱର,୨୯।୩(ବ୍ୟୁରୋ)

ଓଡ଼ିଶା ଲୋକସେବା ଆୟୋଗ ୧୨୦୫ଜଣ ମେଡିକାଲ ଅଫିସର (ଆସିଷ୍ଟାଣ୍ଟ ସର୍ଜନ)ଙ୍କୁ ନିଯୁକ୍ତି ଦେବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ସୁପାରିସ କରିଛନ୍ତି। ଏଥିରେ ୪୨୯ଜଣ ମହିଳା ସାମିଲ ଅଛନ୍ତି। ଲୋକସେବା ଆୟୋଗଙ୍କ ଦ୍ୱାରା ମୋଟ ୩୪୮୧ଟି ମେଡିକାଲ ଅଫିସର (ଆସିଷ୍ଟାଣ୍ଟ ସର୍ଜନ)ପଦବୀ ଗ୍ରୁପ-ଏ ଜୁନିୟର ବର୍ଗରେ ପୂରଣ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ସେଥିମଧ୍ୟରୁ ୧୧୬୦ଟି ପଦବୀ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିଥିଲା। ଆୟୋଗଙ୍କ ଦ୍ୱାରା ଏହି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା ଓ ୨୫୮୨ଜଣ ପ୍ରାର୍ଥୀ ଏହି ପଦବୀ ନିମନ୍ତେ ଅନ୍‌ଲାଇନରେ ଆବେଦନ କରିଥିଲେ। ଆବେଦନକାରୀଙ୍କ ମଧ୍ୟରେ ୯୪୫ ମହିଳା ଥିଲେ। ଗତ ଫେବୃୟାରୀ ୨୦ରେ ଏନେଇ ଲିଖିତ ପରୀକ୍ଷା ଆୟୋଗଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଏଥିରେ ୮୪୩ ମହିଳାଙ୍କ ସମେତ ମୋଟ ୨୨୮୧ ପ୍ରାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ କୃତକାର୍ଯ୍ୟ ହୋଇଥିବା ୧୪୮୯ ଜଣଙ୍କୁ ଡକ୍ୟୁମେଣ୍ଟ ଯାଞ୍ଚ ପାଇଁ ମାର୍ଚ୍ଚ ୧୬ରୁ ୨୩ତାରିଖ ମଧ୍ୟରେ ଉପସ୍ଥିତ ହେବାକୁ ପରାମର୍ଶ ଦିଆଯାଇଥିଲା। ୫୩୨ ମହିଳାଙ୍କ ସମେତ ଡକ୍ୟୁମେଣ୍ଟ ଯାଞ୍ଚରେ ମୋଟ ୧୪୩୬ ଜଣ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୪୨୯ ମହିଳାଙ୍କ ସମେତ ୧୨୦୫ ଜଣଙ୍କୁ ଏହି ମେଡିକାଲ ଅଫିସର ପଦବୀ ନିମନ୍ତେ ଯୋଗ୍ୟ ବିବେଚିତ କରି ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାରଙ୍କୁ ସୁପାରିସ କରାଯାଇଛି। ଏହି ୧୨୦୫ ଜଣଙ୍କ ମଧ୍ୟରେ ୪୨୯ ମହିଳା, ୩ ଦିବ୍ୟାଙ୍ଗ, ୭୪ ସାମାଜିକ ଓ ଅର୍ଥନୈତିକ ଶ୍ରେଣୀର ପଛୁଆ ବର୍ଗ, ୬୭ ଅନୁସୂଚିତ ଜାତି ଏବଂ ୬୪ ଜଣ ଅନୁସୂଚିତ ଜନଜାତି ବର୍ଗର ପ୍ରାର୍ଥୀ ରହିଛନ୍ତି।

# ୭୦ ସଙ୍ଗଠନ ସହ ଆଲୋଚନା କଲେ ୫-ଟି ସଚିବ

## ଦୁଇଦିନିଆ ମାଲକାନଗିରି ଜିଲା ଗସ୍ତ କାର୍ଯ୍ୟକ୍ରମ ସରିଲା

ମାଲକାନଗିରି/ଚିତ୍ରକୋଣ୍ଡା/କାଲିମେଳା/ଏମ୍.ଭି.୭୯ (ଡି.ଏନ୍.ଏ.)୨୯।୩



୫-ଟି ସଚିବ ଭି.କେ. ପାଣ୍ଡିଆନ ମଙ୍ଗଳବାର ଚିତ୍ରକୋଣ୍ଡା ବ୍ଲକ ବଡ଼ପଡା ଛାତ୍ରୀ ନିବାସରେ ଛାତ୍ରୀମାନଙ୍କ ସହ ରାତ୍ରଭୋଜନ କରୁଛନ୍ତି।

୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଦୁଇଦିନିଆ ମାଲକାନଗିରି ଗସ୍ତ କାର୍ଯ୍ୟକ୍ରମ ବୁଧବାର ସରିଛି। ଦୁଇ ଦିନରେ ୫ଟି ବ୍ଲକ ଯଥା ମାଥିଲି, ଖଇରପୁଟ ଓ ଚିତ୍ରକୋଣ୍ଡା, ମାଲକାନଗିରି, କାଲିମେଳାକୁ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଲୋକଙ୍କ ସମସ୍ୟା ପଚାରି ବୁଝିଛନ୍ତି। ସେହିପରି ୫-ଟି ସଚିବ ଜିଲା ପାଠାଗାରରେ ୭୦ଟି ବିଭିନ୍ନ ସଙ୍ଗଠନ ସହ ଆଲୋଚନା କରି ସେମାନଙ୍କ ଦାବିପତ୍ର ଗ୍ରହଣ କରିଛନ୍ତି।

ମଙ୍ଗଳବାର ୫-ଟି ସଚିବ ମାଥିଲି, ଖଇରପୁଟ ଓ ଚିତ୍ରକୋଣ୍ଡା ବ୍ଲକରେ ସମୀକ୍ଷା ସାରିବା ପରେ ଗୁରୁପ୍ରିୟା ସେତୁ ପରିଦର୍ଶନରେ ଯାଇଥିଲେ। ସେଠାରୁ ଆସି ଚିତ୍ରକୋଣ୍ଡା ବ୍ଲକ ବଡ଼ପଡା ଛାତ୍ରୀ ନିବାସରେ ଛାତ୍ରୀମାନଙ୍କ ସହ ରାତ୍ରଭୋଜନ କରିଥିଲେ। ତାଙ୍କ ସମେତ କ୍ରୀଡ଼ା ଓ ଯୁବ ବ୍ୟାପାର ସଚିବ ଆର୍. ଭିନିଲ କ୍ରିଷ୍ଣା, ଉନ୍ନୟନ କମିଶନର ଅନୁ ଗର୍ଗ ରାତିରେ ଚିତ୍ରକୋଣ୍ଡା ବଡପଡା ବିଏସ୍‌ଏଫ୍ କ୍ୟାମ୍ପରେ ରହିଥିଲେ। ବୁଧବାର ପୂର୍ବାହ୍ନରେ ଚିତ୍ରକୋଣ୍ଡା ମିଶନ ଶକ୍ତି କାଫେଠାରେ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ଖାଇ ଖୁସିବ୍ୟକ୍ତ କରିଥିଲେ। ପରେ ନିର୍ମାଣାଧୀନ ମାଲକାନଗିରି ଏୟାରଷ୍ଟ୍ରିପ ପରିଦର୍ଶନ କରି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାର୍ଯ୍ୟ ସାରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ପାହାଡ଼ ଉପରେ ଥିବା ମଲ୍ଲିକେଶ୍ୱର ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହ ଏହାକୁ ପ୍ରାକୃତିକ ପର୍ଯ୍ୟଟନସ୍ଥଳରେ ପରିଣତ କରାଯିବ ବୋଲି ପରିଚାଳନା କମିଟିକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ସତୀଗୁଡା ଜଳଭଣ୍ଡାର ନିକଟ ପ୍ରାକୃତିକ ପର୍ଯ୍ୟଟନସ୍ଥଳ ବୁଲିବା ସହ ଏହାର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ତୁରନ୍ତ ଅର୍ଥ ଯୋଗାଇ ଦେବେ ବୋଲି କହିଥିଲେ। ପରେ ମାନ୍ୟମକୋଣ୍ଡାକୁ ଯାଇ ଏକ କି.ମି. ପାହାଡ଼ ଚଢ଼ି ଗୁମ୍ଫାରେ ଥିବା ଠାକୁରମାନଙ୍କୁ ଦର୍ଶନ କରିଥିଲେ। ଏଠାରେ ୩ ଠାକୁରଙ୍କ ମନ୍ଦିର ନିର୍ମାଣ ସହ ଅଞ୍ଚଳର ଉନ୍ନତୀ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଜିଲା ସୀମାନ୍ତରେ ଥିବା ମୋଟୁ ମୁର୍ଗୀ ପଏଣ୍ଟଠାରେ ସ୍ଥାପିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ୫-ଟି ସଚିବ ମାଲ୍ୟାର୍ପଣ କରିଥିଲେ। ମୁର୍ଗି ପଏଣ୍ଟର ଉନ୍ନତି ଲାଗି ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି ମଧ୍ୟ କହିଥିଲେ।

ମଧ୍ୟାହ୍ନରେ କାଲିମେଳା ତହସିଲ ନିକଟ ସାଥୀ କାର୍ଯ୍ୟାଳୟଠାରେ ଲୋକଙ୍କ ଅଭିଯୋଗ ଶୁଣିବା ସହ ତୁରନ୍ତ ସମସ୍ୟା ସମାଧାନ କରାଯିବ ବୋଲି କହିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। କାଲିମେଳାରେ ବୃହତ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେବା ସହ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଏବଂ ଅନ୍ୟାନ୍ୟ ସମସ୍ୟାଗୁଡ଼ିକର ସମାଧାନ ନିଶ୍ଚିତ କରାଯିବ ବୋଲି କହିଥିଲେ। ପରେ ହାଟପଦା ନିକଟ ତମାଦୋରା ଉଦ୍ୟାନ ବୁଲି ପେଟେରୁସ୍ଥିତ ହରି ନାରାୟଣ ମନ୍ଦିରକୁ ଯାଇ ଭିତ୍ତିଭୂମି ସମ୍ପର୍କରେ ସମୀକ୍ଷା କରିଥିଲେ। ସେଠାରୁ ସଡକ ପଥରେ ମାଲକାନଗିରି ଯାଇ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ବିଭିନ୍ନ ୱାର୍ଡ ବୁଲି ରୋଗୀମାନଙ୍କ ସହ ଆଲୋଚନା କରିଥିଲେ। ସେଠାରେ ଥିବା ସମସ୍ୟାଗୁଡ଼ିକ ସମ୍ବନ୍ଧରେ ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ ଓ ଡାକ୍ତରମାନଙ୍କୁ ପଚାରିବା ସହ ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅପରାହ୍ନରେ ସଚିବମାନେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ସଚିବଙ୍କ ଗସ୍ତ କାର୍ଯ୍ୟକ୍ରମରେ ଜିଲାପାଳ ବିଶାଳ ସିଂ, ଆରକ୍ଷୀ ଅଧୀକ୍ଷକ ନିତେଶ ବାଧ୍ୱାନୀ ଏବଂ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ।

# ପିକଅପ୍ ଭ୍ୟାନ ଧକ୍କାରେ ୨ ଯୁବକ ମୃତ

## ଦୁର୍ଘଟଣା ପରେ ଜଳିଗଲା ବାଇକ୍

ବାଲେଶ୍ୱର ଅଫିସ, ୨୯।୩



ଦୁର୍ଘଟଣାଗ୍ରସ୍ତ ପିକଅପ୍ ଭ୍ୟାନ୍ ଓ ଜଳୁଥିବା ବାଇକ୍

ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ ଫୁଲାଡ଼ି ରାସ୍ତାର କଣ୍ଟାବଣିଆ ଛକରେ ବୁଧବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ପିକଅପ୍ ଭ୍ୟାନ୍ ଧକ୍କାରେ ବାଇକ୍‌ରେ ଥିବା ୨ ଯୁବକଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ବାଇକ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ପିକଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ନୟନଯୋରିକୁ ଓଲଟି ପଡ଼ିଥିଲା। ଏନେଇ ସହଦେବଖୁଣ୍ଟା ଥାନାରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରାଯାଇ ପିକଅପ୍ ଭ୍ୟାନକୁ ଥାନାରେ ଅଟକ ରଖାଯାଇଛି। ମୃତ ଦୁଇ ଯୁବକ ହେଲେ ସିଂଲା ଥାନା ସିତାଡ଼ିହା ଗ୍ରାମର ଉମାକାନ୍ତ ଜେନା (୩୦) ଓ ମିଥୁନ ପ୍ରଧାନ (୨୫)।

ଉଭୟେ ଏକ ବାଇକ୍‌ରେ ବାଲେଶ୍ୱର ସହରରୁ କାମ ସାରି ଘରକୁ ଫେରୁଥିଲେ। କଣ୍ଟାବଣିଆ ଛକ ନିକଟରେ ଫୁଲାଡ଼ିରୁ ବାଲେଶ୍ୱର ଆସୁଥିବା ଏକ ପିକଅପ୍ ଭ୍ୟାନ୍ (ନଂ. ଓଡ଼ି୦୧ୱାଇ-୨୨୪୨) ସେମାନଙ୍କୁ ସାମ୍ନାପଟୁ ଧକ୍କା ଦେଇଥିଲା। ବାଇକ୍‌ରେ ଥିବା ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ସହଦେବଖୁଣ୍ଟା ପୋଲିସ ପହଞ୍ଚି ଦୁଇଜଣଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ନାବରା ସରପଞ୍ଚ ରୁନୁ ସିଂ ଏବଂ କେତେଜଣ ସ୍ୱେଚ୍ଛାସେବୀ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ଖବର ଦେବା ସହ ଶବ ବ୍ୟବଚ୍ଛେଦ କିପରି ହେବ ଏବଂ ଦୁର୍ଘଟଣାଜନିତ କ୍ଷତିପୂରଣ କିପରି ପାଇବେ ସେନେଇ ଉଦ୍ୟମ କରିଛନ୍ତି।

# ଦାନଗଦି ଅପପୁଷ୍ଟି ଘଟଣାର ତଦନ୍ତ ଆରମ୍ଭ

## ଅପପୁଷ୍ଟିର ଶିକାର ପରିବାରକୁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବାକୁ ପ୍ରତିଶ୍ରୁତି

କଳିଙ୍ଗନଗର,୨୯।୩(ଡି.ଏନ୍.ଏ.)

ଯାଜପୁର ଜିଲା ଦାନଗଦି ବ୍ଲକ ଅଧୀନ ରାଣାଗୁଣ୍ଡି ପଞ୍ଚାୟତ ରଗଡ଼ା ଘାଟିସାହିର ବାବୁ ହେମ୍ବ୍ରମ୍‌ଙ୍କ ପରିବାର ଅପପୁଷ୍ଟିର ଶିକାର ଘଟଣାକୁ ନେଇ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଟିମ୍ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଗୁରୁବାର ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗର ମେମ୍ବର ସେକ୍ରେଟାରି ଶିବାନୀ ମହାନ୍ତି ଓ ଦାନଗଦି ସିଡିପିଓ ଦେବକୀ ପାତ୍ରଙ୍କ ସହ ଏକ ଅନୁସନ୍ଧାନକାରୀ ଦଳ ଘାଟିସାହିରେ ପହଞ୍ଚି ଘଟଣା ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରିଥିଲେ। ବାବୁଙ୍କୁ ତୁରନ୍ତ ୧୦ ଜଣିଆ ସଦସ୍ୟବିଶିଷ୍ଟ ଏକ ରାଶନ କାର୍ଡ ପ୍ରଦାନ କରିବା ସହ ୫୦ କିଗ୍ରା ଚାଉଳ ଦେଇଥିଲେ। ମେମ୍ବର ସେକ୍ରେଟାରି ଓ ତାଙ୍କ ଟିମ୍ ତଦନ୍ତ କରି ଉକ୍ତ ପରିବାରକୁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇ ଫେରିଯାଇଥିଲେ। ଏହି ତଦନ୍ତକାରୀ ଟିମ୍ ସହ ଜିଲା ସମାଜ ମଙ୍ଗଳ ଅଧିକାରୀ ମଞ୍ଜୁଲତା ନାୟକ, ଦାନଗଦି ବିଡିଓ ପ୍ରସନ୍ନ ପଣ୍ଡା ଓ ସ୍ଥାନୀୟ ସରପଞ୍ଚ ତୁଷାର ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଅପପୁଷ୍ଟିର ଶିକାର ହୋଇ ବାବୁଙ୍କର ଏକ ସନ୍ତାନର ପ୍ରାୟ ୨ ସପ୍ତାହ ତଳେ ମୃତ୍ୟୁ ହୋଇଥିଲା। ଏହାପରେ ତାଙ୍କ ୩ ଝିଅ ଅପପୁଷ୍ଟିରେ ଶିକାର ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଉଦ୍ଧାର କରି କଟକ ଶିଶୁ ଭବନରେ ଭର୍ତ୍ତି କରିଥିଲା। ଏହି ଘଟଣାକୁ ନେଇ ଜାତୀୟସ୍ତରରେ ଚର୍ଚ୍ଚା ଜୋର୍ ଧରିଥିଲା। ପରେ ସାମାଜିକ କର୍ମୀ ମଣ୍ଟୁ ଦାସ ଏନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ।

# ଭଦ୍ରକ-ନୟାଗଡ଼ ମେମୁ ଟ୍ରେନ୍ ଆଜି ଗଡ଼ିବ

ଭଦ୍ରକ ଅଫିସ,୨୯।୩

ଭଦ୍ରକ-ନୟାଗଡ଼ ସ୍ୱତନ୍ତ୍ର ମେମୁ ଟ୍ରେନ୍ ଗୁରୁବାର ଗଡ଼ିବ। ଅପରାହ୍ନରେ କଟକ ରେଳ ଷ୍ଟେଶନରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ ବୋଲି ସୂଚନା ମିଳିଛି।







# ହାଇକୋର୍ଟଙ୍କ ରାୟ ଉପରେ ନିର୍ଭର କରିବ ନିଯୁକ୍ତି

## କନଷ୍ଟେବଲ୍ ନିଯୁକ୍ତି ମାମଲା

କଟକ ଅଫିସ,୨୯।୩

ରାଜ୍ୟରେ କନ୍‌ଷ୍ଟେବଲ୍ ନିଯୁକ୍ତି ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଦାଏର ୫ଟି ମାମଲାର ଏକତ୍ର ଶୁଣାଣି ବୁଧବାର ହୋଇଛି। ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠ ମାମଲାଗୁଡ଼ିକର ଶୁଣାଣି କରି ହାଇକୋର୍ଟଙ୍କ ରାୟ ଉପରେ କନ୍‌ଷ୍ଟେବଲ୍ ନିଯୁକ୍ତି ପ୍ରକ୍ରିୟା ଚୂଡ଼ାନ୍ତ ହେବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ରାଜ୍ୟରେ ୪୭୯୦ କନ୍‌ଷ୍ଟେବଲ୍ ପଦବୀରେ ନିଯୁକ୍ତି ପାଇଁ ଗୃହ ବିଭାଗ ପକ୍ଷରୁ ୨୦୨୨ ଡିସେମ୍ବର ୩୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବେଦନକାରୀଙ୍କ ମଧ୍ୟରେ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପୁରୀ ସମେତ ୪ଟି ଜିଲାରେ ହୋମଗାର୍ଡ ଭାବେ କାର୍ଯ୍ୟରତ କେତେଜଣ ଆବେଦନକାରୀ ଏହି ଲିଖିତ ପରୀକ୍ଷା ଦେଇଥିଲେ। ସେମାନେ ୩ରୁ ୬ ବର୍ଷ ପର୍ଯ୍ୟନ୍ତ ହୋମଗାର୍ଡ ଭାବେ ଚାକିରି କରିଥିଲେ ବି ତାଙ୍କୁ କନ୍‌ଷ୍ଟେବଲ୍ ପଦବୀରେ ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ଦିଆଯାଇଥିଲା। କନ୍‌ଷ୍ଟେବଲ୍ ନିଯୁକ୍ତିରେ ହୋମଗାର୍ଡ ଓ ଗ୍ରୁପ୍-ଡି କର୍ମଚାରୀଙ୍କ ନିମନ୍ତେ ୧୦% ଲେଖାଏ ସଂରକ୍ଷଣ ରହିବା କଥା, ଯାହା ଏଠାରେ ହୋଇନାହିଁ। ୨୦୨୨ ଜାନୁୟାରୀ ୧ ତାରିଖ ସୁଦ୍ଧା ହୋମଗାର୍ଡମାନଙ୍କ ବୟସ ୨୮ ବର୍ଷରୁ ଅଧିକ ହୋଇ ନ ଥିବା ଏବଂ ଗ୍ରୁପ୍-ଡି କର୍ମଚାରୀଙ୍କ ବୟସ ୪୩ରୁ ଅଧିକ ହୋଇ ନ ଥିବା ନିୟମ ରହିଛି। ତେବେ ସାରା ରାଜ୍ୟରୁ ପୋଲିସ ବିଭାଗରେ କାର୍ଯ୍ୟରତ ଗ୍ରୁପ୍-ଡି କର୍ମଚାରୀମାନେ ଏଥି ନିମନ୍ତେ ଆବେଦନ କରିଥିଲେ। ହେଲେ ଲିଖିତ ପରୀକ୍ଷା ପରେ କଟ୍ ଅଫ୍ ମାର୍କ ରହିବା କଥା, ମାତ୍ର ଏଠାରେ କଟ୍ ଅଫ୍ ମାର୍କ ପରୀକ୍ଷା ପୂର୍ବରୁ ରଖାଯାଇଛି। ତେଣୁ ଏହି ନିଯୁକ୍ତି ପ୍ରକ୍ରିୟା ନିମନ୍ତେ ହୋଇଥିବା ଗାଇଡ୍ ଲାଇନ୍ ଓ ପଦ୍ଧତି ତ୍ରୁଟିପୂର୍ଣ୍ଣ ଥିବା ଦର୍ଶାଇ ସେମାନଙ୍କୁ କନ୍‌ଷ୍ଟେବଲ୍ ନିଯୁକ୍ତି ପ୍ରକ୍ରିୟାରେ ସାମିଲ କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ନିବେଦନ କରି ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ, ଡିଜିପି, ଆଇଜି ପୋଲିସ ଏବଂ ଓଡ଼ିଶା ଷ୍ଟେଟ୍ ସିଲେକସନ୍ ବୋର୍ଡର ଚେୟାରମ୍ୟାନ୍‌ଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି।

# ବିଦାହେଲେ ଅଭିଯୁକ୍ତ ଡାକ୍ତର

## ଶବ ବ୍ୟବଚ୍ଛେଦ ରିପୋର୍ଟ ପାଇଁ ଲାଞ୍ଚ ଘଟଣା

କେନ୍ଦୁଝର,୨୯।୩ (ସ୍ୱ.ପ୍ର.)

ଶବ ବ୍ୟବଚ୍ଛେଦ ରିପୋର୍ଟ ଦେବା ପାଇଁ ତେଲକୋଇ ହସ୍ପିଟାଲର ସର୍ଜରି ବିଶେଷଜ୍ଞ ଡା. ଗଣପତି ପ୍ରଧାନ ଲାଞ୍ଚ ନେଉଥିବାର ଭିଡିଓ ଭାଇରାଲ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) ଡା.କିଶୋର ଚନ୍ଦ୍ର ପୃଷ୍ଟି ମଙ୍ଗଳବାର ଡାକ୍ତର ପ୍ରଧାନଙ୍କୁ କାର୍ଯ୍ୟରୁ ବହିଷ୍କୃତ କରିଛନ୍ତି। ଡାକ୍ତର ପ୍ରଧାନ କେନ୍ଦୁଝର ଜିଲା ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡିଏମ୍‌ଏଫ୍ ଅର୍ଥରେ ନିଯୁକ୍ତି ପାଇଥିଲେ।






ଅମରତ୍ୱ ପ୍ରମାଣିତ କରୁଛି ଆପଣାକୁ ମୃତ୍ୟୁର ସହାୟତାରେ । କାଳର ପ୍ରବାହ ଭିତରେ ଦେଖାଯାଏ ଶାଶ୍ୱତର ମୁଖମଣ୍ଡଳ । ଜ୍ଞାନକୁ ପିନ୍ଧାଇଛନ୍ତି ସେ ଅଜ୍ଞାନର ଛଦ୍ମବେଶ । ଅସତ୍‌ର ବିକୃତ କ୍ଳେଦ ଭିତରେ ବପନ କରିଛନ୍ତି ସେ ସତ୍‌କୁ । ଭ୍ରାନ୍ତିକୁ କରିଛନ୍ତି ସେ ସତ୍ୟର ପ୍ରବେଶଦ୍ୱାର । –ଶ୍ରୀଅରବିନ୍ଦ



# ଶ୍ରୀରାମଙ୍କ ଅପେକ୍ଷାରେ



ଦେବଦତ୍ତ ପଟ୍ଟନାୟକ

ଜମ୍ମୁରେ ଅଛି ମା' ବୈଷ୍ଣୋଦେବୀଙ୍କ ପୀଠ । ମା'ଙ୍କ ନିକଟରେ ଥିବା ତିନୋଟି ଶିଳା ମହାଲକ୍ଷ୍ମୀ, ମହାସରସ୍ୱତୀ ଓ ମହାକାଳୀ ଭାବେ ଦେବୀଙ୍କ ତିନି ସ୍ୱରୂପକୁ ପ୍ରତିପାଦିତ କରେ । ପୀଠରେ ଭକ୍ତମାନଙ୍କ 'ଜୟ ମାତା ଦି' ଧ୍ୱନିରେ ଗଗନ ପବନ ମୁଖରିତ ହୋଇପଡେ । ପଞ୍ଜାବୀମାନେ 'ଜୟ ମାତା କି' ବୋଲି କହିଥାନ୍ତି । ବୈଷ୍ଣୋଦେବୀ ଏବେ ଏକ ଜଣାଶୁଣା ତୀର୍ଥସ୍ଥଳ । ମା' ବାସ୍ତବରେ ପଞ୍ଜାବ ଓ ଜମ୍ମୁ ଅଞ୍ଚଳର ଅନେକ ପର୍ବତ ଦେବୀଙ୍କ ମଧ୍ୟରୁ ଜଣେ । କେତେକେ ତାଙ୍କୁ ଭାରତୀୟ ଲୋକକଥାରେ ଥିବା ସାତଭଉଣୀ କିମ୍ବା ସାତ କୁମାରୀଙ୍କର ଏକ ଅଂଶ ଭାବେ ସୂଚିତ କରିଥାନ୍ତି । କୁହାଯାଏ, ଏହି ରହସ୍ୟମୟ ମହିଳାମାନେ ପୁରୁଷଙ୍କଠାରୁ ଦୂରେଇ ରହି ଜଙ୍ଗଲରେ ବିଚରଣ କରିଥାନ୍ତି । ସେମାନଙ୍କୁ ଭୟ ଦେଖାଇଲେ ବିପଜ୍ଜନକ ହୋଇଥାନ୍ତି ଏବଂ ସନ୍ତୁଷ୍ଟ କଲେ କୃପାବୃଷ୍ଟି କରନ୍ତି । ଏହି ୭ କୁମାରୀଙ୍କ ଛବି ସିନ୍ଧୁ ସଭ୍ୟତାର ସହରଗୁଡ଼ିକରେ ବି ଦେଖିବାକୁ ମିଳିଛି । ତେବେ ଉକ୍ତ ୭ ଭଉଣୀ କିଏ ? ଏମାନେ କ'ଣ ଦେବତାଙ୍କ ନାରୀ ସ୍ୱରୂପ ବହନ କରୁଥିବା ମତୃକାଗଣ, ଯଥା ଶିବରୁ ଶିବାନୀ, ବିଷ୍ଣୁରୁ ବୈଷ୍ଣବୀ, ବିନାୟକରୁ ବିନାୟକୀ, କୁମାରରୁ କୁମାରୀ, ଇନ୍ଦ୍ରରୁ ଇନ୍ଦ୍ରାଣୀ, ବରାହରୁ ବରାହୀ ଏବଂ ନରସୀମାରୁ ନରସୀମୀ । ଏମାନେ କ'ଣ ସାତ ଭଉଣୀ କୃତ୍ତିକାଙ୍କ ନକ୍ଷତ୍ରମଣ୍ଡଳୀ ଯାହାଙ୍କୁ ଶିବଙ୍କ ଯୋଦ୍ଧାପୁତ୍ର କାର୍ତ୍ତିକେୟଙ୍କ ମା'ଭାବେ ବିବେଚନା କରାଯାଏ ? ସେମାନେ କ'ଣ ସପ୍ତର୍ଷିଙ୍କ ସ୍ତ୍ରୀ ? ସେମାନେ କ'ଣ ଜଙ୍ଗଲ ଓ ନଦୀଗୁଡ଼ିକର ପୁରାତନ ଦେବୀ ଥିଲେ କି ? ସେମାନେ କ'ଣ ମହାରାଷ୍ଟ୍ରରେ ସେହି 'ସତୀ ଅସାର' ବା ଶପ୍ତ ଶିଳା, ଯାହାଙ୍କୁ ଗର୍ଭଧାରଣରେ ସମସ୍ୟା ଥିବା, ଗର୍ଭପାତ ଭୟ ଥିବା ମହିଳାମାନେ ଓ ଭୂତାଣୁ ଜ୍ୱର ସହ ଚର୍ମ ସମସ୍ୟା ଭୋଗୁଥିବା ପିଲାଙ୍କ ମା'ମାନେ ପୂଜା କରିଥାନ୍ତି ? ବାସ୍ତବରେ ଏହା ଉପରେ ଆମେ ନିଶ୍ଚିତ ହୋଇପାରିବା ନାହିଁ । କାରଣ ଏ ସମ୍ପର୍କିତ ଲୋକକଥା ରୂଢ଼ୀବାଦୀ ପରମ୍ପରାରୁ ଦୂରେଇଯିବାକୁ ଚାହିଁଛି କିମ୍ବା ତାହାକୁ ଦୂରେଇ ଦିଆଯାଇଛି ।

ବୈଷ୍ଣୋଦେବୀଙ୍କର ଏକ ନିଆର ବିଶେଷତ୍ୱ ରହିଛି । ପଞ୍ଜାବ ଓ ଜମ୍ମୁ ଅଞ୍ଚଳର ବହୁ ଦେବୀଙ୍କ ଭଳି ସେ ଜଣେ ଶାକାହାରୀ ଦେବୀ । ବିଶେଷକରି ପୁରାଣ ଓ ତାନ୍ତ୍ରିକ ପରମ୍ପରାରେ ଦେବୀଙ୍କୁ ରକ୍ତ ଅର୍ପଣ କରି ଆରାଧନା କରାଯାଇଥାଏ । କିନ୍ତୁ ବୈଷ୍ଣୋଦେବୀଙ୍କ ନିକଟରେ ତାହା କରାଯାଇ ନ ଥାଏ । ଯେତେବେଳେ ବୈଦିକ ପରମ୍ପରା ପୌରାଣିକ ପରମ୍ପରାଗୁଡ଼ିକୁ ବାଟ ଛାଡ଼ିଦେଇଥିଲା ସେତେବେଳେ ଦୁଇ ଦେବତା ଶିବ ଓ ବିଷ୍ଣୁ ସେମାନଙ୍କ ପ୍ରଭୁତ୍ୱ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବାହାରି ପଡ଼ିଥିଲେ । ଶିବ ହିନ୍ଦୁଧର୍ମର ସନ୍ନ୍ୟାସ ପକ୍ଷର ପ୍ରତିନିଧିତ୍ୱ କରୁଥିବାବେଳେ ବିଷ୍ଣୁ ଗୃହସ୍ଥଙ୍କ ପ୍ରତିନିଧିତ୍ୱ କରୁଥିଲେ । ଶିବ ବୈଦିକ ରୂଢ଼ୀବାଦକୁ ପ୍ରତ୍ୟକ୍ଷରେ ଚ୍ୟାଲେଞ୍ଜ କରିଥିଲେ ଓ ସେ ବ୍ରହ୍ମାଙ୍କ ଶିର ଛେଦନ କରିଥିବା ଉଲ୍ଲେଖ ଅଛି । ବିଷ୍ଣୁ ରାଜା ରାମ ଓ ଗୋପାଳକ କୃଷ୍ଣଙ୍କ ଭଳି ମଧ୍ୟ ବୈଦିକ ରୁଢିବାଦକୁ ପରୋକ୍ଷରେ ଚ୍ୟାଲେଞ୍ଜ କରିଥିଲେ । ଶିବ ତାନ୍ତ୍ରିକ ପରମ୍ପରା ସହ ଅତ୍ୟଧିକ ଜଡ଼ିତ । ଏଥିରେ ମଦ, ମାଂସ ଓ ସମ୍ଭୋଗର ସମ୍ପର୍କ ଅଛି । କିନ୍ତୁ ବିଷ୍ଣୁ ଏଭଳି ପରମ୍ପରା ବା ପୂଜା ସହ ଜଡ଼ିତ ଯେଉଁଥିରେ କ୍ଷୀର, ଗାଈ, ଶାକାହାର ଓ ସଂଯମତା ଦେଖବାକୁ ମିଳେ । ହେଲେ ବୈଷ୍ଣୋଦେବୀଙ୍କର ଏହି ଦୁଇ ଦେବତାଙ୍କ ସହ ସମ୍ପର୍କ ଅଛି । ଶକ୍ତି ରୂପରେ ଶିବଙ୍କ ସ୍ତ୍ରୀ ଭାବେ ସେ ଉଗ୍ର ସନ୍ନ୍ୟାସୀଙ୍କୁ ଉଦାରବାଦୀ ଗୃହସ୍ଥ କରନ୍ତି । ଲକ୍ଷ୍ମୀ ରୂପରେ ସେ ବିଷ୍ଣୁଙ୍କ ସ୍ତ୍ରୀ ଭାବେ ତାଙ୍କୁ ବୈକୁଣ୍ଠରୁ ମର୍ତ୍ତ୍ୟକୁ ଓହ୍ଲାଇ ରାମ ଓ କୃଷ୍ଣଙ୍କ ଅବତାର ଭାବେ ମାନବୀୟ ବ୍ୟାପାରରେ ଭାଗୀଦାରି ହେବାକୁ ବାଧ କରିଥାନ୍ତି । ଏହିସବୁ କାହାଣୀ ପ୍ରାୟ ଅନେକ ହଜାର ବର୍ଷ ପୂର୍ବେ ପ୍ରକାଶ ପାଇଥିଲା ଓ ଏହି ସାଂସ୍କୃତିକ ପରିବର୍ତ୍ତନଗୁଡ଼ିକ ବୈଷ୍ଣୋଦେବୀଙ୍କ ତୀର୍ଥସ୍ଥଳ ସମ୍ପର୍କରେ ଜାଣିବାକୁ ଆମକୁ ସାହାଯ୍ୟ କରେ ।



ବୈଷ୍ଣୋଦେବୀଙ୍କୁ ଦକ୍ଷିଣ ଭାରତର ଜଣେ ରାଜକୁମାରୀ ଭାବେ ଗ୍ରହଣ କରାଯାଏ । ସେ ରାମଙ୍କ ସାମ୍ନାସାମ୍ନି ହୋଇ ତାଙ୍କୁ ବିବାହ କରିବାକୁ ଚାହିଁଥିଲେ ବୋଲି କୁହାଯାଏ । କିନ୍ତୁ ରାମ ଏକ ପତ୍ନୀବ୍ରତ ଧାରଣ କରିଥିବାରୁ ତାଙ୍କର ଏକମାତ୍ର ସ୍ତ୍ରୀ ସୀତାଙ୍କ ନିକଟରେ ସେ ବିଶ୍ୱସ୍ତ । ଏଣୁ ରାମ ରୂପରେ ସେ ତାଙ୍କୁ ବିବାହ ନ କରି ପରଜନ୍ମରେ ତାଙ୍କର ସ୍ୱାମୀ ହେବେ ବୋଲି କହିଥିଲେ । ସେଥିପାଇଁ ସେହି ରାଜକୁମାରୀ ପର୍ବତକୁ ଯାଇ ଜଣେ ସନ୍ନ୍ୟାସୀ ହୋଇଛନ୍ତି । ଅନେକ ସମୟରେ ତାଙ୍କୁ ତ୍ରିକୂଟ କୁହାଯାଇଥିବାବେଳେ ଅନେକ ସମୟରେ ବେଦବତି ବି କୁହାଯାଏ । ଶିବଙ୍କ ଭକ୍ତ ରାବଣ ସେହି ରାଜକୁମାରୀଙ୍କୁ ସ୍ତ୍ରୀ ଭାବେ ପାଇବାକୁ ଚେଷ୍ଟା କରିଛନ୍ତି । ହେଲେ ସେ ଅଗ୍ନିରେ ପ୍ରବେଶ କରି ବୈଷ୍ଣୋ ଦେବୀ ରୂପରେ ପୁନର୍ଜନ୍ମ ଲାଭ କରିଛନ୍ତି ଏବଂ ଭବିଷ୍ୟତରେ ବିଷ୍ଣୁଙ୍କ ଅବତାର ଭାବେ ରାମଙ୍କ ଫେରିବା ବାଟକୁ ଚାହିଁ ରହିଛନ୍ତି । କିନ୍ତୁ ପର୍ବତରେ ସେ ଧ୍ୟାନସ୍ଥ ଥିବା ସମୟରେ ଭୈରବଙ୍କ ଦୃଷ୍ଟି ତାଙ୍କ ଉପରେ ପଡ଼ିଲା । ଭୈରବ ଥିଲେ ତାନ୍ତ୍ରିକ ଉପାସକ ଓ ତାଙ୍କୁ ଖାଦ୍ୟ ଦେବା ଲାଗି କହିଲେ । ସେ ମଧ୍ୟ ଭୈରବକୁ ଖାଇବାକୁ ଦେଲେ । କିନ୍ତୁ ଭୈରବ ଯେଉଁ ଖାଦ୍ୟ ଚାହୁଁଥିଲେ ତାହା ତାଙ୍କ ମତରେ ଥିଲା ସମ୍ଭୋଗ । ଏଣୁ ଦେବୀ ଏହାକୁ ମନା କରିଦେବା ସହ ରାମଙ୍କୁ ଅପେକ୍ଷା କରିଥିବା କଥା ଭୈରବଙ୍କୁ ଜଣାଇଲେ ଓ ଏଭଳି ଇଚ୍ଛାକୁ ସମ୍ମାନ ଦେବା ଲାଗି କହିଥିଲେ । କିନ୍ତୁ ଭୈରବ ଏହାକୁ ଗ୍ରହଣ କଲା ନାହିଁ । ତା'ଇଚ୍ଛା ପୂରଣ କରିବାକୁ ବଳ ପ୍ରୟୋଗ କଲା । ଦେବୀ ଦୌଡ଼ିବାକୁ ଲାଗିଲେ । ଦେବୀଙ୍କ ପଛରେ ଭୈରବ ଦୌଡ଼ିଲା ଓ ଏହି ସମୟରେ ତାଙ୍କୁ ରୋକିବାକୁ ଚେଷ୍ଟା କରିଥିବା ବାନର ବୀରଙ୍କ ସହ ସେ ଯୁଦ୍ଧ କରିଥିଲା । ଅନେକେ ଏହି ବାନର ବୀରଙ୍କୁ ହନୁମାନ ଭାବେ ଗ୍ରହଣ କରିଥାନ୍ତି । ଭୈରବ ପିଛା କରି ହତାଶ ହେଲା । ଦେବୀ ବୁଲିପଡ଼ି ଉଗ୍ର ଚଣ୍ଡୀ ରୂପ ଧାରଣ କରି ଭୈରବର ଶିର ଛେଦନ କଲେ । ପର୍ବତରେ ତା'ଶରୀର ଏବେ ମଧ୍ୟ ଶିଳା ରୂପରେ ପଡ଼ି ଥିବା ଦେଖିବାକୁ ମିଳେ ଓ ମୁଣ୍ଡ ପର୍ବତର ପାଦଦେଶରେ ପଡ଼ିରହିଛି । ଭୈରବ ତା' ପାପ ପାଇଁ ପଶ୍ଚାତ୍ତାପ କରି କ୍ଷମା ମାଗିବା ସହ କହିଥିଲା– ଜଣେ ପୁତ୍ର ଖରାପ ପୁତ୍ର ହୋଇପାରେ, କିନ୍ତୁ ଜଣେ ମା' କେବେ ବି ଖରାପ ମା' ହୋଇପାରେ ନାହିଁ । ଏହାଶୁଣି ବୈଷ୍ଣୋଦେବୀ ଶାନ୍ତ ହୋଇଥିଲେ ତାଙ୍କୁ କ୍ଷମା କରିଦେଇଥିଲେ । ଏହାସହ ଦେବୀ କହିଥିଲେ ଯେ, ତାଙ୍କୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁମାନେ ପାହାଡ଼ ପାଦଦେଶରେ ପଡ଼ିଥିବା ଭୈରବର ମୁଣ୍ଡକୁ ପୂଜା କରିବେ । ଦେବୀଙ୍କ କଥା ଅନୁଯାୟୀ ଭକ୍ତମାନେ ଏହି ପରମ୍ପରା ପାଳନ କରିଆସୁଛନ୍ତି ।

ଏହିଭଳି ଭାବେ ଶାକ୍ତ, ଶୈବ ଓ ବୈଷ୍ଣବ ପୌରାଣିକ ବିଚାରର ତିନୋଟି ଧାରା ଜଡ଼ିତ ଥିବା ଏକ କାହାଣୀ ଆମେ ଦେଖିବାକୁ ପାଉ । ଏଠାରେ ଶାକ୍ତ ପରମ୍ପରାର ରାମଙ୍କ ବୈଷ୍ଣବ ପରମ୍ପରା ସହ ସମ୍ବନ୍ଧ ଥିବାବେଳେ ଭୈରବଙ୍କ ଶିବ ପରମ୍ପରାଠାରୁ ଦୂରେଇ ରହିଛି । କିନ୍ତୁ ଶେଷରେ ସବୁଗୁଡ଼ିକ ଏକାଠି ହୋଇଛନ୍ତି । ଭୈରବ ଦଣ୍ଡ ପାଇଛନ୍ତି , କିନ୍ତୁ ପରେ କ୍ଷମା ପାଇବା ସହ ଆଦରଣୀୟ ହୋଇଛନ୍ତି । ଭୈରବଙ୍କ ଏଭଳି ପରିବର୍ତ୍ତନ ହିନ୍ଦୁ ସଂସ୍କୃତିରେ ଏକ ନିଆରା ଘଟଣା , ଯେଉଁଠି ଦେବତାଙ୍କ ଦୃଷ୍ଟିରେ କେହି ଜେଣ ବି ଭିଲିଆନ ବା ଖଳ ବ୍ୟକ୍ତି ହୋଇ ନ ଥାନ୍ତି । ପ୍ରତ୍ୟେକଟିରେ ପରିବର୍ତ୍ତନ ଘଟିଥାଏ । ଏପରିକି ଯେଉଁମାନେ ଦେବୀଙ୍କୁ ଅସ୍ୱୀକାର କରନ୍ତି ସେମାନେ ପଶ୍ଚାତ୍ତାପ କରିବା ପରେ ସେମାନଙ୍କୁ ଦେବୀ କ୍ଷମା କରିବା ସହ ଚେତାବନୀ ବି ଦେଇଥାନ୍ତି ।

–devduttofficial@gmail.com

# କିଏ କାହାଠାରୁ ବଡ଼



ଆଦିତ୍ୟ ନାରାୟଣ ପତି

ମଣିଷ ଏକ ସାମାଜିକ ପ୍ରାଣୀ । ସମାଜରେ ବଞ୍ଚିବା ପାଇଁ ହେଲେ ମଣିଷକୁ ସମସ୍ତଙ୍କ ସହ ମିଳିମିଶି ଚଳିବାକୁ ପଡ଼ିବ । କିନ୍ତୁ ମନୁଷ୍ୟ ସବୁବେଳେ ନିଜ ଭିତରେ ଥିବା ଅହଂ ଭାବକୁ ଜାହିର କରିବା ପାଇଁ ପଛାଏ ନାହିଁ । କିଛିଦିନ ତଳେ ଓଡ଼ିଶାର ଡ୍ରାଇଭରମାନେ ଆନ୍ଦୋଳନ ଡାକରା ଦେଇ ଯେମିତି ରାଜରାସ୍ତାକୁ ଅଚଳ କଲେ ତାହା ଦ୍ୱାରା ରାଜ୍ୟର ଗାଁରୁ ସହର ଯାଏ ଲୋକେ ଅସୁବିଧାରେ ପଡ଼ିଲେ । ଅବଶ୍ୟ ସମସ୍ତ ଡ୍ରାଇଭର ସେଥିରେ ସାମିଲ ହୋଇ ନ ଥିଲେ । କିନ୍ତୁ ଡ୍ରାଇଭରମାନଙ୍କର ଏକତା ରହିବା ନିହାତି ଜରୁରୀ । ଏକତା ରହିଲେ ସମସ୍ତଙ୍କ ଭିତରେ ବୁଝାମଣା ଠିକ୍ ରହିଲେ କାମଟି ସୁରୁଖୁରୁରେ ହୋଇପାରିବ । କିନ୍ତୁ ଯେଉଁ ଡ୍ରାଇଭରମାନେ ତାଙ୍କ ସହ ଆନ୍ଦୋଳନରେ ସାମିଲ ହେଲେ ନାହିଁ ସେମାନଙ୍କ ପ୍ରତି ଅଭଦ୍ରୋଚିତ ବ୍ୟବହାର କରାଗଲା । ଯାହା ସେମାନଙ୍କର ବ୍ୟକ୍ତିଗତ ମାନହାନି ହେଲାବୋଲି କେତେକ ସ୍ଥାନରେ କୁହାଗଲା ।

ପାଖାପାଖି ୬୦ ଘଣ୍ଟାର ଆନ୍ଦୋଳନ ଓ ସରକାରଙ୍କ ସହ ଆଲୋଚନା ପରେ ମହାସଂଘ ଆନ୍ଦୋଳନକୁ ତିନି ମାସ ସ୍ଥଗିତ ରଖିଲା । କିନ୍ତୁ ଚେତାବନୀ ଦେଲା ଯେ ଯଦି ଦାବି ପୂରଣ ନ ହୁଏ ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ । କିନ୍ତୁ ଏଠି ପ୍ରଶ୍ନ ଆସୁଛି ଗୋଟେ ଗାଡ଼ିର ଡ୍ରାଇଭରର କ'ଣ ସବୁ ଭୂମିକା ରହିଛି ? ଯଦି ଡ୍ରାଇଭର ଗାଡ଼ି ଚଲାଇଲେ ସବୁ ହୋଇଯାଆନ୍ତା ତେବେ ଗାଡ଼ିର ଅନ୍ୟାନ୍ୟ କର୍ମଚାରୀ ଦରକାର ପଡ଼ନ୍ତେ ନାହିଁ । ଅବଶ୍ୟ ଛୋଟ ଗାଡ଼ିଗୁଡ଼ିକରେ ଡ୍ରାଇଭର ହିଁ ସବୁ କିଛି କରୁଥିବାର ନଜିର ଆମର ଅଛି । କିନ୍ତୁ ଅନେକ କ୍ଷେତ୍ରରେ ଡ୍ରାଇଭର ହେଲ୍‌ପର ଖୋଜନ୍ତି । ତାହାର ମଧ୍ୟ କିଛି ଭୂମିକା ଅଛି । କଣ୍ଡକ୍ଟରର ମଧ୍ୟ କିଛି ଭୂମିକା ଅଛି । ସବୁପରେ ଯଦି ଆମେ ଦେଖିବା ସେମାନଙ୍କର ଦାବି ପୂରଣ କରିବା ସରକାରଙ୍କ ନିଷ୍ପତ୍ତି । କିନ୍ତୁ ଆମେ ଯଦି ଲକ୍ଷ୍ୟ କରିବା ଯେମିତି ଆମେ ପିଲାବେଳୁ ଏକ ଗପ ବହିରେ ପଢ଼ିଥିଲେ ଯେ ସମ୍ପୂର୍ଣ୍ଣ ଶରୀରର ଅଂଶକୁ ନେଇ । ହାତ କହିଲା ମୁଁ ଯଦି ନ ଦେବି ପାଟିକୁ ଯିବ କେମିତି, ଦାନ୍ତ କହିଲା ମୁଁ ଯଦି ନ ଚୋବେଇବି ତା'ହେଲେ ଖାଦ୍ୟ ପେଟକୁ ଯିବ କେମିତି । ଏମିତି ସମସ୍ତେ ସମସ୍ତଙ୍କ ଭାଗ କରିଲା ପରେ ସମସ୍ତଙ୍କ ଭିତରେ କଥା ପଡ଼ିଲା ଯେ ପେଟ କିଛି କରୁନି ଖାଲି ଖାଉଛି । ତେଣୁ ତାକୁ ଖାଇବାକୁ ଦେବା ନାହିଁ । ଏମିତି ଗୋଟେ ଦିନ ହେଲା ପରେ ସେମାନେ ନ ଖାଇ ନିଜ ନିଜ ଭିତରେ ହା ହାକାର ପଡ଼ିଲା । ସମସ୍ତେ ସମସ୍ତଙ୍କ ଭୁଲ୍ ବୁଝି ପାରି ଯେଝା କାମ କଲେ ।

ଆମେ କହିପାରିବା ଡ୍ରାଇଭରଙ୍କର ଏକ ବଡ଼ ଭୂମିକା ଅଛି ସମାଜରେ, ଯାହାକୁ ଆମେ ଅସ୍ୱୀକାର କରିପାରିବା ନାହିଁ । କିନ୍ତୁ ସମାଜରେ ଚାଷୀମାନଙ୍କର ମଧ୍ୟ ଭୂମିକା ଅଛି । ବାରିକର ମଧ୍ୟ କିଛି ଭୂମିକା ଅଛି, ରଜକର କିଛି ଭୂମିକା ଅଛି । ଏମାନେ ଯଦି ଏମାନଙ୍କ କାର୍ଯ୍ୟ ନ କରିବେ ତା'ହେଲେ ସମାଜରେ ବୃତ୍ତିକୁ ନେଇ ଏକ ତ୍ରୁଟି ବିଚ୍ୟୁତି ଦେଖାଦେବ । ସମାଜରେ ପ୍ରତ୍ୟେକ ବୃତ୍ତି ଅଛି । ଆମେ କହି ପାରିବା ଏସବୁ କୌଳିକ ବୃତ୍ତି । କିନ୍ତୁ ଡ୍ରାଇଭିଂ କୌଳିକ ବୃତ୍ତି ନୁହେଁ । ସେମିତି ଯଦି ଦେଖିବା କିଛି କୌଳିକ ବୃତ୍ତି ଏବଂ କିଛି ଅନ୍ୟମାନେ ସେ କାର୍ଯ୍ୟକୁ ଅଧିକ ଦିନ ଧରି କରିବା ଦ୍ୱାରା ସେମାନଙ୍କ ପାଇଁ ଏହା ଏକ ପ୍ରକାର ବୃତ୍ତିରେ ପରିଣତ ହେବାକୁ ଗଲାଣି । ଚାଷୀ ଯଦି ଚାଷ ନ କରିବ ତା'ହେଲେ ଡ୍ରାଇଭର ନେଇଯାଉଥିବା ଶହ ଶହ ପନିପରିବା ଗାଡ଼ି ପ୍ରତିଦିନ ସେମିତି ଠିଆହେବ । ତା'ହେଲେ ସେ ସ୍ଥାନରେ କାହାର ଭୂମିକା ବଡ଼ । ଯଦି ଦୁଗ୍ଧ ଚାଷୀଟି ଗାଈ ନ ପାଳି ଦୁଗ୍ଧ ଉତ୍ପାଦନ ନ କରେ ତେବେ ଗାଡ଼ିରେ ଯାଉଥିବା ହଜାର ହଜାର ଲିଟର କ୍ଷୀର କେମିତି ପାଇବେ ଗାଡ଼ି ମାଲିକମାନେ । ଆଉ ସେ ସ୍ଥାନରେ ଡ୍ରାଇଭରର କ'ଣ ଭୂମିକା ଦରକାର । ଏହା ଭାତହାଣ୍ଡିରୁ ଗୋଟିଏ ଚିପିଲା ପରି ଗୋଟିଏ ଗୋଟିଏ ଉଦାହରଣ । ତେଣୁ ଏକ ସମାଜ ଗଢ଼ିତୋଳିବାରେ ମେହେନ୍ତର ଠାରୁ ଅଫିସରଙ୍କ ଯାଏ ସମସ୍ତଙ୍କର ଭୂମିକା ଅଛି । ସମସ୍ତେ ସମସ୍ତଙ୍କ ପାଇଁ ଜରୁରୀ । ଜଣେ ଡାକ୍ତର ଯଦି ୧୬ ଘଣ୍ଟା ରୋଗୀ ଦେଖୁଛି, ତାହାର ସେଥିରେ ପଇସାର ଲୋଭ ଥାଇପାରେ କିନ୍ତୁ ଅପର ପକ୍ଷରେ ଗୋଟେ ଜୀବନ ବଞ୍ଚାଇବାରେ ମଧ୍ୟ ସେ ସହାୟକ ହୋଇପାରେ । ତେଣୁ ଆମେ ଏକ ସୁସ୍ଥ ବାତାବରଣ ତିଆରି କରିବା ଦରକାର । ସମାଜରେ ଆମେ ଜନ୍ମ ନେଇଛନ୍ତି ଆମର ମଧ୍ୟ କିଛି କର୍ତ୍ତବ୍ୟ ରହିବା ଦରକାର । ସମସ୍ତଙ୍କୁ ସମସ୍ତେ ସାହାଯ୍ୟର ହାତ ବଢ଼ାଇବା ଦରକାର । ତେବେ ନିଜର ଏକ ସୁସ୍ଥ ସମାଜ ଗଢ଼ି ତୋଳିବାରେ ସହାୟକ ହୋଇପାରିବା ।

ତାଳପଦା, ତିହିଡ଼ି, ଭଦ୍ରକ
ମୋ: ୮୮୪୭୮୫୬୦୨୬

## ଏଇ ଭାରତରେ

ସହରରେ ଖେଳପଡ଼ିଆ ଅଭାବ ସମସ୍ୟା ଦୂର କରିବା ଲାଗି ନଭି ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ(ଏନ୍‌ଏମ୍‌ଏମ୍‌ସି)ର ପଦକ୍ଷେପ ଅନ୍ୟମାନଙ୍କ ପାଇଁ ଏକ ମଡେଲ ପାଲଟିଛି । ନଭି ମୁମ୍ବାଇର ସେକ୍ଟର ୧୫ ସ୍ଥିତ ସନ୍‌ପଦ ଫ୍ଲାଏଓଭର ତଳେ ଥିବା ଅବ୍ୟବହୃତ ଜାଗାକୁ ଖେଳପଡ଼ିଆ କରାଯାଇଛି । ପାଖାପାଖି ୨୭୫୦ ବର୍ଗମିଟର ଜାଗାରେ କରାଯାଇଥିବା ଉକ୍ତ ଖେଳପଡ଼ିଆରେ ପିଲାଏ କ୍ରିକେଟ, ବାସ୍କେଟବଲ ଓ ବ୍ୟାଡମିଣ୍ଟନ ଖେଳିପାରୁଛନ୍ତି । ବଲ୍ କିମ୍ବା ରାକେଟ୍ ବାହାରକୁ ନ ଯିବା ଲାଗି ପଡ଼ିଆ ଚାରିପାଖକୁ ନେଟ୍ ଯୋଗେ ଘେରାଯାଇଛି । ଏହା ବାଦ୍ ଫ୍ଲାଏଓଭର ତଳେ ଓପନ ଜିମ୍ କରାଯିବାର ଯୋଜନା ସହ ଯୋଗାଭ୍ୟାସର ସୁବିଧା ରହିଛି । ବରିଷ୍ଠ ନାଗରିକଙ୍କ ପାଇଁ ଜଗିଂ ଟ୍ରାକ୍ ମଧ୍ୟ କରାଯାଇଛି । ଏନ୍‌ଏମ୍‌ଏମ୍‌ସି ସନପଦ୍ ବ୍ୟତୀତ ନେରୁଲ ଫ୍ଲାଏଓଭର ତଳେ ବି ସମାନ ପ୍ରକାର ଖେଳପଡ଼ିଆ କରିବା ଲାଗି ଯୋଜନା ରଖିଛି । ଗୋଟିଏ ପଟରେ ଜବରଦଖଲ ହଟୁଛି ଓ ଅନ୍ୟପକ୍ଷେ ପିଲାଙ୍କ ଖେଳ ଲାଗି ବ୍ୟବସ୍ଥା କରାଯିବାରେ ଏନ୍‌ଏମ୍‌ଏମ୍‌ସିର ଉଦ୍ୟମକୁ ସବୁସ୍ତରରେ ପ୍ରଶଂସା କରାଯାଉଛି । ଏଭଳି ଏକ ନିଆରା ପ୍ରୟାସର ଭିଡିଓ ମଧ୍ୟ ଭାଇରାଲ ହେବା ସହ ଏହାର ପ୍ରଭାବ ବି ଦେଖିବାକୁ ମିଳିଛି । କମେଣ୍ଟରେ ଦେଶର କେତେକ ମ୍ୟୁନିସିପାଲିଟିର ଅଧିକାରୀମାନେ ଏଭଳି ଯୋଜନା ଆପଣାଇବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ମାର୍ଚ୍ଚ ୧୯୯୮

- ବନ୍ୟା ବିପନ୍ନଙ୍କୁ ଉଦ୍ଧାର କାର୍ଯ୍ୟରେ ନିଯୁକ୍ତ ପେରୁର ଏକ ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏଥିରେ ଥିବା ୪୦ ଯାତ୍ରୀଙ୍କ ମୃତ୍ୟୁ ।
- ଦକ୍ଷିଣ ଆଲଜେରିଆରେ ମୌଳିକତାବାଦୀ ଇସ୍‌ଲାମୀୟ ଉଗ୍ରପନ୍ଥୀଙ୍କ ଫାର୍ସା ମାଡ଼ରେ ୩୨ ଜଣ ଦୁଇ ବର୍ଷରୁ କମ୍ ବୟସର ପିଲା ସମେତ ୫୨ ମୃତ ।
- କେନ୍ଦ୍ରରେ ଭାଜପା ମେଣ୍ଟ ସରକାରର ଆସ୍ଥା ପ୍ରସ୍ତାବ ସପକ୍ଷରେ ତେଲୁଗୁ ଦେଶମ ପାର୍ଟି (ଟିଜିପି) ସଦସ୍ୟମାନେ ଭୋଟ ଦେଇଥିବା ପ୍ରତିବାଦରେ ଆନ୍ଧ୍ରପ୍ରଦେଶର ପ୍ରମୁଖ ଶିଳ୍ପମନ୍ତ୍ରୀ ବଶୀରୁଦ୍ଦିନ ବାବୁଖାଁଙ୍କ ମନ୍ତ୍ରିମଣ୍ଡଳରୁ ଇସ୍ତଫା ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | 4 | | | |
| | 1 | 3 | 5 | | | | | |
| | 8 | 4 | | | | | 2 | |
| | | 1 | | 8 | | 9 | | |
| | | | | | | 4 | | |
| 7 | | 2 | 1 | | | 8 | | |
| | 7 | | 2 | | | 1 | | |
| | | | | 4 | | | 8 | |
| | | | 9 | 5 | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 4 | 8 | 5 | 2 | 6 | 7 | 9 | 3 | 1 |
| 9 | 3 | 6 | 8 | 4 | 1 | 2 | 5 | 7 |
| 2 | 7 | 1 | 5 | 9 | 3 | 6 | 4 | 8 |
| 6 | 9 | 7 | 1 | 2 | 5 | 4 | 8 | 3 |
| 5 | 4 | 8 | 3 | 7 | 9 | 1 | 2 | 6 |
| 1 | 2 | 3 | 4 | 8 | 6 | 7 | 9 | 5 |
| 7 | 6 | 2 | 9 | 3 | 8 | 5 | 1 | 4 |
| 3 | 1 | 9 | 6 | 5 | 4 | 8 | 7 | 2 |
| 8 | 5 | 4 | 7 | 1 | 2 | 3 | 6 | 9 |

ଗତକାଲିର ଉତ୍ତର

# ନୂଆ ଗର୍ଭପାତ ଆଇନ



ଡା.ଶୁଭଶ୍ରୀ ମିଶ୍ର

ଗର୍ଭ ନଷ୍ଟ କରିବାର ସମୟ ସୀମାକୁ ଚାରି ସପ୍ତାହ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଗର୍ଭପାତ ସଂଶୋଧନ ବିଲ୍–୨୦୨୩ ଉପରେ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଛନ୍ତି । ସଂସଦର ଚଳିତ ଅଧିବେଶନରେ ଏହି ବିଲ ଉପସ୍ଥାପନ କରାଯିବ । ଏହାଫଳରେ ଆଗାମୀ ଦିନରେ ଜଣେ ଗର୍ଭବତୀ ମହିଳା ଚାହିଁଲେ ତାଙ୍କ ଗର୍ଭକୁ ୨୪ ସପ୍ତାହ ମଧ୍ୟରେ ନଷ୍ଟ କରିପାରିବେ । ଏଥିପାଇଁ କୌଣସି ଆଇନଗତ ପ୍ରତିବନ୍ଧକ ରହିବ ନାହିଁ । ତେବେ ଏହି ୨୪ ସପ୍ତାହର ସମୟସୀମା କେବଳ ବିଶେଷ କ୍ଷେତ୍ରରେ ଲାଗୁ ହେବ । ଦୁଷ୍କର୍ମ ପୀଡ଼ିତା, ରୋଗଗ୍ରସ୍ତ ମହିଳା ଓ ଅବାଞ୍ଛିତ ଗର୍ଭଧାରଣକୁ ନଷ୍ଟ କରିବା ପାଇଁ ଏହି ସଂଶୋଧନ ଅଣାଯାଇଛି । ପୂର୍ବରୁ ଗର୍ଭ ନଷ୍ଟ କରିବାର ଆଇନଗତ ସମୟସୀମା ୨୦ ସପ୍ତାହ ରହିଥିଲା । ନିକଟରେ ମେଡିକାଲ ଟର୍ମିନେସନ ଅଫ ପ୍ରେଗ୍ନାନ୍ସି ସଂଶୋଧନ ବିଲ ୨୦୨୩କୁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ଫଳରେ ୧୯୭୧ ମସିହା ମେଡିକାଲ ଟର୍ମିନେସନ ଅଫ ପ୍ରେଗ୍ନାନ୍ସି ଆଇନରେ ସଂଶୋଧନ କରିବାର ରାସ୍ତା ସଫା ହୋଇଛି । ଏହି ବିଲ୍‌କୁ ସଂସଦର ଚଳିତ ଅଧିବେଶନରେ ଉପସ୍ଥାପନ କରାଯିବ । ଏହି ବିଲ୍ ଗୃହୀତ ହେଲେ ମହିଳାମାନେ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ କରିବାକୁ ଆଇନଗତ ଭାବେ ଅଧିକାର ପାଇବେ । ତେବେ ଏହା ପୂର୍ବରୁ ୨ଜଣ ଡାକ୍ତରଙ୍କ ଅନୁମତି ନେବାକୁ ପଡ଼ିବ । ଏହି ଦୁଇ ଡାକ୍ତରଙ୍କ ମଧ୍ୟରୁ ଜଣେ ସରକାରୀ ଡାକ୍ତର ହୋଇଥିବା ଦରକାର । ସୂଚନାଯୋଗ୍ୟ, ୨୦ ସପ୍ତାହ ମଧ୍ୟରେ ଗର୍ଭପାତ କରାଯିବାବେଳେ ପ୍ରସୂତିଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି । ତେବେ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ କଲେ ଏହା ସୁରକ୍ଷିତ ହୋଇପାରିବ ବୋଲି କୁହାଯାଉଛି । ଏହି ସଂଶୋଧିତ ବିଲ୍ ଫଳରେ ଦୁଷ୍କର୍ମ ପୀଡ଼ିତା ଓ ନାବାଳିକା ଗର୍ଭବତୀଙ୍କୁ ଉପଯୁକ୍ତ ନ୍ୟାୟ ମିଳିପାରିବ । ଅନେକ ସମୟରେ ବେଆଇନ ଭାବେ ଲୁଚାଛପାରେ ଅନଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଗର୍ଭପାତ କରାଯାଉଥିବାରୁ ଜଣେ ଯୁବତୀ ପରବର୍ତ୍ତୀ ସମୟରେ ମା' ହୋଇ ପାରୁନାହାନ୍ତି । ତେଣୁ ଏହି ନୂଆ ଆଇନ ଫଳରେ ଏବେ ଏହି ବିପଦ ମଧ୍ୟ ଆଉ ରହିବନାହିଁ । ସୂଚନାଯୋଗ୍ୟ, ଗତବର୍ଷ ଗର୍ଭପାତ ସମୟସୀମା ବୃଦ୍ଧି କରିବା ପାଇଁ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା । ଏହି ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀ ହାଇକୋର୍ଟଙ୍କୁ କୁହାଯାଇଥିଲା ଯେ, ଗର୍ଭପାତ ସମୟ ସୀମାକୁ ୨୦ ସପ୍ତାହରୁ ୨୪ କିମ୍ବା ୨୬ ସପ୍ତାହ କରିବା ପାଇଁ ବିଚାରବିମର୍ଶ ଆରମ୍ଭ କରାଯାଉଛି । ଅମିତ ଶାହିନ ନାମକ ଯୁବକ ତାଙ୍କ ଜନସ୍ୱାର୍ଥ ମାମଲାରେ କହିଥିଲେ ଯେ, ମହିଳାମାନେ ଗର୍ଭଧାରଣ ପରେ ସମାଜରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯେଉଁଭଳି ଭାବେ ଗର୍ଭଧାରଣର କ୍ଷମତା ମହିଳାଙ୍କ ପାଖରେ ରହିଛି, ଠିକ୍ ସେହିପରି ଗର୍ଭ ନଷ୍ଟ କରିବାର କ୍ଷମତା ମଧ୍ୟ ମହିଳାଙ୍କ ପାଖରେ ରହିବା ଦରକାର ବୋଲି ସେ ଯୁକ୍ତି ବାଢ଼ିଥିଲେ । ଉଲ୍ଲେଖଯୋଗ୍ୟ ନେପାଳ, ଫ୍ରାନ୍ସ, ଇଂଲଣ୍ଡ, ଅଷ୍ଟ୍ରିଆ, ଇଥିଓପିଆ, ଇଟାଲୀ, ସ୍ପେନ, ଆଇସ୍‌ଲ୍ୟାଣ୍ଡ, ନରୱେ, ଫିନ୍‌ଲ୍ୟାଣ୍ଡ, ସ୍ୱିଡେନ ଓ ସ୍ୱିଜରଲ୍ୟାଣ୍ଡ ଭଳି ଦେଶର ଗର୍ଭପାତ କରିବାର ସମୟସୀମା ୨୦ ସପ୍ତାହରୁ ଅଧିକ ରହିଛି । ସେହିପରି ଡେନ୍‌ମାର୍କ, ଘାନା, କାନାଡ଼ା, ଜର୍ମାନୀ, ଭିଏତ୍‌ନାମ ଓ ଜିମ୍ବାୱେ ଭଳି ଦେଶରେ ଯେକୌଣସି ସମୟରେ ଗର୍ଭପାତ କରିବାକୁ ଅନୁମତି ଦିଆଯାଇଛି ।

ଗର୍ଭାବସ୍ଥାର କିଛି ସପ୍ତାହ ମଧ୍ୟରେ ଭ୍ରୁଣକୁ ନଷ୍ଟ କରାଯିବା ପ୍ରକ୍ରିୟାକୁ କୁହାଯାଏ ଗର୍ଭପାତ । ଭାରତରେ ପ୍ରଚଳିତ ଏମ୍‌ଟିପି ଆକ୍ଟ ଅନୁଯାୟୀ କେଉଁ ପରିସ୍ଥିତିରେ ଗର୍ଭପାତ ହୋଇପାରିବ, କିଏ ଗର୍ଭପାତ କରିବେ ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ ବ୍ୟବସ୍ଥା ରହିଛି । ତଥାପି ଅଜ୍ଞତାବଶତଃ ବହୁ ମହିଳା




ବିନା ଡାକ୍ତରୀ ପରାମର୍ଶରେ ଅସୁରକ୍ଷିତ ଉପାୟରେ ଗର୍ଭପାତ କରୁଛନ୍ତି, ଯଦ୍ଦ୍ୱାରା କେତେକ କ୍ଷେତ୍ରରେ ଗର୍ଭସ୍ଥ ଶିଶୁ ସହ ମାଆର ବି ମୃତ୍ୟୁ ହୋଇଥାଏ । କେତେକ କ୍ଷେତ୍ରରେ ଗର୍ଭବତୀ ମହିଳାର ଶାରୀରିକ ସ୍ଥିତି ଓ ଅବସ୍ଥାକୁ ଲକ୍ଷ୍ୟ କରି ଡାକ୍ତରଙ୍କ ପରାମର୍ଶରେ ହିଁ ଗର୍ଭସ୍ଥ ଭ୍ରୁଣଟିକୁ ନଷ୍ଟ କରାଯାଇଥାଏ । ଏହା ବ୍ୟତୀତ ଆଉ କେତେକ କାରଣ ଯଥା ଗର୍ଭଧାରଣ ଯୋଗୁ ଗର୍ଭବତୀଙ୍କ ଜୀବନ ପ୍ରତି ବିପଦ ଥିଲେ ଶିଶୁଟି ଜନ୍ମ ପରେ ବିକଳାଙ୍ଗ ହେବାର ଆଶଙ୍କା ଥିଲେ ବା କେତେକ କ୍ଷେତ୍ରରେ ଗର୍ଭରେ ଥିବା ଏକରୁ ଅଧିକ ପିଲାର କାରଣରୁ ଡାକ୍ତରଙ୍କ ପରାମର୍ଶରେ ଗର୍ଭପାତ କରାଯାଇଥାଏ ।

୧୯୭୫ ମସିହାରେ ଭାରତ ସରକାରଙ୍କ ଦ୍ୱାରା ମେଡିକାଲ ଟର୍ମିନେସନ୍ ଅଫ୍ ପ୍ରେଗ୍ନାନ୍ସି ବା ଏମ୍‌ଟିପି ଆକ୍ଟ କାର୍ଯ୍ୟକାରୀ ହେଲା । ଗର୍ଭବତୀ ମହିଳା କିମ୍ବା ଗର୍ଭସ୍ଥ ଶିଶୁର ଜୀବନ ହାନି ପରି ପରିସ୍ଥିତି ଉପୁଜିଲେ ଗର୍ଭପାତ କରାଯାଇଥାଏ । ସେହିପରି ଅଲଟ୍ରା ସାଉଣ୍ଡ ରିପୋର୍ଟରେ ଗର୍ଭସ୍ଥ ଶିଶୁଟି ଯଦି ବିକଳାଙ୍ଗ ବୋଲି ଜଣାପଡ଼େ କିମ୍ବା ବଳାତ୍କାର ଶିକାର ଦ୍ୱାରା ଗର୍ଭବତୀ କାରଣ, ଅପରିପକ୍ୱ ବାଳିକାଙ୍କ କ୍ଷେତ୍ରରେ ଏହିପରି କିଛି କାରଣକୁ ନେଇ ସାମାଜିକ ଦୃଷ୍ଟିକୋଣରୁ ଗର୍ଭପାତ ଆଇନ ସମ୍ମତ । ତେବେ ଏ କ୍ଷେତ୍ରରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ହିଁ ସବୁ ଦିଗରୁ ବିଚାର କରି ନିଷ୍ପତ୍ତି ନେଇଥା'ନ୍ତି । ଗର୍ଭନିରୋଧ ବ୍ୟବସ୍ଥା ବିଫଳ ହେଲେ ବାର ସପ୍ତାହ ମଧ୍ୟରେ ଗର୍ଭପାତ କରାଯାଇଥାଏ । କେତେକ ସ୍ୱତନ୍ତ୍ର କ୍ଷେତ୍ରରେ ବାରରୁ କୋଡ଼ିଏ ସପ୍ତାହ ମଧ୍ୟରେ ଗର୍ଭପାତ ଆଇନ ସମ୍ମତ ହୋଇଥାଏ । ଜୀବନ ପ୍ରତି ବିପଦ ଥିବା କାରଣରୁ ଏହି ସମୟରେ ଗର୍ଭପାତ ନିହାତି ଆବଶ୍ୟକ ହୋଇଥାଏ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ, ଅତ୍ୟଧିକ ରକ୍ତସ୍ରାବ ଯୋଗୁ ୨୫% ଗର୍ଭବତୀଙ୍କ ଗର୍ଭାବସ୍ଥାରେ ହିଁ ମୃତ୍ୟୁ ହୋଇଥିବାବେଳେ ସଂକ୍ରମଣ କାରଣରୁ ୧୫%, ଅସୁରକ୍ଷିତ ଗର୍ଭପାତ କାରଣରୁ ୧୩%, ଅସହ୍ୟ ପ୍ରସବ ବେଦନା ପାଇଁ ୮%, ଏକ୍ଲାମ୍ପସିଆ କାରଣରୁ ୧୨%, ଅନ୍ୟାନ୍ୟ ପାରିପାର୍ଶ୍ୱିକ କାରଣ ପାଇଁ ୮% ଓ ପରୋକ୍ଷ କାରଣ ପାଇଁ ୧୯% ଗର୍ଭବତୀ ଆଖି ବୁଜିଥା'ନ୍ତି । ଏକ ରିପୋର୍ଟର ତଥ୍ୟ ଅନୁଯାୟୀ ପ୍ରତିବର୍ଷ ସାରା ବିଶ୍ୱରେ ପାଖାପାଖି କୋଡ଼ିଏ ନିୟୁତ ଅସୁରକ୍ଷିତ ଗର୍ଭପାତ ହୋଇଥାଏ । ଏହା ମଧ୍ୟରୁ ୯୭% ବିକାଶୋନ୍ମୁଖୀ ଦେଶଗୁଡ଼ିକରେ ହୋଇଥାଏ । ଫଳରେ ପ୍ରତିବର୍ଷ ଅନୂନ୍ୟ ୬୮ ହଜାର ମହିଳାଙ୍କ ମୃତ୍ୟୁ ହୋଇଥାଏ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ସାରା ବିଶ୍ୱରେ ଯେତେ ମାତୃ ମୃତ୍ୟୁହାର ହେଉଛି, ସେଥିମଧ୍ୟରୁ ୧୩% ଅସୁରକ୍ଷିତ ଗର୍ଭପାତ କାରଣରୁ ହୋଇଥାଏ । ସେହିପରି ୫ ନିୟୁତ ମହିଳା ଶାରୀରିକ ତଥା ମାନସିକ ଭାବେ ଭିନ୍ନକ୍ଷମ ପାଲଟି ଯାଉଛନ୍ତି ।

ଯେଉଁ ଦେଶରେ ଗର୍ଭପାତକୁ ଆଇନତଃ ସ୍ୱୀକୃତି ମିଳିନାହିଁ, ସେଠାରେ ଅଧିକ ପରିମାଣରେ ଅସୁରକ୍ଷିତ ଗର୍ଭପାତ କରାଯାଉଥିବା ଜଣାଯାଏ । ସେହିପରି ଅନେକ ସମୟରେ ଗର୍ଭନିରୋଧ ବଟିକାର ବ୍ୟବହାର ସମ୍ପର୍କରେ ନ ଜାଣିବା ଅସୁରକ୍ଷିତ ଗର୍ଭପାତର କାରଣ ପାଲଟିଥାଏ । ଏକ ରିପୋର୍ଟର ତଥ୍ୟ ଅନୁଯାୟୀ, ଆଧୁନିକ ପରିବାର ନିୟନ୍ତ୍ରଣ ଓ ଗର୍ଭବତୀମାନଙ୍କୁ ଚିକିତ୍ସା ସୁବିଧା ପ୍ରଦାନ କରାଗଲେ ଗର୍ଭପାତଜନିତ ମୃତ୍ୟୁହାରକୁ ବାର୍ଷିକ ପାଖାପାଖି ୭୫% କମାଇ ଦିଆଯାଇପାରନ୍ତା । ଗର୍ଭପାତ ଶାରୀରିକ ସମସ୍ୟା ଓ ଗର୍ଭସ୍ଥ ଶିଶୁପାଇଁ ବିପଦର କାରଣ ଥିଲେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞମାନେ ସବୁ ଦିଗକୁ ବିଚାର କରି ଗର୍ଭପାତ କରିଥା'ନ୍ତି । ତେବେ ଗର୍ଭପାତ ପାଇଁ ମନ ନ ବଳାଇ ବରଂ ସୁରକ୍ଷିତ ଶିଶୁଟିକୁ ନୂତନ ଆଲୋକ ଦେଖାଇବା ପାଇଁ ଗର୍ଭବତୀମାନେ ନିଜକୁ ପ୍ରସ୍ତୁତ କରିବା ଉଚିତ ।

ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ,
ମୋ:୯୮୬୧୪୬୩୪୦୬

## ପାଠକ ଶ୍ରେଷ୍ଠ ବିଚାରକ

### ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟ କିଟ୍ ମିଳୁ

ମହାଶୟ,

ରାଜ୍ୟ ଓ କେନ୍ଦ୍ର ସରକାର ବରିଷ୍ଠ ନାଗରିକଙ୍କ ପାଇଁ ବହୁ ଯୋଜନା ଘୋଷଣା କରୁଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ତାହା ପ୍ରତିଫଳିତ ହେଉନାହିଁ, ବିଶେଷକରି ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦିନକୁ ଦିନ ଉତ୍କଟ ହେଉଛି । ପ୍ରତି ୨ ମାସରେ ଥରେ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଡାକ୍ତରଖାନାରେ ସମୟ ନିର୍ଘଣ୍ଟ ପ୍ରସ୍ତୁତ କରାଯିବାର ବ୍ୟବସ୍ଥା ହେବା ଉଚିତ । ସେମାନଙ୍କୁ ରକ୍ତଚାପ ଓ ମଧୁମେୟ ପରୀକ୍ଷା ମେଶିନ ମାଗଣାରେ ପ୍ରଦାନ କରାଗଲେ ବହୁ ବରିଷ୍ଠ ନାଗରିକ ଉପକୃତ ହୋଇପାରନ୍ତେ । ଅନେକ ବରିଷ୍ଠ ନାଗରିକ ପଞ୍ଜୀକରଣ ସୁବିଧାରୁ ମଧ୍ୟ ବଞ୍ଚିତ ହେଉଛନ୍ତି । ସ୍ୱତନ୍ତ୍ର ଭାବରେ ପ୍ରତି ମାସରେ ଗୋଟିଏ ଦିନ ପଞ୍ଜୀକରଣ ଥାନାରେ କରାଯିବା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଉ । ବରିଷ୍ଠ ନାଗରିକମାନେ ସମାଜର ଦିଗ୍‌ଦର୍ଶନ ଓ ସମ୍ବଳ । ସେମାନଙ୍କର ଅଭିଜ୍ଞତା ଓ ବିଦ୍‌ବାର୍ତ୍ତାକୁ ସରକାର ସଦ୍‌ବ୍ୟବହାର କରିବା ଉଚିତ ।

–ନିର୍ମଳ ଚନ୍ଦ୍ର ସାମଲ, ମଧୁସୂଦନ ପାର୍କ, ପୋଖରୀପୁଟ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦେହର ଅଭିଳାଷ ଗୀତରେ ପରକାଶ
କହିଲି ତାକୁ ପ୍ରେମ ପୀରତି
ଭାଷାର ଆବରଣ ଫିଟାଇ ଦେଲେ ସେ ଯେ
ହୋଇବ ଖାଲି ପାପ ଅନୀତି !

–(ବ୍ୟାଖ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର ୩୦ ମାର୍ଚ୍ଚ, ୨୦୨୩





ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥରେ ମାଉସୀ'ମା ଘରକୁ ଆସୁଥିବା ବେଳେ ରଥ ରୋଡ୍ ଲୋକାରଣ୍ୟ ହୋଇପଡିଛି।

# ବିଳମ୍ବରେ ଗଡ଼ିଲା ରୁକୁଣା ରଥ

ପୁରୁଣା
ଭୁବନେଶ୍ୱର,୨୯।୩(ଡି.ଏନ୍.ଏ.)

ଅଶୋକାଷ୍ଟମୀ ଅବସରରେ ବୁଧବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥର ନିର୍ଦ୍ଧାରିତ ସମୟର ୨ଘଣ୍ଟା ବିଳମ୍ବ ଅର୍ଥାତ୍ ଅପରାହ୍ନ ୫ଟା ୨୦ରେ ରଥଟଣା ଆରମ୍ଭ ହୋଇଥିଲା। ମନ୍ଦିର ପ୍ରଶାସନର ନୀତିନିର୍ଘଣ୍ଟ ଅନୁଯାୟୀ ମଙ୍ଗଳ ଆଳତି ଓ ଅବକାଶ ଭୋର ୫ଟାରୁ ୫ଟା ୩୦ ମଧ୍ୟରେ ସାରିବାକୁ ଥିବା ବେଳେ ଏହା ସକାଳ ୮ଟା ୧୫ରେ ହୋଇଥିଲା। ଏହାପରେ ସାହାଣମେଲା ଦର୍ଶନ ହୋଇଥିଲା। ପରେ ରୋଷ ହୋମ ଓ ପାକ କାର୍ଯ୍ୟ କରାଯାଇ ସକାଳ ୯ଟା ୧୫ରେ ଛାମୁ ପରିଷ୍କାର ହୋଇଥିଲା। ପରେ ମାଘସ୍ନାନ ଦିଆଯାଇ ନୀତିମାନ କରାଯାଇଥିଲା। ଦୈନିକ ନୀତି ଭୋଗମଣ୍ଡପ ସରିବା ପରେ ପୁନଶ୍ଚ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ ପୂଜା, ମହାସ୍ନାନ ଲାଗି, ବେଶ କରାଯାଇ ଯାତ୍ରାପୂଜା ଆରମ୍ଭ ହୋଇଥିଲା। ବିଭିନ୍ନ ନୀତିକାନ୍ତି ପରେ ଶ୍ରୀଲିଙ୍ଗରାଜ, ଭଉଣୀ ରୁକୁଣା ଦେବୀ, ପ୍ରଭୁ ଦୋଳଗୋବିନ୍ଦ ଦକ୍ଷିଣ ଘରୁ ବିଜେ ହୋଇ ଆଡ଼କାଠ ନିକଟରେ ପହଞ୍ଚିଥିଲେ। ପୂଜାପଣ୍ଡା ସେବାୟତ ଆଜ୍ଞାପ୍ରସାଦ ଦେଇସାରିବା ପରେ ଶ୍ରୀଜୀଉମାନେ ବିଭୀଷଣ ଦ୍ୱାର ନିକଟକୁ ଆସିଥିଲେ। ସେଠାରେ ବିଭୀଷଣ ଆଳତି କରାଯାଇଥିଲା। ପରେ ଠାକୁରମାନେ ରଥକୁ ପହଣ୍ଡି ବିଜେ କରିଥିଲେ। ସିଦ୍ଧ ଗଣେଶଙ୍କଠାରେ ନଡ଼ିଆ ଭଙ୍ଗାଯାଇ ପହଣ୍ଡି ଆରମ୍ଭ କରିଥିଲେ ପୂଜାପଣ୍ଡା ସେବାୟତ। ପରେ ରଥାରୂଢ଼ ହୋଇଥିଲେ ଶ୍ରୀଜୀଉ। ରଥରେ ଶ୍ରୀଜୀଉ ସର୍ବସାଧାରଣଙ୍କୁ ଦର୍ଶନ ଦେବା ପରେ ରଥରେ ଦଶଟି ପୂଜା ହୋଇଥିଲା। ରଥ ଉପରେ ସକାଳ ଧୂପ ଶେଷ ହେବାପରେ ପୂଜାପଣ୍ଡା ସେବାୟତ ରଥରେ ଛେରାପହଁରା କରିଥିଲେ। ରଥ କାଳିଶି ଭବାନୀ ପ୍ରସାଦ ଖୁଣ୍ଟିଆଙ୍କୁ ଆଜ୍ଞା ପ୍ରସାଦ ଓ ଆଜ୍ଞାମାଳ ଦିଆଯିବା ପରେ ଅପରାହ୍ନ ୫ଟା ୨୦ରେ ରଥଟଣା ଆରମ୍ଭ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ଭକ୍ତିମୟ ପରିବେଶ ମଧ୍ୟରେ ରଥ ଟାଣିଥିଲେ। ବାଟରେ ଗୋପାଳଜୀଉ ମଠ, ଶିବତୀର୍ଥ ମଠ ଆଦି ମଠରେ ଭୋଗ ନୈବେଦ୍ୟ ଅର୍ପଣ କରାଯାଇଥିଲା। ତେବେ ସୂର୍ଯ୍ୟାସ୍ତ ହୋଇଯିବାରୁ ସନ୍ଧ୍ୟା ୬ଟା ୫ରେ ରଥ ବଡ଼େଇବାଙ୍କରେ ଅଟକିଥିଲା। ଗୋଟିଏ ଦିନରେ ରଥ ଟଣାଯାଇ ରାମେଶ୍ୱର ମନ୍ଦିରରେ ଲାଗିବାର ନିୟମ ରହିଥିଲେ ମଧ୍ୟ ଏହା ହୋଇପାରି ନ ଥିଲା। ଗୁରୁବାର ନୀତିକାନ୍ତି ପରେ ଅପରାହ୍ନରେ ପୁଣି ରଥ ଟଣାଯିବ।

## ବଡ଼େଇବାଙ୍କରେ ଅଟକିଲା ରଥ



ଶ୍ରୀଲିଙ୍ଗରାଜଙ୍କୁ ପହଣ୍ଡି କରି ରଥ ଉପରକୁ ନିଆଯାଉଛି।

## ବିଏମ୍‌ସି ପକ୍ଷରୁ ମନ୍ଦିର ଅଞ୍ଚଳ ସଫେଇ, ଶ୍ରଦ୍ଧାଳୁଙ୍କୁ ସେବା

ଭୁବନେଶ୍ୱର,୨୯।୩(ବ୍ୟୁରୋ)

ରୁକୁଣା ରଥଯାତ୍ରା ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ବିଭିନ୍ନ ପ୍ରସ୍ତୁତି କରାଯାଇଥିଲା। ୧୦୦ଜଣ ପରିମଳ କର୍ମୀ ଲିଙ୍ଗରାଜ ମନ୍ଦିର ଅଞ୍ଚଳ ସଫେଇ କରିଥିଲେ। ଭଜନ ମଣ୍ଡପ, ରଥରେ ଫୁଲସଜା, ଅସ୍ଥାୟୀ ଶିବିର ଓ ମଞ୍ଚ ନିର୍ମାଣ, ଜଳ ଯୋଗାଣ କରାଯାଇଥିଲା। ୧୦ହଜାର ପାଣି ବୋତଲ ଶ୍ରଦ୍ଧାଳୁଙ୍କୁ ବଣ୍ଟନ ସହ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି। ସାଂସ୍କୃତିକ ମଞ୍ଚ ସହ ଦର୍ଶକ ଦେଖିବାର ବ୍ୟବସ୍ଥା କରାଯାଇଛି। ରଥଖଳା ପାଖରେ ଦର୍ଶକଙ୍କ ନିମନ୍ତେ ଛାମୁଣ୍ଡିଆ, ସୂଚନା କେନ୍ଦ୍ର, ନୃତ୍ୟ ପରିବେଷଣ ପାଇଁ ଲିଙ୍ଗରାଜ ମନ୍ଦିରର ଉତ୍ତର ଓ ମାଉସୀମା ମନ୍ଦିରଠାରେ ସ୍ୱତନ୍ତ୍ର ମଞ୍ଚ କରାଯାଇଛି। ବିଏମ୍‌ସି ରିକ୍ରିଏଶନ ସେଣ୍ଟର ପକ୍ଷରୁ ମୁକ୍ତେଶ୍ୱର ମନ୍ଦିର ପାଖରେ ଜଳ ଯୋଗାଣ କ୍ୟାମ୍ପ କରାଯାଇଛି। ବୁଧବାର ରଥଯାତ୍ରାରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ସମସ୍ତ କର୍ପୋରେଟର, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଶୁଭେନ୍ଦୁ କୁମାର ସାହୁ, ସୂର୍ଯ୍ୟବଂଶୀ ମୟୂର ବିକାଶ, ଜୋନାଲ ଡେପୁଟି କମିଶନର ପ୍ରିୟବ୍ରତ ପାଢ଼ୀ, ଜୋନାଲ ଇଂଜିନିୟର ସୁରଥ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପହଣ୍ଡି ସମୟରେ ସିଂହଦ୍ୱାରରେ ଘଣ୍ଟ ବାଦ୍ୟ ସହ ନୃତ୍ୟ ପରିବେଷଣ କରାଯାଉଛି।



ରଥଟଣା ସମୟରେ କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ ବାଘନାଚ।




ଲିଙ୍ଗରାଜଙ୍କ ନାମରେ ଏକ୍ସପ୍ରେସ ଟ୍ରେନ ଚଳାଇବାକୁ ଅଭିନବ ଢଙ୍ଗରେ ପ୍ରତିବାଦ ଜଣାଉଛନ୍ତି ପ୍ରହ୍ଲାଦ ପ୍ରଧାନ।

## ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

### ଦିଅଁଙ୍କ ଦର୍ଶନକଲେ ନେତା, ମନ୍ତ୍ରୀ, ମେୟର

ଶ୍ରୀଲିଙ୍ଗରାଜଙ୍କ ବରିଷ୍ଠ ସେବାୟତ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉପସ୍ଥିତ ରହି ରଥ ଟାଣୁଥିବା ଦେଖିବାକୁ ମିଳିଥିଲା। ସେହିପରି ବିଏମ୍‌ସି ମେୟର ସୁଲୋଚନା ଦାସ ଠାକୁରଙ୍କୁ ଦର୍ଶନ କରିଥିଲେ। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ଜିଲା ଭାଜପା ସଭାପତି ବାବୁ ସିଂ ଓ ଅନ୍ୟ କେତେଜଣ ନେତା ମଧ୍ୟ ଠାକୁରଙ୍କୁ ଦର୍ଶନ କରିଥିଲେ।

### ରଥରେ ଚଢ଼ିଲେ ଅଣସେବାୟତ

ରଥରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଅଣସେବାୟତଙ୍କୁ ଚିହ୍ନଟ କରାଯିବା ଏବଂ ସେବାୟତମାନଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ପାସ୍ ଦେବାକୁ ବୈଠକରେ ସ୍ଥିର କରାଯାଇଥିଲା। ହେଲେ ମନ୍ଦିର ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ନ ଦିଆଯିବାରୁ ରଥରେ ଅନେକ ଶିଶୁ ଓ ନାବାଳକ ଚଢ଼ିଥିଲେ।

### ସମର୍ଥା ସେବାୟତଙ୍କ ପିଢ଼ା ଚୋରି

ମଙ୍ଗଳବାର ବିଳମ୍ବିତ ରାତିରେ ରଥ ପ୍ରତିଷ୍ଠା ସମୟରେ ସର୍ମଥା ସେବାୟତଙ୍କ ପିଢ଼ା କେହି ନେଇଯିବାରୁ ରଥରେ କପଡ଼ା ବାନ୍ଧିବାକୁ ଡ଼େରି ହୋଇଥିଲା। ସନ୍ଧ୍ୟା ଧୂପ ସରିବା ପରେ ମରୀଚି କୁଣ୍ଡରୁ ପାଣି ଆସି ରଥ ପ୍ରତିଷ୍ଠା ହେବା କଥା। କିନ୍ତୁ ବିଳମ୍ବିତ ରାତିରେ ଏହି ଦୁଇଟି କାର୍ଯ୍ୟା ସମ୍ପାଦନ ହୋଇଥିବାରୁ ବୁଧବାର ଠାକୁରଙ୍କ ନୀତି ନିର୍ଘଣ୍ଟରେ ବିଳମ୍ବିତ ହୋଇଥିଲା ବୋଲି ଜଣେ ସେବାୟତ କହିଛନ୍ତି।

### ମାନିଲେନି ଟ୍ରାଫିକ କଟକଣା

ରଥଯାତ୍ରା ସମୟରେ ରଥଦାଣ୍ଡରେ ଅଟୋ ପ୍ରବେଶ ନିଷେଧ କଟକଣା ଥିବାବେଳେ ଏହାକୁ ଅନେକ ଗାଡ଼ିଚାଳକ ମାନି ନଥିଲେ। ଫଳରେ ବଡେଇବାଙ୍କ ଛକରେ ପ୍ରବଳ ଗହଳି ହୋଇ ଠେଲାପେଲା ଭଳି ପରିସ୍ଥିତି ଉପୁଜିଥିଲା। ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଅନ୍ୟପଟେ ରଥ ଟଣା ସମୟରେ ବଡେଇବାଙ୍କ ଛକରେ କେତେଜଣ ବାଇକ ରଖି ରଥଯାତ୍ରା ଦେଖୁଥିଲେ। ଟ୍ରାଫିକ୍ ନିୟନ୍ତ୍ରଣ ନେଇ ସମସ୍ୟା ଉପୁଜିବାରୁ କେତେକ ବାଇକକୁ ବିଏମ୍‌ସିର ଭ୍ୟାନ ଉଠାଇ ନେଇଥିଲା।

### ଆକର୍ଷଣ ସାଜିଲା ଘଣ୍ଟବାଦ୍ୟ, ଓଡ଼ିଶୀ



ରାଜ୍ୟ ତଥା ବାହାରୁ ବହୁ ଭକ୍ତଙ୍କ ଗହଳି ରଥଦାଣ୍ଡରେ ଗହଳି ହୋଇଥିଲା। ଦିଅଁଙ୍କ ନିକଟରେ ସମର୍ପଣ ଭାବ ରଖି ପହଣ୍ଡି ସମୟରେ କଳାକାରମାନେ ଓଡ଼ିଶୀନୃତ୍ୟ ପରିବେଷଣ କରିଥିଲେ। ରଥ ଆଗେ ଆଗେ ବ୍ରହ୍ମପୁରର ଲକ୍ଷ୍ମୀନୃସିଂହ ଯୁଗଳ ଶଙ୍ଖବାଦ୍ୟ ଅନୁଷ୍ଠାନ ପକ୍ଷରୁ କଳାକାରଙ୍କ ଯୁଗଳ ଶଙ୍ଖବାଦ୍ୟ ମୟୂର, ବାଘ ନାଚ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ନିଜକୁ ଠାକୁରଙ୍କ ନିକଟରେ ସମର୍ପି ଦେଇ ନିଆରା ଭକ୍ତିଭାବର ପରିପ୍ରକାଶ କରିଥିଲେ।

## ମନ ଛୁଇଁଲା ଝୁମ୍ପା, ଗୋଟିପୁଅ, କଣ୍ଢେଇ ନାଚ



### ରାମେଶ୍ୱର ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,୨୯।୩(ବ୍ୟୁରୋ)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରଥଯାତ୍ରା ଉପଲକ୍ଷେ ମାଉସୀମା ଛକଠାରେ ବୁଧବାର ରାମେଶ୍ୱର କ୍ଲବ ପକ୍ଷରୁ ରାମେଶ୍ୱର ମହୋତ୍ସବ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ପ୍ରିମିୟର ୱାର୍କ ଆଉଟ ଗ୍ରୁପ ପକ୍ଷରୁ ଝୁମ୍ପା ଡ୍ୟାନ୍ସ, ରଘୁରାଜପୁରର ଗୋଟିପୁଅ ନୃତ୍ୟ, କେନ୍ଦୁଝରର କଣ୍ଢେଇ ନାଚ ପରିବେଷଣ କରାଯାଇଥିଲା। ପରେ ସୁନ୍ଦର ସ୍ୱାସ୍ଥ୍ୟ ବାର୍ତ୍ତା ପ୍ରଦାନ ପାଇଁ ଭୁବନେଶ୍ୱର କୁମାର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବକୁ ବିଧାୟକ ସୁରେଶ କୁମାର ରାଉତରାୟ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ଅକ୍ଷୟ ଦୀକ୍ଷିତ, ସାଧାରଣ ସମ୍ପାଦକ ଦୀପକ କୁମାର ମହାପାତ୍ର, ରମେଶ ବାରିକ, ପ୍ରଫୁଲ୍ଲ କୁମାର ପଣ୍ଡା, ଧିରଜ ମହାପାତ୍ର, ସଞ୍ଜୟ ମହାପାତ୍ର, ବିଶ୍ୱଜିତ ମହାପାତ୍ର, ଗଦାଧର ଦାସ ପ୍ରମୁଖ ଯୋଗଦେଇ ଥିଲେ। ଗୁରୁବାର ରାମେଶ୍ୱର କ୍ଲବର ୪୯ତମ ବାର୍ଷିକ ଉତ୍ସବ ଉପଲକ୍ଷେ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର ଫାଇନାଲ ଅନୁଷ୍ଠିତ ହେବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯିବ।

## ଆଜି ରାମ ନବମୀ



## ରଙ୍ଗିନ୍ ଆଲୋକରେ ଝଲସୁଛି ରାମ ମନ୍ଦିର

ଭୁବନେଶ୍ୱର,୨୯।୩(ବ୍ୟୁରୋ): ପ୍ରଭୁ ଶ୍ରୀରାମଙ୍କ ନାମରେ କମ୍ପିବ ରାଜଧାନୀ। ଭକ୍ତ ଓ ଭଗବାନଙ୍କ ମିଳନ ହେବ। ପ୍ରଭୁ ଶ୍ରୀରାମଙ୍କ ପାଖରେ ଲାଗିବ ଭକ୍ତଙ୍କ ଲମ୍ବା ଧାଡ଼ି। ଏଥିପାଇଁ ଭୁବନେଶ୍ୱର ୟୁନିଟ୍ -୩ସ୍ଥିତ ରାମ ମନ୍ଦିରକୁ ସୁସଜ୍ଜିତ କରାଯାଇଛି। ରଙ୍ଗିନ ଆଲୋକମାଳାରେ ରାମ ମନ୍ଦିର ଝଲସୁଛି। ମନ୍ଦିର କମିଟି ପକ୍ଷରୁ ନୀତି ନିର୍ଘଣ୍ଟ କରାଯାଇଛି। ପୂର୍ବାହ୍ନ ୫ଟା ୩୦ରେ ମଙ୍ଗଳ ଆରତି ହେବ। ସକାଳ ୭ରେ ଶୃଙ୍ଗାର ଆରତି ଅନୁଷ୍ଠିତ ହେବ। ୮ଟାରୁ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଆରମ୍ଭ ହେବ। ୧୦ଟାରୁ ଭଜନ ଓ କୀର୍ତ୍ତନ ହୋଇ ୧୧ରେ ଶ୍ରୀରାମଙ୍କ ପହୁଡ଼ ନୀତି ହେବ। ମଧ୍ୟାହ୍ନ ୧୨ଟାରେ ଜନ୍ମୋତ୍ସବ ଆରମ୍ଭ ହେବ। ବିଭିନ୍ନ ଫଳ, ଭୋଗ, ଅନ୍ନ, ମିଠାଅନ୍ନ, ଡାଲି, ଖିରି, ପିଠା ପ୍ରଭୁ ଶ୍ରୀରାମଙ୍କ ପାଖରେ ଭୋଗ ଲାଗିବ। ଅପରାହ୍ନ ୧ଟା ୩୦ରେ ପହୁଡ଼ ପଡ଼ିବ। ଅପରାହ୍ନ ୪ରେ ପହୁଡ଼ ଖୋଲିବ। ସନ୍ଧ୍ୟା ୭ଟାରେ ଆରତି ହୋଇ ରାତି ୧୧ଟା ପର୍ଯ୍ୟନ୍ତ ଦର୍ଶନ ଚାଲିବ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ୩ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବା ସହ ସିସିଟିଭି ଲଗାଯାଇଛି।

# ଲିଙ୍ଗରାଜ ମହୋତ୍ସବ ଆରମ୍ଭ

ଭୁବନେଶ୍ୱର (ବ୍ୟୁରୋ)/ ପୁରୁଣା
ଭୁବନେଶ୍ୱର,୨୯।୩ (ଡି.ଏନ.ଏ.)

ଓଡ଼ିଶୀରେ ଲକ୍ଷ୍ମୀ ନୃସିଂହ ନୃତ୍ୟରୁ ଆରମ୍ଭ ହୋଇଛି ଲିଙ୍ଗରାଜ ମହୋତ୍ସବ। ଓଡ଼ିଶୀ ନୃତ୍ୟରେ ଲକ୍ଷ୍ମୀ ନୃସିଂହଙ୍କ ଅପୂର୍ବ ଉପସ୍ଥିତିକୁ ନୃତ୍ୟାଙ୍ଗନାମାନେ ନୃତ୍ୟ ମାଧ୍ୟମରେ ଉପସ୍ଥାପିତ କରିଥିଲେ। ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଏହି ନୃତ୍ୟ ପରିବେଷିତ ହୋଇଥିଲା। ପରେ ଉତ୍ତରାଖଣ୍ଡର ପାରମ୍ପରିକ ଛପେଲି ନୃତ୍ୟ ଦର୍ଶକଙ୍କ ମନ କିଣିଥିଲା। ଲଳିତ ମୋହନ ବିଷ୍ଟ ଓ ସାଥୀ ଏହି ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଗୁଜରାଟର ଗର୍‌ବା ନୃତ୍ୟରେ ଉପସ୍ଥିତ ଦର୍ଶକ ପାଦକୁ ପାଦ ମିଳାଇ ନୃତ୍ୟ କରିଥିଲେ। ଗର୍‌ବା ନୃତ୍ୟ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଭରିବା ସହ ସାଂସ୍କୃତିକ ସନ୍ଧ୍ୟାକୁ ଅଧିକ ମନୋରମ କରିଥିଲା। ଏହି ନୃତ୍ୟକୁ ରାଜଶକ୍ତି ରାସ ମଣ୍ଡଳ ଉପସ୍ଥାପିତ କରିଥିଲେ। ଏହାପରେ କୋଲକାତାର ଶୁଭଶ୍ରୀ ପଟ୍ଟନାୟକ ଓ ସାଥୀଙ୍କ ଦ୍ୱାରା କୁଚିପୁଡ଼ି ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଶେଷରେ ଦର୍ଶକଙ୍କୁ ଆପଣାର କରିନେଇଥିଲା ମୟୂରଭଞ୍ଜର ମାଲଖମ୍ଭ ନୃତ୍ୟ। ଏହାକୁ ପଲ୍ଲବୀ ଡ୍ୟାନ୍ସ ଗ୍ରୁପ ପ୍ରଦର୍ଶିତ କରିଥିଲେ। ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପବିତ୍ର ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପ୍ରକାଶନୀର ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ମୋ ପରିବାରର ଅଧ୍ୟକ୍ଷ ଅରୂପ କୁମାର ପଟ୍ଟନାୟକ, ଭାଜପା ନେତା ସମୀର ମହାନ୍ତି, କଂଗ୍ରେସ ନେତା ଶିବାନନ୍ଦ ରାୟ, ରଶ୍ମି ମହାପାତ୍ର ଏବଂ ଅନୁଷ୍ଠାନର ସାଧାରଣ ସମ୍ପାଦକ ସନତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଲିଙ୍ଗରାଜ ଭଜନ ମଣ୍ଡପ ନିର୍ମାଣ ପାଇଁ ଆସନ୍ତା ଅକ୍ଷୟ ତୃତୀୟା ଦିନ ଶୁଭ ଦିଆଯିବ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯିବ ବୋଲି ମହୋତ୍ସବରେ ଘୋଷଣା କରାଯାଇଥିଲା। ଇଂ. ଶ୍ରୀନିବାସ ଘଟୁଆରୀ ଏବଂ ପରମେଶ୍ୱର ବେହେରା ମହୋତ୍ସବର ସଂଯୋଜନା କରିଥିଲେ। ଏହି ମହୋତ୍ସବ ୬ଦିନ ଧରି ଚାଲିବ।



କଳାକାରଙ୍କ ଦ୍ୱାରା ପରିବେଷିତ ଗର୍‌ବା ନୃତ୍ୟ।

### ବିଭୋର କଲା ଓଡ଼ିଶୀ, ଗର୍‌ବା, ଛପେଲି ନୃତ୍ୟ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୩୦ ମାର୍ଚ୍ଚ, ୨୦୨୩



## ସଂକ୍ଷେପରେ

### ଘରେ ପଶି ଟଙ୍କା, ସୁନାଗହଣା ଚୋରି

**ବୋଲଗଡ଼,୨୯।୩(ଡି.ଏନ୍.ଏ.):** ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ କନ୍ତାଇଲୋ ଗ୍ରାମର ସାଧୁ ବେହାରାଙ୍କ ଘରେ ପଶି ଦୁର୍ବୃତ୍ତମାନେ ୧୦ଲକ୍ଷ ଟଙ୍କାର ସୁନାରୁପା ଗହଣା ଓ ୧୦ହଜାର ଟଙ୍କା ଚୋରିକରି ନେଇଥିବା ଅଭିଯୋଗ ହୋଇଛି। ଏନେଇ ସାଧୁଙ୍କ ଅଭିଯୋଗକ୍ରମେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ସୋମବାର ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ସାଧୁଙ୍କ ଘର ବାରିପଟ ଗ୍ରୀଲ ତାଲା ଭାଙ୍ଗିବା ପରେ କବାଟ କଣା କରି ଖିଡ଼ିକି ଖୋଲି ଭିତରକୁ ପ୍ରବେଶ କରିଥିଲେ। ପରେ ତାଙ୍କ ବୋହୂ ଓ ନାତି ଶୋଇଥିବା ଘରେ ଆଲମିରା ଭାଙ୍ଗି ୬ଟି ମୁଦି, ମଙ୍ଗଳସୂତ୍ର, ୨ହଳ କାନଫୁଲ, ଚେନ, ଦୁଇଟି ଲକେଟ ଓ ରୁପାର ଗୋଟିଏ ଅଣ୍ଟାସୁତା ଓ ହଳେ ପାଉଁଜି ସମେତ ୧୦ ହଜାର ଟଙ୍କା ନେଇଯାଇଛନ୍ତି। ଚୋର ବୋଲି ଡାକ ପକାଇବା ପରେ ଦୁର୍ବୃତ୍ତମାନେ ପଳାଇଥିଲେ। ଏନେଇ ସାଧୁ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ସିଦ୍ଧିଦାତ୍ରୀ ବେଶରେ ମା'ଜାଗୁଲାଈ

**ଜଟଣୀ,୨୯।୩(ଡି.ଏନ୍.ଏ.):** ଜଟଣୀ କୁଦିଆରି ଗ୍ରାମର ଗ୍ରାମଦେବୀ ମା'ଜାଗୁଲାଈଙ୍କ ପୀଠରେ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବର ବୁଧବାର ନବମୀ ତିଥି ସନ୍ଧ୍ୟାରେ ଜାଗୁଲାଈ ସିଦ୍ଧିଦାତ୍ରୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ସନ୍ଧ୍ୟାରେ ମହାସ୍ନାନ କରାଯାଇ ଚିତ୍ରକର ବିଜୟ କୁମାର ପଣ୍ଡା ଦ୍ୱାରା ମା'ଙ୍କୁ ବେଶ କରାଯାଇଥିଲା। ଏଥିସହ ୯ଜଣ କୁମାରୀକନ୍ୟାଙ୍କୁ ମା'ଙ୍କ ୯ଟି ସ୍ୱରୂପରେ ବେଶ କରାଯାଇ ଯଜ୍ଞ ମଣ୍ଡପରେ ପୂଜା କରାଯାଇଥିଲା। ପ୍ରଥମେ କର୍ତ୍ତା ଅଭିରାମ କର ଓ ସ୍ୱର୍ଣ୍ଣଲତା କର ପୂଜା କରିଥିଲେ। ପରେ ଅନ୍ୟ ବ୍ରତଧାରୀ ପୂଜା କରିବା ପରେ ଅନ୍ୟାନ୍ୟ ଶ୍ରଦ୍ଧାଳୁମାନେ ବନ୍ଦାପନା ସହ ପୂଜିଥିଲେ। ଷୋଡ଼ଶ ଉପଚାର ପୂଜା, ସପ୍ତସତୀ ଚଣ୍ଡୀପାଠ ଓ ଯଜ୍ଞ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। କୁମାରୀ ପୂଜା ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଗୁରୁବାର ଦଶମୀ କ୍ଷୟ ରହୁଥିବାରୁ ବିଶ୍ରାମ ଦିବସଭାବେ ପାଳନ କରାଯିବ। ଶୁକ୍ରବାର ସନ୍ଧ୍ୟା ୬ଟା ବିଜୟା ଦଶମୀରେ ପୂର୍ଣ୍ଣାହୁତି ସହ ପ୍ରସାଦ ସେବନର କାର୍ଯ୍ୟକ୍ରମ ରହିଛି ବୋଲି ମୁଖ୍ୟ ସେବକ ମନୋରଞ୍ଜନ ପଣ୍ଡା କହିଛନ୍ତି। ସଭାପତି ରାଧାମୋହନ ପଟ୍ଟନାୟକଙ୍କ, କୋଷାଧକ୍ଷ ଅଶୋକ ଦାସ, ସୁଦର୍ଶନ ସୁନ୍ଦରାୟ୍, ନାଗଭୂଷଣ ରାୟ୍, ରାମ ସାହୁ, ଶଶିକାନ୍ତ ମହାପାତ୍ର, ସାଇ ସ୍ୱନ୍ଦନ, ରବି ନାରାୟଣ ପଣ୍ଡା ପ୍ରମୁଖ କାର୍ଯ୍ୟରେ ପରିଚାଳନା କରିଥିଲେ ବୋଲି କମିଟି ସମ୍ପାଦକ ଏଲ୍.ଡି ମହାନ୍ତି ସୂଚନା ଦେଇଛନ୍ତି।

### ମୋବାଇଲ ଚୋରି, ଜଣେ ଗିରଫ

**ଯାଁଳା,୨୯।୩(ଡି.ଏନ୍.ଏ.):** ଇନ୍‌ଫୋଭ୍ୟାଲି ଥାନା ପୋଲିସ ମୋବାଇଲ ଚୋରି ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ମଦନପୁର ଗ୍ରାମର କବିତା ଜୟସିଂ (୩୧)। ସୂଚନା ଅନୁଯାୟୀ, ମଧୁସ୍ମିତା ଏବଂ କବିତା ମଦନପୁର ଗାଁରେ ଗୋଟିଏ ଘରେ ଅଲଗା ଅଲଗା ହୋଇ ରୁହନ୍ତି। ମଧୁସ୍ମିତା ତାଙ୍କ ମା'ଙ୍କ ସହିତ ରହୁଥିବା ବେଳେ କବିତା ତାଙ୍କର ସ୍ୱାମୀ ଓ ଝିଅ ସହିତ ରୁହନ୍ତି। ଗତ ୨୬ ତାରିଖରେ ମଧୁସ୍ମିତାଙ୍କ ମୋବାଇଲ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ବିଲରେ ଗଡ଼ିଲା ବିଜୟା ରଥ

**ଶ୍ରୀକପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା**

- ମାଉସୀ ମା' ମନ୍ଦିର ନିକଟରେ ଅଢ଼େଇ ଘଣ୍ଟା ବିଳମ୍ବରେ ପହଞ୍ଚିଲା
- ଆଜି ଗୁଣ୍ଡିଚା ମନ୍ଦିରକୁ ବିଜେ କରିବେ

**ନିରାକାରପୁର,୨୯।୩(ଡି.ଏନ୍.ଏ.)**

ଅଶୋକାଷ୍ଟମୀ ଅବସରରେ ବୁଧବାର ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେ ଡିଆସ୍ଥିତ ଶ୍ରୀକପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରବଳ ବର୍ଷା ଯୋଗୁ ଅନ୍ଧାରରେ କାଦୁଅ ବିଲରେ ଶ୍ରଦ୍ଧାଳୁମାନେ ଟଥ ଟାଣି ନେଇ ମାଉସୀ ମା' ମନ୍ଦିର ନିକଟରେ ଲଗାଇଥିଲେ। ଏଥର ନିର୍ଦ୍ଧାରିତ ସମୟର ଅଢ଼େଇ ଘଣ୍ଟା ବିଳମ୍ବରେ ଅର୍ଥାତ୍ ରାତି ୮ଟା ୪୦ରେ ରଥ ମାଉସୀ ମା' ମନ୍ଦିର ପାଖରେ ପହଞ୍ଚିଥିଲା।

ଅପରାହ୍ଣ ୫ଟାରେ ରଥ ଟଣାଯିବା ପରମ୍ପରା ରହିଥିବା ବେଳେ ସାଢ଼େ ୪ଟାରୁ ୫ଟା ୪୫ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସହ ପବନ ହୋଇଥିଲା। ସେହି ସମୟରେ ଲେଣ୍ଡୁ ପଞ୍ଚାୟତ ଆରେଡି ଗ୍ରାମରୁ ଏହି ଯାତ୍ରାରେ ସାମିଲ ହେବା ପାଇଁ ନିମନ୍ତ୍ରିତ ହୋଇ ଆସିଥିବା ବଡ଼ଭାଇ ଶ୍ରୀଗ୍ରାମେଶ୍ୱର ଦେବ, ଭାଉଜ ମା' ପାର୍ବତୀ ଦେବୀ ଚାହାଣି ମଣ୍ଡପରେ ଶ୍ରୀକପିଳେଶ୍ୱର ଦେବଙ୍କ ନିକଟରେ ବିଜେ ହୋଇଥିଲେ। ଏଠାରେ ପୂଜାର୍ଚ୍ଚନା ପରେ ଠାକୁରମାନେ ରଥାରୂଢ଼ ହେବାକୁ ଥିବାବେଳେ ବର୍ଷା ଓ ପବନ ହେବାରୁ ଶ୍ରୀଜୀଉମାନେ ସାମାନ୍ୟ ଭିଜିଥିଲେ। ବର୍ଷା ଛାଡ଼ିବା ପରେ ଶ୍ରୀଜୀଉମାନେ ଚାହାଣି ମଣ୍ଡପରୁ ପହଣ୍ଡିରେ ଆସି ରଥାରୂଢ଼ ହୋଇଥିଲେ।


ବିଜୟା ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଉଛନ୍ତି।

ଏହାପରେ ରଥଟଣା ଆରମ୍ଭ ହୋଇଥିଲା। ଏହି ରଥକୁ ପ୍ରଥମେ ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଟାଙ୍ଗୀ ତହସିଲଦାର ଜନ୍ମେଜୟ ସାହୁ, ସ୍ଥାନୀୟ ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ପ୍ରମୁଖ ଟାଣିବା ପରେ ଉପସ୍ଥିତ ଶ୍ରଦ୍ଧାଳୁମାନେ ଟାଣିଥିଲେ। ତେବେ ବିଲରେ କାଦୁଅ ଯୋଗୁ ରଥ ଟାଣିବାରେ ଅସୁବିଧା ହୋଇଥିଲା। ପରେ ରଥ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିଥିଲା। ଏଥିରେ ସଞ୍ଜୟ କୁମାର ମହାପାତ୍ର, କମଳ ଲୋଚନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଦାଶ, ରମାକାନ୍ତ ପୁରୋହିତ ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ। ସେହିପରି ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତୀ ମହାପତ୍ର, ୧୨ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲ୍‌ଟାସିଂହ, ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ପରିଚାଳନା କମିଟି, ଗ୍ରାମବାସୀ, ପୋଲିସ ପ୍ରଶାସନ, ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗରେ ଶାନ୍ତିଶୃଙ୍ଖଳାରେ ଏହି ଯାତ୍ରା ସରିଛି। ଗୁରୁବାର ଶ୍ରୀଜୀଉମାନଙ୍କୁ ରଥରୁ ଗୁଣ୍ଡିଚା ମନ୍ଦିରକୁ ନିଆଯିବ ବୋଲି ପରିଚାଳନା କମିଟି ସଦସ୍ୟ କିଶୋର କୁମାର ଦାଶ, ମାନସ ଚନ୍ଦ୍ର ପଟ୍ଟନାୟକ, ସାରଙ୍ଗଧର ମହାପାତ୍ର ସୂଚନା ଦେଇଛନ୍ତି।



ଜଟଣୀ କୁଦିଆରୀ ଗ୍ରାମସ୍ଥିତ ମା' ଜାଗୁଲାଈଙ୍କ ସିଦ୍ଧିଦାତ୍ରୀ ଓ ନିରାକାରପୁର ରାମେଶ୍ୱର ପଞ୍ଚାୟତସ୍ଥିତ ବନଦୁର୍ଗାଙ୍କ ମହାଗୌରୀ ବେଶ।

# ବିଳମ୍ବରେ ଗଡ଼ିଲା ରୁକୁଣା ରଥ

**ପୁରୁଣା ଭୁବନେଶ୍ୱର,୨୯।୩(ଡି.ଏନ୍.ଏ.)**

ଅଶୋକାଷ୍ଟମୀ ଅବସରରେ ବୁଧବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥର ନିର୍ଦ୍ଧାରିତ ସମୟର ୨ଘଣ୍ଟା ବିଳମ୍ବ ଅର୍ଥାତ୍ ଅପରାହ୍ଣ ୫ଟା ୨୦ରେ ରଥଟଣା ଆରମ୍ଭ ହୋଇଥିଲା। ମନ୍ଦିର ପ୍ରଶାସନର ନୀତିନିର୍ଘଣ୍ଟ ଅନୁଯାୟୀ ମଙ୍ଗଳ ଆଳତି ଓ ଅବକାଶ ଭୋର ୫ଟାରୁ ୫ଟା ୩୦ ମଧ୍ୟରେ ସାରିବାକୁ ଥିବା ବେଳେ ଏହା ସକାଳ ୮ଟା ୧୫ରେ ହୋଇଥିଲା। ଏହାପରେ ସାହାଣମେଲା ଦର୍ଶନ ହୋଇଥିଲା। ପରେ ରୋଷ ହୋମ ଓ ପାକ କାର୍ଯ୍ୟ କରାଯାଇ ସକାଳ ୯ଟା ୧୫ରେ ଛାମୁ ପରିଷ୍କାର ହୋଇଥିଲା। ପରେ ମାଘସ୍ନାନ ଦିଆଯାଇ ନୀତିମାନ କରାଯାଇଥିଲା। ଦୈନିକ ନୀତି ଭୋଗମଣ୍ଡପ ସରିବା ପରେ ପୁନଶ୍ଚ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ ପୂଜା, ମହାସ୍ନାନ ଲାଗି, ବେଶ କରାଯାଇ ଯାତ୍ରାପୂଜା ଆରମ୍ଭ ହୋଇଥିଲା। ବିଭିନ୍ନ ନୀତିକାନ୍ତି ପରେ ଶ୍ରୀଲିଙ୍ଗରାଜ, ଭଉଣୀ ରୁକୁଣା ଦେବୀ, ପ୍ରଭୁ ଦୋଳଗୋବିନ୍ଦ ଦକ୍ଷିଣ ଘରୁ ବିଜେ ହୋଇ ଆଡ଼କାଠ ନିକଟରେ ପହଞ୍ଚିଥିଲେ। ପୂଜାପଣ୍ଡା ସେବାୟତ ଆଜ୍ଞାପ୍ରସାଦ ଦେଇସାରିବା ପରେ ଶ୍ରୀଜୀଉମାନେ ବିଭୀଷଣ ଦ୍ୱାର ନିକଟକୁ ଆସିଥିଲେ। ସେଠାରେ ବିଭୀଷଣ ଆଳତି କରାଯାଇଥିଲା। ପରେ ଠାକୁରମାନେ ରଥକୁ ପହଣ୍ଡି ବିଜେ କରିଥିଲେ। ସିଦ୍ଧ ଗଣେଶଙ୍କଠାରେ ନଡ଼ିଆ ଭଙ୍ଗାଯାଇ ପହଣ୍ଡି ଆରମ୍ଭ କରିଥିଲେ ପୂଜାପଣ୍ଡା ସେବାୟତ। ପରେ ରଥାରୂଢ଼ ହୋଇଥିଲେ ଶ୍ରୀଜୀଉ। ରଥରେ ଶ୍ରୀଜୀଉ ସର୍ବସାଧାରଣଙ୍କୁ ଦର୍ଶନ ଦେବା ପରେ ରଥରେ ଦଶଟି ପୂଜା ହୋଇଥିଲା। ରଥ ଉପରେ ସକାଳ ଧୂପ ଶେଷ ହେବାପରେ ପୂଜାପଣ୍ଡା ସେବାୟତ ରଥରେ ଛେରାପହଁରା କରିଥିଲେ। ରଥ କାଳିଶି ଭବାନୀ ପ୍ରସାଦ ଖୁଣ୍ଟିଆଙ୍କୁ ଆଜ୍ଞା ପ୍ରସାଦ ଓ ଆଜ୍ଞାମାଳ ଦିଆଯିବା ପରେ ଅପରାହ୍ଣ ୫ଟା ୨୦ରେ ରଥଟଣା ଆରମ୍ଭ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ଭକ୍ତିମୟ ପରିବେଶ ମଧ୍ୟରେ ଟଥ ଟାଣିଥିଲେ। ବାଟରେ ଗୋପାଳଜୀଉ ମଠ, ଶିବତୀର୍ଥ ମଠ ଆଦି ମଠରେ ଭୋଗ ନୈବେଦ୍ୟ ଅର୍ପଣ କରାଯାଇଥିଲା। ତେବେ ସୂର୍ଯ୍ୟାସ୍ତ ହୋଇଯିବାରୁ ସନ୍ଧ୍ୟା ୬ଟା ୫ରେ ରଥ ବଡ଼େଇବାଙ୍କରେ ଅଟକିଥିଲା। ଗୋଟିଏ ଦିନରେ ରଥ ଟଣାଯାଇ ରାମେଶ୍ୱର ମନ୍ଦିରରେ ଲାଗିବାର ନିୟମ ରହିଥିଲେ ମଧ୍ୟ ଏହା ହୋଇପାରି ନ ଥିଲା। ଗୁରୁବାର ନୀତିକାନ୍ତି ପରେ ଅପରାହ୍ଣରେ ପୁଣି ରଥ ଟଣାଯିବ।

# ମା' ଭଗବତୀଙ୍କ ଚଇତି ପର୍ବ



**ବାଣପୁର,୨୯।୩(ଡି.ଏନ୍.ଏ.)**

ଅଶୋକଷ୍ଟମୀ ଅବସରରେ ବୁଧବାର ମା' ଭଗବତୀଙ୍କ ଚଇତି ପର୍ବ ପାଳିତ ହୋଇଯାଇଛି। ଶ୍ରୀକ୍ଷେତ୍ରରେ ଯେପରି ବରମାସରେ ତେରପର୍ବ ପାଳିତ ହୁଏ, ସେହିପରି ବାଣପୁରରେ ମା ଭଗବତୀଙ୍କ ପାର୍ବପର୍ବାଣି, ଯାନିଯାତ୍ରା ପରମ୍ପରା କାହିଁ କେଉଁକାଳରୁ ପାଳିତ ହୋଇଆସୁଛି। ଅଶୋକଷ୍ଟମୀରେ ମା'ଙ୍କର ଏହି ପର୍ବ ମହାଆଡମ୍ବରରେ ପାଳିତ ହୁଏ। ପ୍ରାଚୀନକାଳରୁ ଖୋର୍ଦ୍ଧା ଗଜପତି ଶାସନଧୀନ ବାଣପୁର ଅଞ୍ଚଳର ଆରାଧ୍ୟ ଦେବୀ ମା'ଭଗବତୀ ଦକ୍ଷିଣଦିଗ ରାକ୍ଷକାରିଣୀ ଖଲିକୋଟ ଗଡ଼ଜାତର ଆରାଧ୍ୟ ଦେବୀ ମା'ନାରାୟଣୀ ପୀଠକୁ ଅଶୋକାଷ୍ଟମୀ ଦିନ ଯାତ୍ରା କରି ସେଠାରେ ପୂଜା ପାଉଥିଲେ। ପରମ୍ପରା ଅନୁସାରେ ଦେବୀମାନଙ୍କୁ ଅଶୋକା ଫୁଲ ଲାଗି କରାଯାଇ ଗ୍ରୀଷ୍ମରୁ ରକ୍ଷା ପାଇବା ପାଇଁ ପଇଡ଼ ନୈବେଦ୍ୟ ଅର୍ପଣ କରାଯାଇ ରାତ୍ରିକାଳରେ କାକରା ଭୋଗ ଲାଗି କରାଯାଇ ମା'ଭଗବତୀଙ୍କୁ ବିଦାୟ ଦିଆଯାଉଥିଲା। ଏହି ଦିନ ମା'ଭଗବତୀ ନାରାୟଣୀଙ୍କୁ ଶାରଦୀୟ ପର୍ବକୁ ଆମନ୍ତ୍ରଣ କରୁଥିଲେ।

### ୨ ବାଇକ୍ ଜବତ, ୪ ଗିରଫ

**ବାଲୁଗାଁ,୨୯।୩(ଡି.ଏନ୍.ଏ.)**

ଅମାନିଆ ଗାଡ଼ି ଚାଳକଙ୍କୁ ସାବାଡ଼୍ ପାଇଁ ବାଲୁଗାଁ ପୋଲିସ ପକ୍ଷରୁ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବା ୪ଜଣ ଯୁବକଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କଠାରୁ ଦୁଇଟି ବାଇକ୍ ଜବତ ହୋଇଛି। ସୂଚନା ମୁତାବକ, ୩ଜଣ ବସି ବାଇକ୍ ଚଳାଇବା, ମୋବାଇଲ ଧରି ବାଇକ୍ ଚାଳନା, ମଦ୍ୟପାନ କରି ଗାଡ଼ି ଚାଳନା ଏବଂ ଦ୍ରୁତ ଗତିରେ ଚଳାଇବା ଯୋଗୁ ରାସ୍ତାରେ ଯାଉଥିବା ପଥଚାରୀଙ୍କଠାରୁ ଆରମ୍ଭ କରି ଅନ୍ୟ ଯାନବାହନଗୁଡ଼ିକ ଦୁର୍ଘଟଣାର ଶିକାର ହେଉଥିବାର ଅଭିଯୋଗ ହୋଇଆସୁଅଛି। ମୋଟର ଯାନ ଆଇନ ଅନୁଯାୟୀ ସମ୍ପୃକ୍ତ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ବାଲୁଗାଁ ଥାନା ଆଇଆଇସି ରଶ୍ମୀରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ସ୍ଥାନୀୟ ଅଞ୍ଚଳର ଗାନ୍ଧୀଛକଠାରେ ଚଢ଼ାଉ କରି ନିଶାସକ୍ତ ଅବସ୍ଥାରେ ୪ବାଇକ ଆରୋହୀଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ ପୃଥକ୍ ଭାବେ ଦୁଇଟି ମାମଲା(ନଂ. ୮୨, ୮୩ / ୨୩) ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି। ଆଗାମୀ ଦିନରେ ଚଢ଼ାଉ ଜାରି ରହିବ ବୋଲି ଆଇଆଇସି ଦାଶ କହିଛନ୍ତି।

### ଗାଈକୁ ଧକ୍କା ଦେଇ ୨ ବାଇକ୍ ଆରୋହୀ ଗୁରୁତର

**ବୋଲଗଡ଼,୨୯।୩(ଡି.ଏନ୍.ଏ.)**

ଖୋର୍ଦ୍ଧା-ବଲାଙ୍ଗିର ୫୭ନମ୍ବର ଜାତୀୟ ରାଜପଥର ବୋଲଗଡ଼ ଥାନା ଅଧୀନ ଚୁଡା ଗ୍ରାମ ଛକ ନିକଟରେ ଏକ ଗାଈକୁ ଧକ୍କା ଦେଇ ୨ଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ସଂପୁର ଗ୍ରାମର ବିଜୟ କୁମାର ସାହୁ ଓ ଖଗୁରିଆ ଗ୍ରାମର ଯୋଗି ହରଚନ୍ଦନ। ଚିକିତ୍ସା ପାଇଁ ଏମାନଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଚୁଡା ଗ୍ରାମ ଛକ ନିକଟରେ ଏକ ଗାଈ ହଠାତ୍ ବାଇକ୍ ଆଗକୁ ଆସିଯିବାରୁ ଧକ୍କା ହୋଇ ଉପରୋକ୍ତ ୨ଜଣ ଆହତ ହୋଇଥିଲେ।

**ନାବାଳକ ଗାଡ଼ି ଚଳାଇବା ପ୍ରସଙ୍ଗ**

# ଅଭିଭାବକ ଦୃଷ୍ଟିଦେବା ଜରୁରୀ

**ଖୋର୍ଦ୍ଧା ଅଫିସ, ୨୯।୩**

ରାଜ୍ୟରେ ଦୁର୍ଘଟଣା ରୋକିବାକୁ ମଙ୍ଗଳବାରଠାରୁ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ ହୋଇଛି। ପରିବହନ ବିଭାଗର ଏନ୍‌ଫୋର୍ସମେଣ୍ଟ ଟିମ୍ ଏବଂ ପୋଲିସର ମିଳିତ ସହଯୋଗରେ ରାଜ୍ୟର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଉଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଆଞ୍ଚଳିକ ପରିବହନ ବିଭାଗ ଏବଂ ପୋଲିସ ପକ୍ଷରୁ ମଧ୍ୟ ଚେକିଂ ଆରମ୍ଭ ହୋଇଛି। ଏନେଇ ଆଞ୍ଚଳିକ ପରିବହନ ଅତିରିକ୍ତ ପରିବହନ ଅଧିକାରୀ(ଏଆରଟିଓ) ଅରବିନ୍ଦ ନାୟକ କୁହନ୍ତି, ସଡ଼କ ଦୁର୍ଘଟଣା ବଢିଚାଲିଛି। ଏହାକୁ ରୋକିବା ଲାଗି ଚେକିଂକୁ ଜୋରଦାର କରାଯିବ। ପିଲାମାନେ ବାଇକ ନ ଚଳାଇବା ପାଇଁ ପରାମର୍ଶ ଦିଆଯାଇଛି। ଏ ଦିଗରେ ଅଭିଭାବକମାନେ ଯତ୍ନବାନ ହେବା ଆବଶ୍ୟକତା ରହିଛି। ୧୮ବର୍ଷ ତଳ ପିଲାଙ୍କୁ ବାଇକ ଚଳାଇବା ପାଇଁ ଦିଅନ୍ତୁ ନାହିଁ। ଟ୍ରାଫିକ ନିୟମ ସମ୍ପର୍କରେ ଅବଗତ ନ ଥିବା, ଦ୍ରୁତ ଗାଡି ଚାଳନା ଯୋଗୁ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଏଥିପ୍ରତି ବାପାମାଆଙ୍କ ଗୁରୁଦାୟିତ୍ୱ ରହିଛି। ଏହା ସତ୍ତ୍ୱେ ପିଲାମାନେ ବାଇକ ଧରି ଯାଉଥିବା ବେଳେ ଧରାପଡିଲେ, ସେମାନଙ୍କ ଅଭିଭାବକଙ୍କ ଠାରୁ ୨୫ହଜାର ଟଙ୍କା ଜରିମାନା ଆଦାୟ କରାଯିବ। ସଦର ଏସ୍‌ଡିପିଓ ଦିଲୀପ ଦାସ କୁହନ୍ତି, ଏନେଇ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନାବାଳକ ବାଇକ୍ ଚେକିଂକୁ ଜୋରଦାର କରାଯିବ। ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ କୁହନ୍ତି, ଜନଗହଳି ସ୍ଥାନରେ ପୋଲିସ ପକ୍ଷରୁ ବାଇକ୍ ଚାଳକଙ୍କୁ ହେଲମେଟ ଏବଂ କାର୍ ଚାଳକ ସିଟବେଲ୍ଟ ବାନ୍ଧିବା ଲାଗି ପରାମର୍ଶ ଦିଆଯାଇଛି। ବିଶେଷ କରି ୧୮ବର୍ଷରୁ କମ୍ ବୟସର ପିଲାଙ୍କ ଉପରେ ବାଇକ ଚଳାଇବା ଉପରେ ଅଙ୍କୁଶ ଲଗାଇବା ଏହାର ଲକ୍ଷ୍ୟ। ଅଭିଭାବକମାନେ ଏଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ସାମାଜିକ କର୍ମୀ ତପନ ସାମନ୍ତରାୟ କୁହନ୍ତି, ଏହା ଏକ ଉଚିତ୍ ପଦକ୍ଷେପ। ଦିନକୁ ଦିନ ସଡ଼କ ଦୁର୍ଘଟଣା ଘଟୁଛି। ଦୈନିକ ଖବରକାଗଜ ପୃଷ୍ଠା ଓଲଟାଇଲେ, ଦୁର୍ଘଟଣା ମୃତ୍ୟୁ ଖବର ଦେଖିବାକୁ ମିଳୁଛି। ଜଣେ ସଚେତନ ନାଗରିକଭାବେ ପରିବହନ ବିଭାଗର ଏହି ଅଭିଯାନକୁ ସ୍ୱାଗତ କରୁଛି। ତେବେ କେବଳ ଜରିମାନ ଆଦାୟ କଲେ ହେବ ନାହିଁ, ଏଥିପ୍ରତି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଆବଶ୍ୟକତା ରହିଛି। ଖବରଦାତା ଗୋପାଳ ଦାସ କୁହନ୍ତି, ଟ୍ରାଫିକ ନିୟମ ଓ ସଡ଼କ ଦୁର୍ଘଟଣା ସମ୍ପର୍କରେ ପ୍ରତି ଶିକ୍ଷାନୁଷ୍ଠାନ ବିଭାଗ ପକ୍ଷରୁ ସଚେତନତା କର୍ମଶାଳା ଆୟୋଜନ କରାଯାଉ। ୧୮ବର୍ଷରୁ କମ୍ କୌଣସି ଛାତ୍ରୀଛାତ୍ର ଯେପରି ଗାଡ଼ି ଚଳାଇ ଶିକ୍ଷାନୁଷ୍ଠାନକୁ ଆସିବେ ନାହିଁ, ତାହାକୁ ସୁନିଶ୍ଚିତ କରାଗଲେ ଏହି ଅଭିଯାନ ସଫଳ ହେବ।

# କାଲୁପଡାଘାଟ ଷ୍ଟେଶନରେ ପ୍ରଶାନ୍ତି ଏକ୍ସପ୍ରେସ ଟ୍ରେନ୍ ରହଣି ଦାବି

**ଟାଙ୍ଗୀ(ଖୋର୍ଦ୍ଧା),୨୯।୩(ଡି.ଏନ୍.ଏ.)**

ପୂର୍ବତଟ ରେଳୱେ ଅନ୍ତର୍ଗତ କାଲୁପଡା ଘାଟ ରେଳ ଷ୍ଟେଶନରେ ପ୍ରଶାନ୍ତି ଏକ୍ସପ୍ରେସ ଟ୍ରେନର ରହଣୀ ପାଇଁ ରେଳ ୟୁଜର୍ସ କମିଟି ପକ୍ଷରୁ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପ୍ରଦାନ କରାଯାଇଛି। ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡ. ସମ୍ବିତ୍ ପାତ୍ରଙ୍କ ମାଧ୍ୟମରେ କମିଟି ସମ୍ପାଦକ ଗଙ୍ଗାଧର ପ୍ରଧାନ ଦିଲ୍ଲୀ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ଖୁବଶୀଘ୍ର ପ୍ରଶାନ୍ତି ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଜନସାଧାରଣଙ୍କ ପକ୍ଷରୁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା।


ରେଳ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**କାଇପଦର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ବଦ୍‌ମାସ ଏକାଦଶ, ବାବା ୱାରିୟର୍ସ ବିଜୟୀ

**ଖୋର୍ଦ୍ଧା ଅଫିସ,୨୯।୩:** ଖୋର୍ଦ୍ଧା ବ୍ଲକ କାଇପଦର ପ୍ରିମିୟର ଲିଗ୍ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ବଦମାସ ଏକାଦଶ ଓ ବାବା ୱାରିୟର୍ସ ବିଜୟୀ ହୋଇଛି। ପ୍ରଥମେ ଇଗଲ ୱାରିୟର୍ସ ଦଳ ବ୍ୟାଟିଂ କରି ୧୪ ଓଭରରେ ୧୦ ଉଇକେଟ୍ ହରାଇ ୮୯ରନ୍ ସଂଗ୍ରହ କରିଥିଲା। ଜବାବରେ ବାବା ୱାରିୟର୍ସ ୧୨.୩ ଓଭରରେ ୯୦ ରନ୍ କରି ବିଜୟୀ ହୋଇଛି। ଦଳ ପକ୍ଷରୁ ଯଶୋବନ୍ତ ହରିଚନ୍ଦନ ୧୩ ବଲରୁ ୨୨ ରନ୍ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଛନ୍ତି। ସେହିପରି ଦ୍ୱିତୀୟ ମ୍ୟାଚ ବଦମାସ ଏକାଦଶ ଏବଂ ଓମ୍‌ସାଇ ଏକାଦଶ ମଧ୍ୟରେ ହୋଇଥିଲା। ବଦମାସ୍ ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୪ ଉଇକେଟ୍ ବିନିମୟରେ ୧୨୦ ରନ୍ ସଂଗ୍ରହ କରିଥିଲା। ଜବାବରେ ଓମ୍‌ସାଇ ଏକାଦଶ ଦଳ ୧୫ ଓଭରରେ ୮ ଉଇକେଟ୍ ବିନିମୟରେ ୧୧୬ କରି ପରାସ୍ତ ହୋଇଛି। ବାବା ୱାରିୟର୍ସ ଦଳ ପକ୍ଷରୁ କୁଳଦୀପ ପାଇକରାୟ ୨୧ ବଲରେ ୩୧ରନ ଦେଇ ୨ଟି ଉଇକେଟ୍ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଗୋପିନାଥ ମାଝି ଓ ପ୍ରକାଶ ସିଂ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସ୍କୋରର ଥିଲେ ରାଜେଶ କୁମାର ସୁବୁଦ୍ଧି। ମ୍ୟାଚରେ ଅତିଥିଭାବେ ମାନସ ରଞ୍ଜନ ପ୍ରଧାନ, ସତ୍ୟରଞ୍ଜନ ବଳିୟାରସିଂହ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ପୁରସ୍କାର ବିତରଣ କରିଥିଲେ।


ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

### ଜମି ବିବାଦକୁ ନେଇ ଗଣ୍ଡଗୋଳ, ଜଣେ ଆହତ

**ବାଣପୁର,୨୯।୩(ଡି.ଏନ୍.ଏ.)**

ବାଣପୁର ଏନ୍‌ଏସି ଅନ୍ତର୍ଗତ ଦାଶରଥିପୁର ଗ୍ରାମ ହରିଜନ ସାହିରେ ଏକ ଜମି ବିବାଦକୁ ନେଇ ଗଣ୍ଡଗୋଳ ହୋଇଥିବା ଜଣାପଡ଼ିଛି। ଏନେଇ ପୋଲିସ ଉଭୟ ପକ୍ଷଙ୍କ ବିରୋଧରେ ମାମଲା ରୁଜୁ କରି ଗାଁରେ ତନାଘନା ଜାରି ରଖିଛି। ସୂଚନା ମୁତାବକ, ଉକ୍ତ ଗ୍ରାମର ଏକ ସରକାରୀ ଜାଗାକୁ ଜନୈକ କିଛି ବ୍ୟକ୍ତି ତାଙ୍କର କହି ଅକ୍ତିଆର କରି ରଖିଥିବାବେଳେ ଗ୍ରାମବାସୀ ଉକ୍ତ ଜାଗାକୁ ଗ୍ରାମବାସୀଙ୍କର ବୋଲି ଦାବି କରୁଛନ୍ତି। ଉକ୍ତ ଜାଗାରେ ତୋଠ ନିର୍ମାଣକୁ ନେଇ ଉଭୟ ପକ୍ଷଙ୍କ ଭିତରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ପ୍ରକାଶ ଥାଉକି ସରକାରୀ ଜାଗାକୁ ଅକ୍ତିଆର କରି ରଖିଥିବା ବ୍ୟକ୍ତି ଜଣଙ୍କ ବାଣପୁର ଏନ୍‌ଏସିର କର୍ମଚାରୀ ବୋଲି ଜଣାପଡ଼ିଛି।

# ଖୁଣ୍ଟିଲାଗି ହେଲେ ଭାଗବତ ବାସୁଦେବ

**ଜଟଣୀ ଗାଁ ହାଟବଜାର, ଗୋପୀନାଥପୁର ମେଳଣ**

**ଜଟଣୀ,୨୯।୩(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଜଟଣୀ ଗାଁ ହାଟବଜାର, ଗୋପୀନାଥପୁରରେ ଆରମ୍ଭ ହୋଇଛି ଭାଗବତ ବାସୁଦେବଙ୍କ ମେଳଣ ଉତ୍ସବ। ଏଥିପାଇ ଗାଁ ପରିବେଶ ଉତ୍ସବ ମୁଖର ହୋଇପଡ଼ିଛି। ସମସ୍ତ ନୀତିକାନ୍ତି ପରେ ବୁଧବାର ମଧ୍ୟରାତ୍ରିରେ ଭାଗବତ ବାସୁଦେବ ବିରାଟ ପାରୁଅରରେ ମନ୍ଦିରରୁ ବାହାରି ବାଜା ବାଣ ରୋଷଣୀ, ଘଣ୍ଟ ଘଣ୍ଟା, ଭେରୀ ତୁରୀ ଅଲଟ ଚାମର, ହରିବୋଲ ହୁଳହୁଳି ପାରମ୍ପରିକ ସଙ୍ଗୀତ ଏବଂ ନୃତ୍ୟରେ ଆସି ଖୁଣ୍ଟିଲାଗି ହୋଇଛନ୍ତି ଥାନପାତି ଭାଗବତ ବାସୁଦେବ। ଥାନପତିଙ୍କ ସହିତ ମାଣିତ୍ରି, ପାଟଣା, ଅରାଗଡ, ରେଙ୍ଗଳ, ବରପଦା, ବାଛରା, ଓଗରସୁଆ ଆଦି ୧୩ଟି ଗ୍ରାମରୁ ନିମନ୍ତ୍ରିତ ଠାକୁର ସୁସଜ୍ଜିତ ଦୋଳ ବିମାନରେ ଆସି ମେଳଣରେ ସାମିଲ ହୋଇଛନ୍ତି। ଜମାଣ ରାତିରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଗ୍ରାମ୍ୟ ମେଳଣ କମିଟି ପକ୍ଷରୁ ମେଳଣ ପଡିଆରେ ସାସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶ୍ରଦ୍ଧାଳୁ ମେଳଣ ପଡିଆରେ ଲାଗିଥିବା ଦୋକାନରୁ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଖାଇବା ସହିତ ଘରକରଣା ସାମଗ୍ରୀ କିଣୁଥିବା ଦେଖିବାକୁ ମିଳିଛି। ସେହିପରି ପିଲାମାନେ ଦୋଳିରେ ଝୁଲି ମଜା ନେଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଆୟୋଜକ ଜଟଣୀ ଗାଁ ହାଟବଜାର, ଗୋପୀନାଥପୁର ମେଳଣ ପରିଚାଳନା କମିଟି ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।



ମେଳଣ ଉତ୍ସବ ଅବସରରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ

କଟକ ଅଫିସ: କଟକ ମହାନଗର ନିଗମ (ସିଏମ୍‌ସି) ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ବୁଧବାର ସ୍ଥାନୀୟ ବିଜୁ ଭବନ ବୈଠକ କକ୍ଷରେ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୯ଟି ୱାର୍ଡର କର୍ପୋରେଟରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସିଏମ୍‌ସି ମେୟର ସୁବାସ ସିଂ ଏହାକୁ ଶୁଭାରମ୍ଭ କରି କହିଥିଲେ, ଅଗ୍ନିକାଣ୍ଡବେଳେ ସତର୍କ ଓ ସଜାଗ ରହିବା ଦରକାର। ସିଏମ୍‌ସି ଅଗ୍ନି ନିରାପତ୍ତା ପ୍ରକଳ୍ପ ସଂଯୋଜକ ଶ୍ରୀନିବାସ ପଣ୍ଡା ଯୋଗଦେଇ ସିଏମ୍‌ସିରେ କାର୍ଯ୍ୟକାରୀ କରାଯାଉଥିବା ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଅଗ୍ନିଶମ ବିଭାଗର ସଞ୍ଜିବ ବେହେରା, ଖିରୋଦ ଚନ୍ଦ୍ର ଶତପଥି ଓ କର୍ମଚାରୀମାନେ ଅଗ୍ନି ନିରାପତ୍ତା ଉପରେ ତାଲିମ ପ୍ରଦାନ କରିଥିଲେ। ଏଥିରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ଡେପୁଟି କମିଶନର ଅମ୍ରିତ ସରକାର ପ୍ରମୁଖ ଯୋଗଦେଇଥିଲେ।

### ସଂକ୍ଷେପରେ

## ମଣ୍ଡିରେ ବିକି ପାରିଲେନି ଧାନ

■ସମୂହ ଆତ୍ମହତ୍ୟା ପାଇଁ ଚାଷୀଙ୍କ ଚେତାବନୀ
■ଥାନାରେ ଅଭିଯୋଗ

**କଣ୍ଟାପଡା,୨୯।୩(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ସେବା ସମବାୟ ସମିତି ପକ୍ଷରୁ ଖୋଲା ଯାଇଥିବା ଧାନମଣ୍ଡିରେ ୩୦ ଜଣ ଚାଷୀ ଟୋକନ ପାଇଥିଲେ ମଧ ସେମାନଙ୍କଠାରୁ ସମିତି ଧାନ କିଣୁନାହିଁ। ଫଳରେ ସମ୍ପୃକ୍ତ ଚାଷୀମାନେ ସାମୂହିକ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସେମାନେ ବୁଧବାର ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ମାର୍ଚ୍ଚ ୨୯ରେ ୩୦ ଜଣ ଚାଷୀଙ୍କଠାରୁ ୯୫୭ କୁଇଣ୍ଟାଲ ଧାନ କିଣିବାକୁ ଗୋବିନ୍ଦପୁର ସେବା ସମବାୟ ସମିତି ପକ୍ଷରୁ ଗତ ଫେବୃୟାରୀ ୨୮ରେ ଟୋକନ ପ୍ରଦାନ କରାଯାଇଥିଲା। ତେବେ ବୁଧବାର ମଣ୍ଡି ଖୋଲାଯିବ ନାହିଁ ବୋଲି ଖବର ପାଇବାପରେ ଚାଷୀମାନେ ଗୋବିନ୍ଦପୁର ସେବା ସମବାୟ ସମିତିକୁ ଯାଇ ଘଟଣା ସମ୍ପର୍କରେ ପଚରା ଉଚରା କରିଥିଲେ। ହେଲେ ସେଠାରେ କର୍ମଚାରୀଙ୍କଠାରୁ କୌଣସି ସନ୍ତୋଷଜନକ ଉତ୍ତର ନ ପାଇବାରୁ ଚାଷୀମାନେ ଗୋବିନ୍ଦପୁର ଥାନାରେ ଲିଖିତଭାବେ ଜଣାଇଥିଲେ। ଏ ସମ୍ପର୍କରେ ଗୋବିନ୍ଦପୁର ଥାନାଧିକାରୀ ରବିନାରାୟଣ ବେହେରା କହିଛନ୍ତି, ଅଭିଯୋଗ ସମ୍ପର୍କରେ ଜିଲାପାଳଙ୍କୁ ଜଣାଇ ଦିଆଯାଇଛି।

## ରାଷ୍ଟ୍ରୀୟ ସମ୍ମିଳନୀ ଉଦ୍‌ଯାପିତ

**କଟକ ଅଫିସ,୨୯।୩:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ୱିଜଡମ୍ ସମ୍ମିଳନୀ କକ୍ଷରେ ହିନ୍ଦୀ ବିଭାଗ ପକ୍ଷରୁ ୨ ଦିନିଆ ରାଷ୍ଟ୍ରୀୟ ସମ୍ମିଳନୀ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ପ୍ରଥମ ଦିବସରେ ସମାଜରେ ନାରୀର ସ୍ଥିତି ଓ ସାହିତ୍ୟରେ ନାରୀର ଭାଗୀଦାରିତା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ହିନ୍ଦୀ ବିଭାଗର ପ୍ରଫେସର ଅଞ୍ଜୁମନ୍ ଆରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାଦମ୍ବିନୀ ପତ୍ରିକାର ସମ୍ପାଦିକା ଇତିରାଣୀ ସାମନ୍ତ, ମୁଖ୍ୟବକ୍ତା ଏଆଇପିସିର ପ୍ରତିଷ୍ଠାତା ଡ. ଲାରୀ ଆଜାଦ୍, ସମ୍ମାନିତ ଅତିଥି ଭାବେ ରବିନାରାୟଣ ରଥ, ପ୍ରାଧାପକ ସେକ୍ କଲିମୁଲା ଯୋଗଦେଇ ନାରୀର ସାମାଜିକ ଓ ପାରିବାରିକ ଦାୟିତ୍ୱ ନିର୍ବାହ ଓ ସାହିତ୍ୟରେ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଦିନରେ ଛାୟାବାଦୀ କବିତା କେ ବିବିଧ ଆୟାମ୍ ବିଷୟ ବସ୍ତୁ ଉପରରେ ଆଲୋଚନା ଚକ୍ର ଏବଂ ହିନ୍ଦୀ ଓ ଓଡ଼ିଆ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କବି ଡ. ଅମିୟ ମହାପାତ୍ର, ଦେବାଶିଷ ମହାନ୍ତି, ଦେବାଶିଷ ମିଶ୍ର, ପ୍ରସନ୍ନ ସ୍ୱାଇଁ ଓ ସୁରେଶ ନାୟକ ପ୍ରମୁଖ ଯୋଗଦେଇ କବିତା ପାଠ କରିଥିଲେ। ବିଜୟ କୁମାର ମଲ୍ଲ ମଞ୍ଚ ସଞ୍ଚାଳନ କରିଥିଲେ। ଡ. ଲାରୀ ଆଜାଦ୍ ଓ ପ୍ରଫେସର ଅଞ୍ଜୁମନ୍ ଆରା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ସ୍ୱାସ୍ଥ୍ୟସେବାରେ ଗୋଷ୍ଠୀ ସହଭାଗିତାକୁ ଗୁରୁତ୍ୱ

**କଟକ ଅଫିସ, ୨୯।୩**

ଡାକ୍ତରୀ ସେବା ଏକ ଆଶୀର୍ବାଦଯୁକ୍ତ ମହତସେବା। ଆଶା ଓ ଗାଁ କଲ୍ୟାଣ ସମିତିର ମା'ମାନେ ସ୍ୱାସ୍ଥ୍ୟସେବାରେ ନିଯୋଜିତ ହୋଇ ମହନୀୟତାର ପରିଚୟ ସୃଷ୍ଟି କରିଛନ୍ତି। କୋଭିଡ୍ ମହାମାରୀ ସମୟରେ ଆଶା, ଅଙ୍ଗନୱାଡି କର୍ମୀ ଓ ଗାଁ କଲ୍ୟାଣ ସମିତି ସଦସ୍ୟାମାନେ ନିଷ୍ଠା ଓ ପରାକାଷ୍ଠାର ସହ ସେବା ପ୍ରଦାନ କରିଛନ୍ତି। ଫଳରେ ରାଜ୍ୟ ସରକାର ସେମାନଙ୍କୁ କୋଭିଡ ଯୋଦ୍ଧା ଭାବେ ଘୋଷଣା କରିଥିଲେ। ଆଶା ଓ ଗାଁ କଲ୍ୟାଣ ସମିତିର ମା'ମାନେ ଆଗାମୀ ଦିନରେ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ ପୂର୍ବକ ଗୋଷ୍ଠୀ ସହଭାଗିତାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଯୋଜିତ ରହି ଉଦାହରଣ ସୃଷ୍ଟି କରିବାକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ କଟକ ଶହୀଦ ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସତ୍ୟବ୍ରତ ଛୋଟରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଜିଲାପାଳ ଚୟନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ଆଶାକର୍ମୀ ବିନୋଦିନୀ ନାୟକ, ଦମୟନ୍ତୀ ରାଉଳ, ମାରିୟମ ବେଗମଙ୍କୁ ପୁରସ୍କୃତ କରାଯାଇଥିଲା।



ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟ ଅତିଥିବୃନ୍ଦ।

### ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ

■୩ ଆଶାକର୍ମୀ, ୯ ଗାଁ କଲ୍ୟାଣ ସମିତି ପୁରସ୍କୃତ

ସେହିପରି ଆଠଗଡର ରାଧାଗୋବିନ୍ଦପୁର, ସାଲେପୁର ବ୍ଲକର ବାଲିଆ, ନିଆଳି ବ୍ଲକର ପୋଲସରା, ବଡମ୍ବା ବ୍ଲକର କରଡିବନ୍ଧ, ନିଶ୍ଚିନ୍ତକୋଇଲି ବ୍ଲକର କଲରାବାଙ୍କ, ଖଣ୍ଡଗାଁ ଓ ବୁହାଳ ତଥା ନରସିଂହପୁରର ନୁଖାପଡା ଏବଂ କଣ୍ଟାପଡା ବ୍ଲକର ବଡ଼ବିଲ ସମେତ ୯ଟି ଗାଁ କଲ୍ୟାଣ ସମିତିକୁ ପୁରସ୍କୃତ କରାଯାଇଥିଲା। ଏତଦ୍‌ବ୍ୟତୀତ ୨୦୨୨ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ପ୍ରବନ୍ଧନ ସୂଚନା ପ୍ରଣାଳୀ ଜରିଆରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିନ୍ଧାଣିମା, ସୁବର୍ଣ୍ଣପୁର ଏବଂ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସମୂହ ପୁରସ୍କାର ଦିଆଯାଇଥିଲା। ଏଥିସହ ଆଭାଆଇଡି ସୃଷ୍ଟି ପାଇଁ ମାଣିଆବନ୍ଧ, ସୁବର୍ଣ୍ଣପୁର ଏବଂ ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶିବ ଟପୋ, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ମମତା ମହାପାତ୍ର, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିଲାଖି ଶିର୍କା, ଡା. ଲୋକନାଥ ପାତ୍ର, ଡା. ପ୍ରମୋଦ କୁମାର ଦେ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ତୋଷ କୁମାର ଶତପଥୀ ଅତିଥି ପରିଚୟ ଓ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ମନ୍ଦାକିନୀ ବେହେରା ଧନ୍ୟବାଦ ଦେଇଥିଲେ।

# ଚୋରି ମୋବାଇଲ ଜବତ, ମହିଳା ଗିରଫ

**ମଙ୍ଗୁଳି–ଜଗତପୁର,୨୯।୩(ଡି.ଏନ୍.ଏ.)**

ମୋବାଇଲ ଚୋରି ଅଭିଯୋଗରେ ଜଗତପୁର ପୋଲିସ ଜଣେ ମହିଳାଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତପୁର ଥାନା ଅଧୀନ ତଳବଣିଆ ମୁଣ୍ଡାସାହିର ମୀନା ରାଉତ(୪୫)। ଏହି ଘଟଣାରେ ସମ୍ପୃକ୍ତ ଜଣେ ନାବାଳିକାଙ୍କୁ ପୋଲିସ କାବୁ କରି ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଇ ଦେଇଛି। ସେମାନଙ୍କ ନିକଟରୁ ୩ଟି ମୋବାଇଲ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅନ୍ୟଜଣେ ଫେରାର ଅଛନ୍ତି। ପୋଲିସ ସୂଚନା ମୁତାବକ, ଶନିବାର ସକାଳ ପ୍ରାୟ ସାଢେ ୮ଟାରେ ଜଗତପୁର ଥାନା ଅଧୀନ ନାନକା ଗ୍ରାମ ବେହେରା ସାହିର ପ୍ରଫୁଲ୍ଲ କୁମାର ଖିଲାର ଘରର ଉପର ମହଲାରେ ଥିଲେ। ତଳକୁ ଆସି ଦେଖିଲା ବେଳକୁ ଟେବୁଲ ଉପରେ ଥିବା ତାଙ୍କର ଦୁଇଟି ମୋବାଇଲ ଚୋରି ହୋଇଯାଇଛି। ଘରର ସିସିଟିଭି ଯାଞ୍ଚ କରିବାରୁ ଦୁଇ ଜଣ ଦୁର୍ବୃତ୍ତ ତାଙ୍କ ମୋବାଇଲ ଚୋରି କରି ନେଉଥିବା ଦେଖିବାକୁ ପାଇଥିଲେ। ସେମାନଙ୍କ ମଧ୍ୟରେ ଜଣେ ନାବାଳିକା ଥିଲେ। ଏ ନେଇ ପ୍ରଫୁଲ୍ଲ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୪୨/୨୩) ରୁଜୁ କରିଥିଲା। ସେମାନେ ଆଗରୁ ଜଗତପୁର ଅଞ୍ଚଳରେ ଏକାଧିକ ମୋବାଇଲ ଚୋରି ଘଟଣାରେ ସମ୍ପୃକ୍ତ ଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି।

# ନାଟକ 'ଶ୍ରୀରଙ୍ଗା ଚରଣ ତଳେ' ମଞ୍ଚସ୍ଥ


ନାଟକ 'ଶ୍ରୀରଙ୍ଗା ଚରଣ ତଳେ'ର ଏକ ଦୃଶ୍ୟ।

**କଟକ ଅଫିସ,୨୯।୩**

ଅନ୍ନପୂର୍ଣ୍ଣା ଥିଏଟର–ବି ଗ୍ରୁପ୍ ଦ୍ୱାରା ପ୍ରାୟୋଜିତ ନାଟକ 'ଶ୍ରୀରଙ୍ଗା ଚରଣ ତଳେ' ଦରଘାବଜାରସ୍ଥିତ ଅନ୍ନପୂର୍ଣ୍ଣା ପ୍ରେକ୍ଷାଳୟରେ ବୁଧବାର ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ରାମ ଦାସଙ୍କ ଜୀବନରେ ଘଟିଥିବା ବିଭିନ୍ନ ଘଟଣାବଳୀକୁ ନେଇ ନାଟକ ଗତିଶୀଳ ହୋଇଥିଲା। ପରିବାର ଚଳାଇପାରୁ ନ ଥିବା ରାମ ଦାସ ପୁରୀ ଯାଇ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାର ପ୍ରବଳ ଇଚ୍ଛା ଥିଲା। ମାତ୍ର ଅଭାବ ଅନଟନ ଯୋଗୁ ପୁରୀ ଯାଇପାରୁ ନ ଥିଲା। ରାମ ଦାସଙ୍କ ଅହରହ ସୁଲଳିତ ଗୀତଗୋବିନ୍ଦ ଗାନରେ ପ୍ରସନ୍ନ ହୋଇ ଶେଷରେ ଶ୍ରୀଜଗନ୍ନାଥ ଓ ମା' ଲକ୍ଷ୍ମୀ ତାଙ୍କୁ ଦର୍ଶନ ଦେଇଛନ୍ତି। ଏଭଳି ଭକ୍ତିରସାତ୍ମକ ବିଷୟ ହିଁ ନାଟକର କଥାବସ୍ତୁ। ଡ. ବିଧୁଭୂଷଣ ପଣ୍ଡାଙ୍କ ରଚିତ ଏହି ନାଟକର ନିର୍ଦ୍ଦେଶନା ହେମନ୍ତ କୁମାର ଦାଶ ଦେଇଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ବିନୟ ଦାଶ ଦେଇଥିଲେ। ଆହ୍ଲାଦିନୀ କର, ଆଲୋକ ନାୟକ, ଚନ୍ଦନ ସାହୁ, ସୁଭଦ୍ରା ମହାରଣା, ପ୍ରେମାନନ୍ଦ ସ୍ୱାଇଁ, ସୁଜିତ ଦାସ, କୃଷ୍ଣଚନ୍ଦ୍ର ଦାସ, ଅରୁଣ ସାବତ, ରମେଶ ପଣ୍ଡା, ଦୁର୍ଯ୍ୟୋଧନ ବେହେରା, ସୁଜିତ ଦାସ, ସଗୁନ ସିଂହଲ ହାଂସଦା, ମଧୁସ୍ମିତା ବେହେରା, ସୌମ୍ୟାଶ୍ରୀ ଦାଶ, ଦୁର୍ଗାପ୍ରସନ୍ନ ଚାନ୍ଦ ପ୍ରମୁଖ ଅଭିନୟ କରିଥିଲେ। ଭୂମିକା ଡ୍ରାମାସ୍କୁଲର ଛାତ୍ରୀଛାତ୍ରମାନେ ମଞ୍ଚ ପରିଚାଳନା କରିଥିଲେ। ଅନ୍ନପୂର୍ଣ୍ଣା ଥିଏଟରର ସଭାପତି ପ୍ରଣବ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ଇଂ. ମହମ୍ମଦ ମୋକିମ, ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ନିର୍ଦ୍ଦେଶକ ଡ. ବ୍ରଜେନ୍ଦ୍ର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅଭିନେତ୍ରୀ ନମ୍ରତା ଦାସଙ୍କୁ ଅନ୍ନପୂର୍ଣ୍ଣା ସମ୍ମାନରେ ସମ୍ମାନିତ କରାଯାଇଥିଲା।

# 'ବୈଷୟିକ ଜ୍ଞାନକୌଶଳ ସହ ତାଳଦେଇ ଚାଲିବେ ଆଇନଜୀବୀ'



ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ନିଃଶୁଳ୍କ ୱାଇଫାଇ ସେବାକୁ ଉଦ୍‌ଘାଟନ କରୁଛନ୍ତି।

**କଟକ ଅଫିସ,୨୯।୩**

କୋଭିଡ୍ ମହାମାରୀ ବୈଷୟିକ ଜ୍ଞାନକୌଶଳର ଉପଯୋଗ ନିମନ୍ତେ ନ୍ୟାୟିକ ବ୍ୟବସ୍ଥାକୁ ଏକ ଶିକ୍ଷା ପ୍ରଦାନ କରିଛି। ସମାଜ ଏବେ ବୈଷୟିକ ଜ୍ଞାନକୌଶଳ ସହ ଆଗକୁ ବଢୁଛି। ନିରନ୍ତର ବ୍ୟବହାର ଦ୍ୱାରା ଅଧିକରୁ ଅଧିକ ବୈଷୟିକ ଜ୍ଞାନକୌଶଳ ବିଷୟରେ ଜାଣିହେବ। ନ୍ୟାୟିକ ବ୍ୟବସ୍ଥାର ସମସ୍ତ କାର୍ଯ୍ୟରେ ବୈଷୟିକ ଜ୍ଞାନକୌଶଳ ବହୁଳ ଭାବେ ଉପଯୋଗ ହେଉଛି। ତେଣୁ ବୈଷୟିକ ଜ୍ଞାନକୌଶଳର ଅଗ୍ରଗତି ସହ ତାଳଦେଇ ଆଇନଜୀବୀମାନେ ଚାଲିବେ ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଛନ୍ତି। ହାଇକୋର୍ଟ ପକ୍ଷରୁ ହାଇକୋର୍ଟ ବାର୍ ଆସୋସିଏଶନ୍‌ର ସଦସ୍ୟମାନଙ୍କ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ନିଃଶୁଳ୍କ ୱାଇଫାଇ ସେବା ଓ ଇ–ତଦନ୍ତ ବ୍ୟବସ୍ଥା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମୁଖ୍ୟ ବିଚାରପତି ଉଦ୍‌ଘାଟନ କରି ଉପରୋକ୍ତ ବିଷୟରେ କହିଥିଲେ। ହାଇକୋର୍ଟ ବାର୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଚାରପତି ଶୁଭାଶିଷ ତାଳପତ୍ର କହିଥିଲେ, ଆଇନଜୀବୀମାନେ ସେମାନଙ୍କ ଗବେଷଣା ଦିଗରେ ଏହି ଦୁଇ ବ୍ୟବସ୍ଥା ଦ୍ୱାରା ଉପକୃତ ହେବେ। ସୁପ୍ରିମକୋର୍ଟ ଭଳି ହାଇକୋର୍ଟର ଆଇନଜୀବୀମାନେ ମଧ୍ୟ ଅନ୍‌ଲାଇନ୍‌ରେ ବିଭିନ୍ନ ମାମଲା ରାୟର ନକଲ ସୁବିଧାରେ ପାଇପାରିବେ। ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜା ଏହି ବ୍ୟବସ୍ଥା ଦ୍ୱାରା ଆଇନଜୀବୀମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ ବୋଲି କହିଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଧରଣୀଧର ନାୟକ ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ବାର୍ ଆସୋସିଏଶନ ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏଥିରେ ଡେପୁଟି ସଲିସିଟର ଜେନେରାଲ ପ୍ରସନ୍ନ କୁମାର ପାଢ଼ୀଙ୍କ ସମେତ ବାର୍ ଆସୋସିଏଶନର ନୂତନ କର୍ମକର୍ତ୍ତା ଓ ଆଇନଜୀବୀମାନେ ଉପସ୍ଥିତ ଥିଲେ।

### ହାଇକୋର୍ଟ ବାର୍‌ରେ ନିଃଶୁଳ୍କ ୱାଇଫାଇ ସେବା ଉଦ୍‌ଘାଟିତ

# ତଦନ୍ତ ପାଇଁ ଜେପିସି ଗଠନ ଦାବି

### ଶିଳ୍ପପତି ଗୌତମ ଆଦାନୀଙ୍କ ଜାଲ୍ କାରବାର

**କଟକ ଅଫିସ, ୨୯।୩**

ଶିଳ୍ପପତି ଗୌତମ ଆଦାନୀଙ୍କ ସମ୍ପତ୍ତି ଆଶାତୀତ ଭାବେ ବୃଦ୍ଧି ପାଇଛି। ୨୦୧୪ରେ ଆଦାନୀଙ୍କ ସମ୍ପତ୍ତି ୫୦ହଜାର କୋଟି ଟଙ୍କା ଥିଲାବେଳେ ୨୦୨୨ରେ ୧୬ ଲକ୍ଷ ୪୦ହଜାର କୋଟି ଟଙ୍କାରେ ପହଞ୍ଚିଛି। ୨୦୧୪ରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ସେ ଯେଉଁ ଦେଶକୁ ଯାଇଛନ୍ତି ସେ ଦେଶରୁ କଣ୍ଟ୍ରାକ୍ଟ ପାଇଛନ୍ତି ଆଦାନୀ। ଦେଶର ୬ଟି ବଡ଼ ବିମାନବନ୍ଦର ଲାଭରେ ଚାଲୁଥିଲାବେଳେ ଆଦାନୀଙ୍କ ଅଧୀନକୁ ଯାଇଛି। ଫଳରେ ଉକ୍ତ ବିମାନବନ୍ଦରର ଲାଭାଂଶ ଆଦାନୀଙ୍କ ପାଖକୁ ଯାଉଛି। ଏହାବତୀତ ପୋତାଶ୍ରୟ, ବକ୍ସାଇଟ୍ ଖଣି, ପ୍ରତିରକ୍ଷା ଉତ୍ପାଦନ ମଧ୍ୟ ଆଦାନୀଙ୍କ ହାତକୁ ଯାଇଛି। ୨୦୧୭ରୁ ୨୦୨୨ ମଧ୍ୟରେ ମରିସସସ୍ଥିତ ଗୌତମ ଆଦାନୀଙ୍କ ଜାଲ କମ୍ପାନୀ ଜରିଆରେ ସୁଇଜରଲାଣ୍ଡ, ଚୀନର କେତେଜଣ ବ୍ୟକ୍ତିଙ୍କ ପାଖରୁ ପ୍ରାୟ ୨୦ ହଜାର କୋଟି ଟଙ୍କା ଆସିଛି। ଏ ସବୁ କାରବାରର ତଦନ୍ତ ପାଇଁ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଜେପିସି (ଯୁଗ୍ମ ସଂସଦୀୟ କମିଟି) ଗଠନ କରିବାକୁ ଦାବି କରାଯାଉଛି। ଦେଶର ଗଣତନ୍ତ୍ର, ସମ୍ବିଧାନ ଓ ବିଚାର ବ୍ୟବସ୍ଥାକୁ ଧ୍ୱଂସ କରିବାକୁ କେନ୍ଦ୍ର ସରକାର ଆଗେଇ ଚାଲିଛନ୍ତି। ତା' ବିରୋଧରେ ଦେଶବାସୀ ଆଗେଇ ଆସିବାକୁ ସିପିଆଇ(ଏମ୍) କଟକ ଜିଲା ଅଫିସରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପାର୍ଟିର ସମ୍ପାଦକ ମଣ୍ଡଳୀ ସଦସ୍ୟ ଜନାର୍ଦ୍ଦନ ପତି ଓ କଟକ ଜିଲା ସମ୍ପାଦକ ବଦ୍ରି ନାରାୟଣ ଦାଶ କହିଛନ୍ତି। ଏହି ସମ୍ମିଳନୀରେ ପ୍ରତାପ ମହାପାତ୍ର, ବିଷ୍ଣୁ ବେହେରା, ଇଂ. ମନମୋହନ ପତି, ଚନ୍ଦ୍ରକାନ୍ତ ବେହେରା ଉପସ୍ଥିତ ଥିଲେ।


ଅଶୋକାଷ୍ଟମୀ ଅବସରରେ ବୁଧବାର କଟକ ସନ୍‌ସାଇନ ପଡିଆ ନିକଟରୁ ମା' ମାହେଶ୍ୱରୀଙ୍କ ରୁକୁଣା ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଉଛନ୍ତି।

# ପୁରୁଣା ପେନ୍‌ସନ୍ ଲାଗୁ ଦାବିରେ ବିକ୍ଷୋଭ

**କଟକ ଅଫିସ, ୨୯।୩**

ରାଷ୍ଟ୍ରାୟତ୍ତ ବୀମା କ୍ଷେତ୍ରରେ ପାରିବାରିକ ପେନ୍‌ସନ୍ ୩୦ ପ୍ରତିଶତ, ପେନ୍‌ସନ୍ ନିର୍ଦ୍ଧାରଣ ଫର୍ମୁଲା ଉନ୍ନତ କରିବା, ପୁରୁଣା ପେନ୍‌ସନ୍‌ବ୍ୟବସ୍ଥା ଲାଗୁ କରିବା ଆଦି ଦାବି ନେଇ ଅଖିଳ ଭାରତ ବୀମା ପେନ୍‌ସନ୍‌ର ସଂଘ ପକ୍ଷରୁ ନୂଆଦିଲ୍ଲୀରେ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ଏହାକୁ ସମର୍ଥନ ଜଣାଇ ବୀମା ପେନ୍‌ସନ୍‌ଭୋଗୀମାନେ ମାଛୁଆବଜାରସ୍ଥିତ କଟକ ଜୀବନ ବୀମା ମଣ୍ଡଳ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଦାନନ୍ଦ ପରିଜା ଓ ବ୍ରଜକିଶୋର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଏଓଏଲ୍‌ଆଇସିପିଏର ସାଧାରଣ ସମ୍ପାଦକ ମାନଗୋବିନ୍ଦ ବାରିକ, ଓଏସ୍‌ଜିଆଇପିଏ ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ମହାନ୍ତି, ସିଡିଆଇଇଏ ସାଧାରଣ ସମ୍ପାଦକ ଅଭୟ ଦାସ, ଓଏସ୍‌ଜିଆଇଇଏ ସାଧାରଣ ସମ୍ପାଦକ ଦେବାଶିଷ ନାୟକ, ଏଆଇଆଇପିଏ ଯୁଗ୍ମ ସମ୍ପାଦକ ରବି ନାରାୟଣ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

# ସିଏନ୍‌ବିଟି ଆହାର କେନ୍ଦ୍ରରେ ୨ ବେଳା ଖାଦ୍ୟ ମିଳିବ

**କଟକ ଅଫିସ,୨୯।୩**

ଖାନ୍‌ନଗରସ୍ଥିତ କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି)ର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବିଶେଷକରି ଯାତ୍ରୀଙ୍କ ସୁବିଧା ପାଇଁ ସେଠାରେ ଏକ ଆହାର କେନ୍ଦ୍ର ଖୋଲାଯିବାକୁ ଯୋଜନା ରହିଛି। ଏହି ଆହାର କେନ୍ଦ୍ର କିପରି ନିର୍ମାଣ ହେବ ଓ ସାଧାରଣ ଯାତ୍ରୀଙ୍କର ଉଦ୍ଦେଶ୍ୟ ସାଧନ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଆହାର କେନ୍ଦ୍ରର ନିର୍ମାଣ ଦାୟିତ୍ୱରେ ଥିବା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ଉପାଧ୍ୟକ୍ଷ ବଲୱନ୍ତ ସିଂ ବୁଧବାର କଟକରେ ପହଞ୍ଚି ସିଏନ୍‌ବିଟିସ୍ଥିତ ନିର୍ମାଣାଧୀନ ଆହାର କେନ୍ଦ୍ର ପରିଦର୍ଶନ କରିଛନ୍ତି। ବିଶେଷକରି ଏହି କେନ୍ଦ୍ର ମଧ୍ୟରେ ବସିବା କ୍ଷମତା, ଡିଜାଇନ୍ ଓ ନିର୍ମାଣ ଶୈଳୀକୁ ସେ ଅନୁଧ୍ୟାନ କରିଥିଲେ । ୧୦୦୦ ଜନସାଧାରଣ ବସି ଭୋଜନ କଲାଭଳି ବନ୍ଦୋବସ୍ତ କରିବାକୁ ନକ୍ସା ପ୍ରସ୍ତୁତ ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ସେ ପରାମର୍ଶ ଦେଇଥିଲେ। ସହରର ଏକାଧିକ ଆହାର କେନ୍ଦ୍ରରେ ଦିନକୁ ଗୋଟିଏ ବେଳା ଆହାର ଯୋଗାଇ ଦିଆଯାଉଥିଲାବେଳେ ସିଏନ୍‌ବିଟି ଆହାର କେନ୍ଦ୍ରରେ ଦୁଇବେଳା ଖାଦ୍ୟ ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଆବଶ୍ୟକ ଅର୍ଥ ବ୍ୟବସ୍ଥା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଅପରପକ୍ଷରେ ବସ୍ ଚଳାଚଳ ପାଇଁ ରିଂରୋଡ୍‌ରେ ସର୍ଭେ କାର୍ଯ୍ୟ ଶେଷ ହୋଇ ରାସ୍ତା ନିର୍ମାଣ କାର୍ଯ୍ୟ ଜୋର୍‌ସୋରରେ ଜାରି ରହିଛି। ଏହି ପରିଦର୍ଶନ ସମୟରେ ସିଂଙ୍କ ସହ ସିଏମ୍‌ସି କମିଶନର ନିଖିଲ ପଓନ କଲ୍ୟାଣ, ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ, ସିଏମ୍‌ସି ଅଧିକାରୀ ଓ ଦାୟିତ୍ୱରେ ଥିବା ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

### ନିର୍ମାଣ କାର୍ଯ୍ୟ ତଦାରଖ କଲେ ବିଡିଏ ଉପାଧ୍ୟକ୍ଷ


ସିଏମ୍‌ସି କମିଶନର ଓ ଅନ୍ୟମାନଙ୍କ ସହ ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ ଆଲୋଚନା କରୁଛନ୍ତି।

# 'ହଜାର ବର୍ଷର ଐତିହ୍ୟକୁ ଆଗେଇ ନେବାରେ ସହାୟକ ହେଉଛି'

**କଟକ ଅଫିସ,୨୯।୩**

କଟକ ଉପର ବାଲିଯାତ୍ରା ପଡିଆରେ ୧୮ତମ ଆନ୍ତର୍ଜାତିକ କଟକ ବୈଶାଖୀ ବାଣିଜ୍ୟ ମେଳା ବୁଧବାର ଉଦଘାଟିତ ହୋଇଯାଇଛି। ସିଏମ୍‌ସି ମେୟର ସୁବାସ ସିଂ ଏହାକୁ ଉଦ୍‌ଘାଟନ କରି କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ କଟକ ଏକ ନୂଆ ରୂପରେଖ ପାଇବାକୁ ଯାଇଛି। ଏଥିଲାଗି ସମସ୍ତେ ଦିନରାତି ଚେଷ୍ଟା ଜାରି ରଖିଛନ୍ତି। କଟକର ଐତିହ୍ୟକୁ ବଖାଣୁଥିବା ବାରବାଟୀ ଦୁର୍ଗ ଏବଂ ତାର ଆଖପାଖ ଅଞ୍ଚଳର ପୁନଃଉଦ୍ଧାର ଜାରି ରହିଛି। ଦୁର୍ଗ ହେଉଛି କଟକ ଐତିହ୍ୟର ମୂକସାକ୍ଷୀ। ତେଣୁ କେନ୍ଦ୍ର ସରକାର ଅର୍ଥ ପ୍ରଦାନ କଲେ ଏହାର ମରାମତି କାର୍ଯ୍ୟ ହୋଇପାରିବ। ବାଲିଯାତ୍ରା ସମୟରେ ସାଧବପୁଅମାନେ ନୌବାଣିଜ୍ୟ କରିବାକୁ ବାଲି, ଜାଭା ଓ ସୁମାତ୍ରା ଭଳି ସ୍ଥାନକୁ ଯାଉଥିଲେ। ସେଠାରେ ବାଣିଜ୍ୟ ସାରି ବୈଶାଖ ମାସରେ ଫେରୁଥିଲେ। ତେଣୁ ଏହି ମେଳା ହଜାର ବର୍ଷର ଐତିହ୍ୟ ଓ ଗୌରବକୁ ଆଗେଇ ନେବାରେ ସହାୟକ ହେଉଛି ବୋଲି ମେୟର କହିଥିଲେ। ବାଣିଜ୍ୟ ମେଳାର ଅଧ୍ୟକ୍ଷ ମଧୁସୂଦନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଓପିଇସିଏ ସମ୍ପାଦକ ବିନୋଦ ଦାସ, ନିରାମୟ ଉପଦେଷ୍ଟା ଡ. ରଞ୍ଜନ ବିଶ୍ୱାଳ, କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, କମିଟିର ଦେବୀ ପ୍ରସାଦ ଦାଶ, ସଞ୍ଜୀବ ବେହେରା, ରମେଶ ସାହୁ, ଦିଲୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ଶୁଭେନ୍ଦୁ ଭୂୟାଁ ପଢିବା ସହ ଧନ୍ୟବାଦ ଦେଇଥିଲେ। ସେଣ୍ଟ ଯୋଶେଫ ସ୍କୁଲର ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ଅନେଖି ଆଚାର୍ଯ୍ୟଙ୍କ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଆରାଧ୍ୟା ଡ୍ୟାନ୍ସ ଗ୍ରୁପର କଳାକାରଙ୍କ ଦ୍ୱାରା ଭଜନ, ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା। ଗୁରୁ ରମାକାନ୍ତ ସାହୁ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

ସୂଚନାଯୋଗ୍ୟ, କଟକ ବୈଶାଖୀ ବାଣିଜ୍ୟ ମେଳା କମିଟି ଆନୁକୂଲ୍ୟରେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ। ଏଥିରେ ୫୨୦ ଷ୍ଟଲ ଖୋଲାଯାଇଛି। ୧୦ ଦେଶ ଓ ୨୨ ରାଜ୍ୟର ଉଦ୍ୟୋଗୀ ସାମିଲ ହୋଇଛନ୍ତି।



ଆନ୍ତର୍ଜାତିକ କଟକ ବୈଶାଖୀ ବାଣିଜ୍ୟ ମେଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

### ଆନ୍ତର୍ଜାତିକ କଟକ ବୈଶାଖୀ ବାଣିଜ୍ୟ ମେଳା ଉଦ୍‌ଘାଟିତ

## ଆଇନ ସଚେତନତା ଶିବିର

ସାକ୍ଷୀଗୋପାଳ(ଡି.ଏନ୍.ଏ./ସ୍ୱ.ପ୍ର.): ପୁରୀ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସତ୍ୟବାଦୀ ବ୍ଲକ ସଭାଗୃହରେ ବୁଧବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ଅମିତ୍ ବାରିକ ଓ ଲୋକ ଅଦାଲତ ଅଧ୍ୟକ୍ଷା ପ୍ରତିମା ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ। ଲୋକମାନଙ୍କ ସୁବିଧା ଓ ସହାୟତା ନିମନ୍ତେ ରହିଥିବା ସମସ୍ତ ସରକାରୀ ଯୋଜନା ହିତାଧିକାରୀଙ୍କୁ କିପରି ସହଜରେ ଉପଲବ୍ଧ ହୋଇପାରିବ ଏବଂ ଏଥିରେ ବାଧାସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ପାଇଁ ରହିଥିବା ଆଇନଗତ ଶୃଙ୍ଖଳା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା, ବିଡିଓ ଲୋଚନ ଦାସ, ଏବିଡିଓ ଅରକ୍ଷିତ ପ୍ରଧାନ ଓ ସିଡିପିଓ ରାଜଲକ୍ଷ୍ମୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁ ମଙ୍ଗଳ କମିଟି ସଦସ୍ୟ ଆଡ୍‌ଭୋକେଟ ଉପେନ୍ଦ୍ର ବିଶ୍ୱାଳ ଶିବିର ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବାଇକ୍ ଚାଳକଙ୍କୁ ଢେଲା ମାରି ଲୁଟ୍, ଜଣେ ଗିରଫ

ଗୋପ,୨୯।୩(ଡି.ଏନ୍.ଏ.): ଗୋପ -କୋଣାର୍କ ରାସ୍ତାର ଠେକୁଆ ଛକ ନିକଟରେ ମଙ୍ଗଳବାର ରାତିରେ ଜଣେ ମଦ୍ୟପ ଯୁବକଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। ଗୋପ ଥାନା ଅନ୍ତର୍ଗତ ଭୋଗପଡା ଗ୍ରାମର ଫକୀରଚରଣ ନାୟକ ଏକ ବାଇକ୍‌ରେ ଦୁଇ ଭଉଣୀକୁ ନେଇ ଯାଉଥିବାବେଳେ ତାଙ୍କୁ ଲୁଟ୍ କରିବା ଲାଗି ଢେଲାପଥର ମାଡ଼ ହୋଇଛି। ଏ ନେଇ ଫକୀରଚରଣ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତତ୍‌କ୍ଷଣାତ ତଦନ୍ତ କରି ଉକ୍ତ ଥାନା ଅନ୍ତର୍ଗତ ବେଗୁନିଆ ଦଳିତ ସାହିର ଚନ୍ଦନ ଭୋଇଙ୍କୁ ଉଠାଇ ଆଣିଥିଲା। ପଚରାଉଚରା ପରେ ତାଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। କୋର୍ଟ ଅଭିଯୁକ୍ତ ଚନ୍ଦନଙ୍କ ଜାମିନ ନାମଞ୍ଜୁର କରିବାରୁ ଜେଲକୁ ପଠାଇ ଦିଆଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୪୩/୨୩) ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ଏହି ଆକ୍ରମଣରେ ବାଇକ୍ ଚାଳକ ଫକୀରଙ୍କ ସହ ଜଣେ ଭଉଣୀ ଆହତ ହୋଇଛନ୍ତି। ପ୍ରକାଶ ଯେ, ଗୋପ ଥାନା ଅନ୍ତର୍ଗତ ଭୋଗପଡା ଗ୍ରାମର ଫକୀରଚରଣ ନିଜ ୨ ଭଉଣୀଙ୍କୁ ନେଇ ମଙ୍ଗଳବାର ସନ୍ଧ୍ୟାରେ ଗୋପରୁ ଘରକୁ ଫେରୁଥିଲେ। ଗୋପ-କୋଣାର୍କ ରାସ୍ତାର ବେଗୁନିଆ ଛକ ନିକଟ ଠେକୁଆ ଛକ ନିକଟରେ ନିଶା ଅବସ୍ଥାରେ ଥିବା ଚନ୍ଦନ ତାଙ୍କୁ ଅଟକାଇଥିଲେ। ସେ ନ ରହିବାରୁ ଚନ୍ଦନ ତାଙ୍କ ଉପରେ ଢେଲାପଥର ମାଡ଼ କରିଥିଲା। ଭୟରେ ସେମାନେ ରହିବାରୁ ଚନ୍ଦନ ତାଙ୍କ ସୁନା ଅଳଙ୍କାର ମାଗିଥିଲେ। ଏହାକୁ ସେମାନେ ପ୍ରତିରୋଧ କରିବାରୁ ଅଭିଯୁକ୍ତ ସେମାନଙ୍କ ୨ଟି ମୋବାଇଲକୁ ଫୋପାଡ଼ି ଭାଙ୍ଗି ଦେଇଥିଲା। ଏହି ସମୟରେ ସ୍ଥାନୀୟ ଲୋକ ଆସିଯିବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଏ ନେଇ ଫକୀର ଥାନାରେ ଦ୍ୱାରସ୍ଥ ହୋଇଥିବା ବେଳେ ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଅଜଣା ସ୍ଥାନରୁ ଅଭିଯୁକ୍ତ ଚନ୍ଦନଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ପୂର୍ବରୁ ଅଭିଯୁକ୍ତ ଚନ୍ଦନଙ୍କ ନାମରେ ଆପରାଧିକ ମାମଲା ରହିଛି।

### ଅନୁସୂଚିତ ଜାତି ଓ ଜନଜାତିର ଆଇନ ସଚେତନତା ଶିବିର

ପୁରୀ ଅଫିସ,୨୯।୩: ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନୁସୂଚିତ ଜାତି ଓ ଜନଜାତି ପାଇଁ ଆଇନ ସଚେତନତା ଶିବିର ବାଲିନୋଳିଆ ସାହିଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ ଶିତିକଣ୍ଠ ସାମଲଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣର ସଚିବ ଅମିତ କୁମାର ବାରିକ ଅଧ୍ୟକ୍ଷତା କରିଥିଲେ। ସଚିବ ବାରିକ ଶିବିର ସମ୍ପର୍କରେ କହିଥିଲେ, ଅନୁସୂଚିତ ଜାତି ତଥା ଜନଜାତି ଲୋକଙ୍କୁ ଜାତିଗତ ଆକ୍ଷେପ କିମ୍ବା ଅସମ୍ମାନିତ କରିବା ଦଣ୍ଡନୀୟ ଅପରାଧ। ଏହା ବିରୋଧରେ ସେମାନେ କୋର୍ଟରେ ଆଶ୍ରୟ ନେଇପାରିବେ। ସେମାନଙ୍କ ପାଇଁ ମାଗଣା ଆଇନ ସେବା ରହିଛି। ଏହା ସହ ସମାଜରେ ସମ୍ମାନର ସହ ବଞ୍ଚିବାର ଅଧିକାର ରହିଥିବା ମତ ଦେଇଥିଲେ। ଅନ୍ୟତମ ବକ୍ତା ଭାବେ ଜେଏମ୍‌ଏଫ୍‌ସି ଏନ୍. ଝୀଶ୍ୱରିଆ ଯୋଗଦେଇ ଅନୁସୂଚିତ ଜାତି ଓ ଜନଜାତି ହିଂସା, ନିଷ୍ଠୁରତା, ନିରାକରଣ ଆଇନ ସମ୍ପର୍କିତ ସୂଚନା ଦେଇଥିଲେ। ଏହି ବସ୍ତିର ସଚିବ ଆଦି କ୍ରିଷ୍ଣା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶିବିରରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଅମିତ କୁମାର ବାରିକ ପରିଚାଳନା କରିଥିଲେ।

# ଆସିଲେନି ଯନ୍ତ୍ରୀ, ଅଫିସ ତାଲା ଭାଙ୍ଗିଲେ ବିଡିଓ

## ୫୬ ସ୍ୱାବଲମ୍ବୀ କାରିଗରଙ୍କୁ ଦେଲେ ପ୍ରମାଣପତ୍ର

ଗୋପ,୨୯।୩(ଡି.ଏନ୍.ଏ.)

ଗ୍ରୀଷ୍ମପ୍ରବାହ ଯୋଗୁ ଏବେ ଗୋପ ବ୍ଲକ ଅଧୀନ ୩୧ଟି ପଞ୍ଚାୟତରେ ପିଇବା ପାଣି ସମସ୍ୟା ଦେଖାଦେଇଥିବା ବେଳେ ବ୍ଲକରେ ଥିବା ୨ଜଣ ଜଳ ପରିମଳ ବିଭାଗ ଯନ୍ତ୍ରୀଙ୍କ ଅଧିକାଂଶ ଦେଖା ମିଳୁନାହିଁ। ବୁଧବାର ଉକ୍ତ ୨ ଯନ୍ତ୍ରୀ ବ୍ଲକକୁ ନ ଆସିବାରୁ ଶେଷରେ ବିଡିଓ ଦୀପ୍ତିରାଣୀ ଦାସଙ୍କ ଉପସ୍ଥିତିରେ ବ୍ଲକ କର୍ମଚାରୀମାନେ ଏହି କାର୍ଯ୍ୟାଳୟର ତାଲା ଭାଙ୍ଗିଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟାଳୟ ମଧ୍ୟରେ ବ୍ଲକରେ ଥିବା ୫୬ଜଣ ଏସିଇଏମ (ସ୍ୱାବଲମ୍ବୀ କାରିଗର)ଙ୍କ ପ୍ରମାଣପତ୍ର ସହିତ ସେମାନଙ୍କୁ ମିଳିବାକୁ ଥିବା ଯନ୍ତ୍ରାଂଶ କିଟ୍ ଥିବା ଯୋଗୁ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ପ୍ରକାଶ ଯେ, ଗୋପ ବ୍ଲକରେ ୫୫ଟି ଜଳ ଯୋଗାଣ ପିଇବା ପାଣି ପ୍ରକଳ୍ପ ରହିବା ସହିତ ୧୫୭୮ଟି ନଳକୂପ ରହିଛି। ଏବେ ୧୨ଟି ଜଳ ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡିରହିଛି। ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ଅଞ୍ଚଳବାସୀ ଜଳ ପରିମଳ ବିଭାଗର ଯନ୍ତ୍ରୀଙ୍କ ନିକଟକୁ ଯାଇଥିବାବେଳେ ଅଧିକାଂଶ ସମୟ ଅନୁପସ୍ଥିତି ରହୁଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ୫୫ଟି ଜଳ ପ୍ରକଳ୍ପରୁ ଅଧିକାଂଶ ପିଇବା ପାଣି ପ୍ରକଳ୍ପ ଚାଲୁ ନାହିଁ। ଫଳରେ ଗାଁ ଗହଳିରେ ଥିବା ଲୋକମାନେ ପିଇବା ପାଣି ପାଇଁ ଡହଳବିକଳ ହେଉଛନ୍ତି। କିଛିଦିନ ତଳେ ବ୍ଲକର ୫୬ଜଣ ସ୍ୱାବଲମ୍ବୀ କାରିଗର କୁଆଁପଡା ଓ ବନାଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟରେ ଟ୍ରେନିଂ ନେଇଥିବା ବେଳେ କିପରି ଗ୍ରୀଷ୍ମପ୍ରବାହ ସମୟରେ ସାଧାରଣ ଲୋକଙ୍କୁ ପିଇବା ପାଣି ଯୋଗାଇ ଦେବା ପାଇଁ ଉଦ୍ୟମ କରିବେ ଏବଂ ଅଚଳ ନଳକୂପ ସଚଳ କରିବେ ସେସମ୍ପର୍କରେ ଟ୍ରେନିଂ ନେଇଥିଲେ। ଜଳ ପରିମଳ ବିଭାଗ ପକ୍ଷରୁ ଏହି ଅଣକୁଶଳୀ କାରିଗରମାନଙ୍କୁ ଟ୍ରେନିଂ ସମ୍ବନ୍ଧୀୟ ସାର୍ଟିଫିକେଟ ପ୍ରଦାନ କରିବାର ସମୟ ବୁଧବାର ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଯନ୍ତ୍ରୀ ଦୀର୍ଘ ଘଣ୍ଟା ଧରି ନ ଆସିବାରୁ ବିଡିଓ ଦାସ ଶେଷରେ ଜଳ ପରିମଳ ବିଭାଗ ଅଫିସର ତାଲା ଭାଙ୍ଗିଥିଲେ। ପରେ ଅଣକୁଶଳୀ କାରିଗରଙ୍କୁ ପ୍ରମାଣ ପତ୍ର ସହିତ ମିଳିଥିବା କିଟ୍ ପ୍ରଦାନ କରିଥିଲେ। ବ୍ଲକ ଅଣକୁଶଳୀ କାରିଗର ସଂଘ ସଭାପତି ସଞ୍ଜୟ ତ୍ରିପାଠୀ ଦୀର୍ଘ ବର୍ଷ ଧରି ମାତ୍ର ୨ ହଜାର ଟଙ୍କା ଦରମା ପାଉଥିବାରୁ ରାଜ୍ୟ ସରକାର ଆମମାନଙ୍କୁ ଅଧିକ ବେତନ ଦେବା ସହ ସ୍ଥାୟୀ କରିବା ପାଇଁ ଦାବି କରିଥିଲେ। ଏହି ସାର୍ଟିଫିକେଟ ପ୍ରଦାନ ସମୟରେ ବ୍ଲକ ବୈଠକ ଗୃହରେ ସମସ୍ତ ଅଣକୁଶଳୀ କାରିଗର ଉପସ୍ଥିତ ଥିଲେ।


ବିଡିଓ ଦୀପ୍ତିରାଣୀ ଦାସ ସ୍ୱାବଲମ୍ବୀ କାରିଗରଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

# ୮୦ ଗ୍ରାମ ବ୍ରାଉନସୁଗାର ଜବତ, ଦମ୍ପତି ଗିରଫ


ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

ପୁରୀ ଅଫିସ,୨୯।୩

ବ୍ରାଉନସୁଗାର କରାବାର ଅଭିଯୋଗରେ ତାଳବଣିଆ ପୋଲିସ ମାତୃଶକ୍ତିର ସ୍ୱେଚ୍ଛାସେବୀଙ୍କ ସାହାଯ୍ୟରେ ୨ ବ୍ରାଉନସୁଗାର ଦମ୍ପତି ବେପାରୀଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ପିକେଆରଆଇଟି କଲୋନୀର କାଲୁ ପଟ୍ଟନାୟକ ଓରଫ ପୋଡ଼ା ମୋବିଲ (୩୩) ଓ ତାଙ୍କ ସ୍ତ୍ରୀ ରୋଜାଲିନ ପଟ୍ଟନାୟକ (୨୫)। ପୋଲିସ ସେମାନଙ୍କଠାରୁ ୮୦ଗ୍ରାମ ବ୍ରାଉନ ସୁଗାର ସହ ୨ଟି ମୋବାଇଲ ଓ ୧ ହଜାର ଟଙ୍କା ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୫୬/୨୩)ରୁଜୁ କରି ତଦନ୍ତ ଚଳାଇଥିବା ନେଇ ବୁଧବାର ଟାଉନଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିରି ପଣ୍ଡା ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ତାଳବଣିଆ ଥାନା ଅନ୍ତର୍ଗତ ପିକେଆରଆଇଟି ନିକଟରେ ଥିବା ଚିଲିଡ୍ରେନ୍ ପାର୍କରେ ୨ଜଣ ବ୍ରାଉନ ସୁଗାର ବେପାରୀ ବ୍ରାଉନ ସୁଗାର କାରବାର କରୁଥିବା ନେଇ ମାତୃ ଶକ୍ତି ଟିମ ତରଫରୁ ପୋଲିସକୁ ସୂଚନା ଦିଆଯାଇଥିଲା। ଖବରପାଇ ପୋଲିସ ଉକ୍ତ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୮୦ଗ୍ରାମର ଜବତ କରିଥିଲା। ଜବତ ବ୍ରାଉନସୁଗାର ଆନୁମାନିକ ମୂଲ୍ୟ ୮ ଲକ୍ଷ ହେବ ବୋଲି ଅତିରିକ୍ତ ଏସ୍‌ପି ପଣ୍ଡା ସୂଚନା ଦେଇଛନ୍ତି। ତେବେ ପୁରୀ ସହରକୁ ବ୍ରାଉନସୁଗାର ମୁକ୍ତ କରିବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଏସ୍‌ଟିଏଫ ଟିମ୍ ଗଠନ କରାଯାଇ ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖାଯାଉଛି। ସେହିପରି ନାର୍କୋଟିକ୍ସ ହେଲ୍ପଲାଇନ ନମ୍ବର ୭୭୩୫୮୪୮୮୬୭ ଜାରି କରାଯାଇଛି। ଉକ୍ତ ନମ୍ବରେ ଲୋକମାନେ ନିଶା କାରବାର ନେଇ ଖବର ପୋଲିସକୁ ଜଣାଉଛନ୍ତି। ଯେଉଁମାନେ ଖବର ଦେଉଛନ୍ତି ସେମାନଙ୍କୁ ପୁରସ୍କାର ମଧ୍ୟ ଦିଆଯାଉଛି। ସେହିପରି ମାତୃଶକ୍ତି ଟିମ ଗଠନ କରାଯାଇଛି ଯେଉଁମାନେ ପୋଲିସକୁ ବିଭିନ୍ନ ସୂଚନା ପ୍ରଦାନ କରୁଥିବା ଅତିରିକ୍ତ ଏସ୍‌ପି ପଣ୍ଡା ଖବରଦାତା ସମ୍ମିଳନୀରେ କହିଛନ୍ତି।

# ଭକ୍ତିଅର୍ଘ୍ୟ ପତ୍ରିକାର ଲୋକାର୍ପଣ ଉତ୍ସବ

## ଗବେଷକ ଭାସ୍କର, ସଂଗଠକ ରାଜକିଶୋରଙ୍କୁ ଭକ୍ତିଅର୍ଘ୍ୟ ସମ୍ମାନ

ପୁରୀ ଅଫିସ,୨୯।୩

ପୂର୍ଣ୍ଣଦାସ ଫାଉଣ୍ଡେଶନ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିଭିତ୍ତିକ ପତ୍ରିକା ଭକ୍ତିଅର୍ଘ୍ୟ ବୁଧବାର ସ୍ଥାନୀୟ ଏକ ରିସୋର୍ଟର ସମ୍ମିଳନୀ କକ୍ଷରେ ଉନ୍ମୋଚିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଆଡ୍‌ଭୋକେଟ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଧାବଲ୍ଲଭୀ ମଠର ମହନ୍ତ ମହାରାଜ ରାମକୃଷ୍ଣ ଦାସ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ହରିହର ହୋତା, ସମ୍ମାନନୀୟ ଅତିଥି ରୂପେ ଉପଆୟୁକ୍ତ ବାଣିଜ୍ୟକର ଦ୍ରବ୍ୟ, ସେବା ଅଧିକାରୀ ଡ. ପଦ୍ମଲୋଚନ ରାଉତ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ଭଗବାନ ସୁଆର ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶାର ପରିଚୟ ହେଉଛନ୍ତି ଶ୍ରୀଜଗନ୍ନାଥ। ସମଗ୍ର ବିଶ୍ୱରେ ଆମ୍ଭେ ଜଗନ୍ନାଥଙ୍କ ପାଇଁ ପରିଚିତ ହେଉଛୁ। ମହାପ୍ରଭୁଙ୍କ ପାଖରେ କାୟମନ ବାକ୍ୟରେ ସମର୍ପିତ ହୋଇ ଭକ୍ତି କରିବା ଜୀବର ପରମଲକ୍ଷ୍ୟ। ମହାପ୍ରଭୁଙ୍କ କୃପା ହେଲେ ଆଧ୍ୟାତ୍ମିକ ଆନନ୍ଦ ମିଳେ। ଯାହା ଚିରସ୍ଥାୟୀ ଓ ଜୀବ ପାଇଁ ମଙ୍ଗଳଦାୟକ ଅଟେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ପାଦକ ଶିବସୁନ୍ଦର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପରେ ବିଶିଷ୍ଟ ଗବେଷକ ଗ୍ରନ୍ଥ ରଚୟିତା ଡ. ଭାସ୍କର ମିଶ୍ରଙ୍କୁ ଭକ୍ତିଅର୍ଘ୍ୟ ଗବେଷକ ସମ୍ମାନ ୨୦୨୩ ଏବଂ ବରିଷ୍ଠ ସଂଗଠକ ରାଜକିଶୋର ମିଶ୍ରଙ୍କୁ ଭକ୍ତିଅର୍ଘ୍ୟ ୨୦୨୩ ପ୍ରଦାନ କରାଯାଇଛି। ଏଥିସହିତ ସମସ୍ତ ଲେଖକ ଲେଖିକାଙ୍କୁ ସମ୍ମାନିତ କରାଯାଇଥିଲା। ସାହିତ୍ୟିକ ପୁରୁଷୋତ୍ତମ ନନ୍ଦ ଧନ୍ୟବାଦ ଦେଇଥିଲେ। ଆଲୋକ ମନ୍ତ୍ରୀ, କିରଣ, ରାଜେଶ, ରାଧାଶ୍ୟାମ, ପ୍ରଶାନ୍ତ ବରାଳ, କବି ମନୋରମା ଆଚାର୍ଯ୍ୟ, କଲ୍ୟାଣୀ ନନ୍ଦୀ ପ୍ରମୁଖ ସହଯୋଗ କରିଥିଲେ।


ପୂର୍ଣ୍ଣଦାସ ଫାଉଣ୍ଡେଶନ ପକ୍ଷରୁ ବୁଧବାର ପୁରୀର ଏକ ରିସୋର୍ଟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ସଂସ୍କୃତିଭିତ୍ତିକ ପତ୍ରିକା 'ଭକ୍ତିଅର୍ଘ୍ୟ'କୁ ଉନ୍ମୋଚନ କରୁଛନ୍ତି।

# ଏପ୍ରିଲ ପହିଲାରୁ ଚଇତାଳି ଉତ୍ସବ


ଖବରଦାତା ସମ୍ମିଳନୀରେ ପ୍ରେସ୍ କ୍ଲବ ସଭାପତି ରଞ୍ଜନ ପଟ୍ଟନାୟକ ସୂଚନା ଦେଉଛନ୍ତି।

ନିମାପଡ଼ା,୨୯।୩(ଡି.ଏନ.ଏ.)

ନିମାପଡ଼ା ପ୍ରେସ୍ କ୍ଲବ ପକ୍ଷରୁ ବସନ୍ତର ପର୍ବ ଆମ ଚଇତାଳି ତଥା 'ଚଇତାଳି ଉତ୍ସବ' ଏପ୍ରିଲ ୧ରୁ ୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ମୁକ୍ତାକାଶ ମଞ୍ଚରେ ଅନୁଷ୍ଠିତ ହେବ। ଏଥିସହ ଉତ୍ସବର ଶେଷ ଦିନରେ ନିମାପଡ଼ା ପ୍ରେସ୍ କ୍ଲବର ବାର୍ଷିକୋତ୍ସବ ଅନୁଷ୍ଠିତ ହେବ। ନିମାପଡ଼ାଠାରେ ପ୍ରେସ୍ କ୍ଲବ ପକ୍ଷରୁ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରେସ୍ କ୍ଲବ ସଭାପତି ରଞ୍ଜନ ପଟ୍ଟନାୟକ, ସମ୍ପାଦକ ରାଜକିଶୋର ଦାଶ, ପ୍ରଶାସନିକ ଅଧିକାରୀ ସତ୍ୟେନ୍ଦ୍ର ମୋହନ ମହାନ୍ତି ପ୍ରମୁଖ ସୂଚନା ଦେଇଛନ୍ତି। ଚଳିତବର୍ଷ ଚଇତ୍ର ମାସରେ ପ୍ରଥମ ଥର ପାଇଁ ନିମାପଡ଼ାରେ ଏକ ନିଆରା ଢଙ୍ଗରେ ଏହି ରଙ୍ଗାରଙ୍ଗ ଉତ୍ସବ ଆୟୋଜିତ ହେଉଛି। ଏହି ଉତ୍ସବ ପାଇଁ ସମସ୍ତ ପ୍ରସ୍ତୁତି ପର୍ବ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ଓ ରାଜ୍ୟ ବାହାରୁ ବହୁ ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନ ଓ ଖ୍ୟାତନାମା କଳାକାର ନୃତ୍ୟ, ସଙ୍ଗୀତ ପରିବେଷଣ କରିବେ। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ମେଲୋଡି ଅର୍କେଷ୍ଟ୍ରା ସୁର ତରଙ୍ଗ ପକ୍ଷରୁ ଓଡ଼ିଶାର ପ୍ରଖ୍ୟାତ କଣ୍ଠଶିଳ୍ପୀ ଇରା ମହାନ୍ତି ଓ ଗ୍ରୁପ ପକ୍ଷରୁ ମେଲୋଡି ଧମାକା ପରିବେଶିତ ହେବ ବୋଲି ସମ୍ମିଳନୀରେ କର୍ମକର୍ତ୍ତାମାନେ କହିଛନ୍ତି। ଚଇତାଳି ଉତ୍ସବ ଓ ପ୍ରେସ୍ କ୍ଲବର ବାର୍ଷିକୋତ୍ସବରେ ରାଜ୍ୟର ବହୁ ପ୍ରତିଷ୍ଠିତ ବ୍ୟକ୍ତିମାନେ ଅତିଥି ଭାବେ ଯୋଗଦେବେ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ଉତ୍ସବସ୍ଥଳରେ ପଲ୍ଲିଶ୍ରୀ ମେଳା, ମୀନାବଜାର କରାଯାଇଥିବା ଜଣାପଡିଛି। ଉଦ୍‌ଘାଟନୀ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟାଳୟ ଡ୍ୟାନ୍ସ ଏକାଡେମୀ (ନିମାପଡ଼ା) ପକ୍ଷରୁ ଆକର୍ଷଣୀୟ ଓଡ଼ିଶୀ ନୃତ୍ୟ, କୋଣାର୍କ ମା' ବୈଦେଇ କଳା ପରିଷଦର ଚିତ୍ତାକର୍ଷକ ଘୋଡ଼ାନାଚ, ଦ୍ୱିତୀୟ ସନ୍ଧ୍ୟାରେ କୋଲକାତାର ନର୍ଥନାଞ୍ଜଳି ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଭାରତନାଟ୍ୟମ୍, ମୟୂରଭଞ୍ଜର ଛଉ, ତୃତୀୟ ସନ୍ଧ୍ୟାରେ ସୌରଭ ରାୟ ଓ ଗ୍ରୁପ ପକ୍ଷରୁ କଥକ, ବଲାଙ୍ଗିରର ସଙ୍ଗୀତ ସାଧନା ନୃତ୍ୟାନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ୪ର୍ଥ ସନ୍ଧ୍ୟାରେ ପୁରୀର ନବପ୍ରତିଭା ଅନୁଷ୍ଠାନ ପକ୍ଷରୁ ମାହାରି ନୃତ୍ୟ, ପୁରୀ ରଘୁରାଜପୁର ଦଶଭୁଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ଗୋଟିପୁଅ ନୃତ୍ୟ ଓ ଶେଷ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଇରା ମହାନ୍ତି ଓ ଗ୍ରୁପ ପକ୍ଷରୁ ମେଲୋଡି ଧମାକା ପରିବେଶିତ ହେବ।

# 'ଆମ ସଂସ୍କୃତି ଆମ ଖେଳଣା' କର୍ମଶାଳା

## ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କଲେ ଶିକ୍ଷୟିତ୍ରୀ ଶିକ୍ଷକ

କୋଣାର୍କ,୨୯।୩(ଡି.ଏନ୍.ଏ.)

ପୁରୀ ଜିଲା ଗୋପ ବ୍ଲକ ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ପକ୍ଷରୁ 'ଆମ ସଂସ୍କୃତି ଆମ ଖେଳଣା' କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ନିକଟ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପରିସରରେ ଆୟୋଜିତ ଏହି କର୍ମଶାଳାରେ ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ। ଏହି ୨ ଦିନିଆ କର୍ମଶାଳାରେ କ୍ଲଷ୍ଟରର ୧୩ଟି ବିଦ୍ୟାଳୟରୁ ୩୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ପରମ୍ପରା ଓ ସଂସ୍କୃତି ଆଧାରିତ ତଥା ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ପ୍ରସଙ୍ଗ ଭିତ୍ତିକ ୨୦ଟି ଖେଳଣା (ଶିକ୍ଷଣ ସାମଗ୍ରୀ) ପ୍ରସ୍ତୁତ କରିଥିଲେ। ସାଧନକର୍ମୀ ଶିକ୍ଷକ ମହେନ୍ଦ୍ର ଦାଶ, କଳ୍ପନା ମିଶ୍ର, ଲଲାଟ ଚନ୍ଦ୍ର ବେହେରା ଓ ସ୍ମୃତିରେଖା ବରାଳ କର୍ମଶାଳାରେ ଭାଗ ନେଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପାଠ୍ୟକ୍ରମ ସମ୍ପର୍କିତ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଦିଗରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଗୋପ ବ୍ଲକ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମା, ବିଆର୍‌ସିସି ବେଣୁଧର ମଲ୍ଲିକ ଓ ଏବିଇଓ ଅଶୋକ ବେହେରା କର୍ମଶାଳା ପରିଦର୍ଶନ କରି ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ରାମକୃଷ୍ଣ ମହାନ୍ତି, ମାନସ ମୁଦୁଲି, ଦିଲ୍ଲୀପ ନାୟକ, ଗଙ୍ଗାଧର ରାଉତ ଓ ଜିତେନ୍ଦ୍ର କାନ୍ତି ପ୍ରମୁଖ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।



କୋଣାର୍କ ନିକଟ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠରେ ଅନୁଷ୍ଠିତ କର୍ମଶାଳାରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ଶିକ୍ଷୟିତ୍ରୀ ଶିକ୍ଷକ।

# ଚାନ୍ଦୁଆ ୱାର୍କଶପ୍‌ରେ ଅଗ୍ନିକାଣ୍ଡ

ପିପିଲି,୨୯।୩(ସ୍ୱ.ପ୍ର.)

ପିପିଲି ବ୍ଲକ ଅଧୀନ ଧାନପୁର ଗ୍ରାମର ପ୍ରଦୀପ ବେହେରାଙ୍କ ଚାନ୍ଦୁଆ ୱାର୍କଶପ୍‌ରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ସେଥିରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଚାନ୍ଦୁଆ ସାମଗ୍ରୀ, ସିଲେଇ ମେଶିନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଖବରପାଇ ପିପିଲି ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ୱାର୍କଶପ୍‌ରେ ଥିବା ସମସ୍ତ ସାମଗ୍ରୀ ଜଳିଯାଇଥିଲା। ଏନେଇ ପ୍ରଦୀପ ବୁଧବାର ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ପୋଲିସ ଅଗ୍ନିକାଣ୍ଡ ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବାରମ୍ବାର ଏଭଳି ଅଗ୍ନିକାଣ୍ଡ ଘଟଣାର ଅଭିଯୋଗ ସତ୍ତ୍ୱେ ପିପିଲି ପୋଲିସର ନିଷ୍କ୍ରିୟତା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଦୀପ ବେହେରା ଦୋକାନରେ ଚାନ୍ଦୁଆ କାରିଗର ଭାବେ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରନ୍ତି। ଏହି ଅଗ୍ନିକାଣ୍ଡରେ ସେ ତାଙ୍କର ସର୍ବସ୍ୱ ହରାଇଥିବା କହିଛନ୍ତି। ଏନେଇ ସେ କ୍ଷତିପୂରଣ ପାଇଁ ପିପିଲି ରାଜସ୍ୱ ନିରୀକ୍ଷକ ଓ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ ମାମଲା (ନଂ.୧୪୬/୨୩) ରୁଜୁ କରି ତଦନ୍ତ ଚଳାଇଛନ୍ତି।

ସୂଚନା ମୁତାବକ, ଗତବର୍ଷ ଅକ୍ଟୋବର ୧୬ ତାରିଖରେ ଉକ୍ତ ଗ୍ରାମର ସୂର୍ଯ୍ୟକାନ୍ତ ନାୟକଙ୍କ ଏକ କାର୍‌ରେ କେହି ଦୁର୍ବୃତ୍ତ ନିଆଁ ଲଗାଇଥିବା ଅଭିଯୋଗ ହୋଇଥିଲା। ପୁଣି ୧୭ ତାରିଖରେ ସେହି ଗ୍ରାମର ଅମିୟ ବେହୁରାଙ୍କ ବିରିଗଦାରେ କେହି ନିଆଁ ଲଗାଇ ଦେଇଥିଲା। ୧୮ ତାରିଖରେ ତାଙ୍କ ଭାଇ ଅମୂଲ୍ୟ ବେହୁରାଙ୍କ ଏକ କାର୍‌ରେ କେହି ଦୁର୍ବୃତ୍ତ ନିଆଁ ଲଗାଇଥିବା ଅଭିଯୋଗ ହୋଇଥିଲା। ଗ୍ରାମରେ ଲଗାତାର କେହି ଦୁର୍ବୃତ୍ତ ଏଭଳି ଘଟଣା ଘଟାଉଥିବା ସନ୍ଦେହ କରାଯାଉଥିବାବେଳେ ପୋଲିସ ଏବେ ସୁଦ୍ଧା କାହାରିକୁ ଧରିନାହିଁ। ତେଣୁ ଏହାର ତଦନ୍ତ କରାଯାଇ ତୁରନ୍ତ ଉକ୍ତ ବ୍ୟକ୍ତି ଗ୍ରାମବାସୀ ଦାବି କରିଛନ୍ତି।


ଚାନ୍ଦୁଆ ୱାର୍କଶପ୍‌ରେ ଅଗ୍ନିକାଣ୍ଡ ଘଟି ସାମଗ୍ରୀ ନଷ୍ଟ ହୋଇଯାଇଛି।

# ସରିଲା ବିଶ୍ୱ ନାଟ୍ୟ ଦିବସ ଉତ୍ସବ

ପୁରୀ ଅଫିସ,୨୯।୩

ପୁରୀ ଆର୍ଟିଷ୍ଟ ଆସୋସିଏଶନ୍ ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଆୟୋଜିତ ୩ଦିନିଆ ବିଶ୍ୱ ନାଟ୍ୟ ଦିବସ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପନ ହୋଇଯାଇଛି। ଶେଷ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟର ପ୍ରଫେସର ଡା.ଦେବାଶିଷ ତ୍ରିପାଠୀ ଯୋଗଦେଇଥିଲେ। ଅନୁଷ୍ଠାନ ସଭାପତି ଭରତ କୁମାର ନାୟକ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ସାହୁ, ସମ୍ପାଦକ ଶକ୍ତିପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସଭାପର୍ବ ମଧ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା କଳା ନିର୍ଦ୍ଦେଶନା କ୍ଷେତ୍ରରେ ପୁରସ୍କୃତ ହୋଇଥିବା ଶରତ ମହାନ୍ତି ଓ ମଞ୍ଚ ନାଟ୍ୟ ଅଭିନେତା ଭାବେ ପୁରସ୍କୃତ ହୋଇଥିବା ମନୋରମା ମହାନ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନୃତ୍ୟ ନିର୍ଦ୍ଦେଶକ ଅମିତ କୁମାର ଚାଟାର୍ଜୀ, ସଙ୍ଗୀତ କ୍ଷେତ୍ରରେ ତପନ କୁମାର ଓ ସୁଶ୍ରୀ ଦର୍ଶନା କର, ନୃତ୍ୟ କ୍ଷେତ୍ରରେ ନିତୁ ପ୍ରିୟଦର୍ଶିନୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏଥିସହିତ ଆଧୁନିକ ନୃତ୍ୟ(ଏକକ) ଓ (ଯୁଗ୍ମ) ବିଭାଗର ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା କୃତୀ ପ୍ରତିଯୋଗୀଙ୍କ ସମେତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ପୂର୍ବତନ ସଭାପତି ବିକାଶ ଦତ୍ତ ଏବଂ ପ୍ରଦୀପ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସାଂସ୍କୃତିକ ସମ୍ପାଦକ ପ୍ରତାପ ସାହୁ, ଉପସଭାପତି ସବିତା ହରିଚନ୍ଦନ, ସହ ସମ୍ପାଦକ ଭାରତି ମହାପାତ୍ର ଏବଂ ନରସିଂହ ମହାପାତ୍ର, ଯୁଗ୍ମ ସମ୍ପାଦକ ବିରଞ୍ଚି ନାରାୟଣ ଷଡ଼ଙ୍ଗୀ, ସଂଗଠକ ସମ୍ପାଦକ ଦେବୀ ପ୍ରସାଦ ମିଶ୍ର ସମ୍ପାଦନା କରିଥିବା ବେଳେ ସଦସ୍ୟ ସଞ୍ଜୟ ମହାନ୍ତି, ଅନୁପ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ପୂର୍ବତନ ସମ୍ପାଦକ ରାମକୃଷ୍ଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।


ବିଶ୍ୱ ନାଟ୍ୟ ଦିବସ ଉଦ୍‌ଯାପନ ସନ୍ଧ୍ୟାରେ ଯୋଗଦେଇଥିବା ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ଅନ୍ୟ ଅତିଥି।

## ସଂକ୍ଷେପରେ

### ଦୋକାନୀଙ୍କୁ ଅପହରଣ: ମୁଖ୍ୟ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୨୯।୩(ବ୍ୟୁରୋ):** ପୂର୍ବ ଶତ୍ରୁତାକୁ ନେଇ ଜଣେ ଜଳଖିଆ ଦୋକାନୀଙ୍କୁ ରାଜଧାନୀରୁ ଅପହରଣ କରାଯିବା ଘଟଣାର ୩ମାସ ପରେ ବୁଧବାର କ୍ୟାପିଟାଲ ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁରର କୁନା ଓରଫ ସୁକୁମାର ଦାସ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ପୂର୍ବରୁ ସୁକୁମାରଙ୍କ ଦୁଇ ସହଯୋଗୀଙ୍କୁ ଗିରଫ କରାଯାଇଥିଲା। ପୋଲିସ ସୂଚନାନୁସାରେ, ଅଭିଯୁକ୍ତ ସୁକୁମାରଙ୍କ ସ୍ତ୍ରୀଙ୍କ ସହିତ ଅଭିଯୋଗକାରୀ ସୁଶାନ୍ତଙ୍କ ବନ୍ଧୁତାକୁ ନେଇ ଗତ ୬ବର୍ଷ ହେବ ଶତ୍ରୁତା ରହିଆସିଥିଲା। ଏଥିଲାଗି ଉଭୟଙ୍କ ମଧ୍ୟରେ ପ୍ରାୟ ସମୟ ଝଗଡ଼ା ହେଉଥିଲା। ସୁକୁମାର କିଛିଦିନ ତଳେ ସୁଯୋଗ ଦେଖି ସୁଶାନ୍ତଙ୍କୁ ଜୀବନରୁ ହତ୍ୟା କରିବା ଉଦ୍ଦେଶ୍ୟରେ ସହଯୋଗୀ ଟୁଲୁ ଏବଂ ଅନ୍ୟ ୩ଜଣଙ୍କ ସହିତ ଗତବର୍ଷ ଡିସେମ୍ବର ୧୪ ତାରିଖ ସନ୍ଧ୍ୟାରେ ରୁଚିକା ସ୍କୁଲ ନିକଟରୁ ଅପହରଣ କରି ଜଗତ୍‌ସିଂହପୁର ନେଇ ଯାଇଥିଲେ। ଅପହରଣ ପରେ ସୁଶାନ୍ତ ଖସିଆସି ଥାନାରେ ଅଭିଯୋଗ କରିଥିଲେ।

### ଶରଧାପୁରରେ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଖୋର୍ଦ୍ଧା ଅଫିସ, ୨୯।୩ :** ଖୋର୍ଦ୍ଧା ନାଳିପଡା ଅର୍ଜୁନପୁର ପଞ୍ଚାୟତ ଶରଧାରପୁର ଗ୍ରାମରେ ଶ୍ରୀବାଲୁଙ୍କେଶ୍ୱର ମହାଦେବ ଏବଂ ହନୁମାନ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ଗ୍ରାମର ଶତାଧିକ ମହିଳା, ପୁରୁଷ ନିକଟ ପୋଖରୀରୁ ପାଣି ଉଠାଇଥିଲେ। କଳସ ଯାତ୍ରାରେ ବାହାରି ମଣ୍ଡପରେ ପହଞ୍ଚିଥିଲେ। ପରେ ହୋମ ଯଜ୍ଞ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶରଧାରପୁର ଗ୍ରାମ ସମେତ ଆଖପାଖ ୪ଖଣ୍ଡ ଗ୍ରାମର ଶ୍ରଦ୍ଧାଳୁ ଯୋଗଦେଇଛନ୍ତି। ହୁଳୁହୁଳି, ହରିବୋଲରେ ପ୍ରକମ୍ପିତ ହୋଇଉଠିଥିଲା ପରିବେଶ। ପ୍ରତିଷ୍ଠା ଉତ୍ସବରେ ନବକିଶୋର ବଡଜେନା ଓ ସୌଭାଗିନୀ ବଡଜେନା ଏବଂ ଦେବରାଜ ବାରିକ ଓ ଲକ୍ଷ୍ମୀପ୍ରିୟା ବାରିକ କର୍ତ୍ତାଭାବେ କାର୍ଯ୍ୟ ସଞ୍ଚାଳନ କରିଥିବାବେଳେ ଗ୍ରାମବାସୀ ସହଯୋଗ କରୁଛନ୍ତି।

### 'ଆୟୁର୍ବେଦୀୟ ଉପଚାରରେ ଦୁରାରୋଗ୍ୟ ବ୍ୟାଧି ଭଲ ହୁଏ'

**ପୁରୁଣା ଭୁବନେଶ୍ୱର, ୨୯।୩(ଡି.ଏନ୍.ଏ.):** ବିଭିନ୍ନ ଚିକିତ୍ସା ପଦ୍ଧତି ମଧ୍ୟରେ ଆୟୁର୍ବେଦୀୟ ଉପଚାର ସର୍ବପୁରାତନ। ଏହି ଉପଚାରରୁ ବହୁ ପୁରାତନ ଏବଂ ଦୁରାରୋଗ୍ୟ ବ୍ୟାଧିରୁ ଉପଶମ ମିଳିଥାଏ ବୋଲି ସ୍ଥାନୀୟ ହାଟସାହିସ୍ଥିତ ଶ୍ୟାମାଶଙ୍କର ମଠ ପରିସରରେ ଅନୁଷ୍ଠିତ ଆୟୁର୍ବେଦୀୟ ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଡାକ୍ତରମାନେ କହିଛନ୍ତି। ଅଖିଳ ଭାରତୀୟ ଜୟଗୁରୁ ସମ୍ପ୍ରଦାୟର ସଭାପତି ବିଠଲ ମହାରାଜାଙ୍କ ୭୭ତମ ଜନ୍ମଦିନ ପାଳନ ଅବସରରେ ଏହି ଆୟୁର୍ବେଦୀୟ ଶିବିର ଆୟୋଜିତ ହୋଇଥିଲା। ଏଥିରେ ଶତାଧିକ ଅଞ୍ଚଳବାସୀ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ବିଭିନ୍ନ ରୋଗର ଉପଶମ ପାଇଁ ଡାକ୍ତରଙ୍କଠୁ ପରାମର୍ଶ ନେଇଥିଲେ। ଲ୍ୟୁଟନାଣ୍ଟ କର୍ନେଲ ଏହାକୁ ଉଦ୍‌ଘାଟନ କରିଥିଲେ। ଡା.ରାକେଶ ଚନ୍ଦ୍ର, ଦିଲ୍ଲୀପ କୁମାର ରାଉତ, ନିତୀଶ କୁମାର ବେହେରା, ଡ.ଏନ.ଘୋଷ ଉପସ୍ଥିତ ଥିଲେ। ଏହି ଅବସରରେ ମଠ ପକ୍ଷରୁ ପରିଚାଳକ ଅରୁଣ କୁମାର ଗାଙ୍ଗୁଲି ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଶାନ୍ତ ପରିଡା, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ମିଳିଲା ନିଯୁକ୍ତି

## ଏପିପି ହେଲେ ଜଟଣୀର ସଞ୍ଜୀବ

**ଜଟଣୀ, ୨୯।୩(ଡି.ଏନ୍.ଏ.)**

ଜଟଣୀ ମଧୁସୂଦନ ନଗର ସଞ୍ଜୀବ ସାହୁଙ୍କୁ ସରକାରୀ ନିଯୁକ୍ତି ପାଇଁ ବହୁ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡିଛି। ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ଦ୍ୱାରା ପରିଚାଳିତ ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟର(ଏପିପି)ରେ ନିଯୁକ୍ତି ପାଇଁ ସଞ୍ଜୀବ ଲିଖିତ ପରୀକ୍ଷା ଦେଇଥିଲେ। ତେବେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ମୌଖିକ ପରୀକ୍ଷା ସମୟରେ ଓପିଏସ୍‌ସି ବୈଧ ଓଡ଼ିଆ ଭାଷା ପ୍ରମାଣପତ୍ର ନ ଥିବା ଦର୍ଶାଇ ସଞ୍ଜୀବଙ୍କ ମୌଖିକ ପରୀକ୍ଷା ରଦ୍ଦ କରିଥିଲା। ପରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବାରୁ ତାଙ୍କୁ ଏବେ ନ୍ୟାୟ ମିଳିଛି।

ସୂଚନା ମୁତାବକ, ୨୦୦୯ ମସିହାରେ ସଞ୍ଜୀବ ଜଟଣୀସ୍ଥ କେନ୍ଦ୍ରୀୟ ବିଦ୍ୟାଳୟରୁ ସିବିଏସ୍‌ଇ ବୋର୍ଡରୁ ଦଶମ ଶ୍ରେଣୀରୁ ପାସ କରିଥିଲେ। ତାଙ୍କର ଓଡ଼ିଆ ଅପସନାଲ ବିଷୟ ନ ଥିଲା। ପରବର୍ତ୍ତୀ ସମୟରେ ୨୦୧୮ରେ ସଞ୍ଜୀବ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ସ୍ୱୟଂଶାସିତ ବୋର୍ଡ ଏନ୍‌ଆଇଓଏସ୍‌ରୁ ଦଶମ ଶ୍ରେଣୀ ପାଇଁ ଏକକ ଓଡ଼ିଆ ଭାଷା ପରୀକ୍ଷା ଦେଇ ସାର୍ଟିଫିକେଟ ହାସଲ କରିଥିଲେ। ଯାହା ଓଡ଼ିଶା ସରକାରଙ୍କ ଅଧୀନରେ ସରକାରୀ ଚାକିରି ପାଇଁ ବାଧତାମୂଳକ ଓଡ଼ିଆ ଭାଷା ଆବଶ୍ୟକତାକୁ ପୂରଣ କରୁଥିଲା। କିନ୍ତୁ ଓପିଏସ୍‌ସି ଉକ୍ତ ଓଡ଼ିଆ ସାର୍ଟିଫିକେଟକୁ ଗ୍ରହଣ ନ କରି ସଞ୍ଜୀବଙ୍କ ମୌଖିକ ପରୀକ୍ଷା ରଦ୍ଦ କରିଥିଲା। ଏନେଇ ନ୍ୟାୟ ପାଇବା ପାଇଁ ସଞ୍ଜୀବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରୁଥିବା ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କ ବେଞ୍ଚ ଓପିଏସ୍‌ସିର ମୌଖିକ ପରୀକ୍ଷା ଖାରଜକୁ ବେଆଇନ ଦର୍ଶାଇ ସଞ୍ଜୀବଙ୍କ ସପକ୍ଷରେ ରାୟ ପ୍ରକାଶ କରିଥିଲେ। ସମାନ ବୋର୍ଡ ଦ୍ୱାରା ସଞ୍ଜୀବଙ୍କ ମୌଖିକ ପରୀକ୍ଷା କରାଇବା ସହିତ ମାମଲାର ସମାଧାନ ନ ହେବା ପର୍ଯ୍ୟନ୍ତ ଏକ ପଦବୀ ସଂରକ୍ଷିତ ରଖିବାକୁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ, ଗତ ଜାନୁଆରୀ ୩ ତାରିଖରେ ଓପିଏସ୍‌ସି ସଞ୍ଜୀବଙ୍କ ମୌଖିକ ପରୀକ୍ଷା କରିଥିଲେ ଏବଂ ଉପଯୁକ୍ତ ମନେକରି ଗୃହ ବିଭାଗକୁ ନିଯୁକ୍ତି ପାଇଁ ନାମ ସୁପାରିଶ କରିଥିଲେ। ଶେଷରେ ନ୍ୟାୟିକ ପ୍ରକ୍ରିୟାରେ ସଞ୍ଜୀବ ସଫଳ ହୋଇ ବର୍ତ୍ତମାନ ଏପିପି ଭାବେ ନିଯୁକ୍ତି ପାଇଛନ୍ତି। ଉଚ୍ଚ ନ୍ୟାୟାଳୟ ଏନ୍‌ଆଇଓଏସ୍ ସିଙ୍ଗଲ ଓଡ଼ିଆ ବିଷୟ ସାର୍ଟିଫିକେଟ ବୈଧତା ସମ୍ବନ୍ଧରେ ରାୟ ପ୍ରକାଶ କରିଥିବାରୁ ଉଚ୍ଚ ନ୍ୟାୟାଳୟକୁ ସଞ୍ଜୀବ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପଟେ ସଞ୍ଜୀବଙ୍କ ଓକିଲ ଅଧିବକ୍ତା ଆଶୁତୋଷ ମିଶ୍ର ଏନ୍‌ଆଇଓଏସ୍ ଦ୍ୱାରା ଏକକ ଓଡ଼ିଆ ବିଷୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ସାର୍ଟିଫିକେଟ ରାଜ୍ୟରେ ସରକାରୀ ଚାକିରି କ୍ଷେତ୍ରରେ ଅନେକ କ୍ଷେତ୍ରରେ ଗ୍ରହଣୀୟ ବୋଲି କହିଛନ୍ତି।

## ଜୀବନ କୌଶଳ ଶିକ୍ଷା ତାଲିମ କାର୍ଯ୍ୟକ୍ରମ



**ବେଗୁନିଆ, ୨୯।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଁପୁର-କଣ୍ଟାମଳିମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଜୀବନ କୌଶଳ ଶିକ୍ଷା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ସେଠୀ ଅଧ୍ୟକ୍ଷତା କରିଥିଲେ। ଶିକ୍ଷୟିତ୍ରୀ ବୀଣାପାଣି ଦେଇ, ପ୍ରତିମା ପଣ୍ଡା, ସୁମିତ୍ରା ସାହୁ, ଶିକ୍ଷକ ରାଧାଶ୍ୟାମ ପଣ୍ଡା, ତ୍ରିନାଥ ପରିଡା ପ୍ରମୁଖ ଉପସ୍ଥିତ ରହି ଜୀବନ କୌଶଳ ଶିକ୍ଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପିଲାମାନଙ୍କ ଜୀବନ ସବୁଠାରୁ ବଡ଼ ମୂଲ୍ୟବାନ। ଦୈନନ୍ଦିନ ସୁସ୍ଥ ଜୀବନ ଯାପନ କରିବା ସହ ପଥ ସୁଗମ କରିବା ପାଇଁ ଉପସ୍ଥିତ ବୁଦ୍ଧି ଓ କୌଶଳ ନିହାତି ଆବଶ୍ୟକ ପଡିଥାଏ ବୋଲି ପ୍ରଧାନ ଶିକ୍ଷକ ସେଠୀ ଉଦ୍‌ବୋଧନ ଦେଇଥିଲେ। ସେହିପରି ପିଲାମାନେ ପ୍ରାଥମିକ ସ୍ତରରୁ କିପରି ଆଗକୁ ବଢ଼ିପାରିବେ ସେ ନେଇ ଅନେକ ମାର୍ଗ ରହିଛି। ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୬ଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ତାଲିମ ନେଇଥିଲେ।



**ଖୋର୍ଦ୍ଧା:** ନାଳିପଡା ଅର୍ଜୁନପୁର ପଞ୍ଚାୟତ ଶରଧାରପୁର ଗ୍ରାମର ଶ୍ରୀବାଲୁଙ୍କେଶ୍ୱର ଏବଂ ହନୁମାନ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଅନୁଷ୍ଠିତ କଳସ ଶୋଭାଯାତ୍ରା।


## ନୟାଗଡ଼ ଟାଉନ୍-ଭଦ୍ରକ ମଧ୍ୟରେ ନୂତନ ମେମୁ ଟ୍ରେନ୍‌ର ପ୍ରଚଳନ

ନୟାଗଡ଼ ଟାଉନ୍-ଭଦ୍ରକ-ନୟାଗଡ଼ ଟାଉନ୍ ମଧ୍ୟରେ ଏକ ନୂତନ ମେମୁ ପାସେଞ୍ଜର ଟ୍ରେନ୍‌ର ପ୍ରଚଳନ ପାଇଁ ରେଳ ମନ୍ତ୍ରାଳୟ ଦ୍ୱାରା ନିର୍ଦ୍ଧାରିତ କରାଯାଇଛି ।

ନୟାଗଡ଼ ଟାଉନ୍‌ଠାରୁ **08556** ନୟାଗଡ଼ ଟାଉନ୍-ଭଦ୍ରକ ମେମୁ ଟ୍ରେନ୍ **ତା.31.03.2023**ରିଖ ଠାରୁ (ପ୍ରତିଦିନ) ଚଳାଚଳ କରିବ ।

ଭଦ୍ରକଠାରୁ **08555** ଭଦ୍ରକ-ନୟାଗଡ଼ ଟାଉନ୍ ମେମୁ ଟ୍ରେନ୍ **ତା.31.03.2023**ରିଖ ଠାରୁ (ପ୍ରତିଦିନ) ଚଳାଚଳ କରିବ ।

ବିସ୍ତୃତ ସମୟ

| ଟ୍ରେନ୍ ନଂ. 08556 ନୟାଗଡ଼ ଟାଉନ୍-ଭଦ୍ରକ | | ଷ୍ଟେସନ | ଟ୍ରେନ୍ ନଂ. 08555 ଭଦ୍ରକ-ନୟାଗଡ଼ ଟାଉନ୍ | |
|---|---|---|---|---|
| ପହଞ୍ଚିବ | ଛାଡିବ | | ପହଞ୍ଚିବ | ଛାଡିବ |
| - | 1705 | ନୟାଗଡ଼ ଟାଉନ୍ | 1155 | - |
| 1813 | 1818 | ଖୋର୍ଦ୍ଧା ରୋଡ୍ | 1003 | 1008 |
| 1840 | 1845 | ଭୁବନେଶ୍ୱର | 0932 | 0937 |
| 1929 | 1934 | କଟକ | 0842 | 0847 |
| 2121 | 2126 | ଯାଜପୁର କେନ୍ଦୁଝର ରୋଡ୍ | 0638 | 0643 |
| 2245 | - | ଭଦ୍ରକ | - | 0545 |

**ସମାହ:** ମୋଟର କାର୍ ତଥା ଦ୍ୱିତୀୟ ଶ୍ରେଣୀ-3, ଦ୍ୱିତୀୟ ଶ୍ରେଣୀ-9=12 ମେମୁ କାର୍ କୋଚେସ୍ ।

**ଅନ୍ୟ ରହଣିସ୍ଥଳଗୁଡ଼ିକ:** ବୋଲଗଡ ରୋଡ୍, ବୋଲଗଡ ଟାଉନ୍ ପି.ଏଚ୍., ରାଜସୁନାଖଳା, ବେଗୁନିଆ, ଖୋର୍ଦ୍ଧା ଟାଉନ୍, ରେତଙ୍ଗ, ଲିଙ୍ଗରାଜ ଟେମ୍ପୁଲ୍ ରୋଡ୍ ପି.ଏଚ୍, ବାଣୀବିହାର ପି.ଏଚ୍., ମଞ୍ଚେଶ୍ୱର, ପଟିଆ ପି.ଏଚ୍, ଭୁବନେଶ୍ୱର ନୂଆ, ବାରଙ୍ଗ, ଗୋପାଳପୁର ବାଲିକୁଦା, କାଠଯୋଡି ପି.ଏଚ୍, କେନ୍ଦ୍ରାପଡା ରୋଡ୍, ମଙ୍ଗୁଳି ଚୌଦ୍ୱାର ପି.ଏଚ୍, ନିର୍ଗୁଣ୍ଡି, କପିଳାସ ରୋଡ୍, ଶ୍ରୀ ଝାଡେଶ୍ୱର ରୋଡ୍ ପି.ଏଚ୍, ବୈରୀ, ବରିଠେଙ୍ଗଡ, ଧାନମଣ୍ଡଳ, ହରିଦାସପୁର, ନୂଆ ଗଡମଧୁପୁର, ଜେନାପୁର, ବ୍ରାହ୍ମଣୀ ପି.ଏଚ୍, ଜଖପୁରା ଜଙ୍କ୍‌ସନ୍, କୋରେଇ, ବୈତରଣୀ ରୋଡ୍, ଦୁଲାଖା ପାଟଣା ପି.ଏଚ୍, ମଞ୍ଜୁରୀ ରୋଡ୍, କେନ୍ଦୁଆପଦା, କପାଳି ରୋଡ୍ ପି.ଏଚ୍, ବାଉଦପୁର ।

**ବି.ଦ୍ର:** ଏହି ଟ୍ରେନ୍‌ର ପ୍ରାରମ୍ଭିକ ଚଳାଚଳରେ ଏହା ସ୍ୱତନ୍ତ୍ର ଟ୍ରେନ୍ ଭାବେ ଚଳାଚଳ କରିବ । କିନ୍ତୁ, ଏହି ଟ୍ରେନ୍‌ର ନିୟମିତ ଚଳାଚଳ ଉଭୟ ପାର୍ଶ୍ୱରୁ ତା.୩୧.୦୩.୨୦୨୩ ରିଖ ଠାରୁ ଚଳାଚଳ ହେବ ।

ପୂର୍ବ ତଟ ରେଳପଥ

PR-1118/N/22-23


# ଶ୍ରୀମନ୍ଦିରରେ ଅଶୋକାଷ୍ଟମୀ ନୀତି ସମ୍ପନ୍ନ

**ପୁରୀ ଅଫିସ, ୨୯।୩**

ଚୈତ୍ର ମାସ ଶୁକ୍ଳପକ୍ଷ ଅଷ୍ଟମୀ ବା ଅଶୋକାଷ୍ଟମୀ ବୁଧବାର ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ଉକ୍ତ ଦିନ ଶ୍ରୀମନ୍ଦିରରୁ ଲୋକନାଥ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରି ସେଠାରେ ବିଭିନ୍ନ ନୀତି ସମ୍ପନ୍ନ କରିଥାନ୍ତି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପସମ୍ପନ୍ନ ହେବା ପରେ ଭଣ୍ଡାରଘରୁ ଶ୍ରୀ ଲୋକନାଥ ରତ୍ନସିଂହାସନ ନିକଟକୁ ବିଜେ କରିଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ଆଣି ପ୍ରଭୁ ଲୋକନାଥଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକମାନେ ହାତରେ ଶ୍ରୀଲୋକନାଥଙ୍କୁ ଆଣି ଝୁଲଣ ମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ କରିଥିଲେ। ଘଣ୍ଟ, ଛତା, କାହାଳୀ ଏବଂ ସେବାୟତଙ୍କ ଗ୍ରହଣରେ ବିମାନବଡୁ ସେବକମାନେ ପ୍ରଥମେ ଶ୍ରୀମନ୍ଦିର ଉତ୍ତରଦ୍ୱାର ନିକଟରେ ଥିବା ଈଶାନେଶ୍ୱର ବା ଐଶାନେଶ୍ୱର ମହାଦେବ ମନ୍ଦିରକୁ ବିଜେ କରାଇଥିଲେ। ସେଠାରେ ପାଳିଆ ଖୁଣ୍ଟିଆ ଏକ ଖଣ୍ଡ ଅମୁଣିଆ ମାଳ ନେଇ ଭିତରଚ୍ଛ ସେବକଙ୍କୁ ପ୍ରଦାନ କରିଥିଲେ। ପରେ ଉକ୍ତ ଅମୁଣିଆ ମାଳଟିକୁ ଭିତରଚ୍ଛ ସେବକ ଈଶାନେଶ୍ୱରଙ୍କୁ ଲାଗି କରାଇ ମାଳଟି ଲୋକନାଥ ଠାକୁରଙ୍କୁ ପ୍ରଦାନ କରିଥିଲେ। ପରେ ଶୀତଳ ଭୋଗ ମଣୋହି ହେବା ସହ କର୍ପୂର ଆରତି ଅନୁଷ୍ଠିତ ହୋଇଥିଲା। ନୀତି ସମ୍ପନ୍ନ ହେବାପରେ ବିମାନବଡୁ ସେବାକମାନେ ଲୋକନାଥଙ୍କୁ ପାଲିଙ୍କିରେ ସିଂହଦ୍ୱାର ଦେଇ ଜଗନ୍ନାଥବଲ୍ଲଭ ମଠକୁ ବିଜେ କରାଇଥିଲେ। ସେଠାରେ ଠାକୁରଙ୍କ ମଇଲମ, ଅବକାଶ କରାଯାଇ ଶୀତଳ ଭୋଗ ମଣୋହି କରାଯାଇଥିଲା। ପରେ ଭିତରଚ୍ଛଙ୍କ ଦ୍ୱାରା ବନ୍ଦାପନା ଅନୁଷ୍ଠିତ ହେବା ପରେ ଶ୍ରୀଲୋକନାଥଙ୍କୁ ଅଶୋକ କଢ଼ି ଲାଗିକରାଯାଇଥିଲା। ପରେ ଶ୍ରୀଲୋକନାଥ ସେବାୟତଙ୍କ ଗ୍ରହଣରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

# ନନ୍ଦନକାନନ: ମହୁମାଛି ଆକ୍ରମଣରେ ୧୧ ଆହତ

**ବାରଙ୍ଗ, ୨୯।୩(ଡି.ଏନ୍.ଏ.)**





ନନ୍ଦନକାନନରେ ବୁଧବାର ମହୁମାଛି ଆକ୍ରମଣ କରିବାରୁ ୧୧ ପର୍ଯ୍ୟଟକଙ୍କ ସମେତ ଜଣେ ଅସ୍ଥାୟୀ ସୁରକ୍ଷା କର୍ମଚାରୀ ଆହତ ହୋଇଛନ୍ତି। ହେଲେ ସେମାନଙ୍କୁ ନନ୍ଦନକାନନ ପକ୍ଷରୁ କୌଣସି ସୁରକ୍ଷା ବା ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରା ନ ଯିବାରୁ ନିରାଶରେ ଫେରିଥିବା ସୂଚନା ମିଳିଛି। ପୂର୍ବାହ୍ନ ୧୦ଟାବେଳେ ପ୍ରାଣୀ ଉଦ୍ୟାନ ବାଘ ଏନକ୍ଲୋଜର ମୁଖ୍ୟରାସ୍ତା ୫ନମ୍ବର ବ୍ୟାଟେରିଚାଳିତ ଗାଡ଼ି ରହଣିସ୍ଥଳ ଓ ହାତୀ ସଫାରି ରାସ୍ତାପାର୍ଶ୍ୱ ଜଙ୍ଗଲରେ ଏକ ପୁରୁଣା ଗଛରେ ମହୁମାଛି ବସା ବାନ୍ଧିଥିଲେ। ଜଙ୍ଗଲୀ ମାଙ୍କଡ଼ ବସା ଉପରକୁ ଡିଆଁ ମାରିବା ଫଳରେ ମହୁମାଛି ପଲ ଅଚାନକ ସେହିବାଟେ ଯାଉଥିବା ପର୍ଯ୍ୟଟକଙ୍କୁ ଆକ୍ରମଣ କରିଥିଲେ। ପ୍ରାଣବିକଳରେ ପର୍ଯ୍ୟଟକମାନେ ଜୀବନ ବଞ୍ଚାଇବାକୁ ଦୌଡ଼ିଥିଲେ। ଜଗତ୍‌ସିଂହପୁର ମଣ୍ଡାସାହିର ସୁରେନ୍ଦ୍ରସାହୁ, ତାଙ୍କ ୧୨ବର୍ଷର ପୁଅ ସୁଧାଂଶୁ, ଦୁଇଭଉଣୀ ସମେତ ଅନ୍ୟ ୬ଜଣ ପର୍ଯ୍ୟଟକ ଓ ଜଣେ ଅସ୍ଥାୟୀ ସୁରକ୍ଷା କର୍ମଚାରୀ କାଳନ୍ଦି ମଣ୍ଡଳଙ୍କୁ ମହୁମାଛି ଆକ୍ରମଣ କରିଥିଲେ। ସୁରେନ୍ଦ୍ର ଓ ତାଙ୍କ ପୁଅ, ଦୁଇ ଭଉଣୀ ଭୟରେ ବାଘଘର ରାସ୍ତା ଦେଇ ବନ୍ୟପ୍ରାଣୀ ଚିକିତ୍ସାଳୟ ଭିତରକୁ ପଶିଆସିଥିଲେ। ଏହି ଘଟଣାକୁ ଦେଖି କାର୍ଯ୍ୟରତ ସୁରକ୍ଷା କର୍ମଚାରୀମାନେ ଉଭୟପଟ ରାସ୍ତାରେ ଛିଡାହୋଇ ପର୍ଯ୍ୟଟକଙ୍କୁ ଛାଡି ନ ଥିଲେ। ଫଳରେ ଅଧଘଣ୍ଟା ପାଇଁ ଉକ୍ତ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା। କର୍ମଚାରୀମାନେ ଦାୟିତ୍ୱରେ ଥିବା ଜନ୍ତୁବିଭାଗ ରେଞ୍ଜରଙ୍କୁ ଖବର ଦେଇଥିଲେ ମଧ୍ୟ କାହାର ଦେଖାମିଳି ନ ଥିଲା। ଅନ୍ୟପଟେ ସୁରେନ୍ଦ୍ର ତାଙ୍କ ପରିବାରଙ୍କୁ ଧରି ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପାଇଁ ଘଣ୍ଟାଏ କାଳ ଅପେକ୍ଷା କରିବା ସତ୍ତ୍ୱେ କୌଣସି ବ୍ୟବସ୍ଥା ମିଳି ନ ଥିଲା। ଏପରିକି ବାହାରେ ଯାଇ ଚିକିତ୍ସା କର ବୋଲି ଚିକିତ୍ସାଳୟର ଜଣେ କର୍ମଚାରୀ ଆସି କହିବା ପରେ ସୁରେନ୍ଦ୍ର ଆଉ ନନ୍ଦନକାନନ ନ ବୁଲି ନିରାଶ ହୋଇ ଘରକୁ ଫେରିଥିଲେ। ତେବେ ନନ୍ଦନକାନନରେ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କର କୌଣସି ଅସୁବିଧା ହେଲେ ପ୍ରାଥମିକ ଚିକିତ୍ସା ସହ ଆବଶ୍ୟକତାକୁ ଦେଖି ନିକଟସ୍ଥ ଡାକ୍ତରଖାନାକୁ ନେବାକୁ ନିୟମ ଥିବାବେଳେ ତାହା ଏଠାରେ ବ୍ୟତିକ୍ରମ ଦେଖାଯାଇଥିବାରୁ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

# ଆଜିଠୁ ଶ୍ରୀକ୍ଷେତ୍ରରେ ସାହିଯାତ

## ପାରମ୍ପରିକ ସମରକଳା, ବାଦ୍ୟଯନ୍ତ୍ରରେ କମ୍ପିବ ସାହି

**ପୁରୀ ଅଫିସ, ୨୯।୩**

ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ତିଥିରେ ଶ୍ରୀମନ୍ଦିରର ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିର ଏବଂ ଶ୍ରୀମନ୍ଦିର ସହ ଜଡ଼ିତ ଶ୍ରୀକ୍ଷେତ୍ରର ଆଠ ସାହିରେ ପାରମ୍ପରିକ ସମରକଳା ସାହିଯାତ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ରୀତିନୀତି ସହ ସାହିଯାତ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ସାହିର ଜାଗା ଆଖଡ଼ାରୁ ପୌରାଣିକ ରାମାୟଣର ଚରିତ୍ର ରାମ ଲକ୍ଷ୍ମଣ, ସୀତା, ରାବଣ, ନାକ, କାନ, ପର୍ଶୁରାମ, ହନୁମାନ, ସପ୍ତଶିରା ଓ ନାଗା ମେଢ଼ ଆଦି ବାହାରି ସାହି ପରିକ୍ରମା କରିଥାନ୍ତି। ଏଥିରେ ସାହିର ମୁରବୀ ଏବଂ ବାସିନ୍ଦାମାନେ ପଟୁଆରରେ ଯୋଗଦେଇଥାନ୍ତି। ସାହି ପରିକ୍ରମା କରି ଶ୍ରୀମନ୍ଦିର ନିକଟକୁ ଯାଇ ସେଠାରେ ବିଭିନ୍ନ ବେଶ ଧାରଣ କରିଥିବା ଯୁବକମାନେ କଳା କୌଶଳ ପ୍ରଦର୍ଶନ କରି ନୀତି ସମ୍ପାଦନ କରିବା ପାଇଁ ଜଗନ୍ନାଥବଲ୍ଲଭକୁ ଯାଇଥାନ୍ତି। ସେହିଭଳି ଶ୍ରୀମନ୍ଦିରରୁ ଠାକୁର ମଠକୁ ବିଜେ କରିଥାନ୍ତି। ପରେ ମଠ ପରିସରରେ ବିଭିନ୍ନ ନୀତିକାନ୍ତି ମଧ୍ୟ ଅନୁଷ୍ଠିତ ହୋଇଥାଏ। ସାହିଯାତ ରାମନବମୀଠାରୁ ଆରମ୍ଭ ହୋଇ ରାମଅଭିଷେକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ।

ପରମ୍ପରା ଅନୁଯାୟୀ, ସାହି ସାହିରେ ପାରମ୍ପରିକ ନୃତ୍ୟ ସହ ସମରକଳା ପ୍ରଦର୍ଶନ ହେବ। ସେଥିପାଇଁ ବୀର ବାଦ୍ୟରେ କମ୍ପୁଛି ଏବେ ପ୍ରତିଟି ଆଖଡ଼ାଘର। ସେଇ ବୀରଦର୍ପ ଚାଲି, କଥାକୁହା ଆଖି ଓ ମନମତାଣିଆ ବେଶରେ ବିଭୋର ହେବେ ପୁରୀବାସୀ। ପୁରୀରେ ହେବାକୁ ଥିବା ମୁକ୍ତାକାଶ ଯାତ୍ରା ସାହିଯାତ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀକ୍ଷେତ୍ରର ସାଂସ୍କୃତିକ ବିଭବରେ ଓଡ୍ର ସମରକଳାର ନିଦର୍ଶନ ଯେତିକି ଅନନ୍ୟ, ଏହାର ପ୍ରଚ୍ଛଦପଟରେ ଥିବା କାହାଣୀ ସେତିକି ସମୃଦ୍ଧ। କିମ୍ବଦନ୍ତୀ ଅନୁଯାୟୀ, ଆକ୍ରମଣକାରୀଙ୍କ କବଳରୁ ଶ୍ରୀମନ୍ଦିରକୁ ସୁରକ୍ଷା ପାଇଁ ଆଖଡ଼ା, ଜାଗା, ଗୁରୁଜ, କୋଟ ଓ ଗଡ଼ର ଆବିର୍ଭାବ ହୋଇଥିଲା। ସେବାୟତ, ବ୍ରାହ୍ମଣ ଓ ପୁରୀର ଅଧିବାସୀମାନେ ନିଜେ ସମର କଳା ଅଭ୍ୟାସ କରୁଥିଲେ। ସମୟ ସ୍ରୋତରେ ଆକ୍ରମଣକାରୀ ଆୟତ୍ତ ହେଲେ, କିନ୍ତୁ ପୁରୁଖା ଅଧିବାସୀ ଏହି କଳାକୁ ମରିବାକୁ ନଦେଇ ଏକ ସାଂସ୍କୃତିକ ବିଭବ ଭାବେ ଏହାକୁ ବଞ୍ଚାଇ ରଖିଛନ୍ତି। ୯ଦିନର ଯାତ୍ରା ପାଇଁ ଶ୍ରୀମନ୍ଦିର ସଂଲଗ୍ନ ସାହି ବାସିନ୍ଦାଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ଥାଏ। ଏଥିପାଇଁ ସାହି ଆଖଡ଼ାରେ କଳାକାରମାନେ ନିରବଚ୍ଛିନ୍ନ ଅଭ୍ୟାସ କରନ୍ତି। ସାତ୍ତ୍ୱିକ ଭୋଜନ ଖାଇ ଦେବଦେବୀଙ୍କ ଶରଣରେ ରହି ଅଭ୍ୟାସ କରନ୍ତି। ମେଢ଼ର ଓଜନ ପ୍ରାୟ ୫୦ କେଜି ହୋଇଥିବାରୁ ଏଥିପାଇଁ କାର୍ତ୍ତିକ ମାସ ପରଠୁ ଅଭ୍ୟାସ ଆରମ୍ଭ ହୁଏ। ସେହିପରି ଦୁଇମାସ କେବଳ ନୃତ୍ୟ, ଠାଣି, ବଚନିକା ଶ୍ଳୋକ ଓ ଚାଲି ଆଦିରେ ଅଭ୍ୟାସ କରିବାକୁ ପଡେ। ଶ୍ରୀମନ୍ଦିର ସଂଲଗ୍ନ ଆଠସାହିର ବିଭିନ୍ନ ମେଳ ତଥା ଜାଗା ଆଖଡ଼ା ଘର ଏହି ଅନନ୍ୟ ପରମ୍ପରା ଦେଖିବାକୁ ମିଳେ। ପାରମ୍ପରିକ ବାଦ୍ୟ-ନୃତ୍ୟରେ କମ୍ପୁଛି ଏବେ ଜାଗା ଘର। ସକାଳେ ଓ ଅପରାହ୍ନରେ ଗୁରୁଙ୍କଠାରୁ ଶିକ୍ଷା ଗ୍ରହଣ କରୁଛନ୍ତି ଯୁବକମାନେ। ଅପରପକ୍ଷେ ଚଳିତବର୍ଷ ଯେପରି ସାହିଯାତକୁ ଶୃଙ୍ଖଳିତ ଭାବରେ କରାଯିବ ସେଥିପ୍ରତି ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି। ସାହି ମୁରବୀଙ୍କ ସହ ପ୍ରଶାସନ ବିଭିନ୍ନ ବିଷୟକୁ ନେଇ ଆଲୋଚନା କରିଛି। ଗୁରୁବାରଠାରୁ ଏପ୍ରିଲ ୧୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାସ୍ତା ମରାମତି ଓ ଆଲୋକୀକରଣ ନିମନ୍ତେ ପୌରସଂସ୍ଥାକୁ ପକ୍ଷରୁ କାର୍ଯ୍ୟ କରାଯାଇଛି। ଆଇନଶୃଙ୍ଖଳା ନିମନ୍ତେ ପୋଲିସ ମୁତୟନ ରହିବେ।


## ई-प्रोक्योरमेंट सेल
## पेयजल एवं स्वच्छता विभाग झारखण्ड, राँची

### शुद्धि पत्र

इस कार्यालय द्वारा प्रकाशित अतिअल्पकालीन निविदा सूचना (प्रथम आमंत्रण) सं0 Giridih-1/SVS/31/2022-23 ( P.R. No-291402 / 2022-23) -को निम्न प्रकार संशोधित किया जाता है–

ई–टेन्डर रेफरेन्स नं०– SVS (JJM Giridih-1) Giridih-1/SVS/31/2022-23 Date 25-02-2023

| क्र0 | विवरणी | Group No | Block | Panchayat | Village | No of Scheme | प्राक्कलित राशि (लाख में) | अग्रधन राशि (लाख में) | परिमाण विपत्र राशि (रू0 में) |
|---|---|---|---|---|---|---|---|---|---|
| 1 | Construction of Village wise Single water Supply Scheme in Different villages under DWSD No-1, Giridih | C-35 | Gandey | Dasdih | Kumhardih | 1 | 8.551 | 0.18 | 1250 |
| 2 | | C-36 | Gandey | Mednisare | Manakdiha | 1 | 6.17545 | 0.13 | 1250 |
| 3 | | C-37 | Gandey | Pandri | Palkiya | 5 | 62.13924 | 1.25 | 10000 |
| 4 | | C-38 | Gandey | Pandri | Pandnatand | 7 | 94.16947 | 1.89 | 10000 |
| 5 | | C-39 | Gandey | Kundalwadah | Barotand | 2 | 12.35089 | 0.25 | 2500 |
| 6 | | C-40 | Gandey | Ahilyapur | Bhalpahri | 4 | 35.23419 | 0.71 | 5000 |
| 7 | | C-41 | Gandey | Rasanjori | Lachhudih | 4 | 44.40118 | 0.89 | 5000 |
| 8 | | C-42 | Gandey | Gajkunda | Parmadih | 3 | 38.22574 | 0.77 | 5000 |
| 9 | | C-43 | Gandey | Gajkunda | Fuljharia | 5 | 58.73349 | 1.18 | 10000 |
| 10 | | C-44 | Gandey | Fuljharia | Daldala | 3 | 29.05875 | 0.59 | 5000 |
| 11 | | C-45 | Jamua | Fatha | Singhraidih | 4 | 37.60974 | 0.76 | 5000 |
| 12 | | C-46 | Jamua | Dhotho | Karodih | 5 | 62.13924 | 1.25 | 10000 |
| 13 | | C-47 | Jamua | Dhurgadgi | Telmakri | 7 | 82.62693 | 1.66 | 10000 |
| 14 | | C-48 | Jamua | Chakmanjo | Alardih | 1 | 6.17545 | 0.13 | 1250 |
| 15 | | C-50 | Jamua | Chorgatta | Dudhwatol | 4 | 27.07734 | 0.55 | 5000 |
| 16 | | C-51 | Jamua | Chorgatta | Gardih | 4 | 27.07734 | 0.55 | 5000 |
| 17 | | C-52 | Jamua | Goro | Gardih | 3 | 23.27744 | 0.47 | 5000 |
| 18 | | C-53 | Jamua | Goro | Bishanpur | 3 | 29.05875 | 0.59 | 5000 |
| 19 | | C-54 | Jamua | Siyatand | Naitand | 1 | 6.17545 | 0.13 | 1250 |
| 20 | | C-55 | Jamua | Siyatand | Barahmoria | 4 | 35.23419 | 0.71 | 5000 |
| 21 | | C-56 | Tisri | Khijuri | Jhakhnodih | 1 | 8.551 | 0.18 | 1250 |
| 22 | | C-60 | Bengabad | Telonari | Telonari | 23 | 177.3534 | 3.55 | 10000 |
| 23 | | C-61 | Bengabad | Karanpura | Barasoli | 1 | 6.17545 | 0.13 | 1250 |
| 24 | | C-62 | Gandey | Gandey | Dharampur | 5 | 40.37944 | 0.81 | 5000 |
| 25 | | C-63 | Gandey | Rasanjori | Koldiha | 1 | 8.551 | 0.18 | 1250 |
| 26 | | C-64 | Gandey | Rasanjori | Borotand | 1 | 8.551 | 0.18 | 1250 |
| 27 | | C-65 | Jamua | Pandeydih | Pandeydih | 15 | 145.29373 | 2.91 | 10000 |
| 28 | | C-66 | Jamua | Pandeydih | Sheodih | 15 | 168.04362 | 3.37 | 10000 |
| 29 | | C-67 | Jamua | Chungalkhar | Dhibitanr | 8 | 75.21949 | 1.51 | 10000 |
| 30 | | C-68 | Jamua | Fatha | Fatha | 8 | 75.21949 | 1.51 | 10000 |
| 31 | | C-69 | Jamua | Dhuraita | Pachdiha | 4 | 29.05875 | 0.59 | 5000 |

| क्र0 | विवरणी | |
|---|---|---|
| 32 | कार्य पूर्ण करने की अवधि | 03 Months |
| 33 | वेबसाईट पर बिड Upload की तिथि/समय | From 05-04-2023, 4:00P.M |
| 34 | बिड प्राप्ति के लिए अन्तिम तिथि/समय | 17-04-2023 5:00P.M |
| 35 | निविदा की हार्ड कॉपी जमा करने की तिथि/समय/स्थान | 18-04-2023 up to 5:00P.M **कार्यपालक अभियंता का कार्यालय, पेयजल एवं स्व0 प्र0 सं0–1, गिरिडीह। अधीक्षण अभियंता का कार्यालय, पेयजल एवं स्व0 अंचल, धनबाद।** |
| 36 | निविदा प्राप्त बिड खोलने की तिथि/समय | 19-04-2023 up to 02:00 P.M |
| 37 | निविदा प्रकाशित करने वाले कार्यालय का नाम एवं पता। | पेयजल एवं स्वच्छता प्रमण्डल संख्या–01, गिरिडीह। |
| 38 | निविदा खोलने वाले कार्यालय का नाम एवं पता। | कार्यपालक अभियंता, पेयजल एवं स्वच्छता प्रमण्डल संख्या–01, गिरिडीह/अधीक्षण अभियंता, पेयजल एवं स्वच्छता अंचल, धनबाद। |
| 39 | प्रोक्योरमेंट पदाधिकारी का सम्पर्क संख्या | 7870778158 |
| 40 | ई–प्रोक्योरमेंट सेल का हेल्पलाईन संख्या | 0651-2480345 |

- अन्य सभी नियम व शर्ते यथावत रहेंगी।
- केवल ई0निविदा ही स्वीकार किये जायेंगे।
- परिमान विपत्र का मुल्य केवल डी0डी0 में ही देय है जिसे लौटाया नही जाएगा।
- प्राक्कलित राशि घट या बढ सकती है, तदनुरूप अग्रधन राशि मान्य होगी।
- अन्य किसी भी प्रकार की सूचना http:// Jharkhandtenders.gov.in पर देखा जा सकता है।

**कार्यपालक अभियंता, पेयजल एवं स्वच्छता प्रमण्डल संख्या–01, गिरिडीह**

PR 293830 Drinking Water and Sanitation(22-23)#D

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୩।୨୦୨୩

| | |
|---|---|
| ୩,୬୪,୬୮୭ ଟଙ୍କା | |
| ସୁନା | ୩୦୦ ମିଲିଗ୍ରାମ୍ |
| ରୁପା | ୪୩ ଗ୍ରାମ୍ |

# ଆଜିଠୁ ଶ୍ରୀକ୍ଷେତ୍ରରେ ସାହିଯାତ

ପୁରୀ ଅଫିସ,୨୯।୩

ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ତିଥିରେ ଶ୍ରୀମନ୍ଦିରର ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିର ଏବଂ ଶ୍ରୀମନ୍ଦିର ସହ ଜଡ଼ିତ ଶ୍ରୀକ୍ଷେତ୍ରର ଆଠ ସାହିରେ ପାରମ୍ପରିକ ସମରକଳା ସାହିଯାତ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ରୀତିନୀତି ସହ ସାହିଯାତ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ସାହିର ଜାଗା ଆଖଡ଼ାରୁ ପୌରାଣିକ ରାମାୟଣର ଚରିତ୍ର ରାମ ଲକ୍ଷ୍ମଣ, ସୀତା, ରାବଣ, ନାକ, କାନ, ପର୍ଶୁରାମ, ହନୁମାନ, ସପ୍ତଶିରା ଓ ନାଗା ମେଢ଼ ଆଦି ବାହାରି ସାହି ପରିକ୍ରମା କରିଥାନ୍ତି। ଏଥିରେ ସାହିର ମୁରବୀ ଏବଂ ବାସିନ୍ଦାମାନେ ପଟୁଆରରେ ଯୋଗଦେଇଥାନ୍ତି। ସାହି ପରିକ୍ରମା କରି ଶ୍ରୀମନ୍ଦିର ନିକଟକୁ ଯାଇ ସେଠାରେ ବିଭିନ୍ନ ବେଶ ଧାରଣ କରିଥିବା ଯୁବକମାନେ କଳା କୌଶଳ ପ୍ରଦର୍ଶନ କରି ନୀତି ସମ୍ପାଦନ କରିବା ପାଇଁ ଜଗନ୍ନାଥବଲ୍ଲଭକୁ ଯାଇଥାନ୍ତି। ସେହିଭଳି ଶ୍ରୀମନ୍ଦିରରୁ ଠାକୁର ମଠକୁ ବିଜେ କରିଥାନ୍ତି। ପରେ ମଠ ପରିସରରେ ବିଭିନ୍ନ ନୀତିକାନ୍ତି ମଧ୍ୟ ଅନୁଷ୍ଠିତ ହୋଇଥାଏ। ସାହିଯାତ ରାମନବମୀଠାରୁ ଆରମ୍ଭ ହୋଇ ରାମଅଭିଷେକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ। ପରମ୍ପରା ଅନୁଯାୟୀ, ସାହି ସାହିରେ ପାରମ୍ପରିକ ନୃତ୍ୟ ସହ ସମରକଳା ପ୍ରଦର୍ଶନ ହେବ। ସେଥିପାଇଁ

### ପାରମ୍ପରିକ ସମରକଳା, ବାଦ୍ୟ ଯନ୍ତ୍ରରେ କମ୍ପିବ ସାହି

ବୀର ବାଦ୍ୟରେ କମ୍ପୁଛି ଏବେ ପ୍ରତିଟି ଆଖଡ଼ାଘର। ସେଇ ବୀରଦର୍ପ ଚାଲି, କଥାକୁହା ଆଖି ଓ ମନମତାଣିଆ ବେଶରେ ବିଭୋର ହେବେ ପୁରୀବାସୀ। ପୁରୀରେ ହେବାକୁ ଥିବା ମୁକ୍ତାକାଶ ଯାତ୍ରା ସାହିଯାତ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀକ୍ଷେତ୍ରର ସାଂସ୍କୃତିକ ବିଭବରେ ଓଡ୍ର ସମରକଳାର ନିଦର୍ଶନ ଯେତିକି ଅନନ୍ୟ, ଏହାର ପ୍ରଚ୍ଛଦପଟରେ ଥିବା କାହାଣୀ ସେତିକି ସମୃଦ୍ଧ। କିମ୍ବଦନ୍ତୀ ଅନୁଯାୟୀ, ଆକ୍ରମଣକାରୀଙ୍କ କବଳରୁ ଶ୍ରୀମନ୍ଦିରକୁ ସୁରକ୍ଷା ପାଇଁ ଆଖଡ଼ା, ଜାଗା, ଗୁରୁଜ, କୋଟ ଓ ଗଡ଼ର ଆବିର୍ଭାବ ହୋଇଥିଲା। ସେବାୟତ, ବ୍ରାହ୍ମଣ ଓ ପୁରୀର ଅଧିବାସୀମାନେ ନିଜେ ସମର କଳା ଅଭ୍ୟାସ କରୁଥିଲେ। ସମୟ ସ୍ରୋତରେ ଆକ୍ରମଣକାରୀ ଆୟତ୍ତ ହେଲେ, କିନ୍ତୁ ପୁରୁଖା ଅଧିବାସୀ ଏହି କଳାକୁ ମରିବାକୁ ନଦେଇ ଏକ ସାଂସ୍କୃତିକ ବିଭବ ଭାବେ ଏହାକୁ ବଞ୍ଚାଇ ରଖିଛନ୍ତି। ୯ଦିନର ଯାତ୍ରା ପାଇଁ ଶ୍ରୀମନ୍ଦିର ସଂଲଗ୍ନ ସାହି ବାସିନ୍ଦାଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ଥାଏ। ଏଥିପାଇଁ ସାହି ଆଖଡ଼ାରେ କଳାକାରମାନେ ନିରବଚ୍ଛିନ୍ନ ଅଭ୍ୟାସ କରନ୍ତି। ସାତ୍ତ୍ୱିକ ଭୋଜନ ଖାଇ ଦେବଦେବୀଙ୍କ ଶରଣରେ ରହି ଅଭ୍ୟାସ କରନ୍ତି। ମେଢ଼ର ଓଜନ ପ୍ରାୟ ୫୦ କେଜି ହୋଇଥିବାରୁ ଏଥିପାଇଁ କାର୍ତ୍ତିକ ମାସ ପରଠୁ ଅଭ୍ୟାସ ଆରମ୍ଭ ହୁଏ। ସେହିପରି ଦୁଇମାସ କେବଳ ନୃତ୍ୟ, ଠାଣି, ବଚନିକା ଶ୍ଳୋକ ଓ ଚାଲି ଆଦିରେ ଅଭ୍ୟାସ କରିବାକୁ ପଡେ। ଶ୍ରୀମନ୍ଦିର ସଂଲଗ୍ନ ଆଠସାହିର ବିଭିନ୍ନ ମେଳ ତଥା ଜାଗା ଆଖଡ଼ା ଘର ଏହି ଅନନ୍ୟ ପରମ୍ପରା ଦେଖିବାକୁ ମିଳେ। ପାରମ୍ପରିକ ବାଦ୍ୟ-ନୃତ୍ୟରେ କମ୍ପୁଛି ଏବେ ଜାଗା ଘର। ସକାଳେ ଓ ଅପରାହ୍ନରେ ଗୁରୁଙ୍କଠାରୁ ଶିକ୍ଷା ଗ୍ରହଣ କରୁଛନ୍ତି ଯୁବକମାନେ। ଅପରପକ୍ଷେ ଚଳିତବର୍ଷ ଯେପରି ସାହିଯାତକୁ ଶୃଙ୍ଖଳିତ ଭାବରେ କରାଯିବ ସେଥିପ୍ରତି ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି। ସାହି ମୁରବୀଙ୍କ ସହ ପ୍ରଶାସନ ବିଭିନ୍ନ ବିଷୟକୁ ନେଇ ଆଲୋଚନା କରିଛି। ଗୁରୁବାରଠାରୁ ଏପ୍ରିଲ ୧୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ସମ୍ପୃକ୍ତ ରାସ୍ତା ମରାମତି ଓ ଆଲୋକୀକରଣ ନିମନ୍ତେ ପୌରସଂସ୍ଥାକୁ ପକ୍ଷରୁ କାର୍ଯ୍ୟ କରାଯାଇଛି। ଆଇନଶୃଙ୍ଖଳା ନିମନ୍ତେ ଆବଶ୍ୟକ ପୋଲିସ ମୁତୟନ ରହିବେ। ପାରସ୍ପରିକ ସହଯୋଗ ନିମନ୍ତେ ସାହି ଆଖଡାର ମୁରବୀମାନଙ୍କୁ ନେଇ କମିଟି ଗଠନ କରାଯାଇଛି। ସମ୍ପୃକ୍ତ ସାହି ପକ୍ଷରୁ ମୁରବୀମାନେ ପ୍ରଶାସନକୁ ରୁଟ୍ ଚାର୍ଟ ପ୍ରଦାନ କରିଛନ୍ତି।

### ମେଢ଼ ବାହାର କରିବା ଲାଗି ସମୟ ନିର୍ଘଣ୍ଟ

ରାମନବମୀ ଅବସରରେ କାଳିକାଦେବୀ ସାହି ପକ୍ଷରୁ ରାମଜନ୍ମ ପ୍ରସ୍ତାବ ଆଗତ ହୋଇ ସାଥୀ ସାହି ମାଟିମଣ୍ଡପ ସାହି ଯିବେ। ୩୧ ତାରିଖ ହରଚଣ୍ଡୀ ସାହିରୁ ଯଜ୍ଞରକ୍ଷା ଓ ନାକକାନ ପ୍ରସ୍ତାବ ଆଗତ ହେବ। ୧ତାରିଖ ହରଚଣ୍ଡୀ ସାହି ପକ୍ଷରୁ ସୀତାବିବାହ ଓ ପର୍ଶୁରାମ କଳାହରଣ ପ୍ରସ୍ତାବ ଆଗତ ହୋଇ ସାଥିସାହି ବାଲିସାହି ଆସିବ। ୨ତାରିଖ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ବନବାସ ପ୍ରସ୍ତାବ। ୩ ତାରିଖ ସୀତାଚୋରି ପ୍ରସ୍ତାବ କୁଣ୍ଡେଇବେଣ୍ଟ ସାହି ପକ୍ଷରୁ ବାହାରି ସାଥି ସାହି ଦୋଳମଣ୍ଡପ ସାହି ଯିବେ। ୪ ତାରିଖ ଦୋଳମଣ୍ଡପ ସାହି ପକ୍ଷରୁ ଲଙ୍କାପୋଡ଼ି ପ୍ରସ୍ତାବ ଆଗତ ହୋଇ କୁଣ୍ଡେଇବେଣ୍ଟ ସାହି ଯିବେ। ୫ତାରିଖ ବାଲିସାହିଆଙ୍କ ପକ୍ଷରୁ ରାବଣଙ୍କ ସେତୁବନ୍ଧ ପ୍ରତିଷ୍ଠା ପ୍ରସ୍ତାବ ଓ ୬ତାରିଖ ରାବଣ ବଧ ପ୍ରସ୍ତାବ ସହ ସାହିଯାତ ହରଚଣ୍ଡୀ ସାହି ପ୍ରଦକ୍ଷଣ କରିବ। ୧୨ତାରିଖ ଦିନ ଗୌଡ଼ବାଡ଼ ସାହି ପକ୍ଷରୁ ଶ୍ରୀରାମାଭିଷେକ ଉତ୍ସବ ସହ ହନୁମାନ ପଟିଆର ନୀତି ଅନୁଷ୍ଠିତ ହୋଇ ସାହିଯାତ ସମ୍ପନ୍ନ ହେବ।

# ୧ରୁ ଗାଡ଼ି ଚଳାଚଳର କଡ଼ା ଯାଞ୍ଚ

ପୁରୀ ଅଫିସ,୨୯।୩

ପୁରୀ ଆଞ୍ଚଳିକ ପରିବହନ ଅଧିକାରୀ ରବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର ପୁରୀ ସଦଭାବନା ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୁରୀ ପୋଲିସ ଓ ଆର୍‌ଟିଓ ତରଫରୁ ମିଳିତ ଭାବେ ଅନେକ ସ୍ଥାନରେ ଯାଞ୍ଚ ହେଉଛି । ଏହି ଯାଞ୍ଚ ସମୟରେ ଗତ ୫ମାସ ମଧ୍ୟରେ ଜିଲାରୁ ୫କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଫାଇନ ଆଦାୟ ହୋଇଛି ବୋଲି ପଟ୍ଟନାୟକ ସୂଚନା ଦେଇଥିଲେ। ଏହି ବୈଠକରେ ପୁରୀ ଟ୍ରାଫିକ ଡିଏସପି ନିରଞ୍ଜନ ଶବର, ଅତିରିକ୍ତ ମୋଟରଯାନ ନିରୀକ୍ଷକ ଅମିତ ରଣା ଓ ପୁରୀ ସମସ୍ତ ବସ ଆସୋସିଏଶନର କର୍ମକର୍ତ୍ତା ଯୋଗଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ପଟ୍ଟନାୟକ ବୈଠକରେ ସୂଚନା ଦେଇ ଏପ୍ରିଲ ୧ରୁ ୭ ତାରିଖ ପର୍ଯ୍ୟନ୍ତ ଶୂନ୍ୟ ସଡ଼କ ଦୁର୍ଘଟଣା ମୃତ୍ୟୁ ସପ୍ତାହ ଅବସରରେ ଜିଲାର ଗାଡ଼ି ଚଳାଚଳର କଡ଼ା ଯାଞ୍ଚ ହେବ। ଜିଲାରେ କିପରି ଶୂନ୍ୟ ସଡ଼କ ଦୁର୍ଘଟଣା ରହିବ ତାହା ଉପରେ ପୁରୀ ଆଞ୍ଚଳିକ ପରିବହନ ବିଭାଗ ନଜର ରଖିବ। ଭୁବନେଶ୍ୱର ଓ କଟକ ଭଳି ପୁରୀରେ ବି ବାଇକ୍ ଚାଳକ ଓ ପଛରେ ବସୁଥିବା ଲୋକେ ମଧ୍ୟ ହେଲମେଟ ପିନ୍ଧିବାକୁ ବାଧ୍ୟ। ସେହିପରି ପେଟ୍ରୋଲ ଟାଙ୍କିରେ ମଧ୍ୟ ହେଲମେଟ ନଥିଲେ ପେଟ୍ରୋଲ ମିଳିବ ନାହିଁ। ନାବାଳକ, ସ୍କୁଲ ଛାତ୍ରୀଛାତ୍ର ମୋଟରଯାନ ଚଳାଇବା ଉପରେ ମଧ୍ୟ ଯାଞ୍ଚ ହେବ। ଯେଉଁ ସ୍କୁଲ ଛାତ୍ରୀଛାତ୍ର ମୋଟର ସାଇକେଲ ଚଳାଇବା ବେଳେ ଧରାପଡ଼ିବ ଗାଡି ଜବତ ଓ ଫାଇନ ମଧ୍ୟ କରାଯିବ । ଏପ୍ରିଲ ପହିଲାରୁ ହେଲମେଟ ମଧ୍ୟ ଯାଞ୍ଚ ହେବ ବୋଲି ସେ ସୂଚନା ଦେଇଥିଲେ।


## ନୟାଗଡ଼ ଟାଉନ୍-ଭଦ୍ରକ ମଧ୍ୟରେ ନୂତନ ମେମୁ ଟ୍ରେନ୍‌ର ପ୍ରଚଳନ

ନୟାଗଡ଼ ଟାଉନ୍-ଭଦ୍ରକ-ନୟାଗଡ଼ ଟାଉନ୍ ମଧ୍ୟରେ ଏକ ନୂତନ ମେମୁ ପାସେଞ୍ଜର ଟ୍ରେନ୍‌ର ପ୍ରଚଳନ ପାଇଁ ରେଳ ମନ୍ତ୍ରାଳୟ ଦ୍ୱାରା ନିର୍ଦ୍ଧାରିତ କରାଯାଇଛି ।

ନୟାଗଡ଼ ଟାଉନ୍‌ଠାରୁ **08556** ନୟାଗଡ଼ ଟାଉନ୍-ଭଦ୍ରକ ମେମୁ ଟ୍ରେନ୍ **ତା.31.03.2023**ରିଖ ଠାରୁ (ପ୍ରତିଦିନ) ଚଳାଚଳ କରିବ ।

ଭଦ୍ରକଠାରୁ **08555** ଭଦ୍ରକ-ନୟାଗଡ଼ ଟାଉନ୍ ମେମୁ ଟ୍ରେନ୍ **ତା.31.03.2023**ରିଖ ଠାରୁ (ପ୍ରତିଦିନ) ଚଳାଚଳ କରିବ ।

ବିସ୍ତୃତ ସମୟ

| ଟ୍ରେନ୍ ନଂ. 08556 ନୟାଗଡ଼ ଟାଉନ୍-ଭଦ୍ରକ | | ଷ୍ଟେସନ | ଟ୍ରେନ୍ ନଂ. 08555 ଭଦ୍ରକ-ନୟାଗଡ଼ ଟାଉନ୍ | |
|---|---|---|---|---|
| ପହଞ୍ଚିବ | ଛାଡିବ | | ପହଞ୍ଚିବ | ଛାଡିବ |
| - | 1705 | ନୟାଗଡ଼ ଟାଉନ୍ | 1155 | - |
| 1813 | 1818 | ଖୋର୍ଦ୍ଧା ରୋଡ଼ | 1003 | 1008 |
| 1840 | 1845 | ଭୁବନେଶ୍ୱର | 0932 | 0937 |
| 1929 | 1934 | କଟକ | 0842 | 0847 |
| 2121 | 2126 | ଯାଜପୁର କେନ୍ଦୁଝର ରୋଡ଼ | 0638 | 0643 |
| 2245 | - | ଭଦ୍ରକ | - | 0545 |

ସମାହ: ମୋଟର କାର୍ ତଥା ଦ୍ୱିତୀୟ ଶ୍ରେଣୀ-3, ଦ୍ୱିତୀୟ ଶ୍ରେଣୀ-9=12 ମେମୁ କାର୍ କୋଚେସ୍ ।

ଅନ୍ୟ ରହଣିସ୍ଥଳଗୁଡିକ: ବୋଲଗଡ ରୋଡ଼, ବୋଲଗଡ ଟାଉନ୍ ପି.ଏଚ୍., ରାଜସୁନାଖଳା, ବେଗୁନିଆ, ଖୋର୍ଦ୍ଧା ଟାଉନ୍, ରେତଙ୍ଗ, ଲିଙ୍ଗରାଜ ଟେମ୍ପୁଲ୍ ରୋଡ଼ ପି.ଏଚ୍, ବାଣୀବିହାର ପି.ଏଚ୍., ମଞ୍ଚେଶ୍ୱର, ପଟିଆ ପି.ଏଚ୍, ଭୁବନେଶ୍ୱର ନୂଆ, ବାରଙ୍ଗ, ଗୋପାଳପୁର ବାଲିକୁଦା, କାଠଯୋଡି ପି.ଏଚ୍, କେନ୍ଦ୍ରାପଡା ରୋଡ଼, ମଙ୍ଗୁଳି ଚୌଦ୍ୱାର ପି.ଏଚ୍, ନିର୍ଗୁଣ୍ଡି, କପିଳାସ ରୋଡ଼, ଶ୍ରୀ ଝାଡେଶ୍ୱର ରୋଡ଼ ପି.ଏଚ୍, ବୈରୀ, ବରିଠେଙ୍ଗଡ, ଧାନମଣ୍ଡଳ, ହରିଦାସପୁର, ନୂଆ ଗଡମଧୁପୁର, ଜେନାପୁର, ବ୍ରାହ୍ମଣୀ ପି.ଏଚ୍, ଜଖପୁରା ଜଙ୍କସନ୍, କୋରେଇ, ବୈତରଣୀ ରୋଡ଼, ଦୁଲାଖା ପାଟଣା ପି.ଏଚ୍, ମଞ୍ଜୁରୀ ରୋଡ଼, କେନ୍ଦୁଆପଦା, କପାଳି ରୋଡ଼ ପି.ଏଚ୍, ବାଉଦପୁର ।

ବି.ଦ୍ର: ଏହି ଟ୍ରେନ୍‌ର ପ୍ରାରମ୍ଭିକ ଚଳାଚଳରେ ଏହା ସ୍ୱତନ୍ତ୍ର ଟ୍ରେନ୍ ଭାବେ ଚଳାଚଳ କରିବ । କିନ୍ତୁ, ଏହି ଟ୍ରେନ୍‌ର ନିୟମିତ ଚଳାଚଳ ଉଭୟ ପାର୍ଶ୍ୱରୁ ତା.୩୧.୦୩.୨୦୨୩ ରିଖ ଠାରୁ ଚଳାଚଳ ହେବ ।

ପୂର୍ବ ତଟ ରେଳପଥ

PR-1118/N/22-23


## ସଂକ୍ଷେପରେ

### ମହାପ୍ରଭୁଙ୍କୁ ଲାଗି ହେଲା ଜେଉଟ ଭୋଗ

**ପୁରୀ ଅଫିସ,୨୯।୩:** ଅଶୋକାଷ୍ଟମୀ ବୁଧବାର ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହେବା ସହ ମହାପ୍ରଭୁଙ୍କ ନିକଟରେ ଜେଉଟ ଭୋଗ କରାଯାଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କୁ ଜେଉଟ ବା ଜେଉଡ ଭୋଗ ଲାଗି କରାଯାଇଥିଲା। ସନ୍ଧ୍ୟା ଧୂପ ସରିବା ପରେ ଧୋପଖାଳ ହେବା ପରେ ମହାପ୍ରଭୁଙ୍କ ନିକଟରେ ଜେଉଟ ଭୋଗ କରାଯାଇଥିଲା। ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରରେ ମହାପ୍ରଭୁଙ୍କୁ ଭୋଗ ମଣୋହି କରିଥିଲେ। ପରେ ବଡ଼ ବାଡ଼ରେ ପୂଜାପଣ୍ଡା, ମଝିବାଡ଼ରେ ପତିମହାପାତ୍ର ଏବଂ ମହାପ୍ରଭୁଙ୍କ ମୁଦିରସ୍ତ ବନ୍ଦାପନା କରିଥିଲେ। ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଅଧିକ ଗୋଟିଏ ବନ୍ଦାପନା କରାଯାଇଥିଲା। ଏହି ବନ୍ଦାପନାକୁ ଗର୍ଭ ଉଦକ ବନ୍ଦାପନା କୁହାଯାଏ। ବର୍ଷକରେ ମହାପ୍ରଭୁଙ୍କୁ ଦୁଇଥର ଶ୍ରୀରାମନବମୀ ଏବଂ ଜନ୍ମାଷ୍ଟମୀ ପୂର୍ବ ଦିନ ଏହି ଜେଉଟ ଭୋଗ କରାଯାଇଥାଏ।

### ଅଶୋକାଷ୍ଟମୀ ପାଇଁ ରାୟଚକ୍ରଧରପୁର ଉତ୍ସବମୁଖର

**ସାକ୍ଷୀଗୋପାଳ,୨୯।୩(ଡି.ଏନ.ଏ/ସ୍ୱ.ପ୍ର.):** ଆଶୋକାଷ୍ଟମୀ ପର୍ବ ଉପଲକ୍ଷେ ସ୍ଥାନୀୟ ରାୟଚକ୍ରଧରପୁର ଗ୍ରାମ ବୁଧବାର ରାତିରେ ଉତ୍ସବମୁଖର ହୋଇଥିଲା। ପରମ୍ପରା କ୍ରମେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଜୟଦୁର୍ଗାଙ୍କ ଆଜ୍ଞାମାଳ ନେଇ ଏକ ସୁସଜ୍ଜିତ ରଥ ବଅଁରପାଳ ଗ୍ରାମର ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିରକୁ ଯାଇଥିଲା। ଛତିତ୍ରାସ ଆଲଟ ଚାମର ସହିତ ନବଦିନ ରଥଯାତ୍ରା ପାଇଁ ନିମନ୍ତ୍ରଣ କରି ଆଣିବା ପରେ ସେଠାରେ ଜାତିଘର ଭୋଗ ଅନୁଷ୍ଠିତ ହୋଇଥିଲା। ଦୁଇଟି ରଥରେ ନୀଳଣ୍ଡେଶ୍ୱର, ଜୟଦୁର୍ଗା, ଗୋପୀନାଥ, ରାଧାକୃଷ୍ଣ ଓ ହରିଶଙ୍କର ରଥକୁ ବିଜେକରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମର ମଧଭାଗରେ ରଥ ପହଞ୍ଚିବା ପରେ ଗ୍ରାମବାସୀ ଠାକୁରଙ୍କୁ ଚୁଡାଘସା, ଖିରି, ଖଇକୋରା, ଫଳମୂଳ, ପଣା, ପଇଡ ଆଦି ଭୋଗଲାଗି କରିଥିଲେ। ରଥ ନିକଟରେ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ଗ୍ରାମବାସୀ ଓ ସହିତ ଆଖପାଖ ଅଞ୍ଚଳର ଲୋକେ ରଥଯାତ୍ରା ଦେଖିବାକୁ ସମବେତ ହୋଇଥିଲେ। ବିଳମ୍ବିତ ରାତିରେ ରଥାରୂଢ଼ ଠାକୁର ଗ୍ରାମ ଶେଷଭାଗରେ ମାଉସୀମା ମନ୍ଦିରରେ ନବଦିନ ଅସ୍ଥାନ କରିବାକୁ ଯାତ୍ରା କରିଥିଲେ। ମନ୍ଦିର ଓ ଗ୍ରାମରେ ଆଲୋକସଜ୍ଜା ସାଙ୍ଗକୁ ପର୍ଯ୍ୟଟକଙ୍କ ଗହଳି ଚହଳି ଲାଗିଥିଲା।

### ରାମପ୍ରସାଦ ସଭାପତି, ବିଭୂତିଶଙ୍କର ସମ୍ପାଦକ

#### ପୁରୀ ଓକିଲ ସଂଘର କର୍ମକର୍ତ୍ତା ଚୟନ

**ପୁରୀ ଅଫିସ,୨୯।୩:** ପୁରୀ ଓକିଲ ସଂଘର ନୂତନ କର୍ମକର୍ତ୍ତା ଚୟନ ବୁଧବାର ପୁରୀ ବାର୍ ଆସୋସିଏଶନ ପରିସରରେ ଅନୁଷ୍ଠିତ ହୋଇଛି। ତେବେ ଚଳିତବର୍ଷ ନିର୍ବାଚନ ନ କରାଯାଇ ସାଧାରଣ ପରିଷଦ ବୈଠକ ମାଧମରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସାଧାରଣ ପରିଷଦର ବୈଠକରେ ସର୍ବସମ୍ମିତିକ୍ରମେ ସଭାପତି ଭାବେ ରାମପ୍ରସାଦ ଦାଶ, ସମ୍ପାଦକ ଭାବେ ବିଭୂତି ଶଙ୍କର ତ୍ରିପାଠୀ, ଉପସଭାପତି ଭାବେ କାଳିପ୍ରସାଦ ନାୟକ, ସହ ସହ ସମ୍ପାଦକ ଭାବେ ବିଭୁଦତ୍ତ ପଟ୍ଟନାୟକ, ଚିତରଞ୍ଜନ ବିଶ୍ୱାଳ, ପ୍ରଶାନ୍ତ ରଣାଙ୍କୁ ଚୟନ କରାଯାଇଛି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ଭାଗବତ ପ୍ରସାଦ ପଟ୍ଟନାୟକ, ସୋମନାଥ ରଣା, ଅନିଲ କୁମାର ସାହୁ, ବିଶ୍ୱଭୂଷଣ ବାରିକ ଏବଂ ତପନ କୁମାର ବାରିକ ପ୍ରମୁଖ ସାଧାରଣ ପରିଷଦ ବୈଠକରେ ସର୍ବସମ୍ମତି କ୍ରମେ ଚୟନ ହୋଇଛନ୍ତି। ଏନେଇ ପୁରୀ ଓକିଲ ସଂଘର ସାଧାରଣ ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ ସୂଚନା ଦେଇଛନ୍ତି।



ଅଶୋକାଷ୍ଟମୀ ଅବସରରେ ସେବାୟତମାନେ ଶ୍ରୀଲୋକନାଥଙ୍କୁ ଶ୍ରୀମନ୍ଦିରରୁ ଜଗନ୍ନାଥ ବଲ୍ଲଭକୁ ନୀତି ସମର୍ପଣ ପାଇଁ ନେଉଛନ୍ତି।

### ବଜ୍ରପାତରେ ୪ ଆହତ

ନିମାପଡ଼ା,୨୯।୩(ଡି.ଏନ୍.ଏ.)

ନିମାପଡ଼ା ଏନ୍ଏସି ଅନ୍ତର୍ଗତ ୬ନଂ. ୱାର୍ଡର ବଡ଼ ବଜାରର କୈଳାସ ବେହେରାଙ୍କ ବାସଗୃହ ଉପରେ ବଜ୍ରପାତ ହେବାରୁ ପରିବାରର ୪ ଜଣ ଆହତ ହୋଇଛନ୍ତି। ବଜ୍ରପାତରେ ୨ ବଖରା ଆଜବେଷ୍ଟସ୍ ଭାଙ୍ଗିବା ସହ ଘରର କାନ୍ଥ ଫାଟି କବାଟ ଭାଙ୍ଗିଯାଇଛି। ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି। ଖବରପାଇ କାଉନସିଲର ସନ୍ତୋଷ ଦାଶ ଓ ଏନ୍ଏସି ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ମନ୍ତ୍ରୀ ସମୀର ରଞ୍ଜନ ଦାଶ, ତହସିଲଦାର ସ୍ମୁତିପ୍ରଜ୍ଞା ପ୍ରିୟଦର୍ଶନୀ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟଙ୍କୁ ଅବଗତ କରିଛନ୍ତି। ସହାୟତା ଯୋଗାଇବାକୁ କାଉନ୍ସିଲର ଦାବି କରିଛନ୍ତି।

# ଶ୍ରୀମନ୍ଦିରରେ ଅଶୋକାଷ୍ଟମୀ ନୀତି ସମ୍ପନ୍ନ

ପୁରୀ ଅଫିସ,୨୯।୩

ଚୈତ୍ର ମାସ ଶୁକ୍ଳପକ୍ଷ ଅଷ୍ଟମୀ ବା ଅଶୋକାଷ୍ଟମୀ ବୁଧବାର ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ଉକ୍ତ ଦିନ ଶ୍ରୀମନ୍ଦିରରୁ ଲୋକନାଥ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରି ସେଠାରେ ବିଭିନ୍ନ ନୀତି ସମ୍ପନ୍ନ କରିଥାନ୍ତି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପସମ୍ପନ୍ନ ହେବା ପରେ ଭଣ୍ଡାରଘରୁ ଶ୍ରୀ ଲୋକନାଥ ରତ୍ନସିଂହାସନ ନିକଟକୁ ବିଜେ କରିଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ଆଣି ପ୍ରଭୁ ଲୋକନାଥଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକମାନେ ହାତରେ ଶ୍ରୀଲୋକନାଥଙ୍କୁ ଆଣି ଝୁଲଣ ମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ କରିଥିଲେ। ଘଣ୍ଟ, ଛତା, କାହାଳୀ ଏବଂ ସେବାୟତଙ୍କ ଗ୍ରହଣରେ ବିମାନବଡୁ ସେବକମାନେ ପ୍ରଥମେ ଶ୍ରୀମନ୍ଦିର ଉତ୍ତରଦ୍ୱାର ନିକଟରେ ଥିବା ଈଶାନେଶ୍ୱର ବା ଐଶାନେଶ୍ୱର ମହାଦେବ ମନ୍ଦିରକୁ ବିଜେ କରାଇଥିଲେ। ସେଠାରେ ପାଳିଆ ଖୁଣ୍ଟିଆ ଏକ ଖଣ୍ଡ ଅମୁଣିଆ ମାଳ ନେଇ ଭିତରଚ୍ଛ ସେବକଙ୍କୁ ପ୍ରଦାନ କରିଥିଲେ। ପରେ ଉକ୍ତ ଅମୁଣିଆ ମାଳଟିକୁ ଭିତରଚ୍ଛ ସେବକ ଈଶାନେଶ୍ୱରଙ୍କୁ ଲାଗି କରାଇ ମାଳଟି ଲୋକନାଥ ଠାକୁରଙ୍କୁ ପ୍ରଦାନ କରିଥିଲେ। ପରେ ଶୀତଳ ଭୋଗ ମଣୋହି ହେବା ସହ କପୂର ଆରତି ଅନୁଷ୍ଠିତ ହୋଇଥିଲା। ନୀତି ସମ୍ପନ୍ନ ହେବାପରେ ବିମାନବଡୁ ସେବକମାନେ ଲୋକନାଥଙ୍କୁ ପାଲିଙ୍କିରେ ସିଂହଦ୍ୱାର ଦେଇ ଜଗନ୍ନାଥବଲ୍ଲଭ ମଠକୁ ବିଜେ କରାଇଥିଲେ। ସେଠାରେ ଠାକୁରଙ୍କ ମଇଲମ, ଅବକାଶ କରାଯାଇ ଶୀତଳ ଭୋଗ ମଣୋହି କରାଯାଇଥିଲା। ପରେ ଭିତରଚ୍ଛଙ୍କ ଦ୍ୱାରା ବନ୍ଦାପନା ଅନୁଷ୍ଠିତ ହେବା ପରେ ଶ୍ରୀଲୋକନାଥଙ୍କୁ ଅଶୋକ କଢ଼ି ଲାଗିକରାଯାଇଥିଲା। ପରେ ଶ୍ରୀଲୋକନାଥ ସେବାୟତଙ୍କ ଗ୍ରହଣରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

# ଝିଅକୁ ହତ୍ୟାକରି ନଦୀକୁ ଫିଙ୍ଗିଦେଲେ: ମା’

### ନଦୀରେ ବୁଡ଼ି ୪ର୍ଥ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟଣା

ଗୋପ,୨୯।୩(ଡି.ଏନ୍.ଏ.)

ଗୋପ ବ୍ଲକ ଦେଇ ଯାଇଥିବା ଧନୁଆ ନଦୀରେ ବୁଡ଼ି ସନ୍ତରସ ଗ୍ରାମର ୪ର୍ଥ ଶ୍ରେଣୀ ଛାତ୍ରୀ ପୂଜାରାଣୀ ବେହେରାଙ୍କ ମୃତ୍ୟୁ ଘଟଣା ବୁଧବାର ନୂଆ ମୋଡ଼ ନେଇଛି। ତେବେ ଝିଅକୁ କେହି ହତ୍ୟା କରିବା ପରେ ନିକଟସ୍ଥ ନଦୀରେ ଫିଙ୍ଗି ଦେଇଥିବା ନେଇ ପୂଜାରାଣୀଙ୍କ ମା’ ମିନତି ବେହେରା ଗୋପ ଥାନାରେ ଅଭିଯୋଗ କରିଛନ୍ତି। ତେବେ ପୂର୍ବରୁ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮/୨୩) ରୁଜୁ କରିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ ସୁନୀଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଏପରିକି ପରେ ଜିଲା ସାଇଣ୍ଟିଫିକ ଟିମ ଆସି ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଥାନା ଅନ୍ତର୍ଗତ ସନ୍ତରସ ଗ୍ରାମର ଗୁରୁପ୍ରସାଦ ବେହେରାଙ୍କ ସାନ ଝିଅ ପୂଜାରାଣୀ ମଙ୍ଗଳବାର ସ୍କୁଲ ଯାଇଥିଲା। ଅପରାହ୍ନ ୪ଟାରେ ସ୍କୁଲରୁ ଫେରିବା ପରେ ୨/୩ ଜଣ ସାଙ୍ଗଙ୍କ ସହିତ ମିଶି ଗାଁ ନିକଟ ଧନୁଆ ନଦୀ କୂଳକୁ ଯାଇଥିଲା। ମାତ୍ର ଅସାବଧାନତା ଯୋଗୁ ପୂଜାରାଣୀଙ୍କ ଗୋଡ ଖସିଯିବାରୁ ନଦୀରେ ବୁଡ଼ି ଯାଇଥିଲେ। ଅନ୍ୟ ସାଙ୍ଗମାନେ ଭୟରେ କାହାକୁ କିଛି କହି ନ ଥିଲେ। ପରେ ପରିବାର ସଦସ୍ୟମାନେ ଖୋଜାଖୋଜି କରିବା ପରେ ଧନୁଆ ନଦୀକୂଳରେ ପୂଜାରାଣୀ ଭାସୁଥିବା ଦେଖି ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶ ଯେ, ଉକ୍ତ ଘଟଣାକୁ ନେଇ ମଙ୍ଗଳବାର ବିଳମ୍ବିତ ରାତ୍ରରେ ମା ମିନତି କାହାରି ନାଁ ଅଭିଯୋଗପତ୍ରରେ ଉଲ୍ଲେଖ ନ କରି ଝିଅକୁ ହତ୍ୟା କରି ଫିଙ୍ଗି ଦେଇଥିବା ଭଳି ଅଭିଯୋଗ କରିଛନ୍ତି।



ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛନ୍ତି।


## ई-प्रोक्योरमेंट सेल
## पेयजल एवं स्वच्छता विभाग झारखण्ड, राँची

### शुद्धि पत्र

इस कार्यालय द्वारा प्रकाशित अतिअल्पकालीन निविदा सूचना (प्रथम आमंत्रण) सं० Giridih-1/SVS/31/2022-23 ( P.R. No-291402 / 2022-23) -को निम्न प्रकार संशोधित किया जाता है–

ई–टेन्डर रेफरेन्स नं०– SVS (JJM Giridih-1) Giridih-1/SVS/31/2022-23 Date 25-02-2023

| क्र0 | विवरणी | Group No | Block | Panchayat | Village | No of Scheme | प्राक्कलित राशि (लाख में) | अग्रधन राशि (लाख में) | परिमाण विपत्र राशि (रू0 में) |
|---|---|---|---|---|---|---|---|---|---|
| 1 | Construction of Village wise Single water Supply Scheme in Different villages under DWSD No-1, Giridih | C-35 | Gandey | Dasdih | Kumhardih | 1 | 8.551 | 0.18 | 1250 |
| 2 | | C-36 | Gandey | Mednisare | Manakdiha | 1 | 6.17545 | 0.13 | 1250 |
| 3 | | C-37 | Gandey | Pandri | Palkiya | 5 | 62.13924 | 1.25 | 10000 |
| 4 | | C-38 | Gandey | Pandri | Pandnatand | 7 | 94.16947 | 1.89 | 10000 |
| 5 | | C-39 | Gandey | Kundalwadah | Barotand | 2 | 12.35089 | 0.25 | 2500 |
| 6 | | C-40 | Gandey | Ahilyapur | Bhalpahri | 4 | 35.23419 | 0.71 | 5000 |
| 7 | | C-41 | Gandey | Rasanjori | Lachhudih | 4 | 44.40118 | 0.89 | 5000 |
| 8 | | C-42 | Gandey | Gajkunda | Parmadih | 3 | 38.22574 | 0.77 | 5000 |
| 9 | | C-43 | Gandey | Gajkunda | Fuljharia | 5 | 58.73349 | 1.18 | 10000 |
| 10 | | C-44 | Gandey | Fuljharia | Daldala | 3 | 29.05875 | 0.59 | 5000 |
| 11 | | C-45 | Jamua | Fatha | Singhraidih | 4 | 37.60974 | 0.76 | 5000 |
| 12 | | C-46 | Jamua | Dhotho | Karodih | 5 | 62.13924 | 1.25 | 10000 |
| 13 | | C-47 | Jamua | Dhurgadgi | Telmakri | 7 | 82.62693 | 1.66 | 10000 |
| 14 | | C-48 | Jamua | Chakmanjo | Alardih | 1 | 6.17545 | 0.13 | 1250 |
| 15 | | C-50 | Jamua | Chorgatta | Dudhwatol | 4 | 27.07734 | 0.55 | 5000 |
| 16 | | C-51 | Jamua | Chorgatta | Gardih | 4 | 27.07734 | 0.55 | 5000 |
| 17 | | C-52 | Jamua | Goro | Gardih | 3 | 23.27744 | 0.47 | 5000 |
| 18 | | C-53 | Jamua | Goro | Bishanpur | 3 | 29.05875 | 0.59 | 5000 |
| 19 | | C-54 | Jamua | Siyatand | Naitand | 1 | 6.17545 | 0.13 | 1250 |
| 20 | | C-55 | Jamua | Siyatand | Barahmoria | 4 | 35.23419 | 0.71 | 5000 |
| 21 | | C-56 | Tisri | Khijuri | Jhakhnodih | 1 | 8.551 | 0.18 | 1250 |
| 22 | | C-60 | Bengabad | Telonari | Telonari | 23 | 177.3534 | 3.55 | 10000 |
| 23 | | C-61 | Bengabad | Karanpura | Barasoli | 1 | 6.17545 | 0.13 | 1250 |
| 24 | | C-62 | Gandey | Gandey | Dharampur | 5 | 40.37944 | 0.81 | 5000 |
| 25 | | C-63 | Gandey | Rasanjori | Koldiha | 1 | 8.551 | 0.18 | 1250 |
| 26 | | C-64 | Gandey | Rasanjori | Borotand | 1 | 8.551 | 0.18 | 1250 |
| 27 | | C-65 | Jamua | Pandeydih | Pandeydih | 15 | 145.29373 | 2.91 | 10000 |
| 28 | | C-66 | Jamua | Pandeydih | Sheodih | 15 | 168.04362 | 3.37 | 10000 |
| 29 | | C-67 | Jamua | Chungalkhar | Dhibitanr | 8 | 75.21949 | 1.51 | 10000 |
| 30 | | C-68 | Jamua | Fatha | Fatha | 8 | 75.21949 | 1.51 | 10000 |
| 31 | | C-69 | Jamua | Dhuraita | Pachdiha | 4 | 29.05875 | 0.59 | 5000 |

| | | |
|---|---|---|
| 32 | कार्य पूर्ण करने की अवधि | 03 Months |
| 33 | वेबसाईट पर बिड Upload की तिथि/समय | From 05-04-2023, 4:00P.M |
| 34 | बिड प्राप्ति के लिए अन्तिम तिथि/समय | 17-04-2023 5:00P.M |
| 35 | निविदा की हार्ड कॉपी जमा करने की तिथि/समय/स्थान | 18-04-2023 up to 5:00P.M **कार्यपालक अभियंता का कार्यालय, पेयजल एवं स्व0 प्र0 सं0–1, गिरिडीह। अधीक्षण अभियंता का कार्यालय, पेयजल एवं स्व0 अंचल, धनबाद।** |
| 36 | निविदा प्राप्त बिड खोलने की तिथि/समय | 19-04-2023 up to 02:00 P.M |
| 37 | निविदा प्रकाशित करने वाले कार्यालय का नाम एवं पता। | पेयजल एवं स्वच्छता प्रमण्डल संख्या–01, गिरिडीह। |
| 38 | निविदा खोलने वाले कार्यालय का नाम एवं पता। | कार्यपालक अभियंता, पेयजल एवं स्वच्छता प्रमण्डल संख्या–01, गिरिडीह/अधीक्षण अभियंता, पेयजल एवं स्वच्छता अंचल, धनबाद। |
| 39 | प्रोक्योरमेंट पदाधिकारी का सम्पर्क संख्या | 7870778158 |
| 40 | ई–प्रोक्योरमेंट सेल का हेल्पलाईन संख्या | 0651-2480345 |

- अन्य सभी नियम व शर्ते यथावत रहेंगी।
- केवल ई0निविदा ही स्वीकार किये जायेंगे।
- परिमान विपत्र का मुल्य केवल डी0डी0 में ही देय है जिसे लौटाया नही जाएगा।
- प्राक्कलित राशि घट या बढ सकती है, तदनुरूप अग्रधन राशि मान्य होगी।
- अन्य किसी भी प्रकार की सूचना http:// Jharkhandtenders.gov.in पर देखा जा सकता है।

**कार्यपालक अभियंता, पेयजल एवं स्वच्छता प्रमण्डल संख्या–01, गिरिडीह**

PR 293830 Drinking Water and Sanitation(22-23)#D

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ୪ର୍ଥ ପ୍ରହର ଅଖଣ୍ଡ ନାମଯଜ୍ଞ, ବାଣୀବିହାର ପରିସରସ୍ଥ ତ୍ରିନାଥ ମନ୍ଦିର ନିକଟ, ସକାଳ ୫ଟା।
- ରାମ ନବମୀ- ନବାହ୍ନ ପାରାୟଣ, ଶ୍ରୀ ସୀତାରାମ ସାଂସ୍କୃତିକ ପରିଷଦ, ୟୁନିଟ୍-୩, ସକାଳ ୬ଟା।
- ବୟନିକା ପକ୍ଷରୁ ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଏକାମ୍ର ହାଟ, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- ଐତିହାସିକ ନାଟକ ଆହେନୀଲଶୈଳ, ବି ୧/୨/୩ ରସୁଲଗଡ଼ ଶିଳ୍ପାଞ୍ଚଳ, ପୂର୍ବାହ୍ନ ୧୧ଟା।
- ହସ୍ତଶିଳ୍ପ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୨ଟା।
- ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଓ ଗାଇଡସ୍ ପକ୍ଷରୁ ରୋଭର ରେଞ୍ଜର ପେଷ୍ଟର ଉଦ୍‌ଘାଟନୀ, ରାଜ୍ୟ କାର୍ଯ୍ୟାଳୟ, ସନ୍ଧ୍ୟା ୬ଟା।
- କେତକୀ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଡ. ନିବେଦିତା ମହାନ୍ତିଙ୍କ ପୁସ୍ତକ 'ଓଡ଼ିଆ ଜାତୀୟତା'ର ଲୋକାର୍ପଣ ଉତ୍ସବ, ଗୁରୁକେଲୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସନ୍ଧ୍ୟା ୬ଟା ୩୦।
- ଲାବଣ୍ୟ ନାଟ୍ୟ ମହୋତ୍ସବ ୨୦୨୩ ଅବସରରେ ନାଟକ 'ସାମ୍ବାଦିକ ସରୋଜକାନ୍ତ', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।
- କଳାକାର ଥିଏଟର ପକ୍ଷରୁ ନାଟକ ପରିବେଷଣ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।
- ଶ୍ରୀ ଶ୍ରୀ ରଘୁନାଥ ଦେବଙ୍କ ୧୦ମ ଜନ୍ମବାର୍ଷିକି, କିମ୍ବିରିଆ ଜଗନ୍ନାଥ ବିଜୁ ଆଦର୍ଶ କଲୋନୀ, ସନ୍ଧ୍ୟା ୭ଟା।

କଟକ
- କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେଶବଧାମ, ଅପରାହ୍ନ ୨ଟା।
- ଭାରତୀୟ ଡାକ ସେବା ପକ୍ଷରୁ ପୋଷ୍ଟେଜ ଷ୍ଟାମ୍ ଉନ୍ମୋଚନ, ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସର, ଅପରାହ୍ନ ୫ଟା ୩୦।
- କ୍ଷୀରାବ୍ଧି ତନୟା ମହାନ୍ତିଙ୍କ କସ୍ତୁରିକାର ଉନ୍ମୋଚନ ଉତ୍ସବ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା।
- କଟକ ବୈଶାଖୀ ବାଣିଜ୍ୟ ମେଳା ପରିବାର ପକ୍ଷରୁ ୧୮ତମ ଅନ୍ତର୍ଜାତୀୟ କଟକ ବୈଶାଖୀ ମେଳା, ଉପର ବାଲିଯାତ୍ରା ପଡ଼ିଆ, ସନ୍ଧ୍ୟା ୬ଟା।
- 'ପିୟୁ-ପିହୁ' ଉପନ୍ୟାସ ଉନ୍ମୋଚନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।
- ଜଷ୍ଟିସ ଯୁଗଳ କିଶୋର ମହାନ୍ତିଙ୍କ ଜୟନ୍ତୀ ଉତ୍ସବ, ଶତାବ୍ଦୀ ଭବନ, ସନ୍ଧ୍ୟା ୭ଟା।

ବଡ଼ମ୍ବା
- ଶ୍ରୀ ରଘୁନାଥ ଜୀୟୁ ରାମଲୀଳା ନାଟ୍ୟ ସଂସଦ ଆନୁକୂଲ୍ୟରେ ଶ୍ରୀରାମ ନବମୀ ଉତ୍ସବ ଶୁଭାରମ୍ଭ, ରଘୁନାଥ ମଠ ପଡ଼ିଆ, ତେଲିସାହି, ସନ୍ଧ୍ୟା ୬ଟା।

# ଆକ୍ସନ ପ୍ଲାନ୍ ଚୂଡ଼ାନ୍ତ କରିବାକୁ ନିର୍ଦ୍ଦେଶ

## ରଥଯାତ୍ରା ପ୍ରଥମ ପ୍ରସ୍ତୁତି ବୈଠକ

ପୁରୀ ଅଫିସ,୨୯।୩

ଆସନ୍ତା ଜୁନ୍ ୨୦ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା। ବିଗତ ବର୍ଷ ଭଳି ଚଳିତବର୍ଷ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା ଓ ସୁରୁଖୁରୁରେ କରିବା ନେଇ ବୁଧବାର ପ୍ରଥମ ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସର ସମ୍ମିଳନୀ କକ୍ଷରେ ଏହି ପ୍ରସ୍ତୁତି ବୈଠକ ହୋଇଛି। ଗତବର୍ଷ ରଥଯାତ୍ରାରେ ହୋଇଥିବା ତ୍ରୁଟି ବିଚ୍ୟୁତି ଓ ସମସ୍ୟାକୁ ସୁଧାରି ସମସ୍ତ ବିଭାଗ ନିଜ ନିଜ ପ୍ରସ୍ତୁତି ଓ ଆକ୍ସନ ପ୍ଲାନ ଚୂଡ଼ାନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅକ୍ଷୟ ତୃତୀୟାଠାରୁ ସୁନାବେଶ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନୀତିକାନ୍ତି, ଜନଗହଳି ନିୟନ୍ତ୍ରଣ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ଓ ପରିମଳ ସହ ଆଇନଶୃଙ୍ଖଳା ନେଇ ପ୍ରଥମ ପ୍ରସ୍ତୁତି ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଏପ୍ରିଲ ୨୩ରେ ଅକ୍ଷୟ ତୃତୀୟା। ଜୁନ୍ ୪ରେ ଦେବସ୍ନାନ ପୂର୍ଣ୍ଣିମା। ଜୁନ୍ ୨୦ରେ ରଥଯାତ୍ରା। ୨୮ରେ ବାହୁଡ଼ା ଓ ୨୯ତାରିଖରେ ସୁନାବେଶ ଅନୁଷ୍ଠିତ ହେବ। ୨୦୨୩ ରଥଯାତ୍ରାକୁ ନେଇ ପ୍ରସ୍ତୁତ ହୋଇଥିବା ଦିନ, ନୀତିକୁ ନେଇ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ରୌଦ୍ରତାପ ଓ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ଜଳ ସିଞ୍ଚନ, ପାନୀୟ ଜଳ ଯୋଗାଣ, ଷ୍ଟାଣ୍ଡ ପୋଷ୍ଟ ପ୍ରସ୍ତୁତ ରଖିବାକୁ ଜନସ୍ୱାସ୍ଥ୍ୟ ବିଭାଗ ଓ ପୌରପାଳିକାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମନ୍ଦିରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ, ବଡ଼ଦାଣ୍ଡ ସମେତ ଏହାକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକର ଆବଶ୍ୟକ ମରାମତି, ଡ୍ରେନ୍ ସଫେଇ ନେଇ ପୌରପାଳିକାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ କୋଭିଡ୍ ସ୍ଥିତି ସ୍ୱାଭାବିକ ଥିବାବେଳେ ରାଜ୍ୟ ସରକାରଙ୍କ ପରବର୍ତ୍ତୀ କୋଭିଡ୍ ନିୟମକୁ ଅନୁପାଳନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ପରାମର୍ଶ ଦିଆଯାଇଛି ବୋଲି ଜିଲାପାଳ କହିଛନ୍ତି।

ସେହିପରି ରଥଯାତ୍ରା ସମୟରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଶେଷ କରି ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା, ବଡ଼ଦାଣ୍ଡରେ ରଥ ନିର୍ମାଣ ସୁରୁଖୁରୁରେ ସମ୍ପନ୍ନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ପୌର ପ୍ରଶାସନ ସହ ଆଲୋଚନା କରି ସହରରେ ପାର୍କିଂ ସ୍ଥଳଗୁଡ଼ିକ ନିରୂପଣ କରିବା ପାଇଁ ବୈଠକ କରାଯିବ ବୋଲି ଏସ୍‌ପି କହିଛନ୍ତି। ସିନିୟର ସିଟିଜେନ, ସୁପର ସିନିୟର ସିଟିଜେନ, ଦିବ୍ୟାଙ୍ଗଙ୍କ ସୁବିଧା ପାଇଁ ପୋଲିସ ପକ୍ଷରୁ ବିଶେଷ ଧ୍ୟାନ ଦିଆଯାଉଛି। ପୋଲିସ ଓ ସିନିୟର ପୋଲିସ ଅଧିକାରୀ ନିୟୋଜିତ ନେଇ ହେଡ କ୍ୱାର୍ଟର ସହ ଆଲୋଚନା କରାଯିବ। ସାହି କମିଟି ସହ ବୈଠକ କରି ବିଭିନ୍ନ ମତାମତ ନିଆଯାଉଛି। ରଥ ନିର୍ମାଣ ସମୟରେ ରଥ ଚାରିପାଖରେ ବ୍ୟାରିକେଡ ନିର୍ମାଣ ସହ ଭକ୍ତମାନେ ଯେପରି ସୁବିଧାରେ ଯାତାୟାତ କରିବେ ସେଥିପାଇଁ ଏକ କରିଡର ନିର୍ମାଣ କରାଯିବ। ଶ୍ରୀମନ୍ଦିର ନିକଟର ଅଧିବାସୀମାନେ ଯେପରି ସମସ୍ୟାର ସମ୍ମୁଖୀନ ନ ହେବେ ସେନେଇ ଆଲୋଚନା କରାଯାଉଥିବା ଏସ୍‌ପି କେ.ବିଶାଳ ସିଂହ ସୂଚନା ଦେଇଛନ୍ତି। ସେହିପରି ବଡ଼ଦାଣ୍ଡରେ ଥିବା ଅସୁରକ୍ଷିତ କୋଠାଗୁଡ଼ିକୁ ଚିହ୍ନଟ କରି ରଥଯାତ୍ରା ପୂର୍ବରୁ ପୂର୍ତ୍ତ ବିଭାଗ ଦ୍ୱାରା ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ। ବୈଠକରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି, ଦୁର୍ଗାପ୍ରସାଦ ଦାସମହାପାତ୍ର, ମାଧବଚନ୍ଦ୍ର ପୂଜାପଣ୍ଡା, ଜଗନ୍ନାଥ ସିଂହାରୀ, ମାଧବଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ ସାହୁ, ଅତିରିକ୍ତ ଜିଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ ପ୍ରୋଟୋକଲ ଦିଲୀପ ମହାପାତ୍ର, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ୍‌ପି ମିହିର ପଣ୍ଡା, ପୌରନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଡେପୁଟି କଲେକ୍ଟର ରାକେଶ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଜାତା ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।


ସର୍କିଟ ହାଉସରେ ଅନୁଷ୍ଠିତ ରଥଯାତ୍ରା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜିଲାପାଳ, ଏସ୍‌ପି ଓ ବିଭିନ୍ନ ବିଭାଗର ଅଧିକାରୀ।



ପବିତ୍ର ରାମନବମୀ ଉପଲକ୍ଷେ ବୁଧବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ଫେରାର ସ୍ୱାମୀ ଗିରଫ

### ମହିଳାଙ୍କୁ ତଣ୍ଟି ଚିପି ହତ୍ୟା ଘଟଣା

ଭୁବନେଶ୍ୱର,୨୯।୩(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅଧୀନ ଜରିପାଟଣାର ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କୁ ତଣ୍ଟି ଚିପି ହତ୍ୟା ଘଟଣାର ୨୦ ଦିନ ପରେ ଅଭିଯୁକ୍ତ ସ୍ୱାମୀ ପ୍ରଭାତ ପରିଡ଼ାଙ୍କୁ ପୋଲିସ ଗିରଫ କରିଛି। କୌଣସି କାମରେ ପ୍ରଭାତ ଭୁବନେଶ୍ୱର ଆସିଥିବା ବେଳେ ପାଣ୍ଡରାରୁ ମଙ୍ଗଳବାର ରାତିରେ ତାଙ୍କୁ ପୋଲିସ ଗିରଫ କରିବା ପରେ ବୁଧବାର କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ପ୍ରଭାତଙ୍କୁ ୨୦୨୦ରେ ଲକ୍ଷ୍ମୀପ୍ରିୟା ବିବାହ କରିଥିଲେ। ପ୍ରଭାତଙ୍କ ପରିବାରବର୍ଗ ଯୌତୁକ ପାଇଁ ଲକ୍ଷ୍ମୀପ୍ରିୟାଙ୍କୁ ଗତ ହୋଲି ଦିନ ରାତିରେ ହତ୍ୟା କରିଥିବା ତାଙ୍କ ପରିବାରବର୍ଗ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ।

## ଜଙ୍ଗଲରୁ ହାତୀର ମୃତଦେହ ଠାବ

ବାଣପୁର,୨୯।୩(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବାଲୁଗାଁ ବନାଞ୍ଚଳ ଅନ୍ତର୍ଗତ ଧୂଆଁନଳୀସ୍ଥିତ ସିଲିଙ୍ଗପଡ଼ା ଗ୍ରାମ ନିକଟ ଜଙ୍ଗଲରୁ ବୁଧବାର ଏକ ହାତୀର ମୃତଦେହ ଠାବ ହୋଇଛି। ହାତୀର ବୟସ ଆନୁମାନିକ ୩ରୁ ୪ ବର୍ଷ ହେବ। ଖବରପାଇ ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନ, ଏସିଏଫ୍, ବାଲୁଗାଁ ରେଞ୍ଜର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ତେବେ ହାତୀର ସ୍ୱାଭାବିକ ମୃତ୍ୟୁ ହୋଇଥିବା ଡିଏଫ୍‌ଓ ପାଣ୍ଡିଆନ୍ ସୂଚନା ଦେଇଛନ୍ତି। ଏକ ଡାକ୍ତରୀଦଳ ହାତୀର ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ପରେ ମୃତଦେହକୁ ଜଙ୍ଗଲରେ ପୋତି ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଡିଏଫ୍‌ଓ କହିଛନ୍ତି।

# 'ଓଡ଼ିଶାବାସୀଙ୍କ ଆତିଥ୍ୟରେ ସ୍ୱତନ୍ତ୍ରତା ରହିଛି'

## କଟକଚଣ୍ଡୀଙ୍କୁ ଦର୍ଶନ କଲେ ଅଭିନେତ୍ରୀ ଜୟାପ୍ରଦା


କଟକଚଣ୍ଡୀଙ୍କ ଦର୍ଶନ ପାଇଁ ଆସିଥିବା ଅଭିନେତ୍ରୀ ଜୟାପ୍ରଦା।

କଟକ ଅଫିସ,୨୯।୩

ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ଓଡ଼ିଶା ଆସିଛନ୍ତି ବଲିଉଡ ଅଭିନେତ୍ରୀ ଜୟାପ୍ରଦା। ନବରାତ୍ର ଅବସରରେ ବୁଧବାର ରାତି ପ୍ରାୟ ୮ଟା ୪୫ରେ ସେ କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକଚଣ୍ଡୀଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏଥିସହ ସେ ସମସ୍ତଙ୍କୁ ନବରାତ୍ରର ଶୁଭେଚ୍ଛା ଜଣେଇଛନ୍ତି। ଏହି ଅବସରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ନେଇ ସେ କହିଛନ୍ତି, ଦୀର୍ଘବର୍ଷ ପରେ ଓଡ଼ିଶା ଆସି ବହୁତ ଭଲ ଲାଗୁଛି। ପୂର୍ବରୁ ୩ ଥର ଓଡ଼ିଶା ଆସିଛି। ଯେତେବେଳେ ବି ଆସିଛି ଏଠାକାର ଲୋକଙ୍କ ଭଲପାଇବା ମିଳିଛି। ବିଶେଷକରି ଓଡ଼ିଶାବାସୀଙ୍କ ଆତିଥ୍ୟରେ ସ୍ୱତନ୍ତ୍ରତା ରହିଛି। କଟକଚଣ୍ଡୀ ମନ୍ଦିରର ସ୍ୱତନ୍ତ୍ର ମାନ୍ୟତା ରହିଛି ବୋଲି ଶୁଣିଥିଲି। ନବରାତ୍ର ଅବସରରେ ଭୁବନେଶ୍ୱର ଆସିଥିବାରୁ ଏଠାକୁ ଆସି ମା'ଙ୍କ ଆଶୀର୍ବାଦ ନେଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମହେଶ


@ ସ୍ୱପ୍ନପ୍ରିୟା


@ ବିଶ୍ୱମ୍ଭର


@ ବର୍ଷା


@ ବିଶ୍ୱଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।


ଭୁବନେଶ୍ୱର ମ୍ୟୁଜିୟମ ଛକଠାରେ ବୁଧବାର ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ପାଇକ ଦିବସ ପାଳନ ଅବସରରେ ସମର କଳା ପ୍ରଦର୍ଶନ କରାଯାଉଛି।


ରାଜ୍ୟସ୍ତରୀୟ ପୋଷଣ ପ୍ରକାଶ (ପୁଷ୍ଟିକର ପକ୍ଷ) ପାଳନ ଅବସରରେ ବୁଧବାର ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ହୋମ୍ ଇକୋନୋମିକ ଟ୍ରେନିଂ ସେଣ୍ଟର (ଏଚ୍‌ଇଟିସି)ଠାରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀକୁ କାର୍ଯ୍ୟକ୍ରମରେ ମହିଳାମାନେ ବୁଲି ଦେଖୁଛନ୍ତି।

## ନନ୍ଦନକାନନରେ ଅସୁସ୍ଥ ମାଣ୍ଡାରିନ ବତକ ମୃତ

### ୫ ପାଣିଗୋଧି ଶାବକ ଜନ୍ମ

ବାରଙ୍ଗ, ୨୯।୩(ଡି.ଏନ୍.ଏ.)

ନନ୍ଦନକାନନର ସରୀସୃପ ଉଦ୍ୟାନର ୪୬ନମ୍ବର (ଛ) ଏନକ୍ଲୋଜରରେ ରହୁଥିବା ଏକ ମାଈ ପାଣିଗୋଧି ବୁଧବାର ୫ଟି ଶାବକ ଜନ୍ମ ଦେଇଛି। ଜନ୍ମିତ ଶାବକ ମଧ୍ୟରୁ ୪ ସୁସ୍ଥ ରହି ଏନକ୍ଲୋଜର ଭିତରେ ସ୍ୱାଭାବିକ ବିଚରଣ କରୁଛନ୍ତି। ଅନ୍ୟ ଶାବକଟି ଅସୁସ୍ଥ ଥିବାରୁ ତାକୁ ବେବିକେୟାର ସେଣ୍ଟରକୁ ଆଣାଯାଇ ଚିକିତ୍ସା ଜାରି ରହିଛି। ୫ ଶାବକ ଜନ୍ମ ହେବା ପରେ ନନ୍ଦନକାନନରେ ପାଣିଗୋଧି ସଂଖ୍ୟା ୯କୁ ବୃଦ୍ଧିପାଇଛି। ସେହିପରି ପ୍ରାଣୀଉଦ୍ୟାନର ପାଦଚଲା ବିହଙ୍ଗସରଣୀରେ ଅସୁସ୍ଥ ଥିବା ଅଣ୍ଡିରା ମାଣ୍ଡାରିନ ବତକ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ବତକଟି ମଙ୍ଗଳବାର ଏନକ୍ଲୋଜରରେ ହଠାତ୍ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲା। ଚିକିତ୍ସାପରେ ବତକକୁ ଉଠାଇବାକୁ କର୍ମଚାରୀ ଜଣଙ୍କ ଚେଷ୍ଟା କରିଥିଲେ। ଫଳରେ ସେ ବହୁକଷ୍ଟରେ ଉଠିଥିଲେ ମଧ୍ୟ ଠିକ୍‌ରେ ଚାଲି ନ ପାରି ଗୋଟିଏ ସ୍ଥାନରେ ପଡ଼ିରହିଥିଲା। ବୁଧବାର ତାକୁ ସାଲାଇନ ଇଞ୍ଜେକ୍ସନ ଦିଆଯାଇ ଚିକିତ୍ସା କରାଯାଇଥିବାବେଳେ ତା'ର ମୃତ୍ୟୁ ଘଟିଛି। ଅଂଶୁଘାତ ଯୋଗୁ ବତକ ଅସୁସ୍ଥ ହୋଇ ମରିଥିବା ଅନୁମାନ କରାଯାଉଥିବାବେଳେ ପ୍ରକୃତ କାରଣ ଜାଣିବା ପାଇଁ ବତକର ବ୍ୟବଚ୍ଛେଦ କରାଯାଇଛି।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ: ଦିନକ ପରେ ପୁଣି ଥରେ ଶେୟାର ବଜାରରେ ଉତ୍ସାହ ଦେଖାଦେଇଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସ (ବୁଧବାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇ ପାରିଛନ୍ତି। ଫଳରେ ବୁଧବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ର ସେନ୍‌ସେକ୍ସ ୩୪୬ (୩୪୬.୩୭) ପଏଣ୍ଟ ବୃଦ୍ଧି ଘଟି ୫୭,୯୬୦ (୫୭,୯୬୦.୦୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୧୨୯ (୧୨୯.୦୦) ପଏଣ୍ଟ ବଢି ୧୭,୦୮୧ (୧୭,୦୮୦.୭୦) ଅଙ୍କରେ କାରବାର ବନ୍ଦ ହୋଇଥିବା ଜଣାପଡିଛି।

# ୩୦ଦିନରେ ୧୩୩୮ କୋଟି ଦେବ ଗୁଗଲ

ନୂଆଦିଲ୍ଲୀ,୨୯।୩

ବହୁରାଷ୍ଟ୍ରୀୟ ସର୍ଚ୍ଚ ଇଞ୍ଜିନ କମ୍ପାନୀ ଗୁଗଲର ମନମାନି ଓ ଆଇଟି କ୍ଷେତ୍ରରେ ବିଭିନ୍ନ ପ୍ରକାର ଅପବ୍ୟବହାର ବିରୋଧରେ ଦୀର୍ଘ ବର୍ଷ ହେବ ଆଇନଗତ ଲଢ଼େଇ ଜାରି ରହିଛି। ଏପରିକି ବୁଧବାର ନ୍ୟାଶନାଲ କମ୍ପାନୀ ଲ ଆପିଲେଟ୍ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଏଟି) ମଧ୍ୟ ଗୁଗଲର ଆବେଦନ ବିରୋଧରେ ଶୁଣାଣିକରି ପୂର୍ବ ନିଷ୍ପତ୍ତି ଅନୁଯାୟୀ ଗୁଗଲ ଜରିମାନା ଦେବ ବୋଲି ଏନ୍‌ସିଏଲ୍‌ଏଟି ପକ୍ଷରୁ କୁହାଯାଇଛି। ବିଶେଷ କରି ଭାରତୀୟ ପ୍ରତିଦ୍ୱନ୍ଦ୍ୱିତା ଆୟୋଗ (ସିସିଆଇ) ଆଣ୍ଡ୍ରଏଡ୍‌ର ଅପବ୍ୟବହାର ଓ ଆବଶ୍ୟକତାର ଦୁରୁପଯୋଗକୁ ନେଇ ଗୁଗଲ ଉପରେ ପ୍ରାୟ ୧୩୩୮ (୧୩୩୭.୭୬) କୋଟି ଟଙ୍କାର ଜରିମାନା ଲଗାଇଥିଲା। ସେହିଭଳି ଗୁଗଲ ପାଖରେ ବର୍ତ୍ତମାନ ବି ଉକ୍ତ ଆଦେଶ ବିରୋଧରେ ସୁପ୍ରିମକୋର୍ଟରେ ଅପିଲ୍ କରିବାର ସୁଯୋଗ ରହିଛି। ହେଲେ ସିସିଆଇ ପ୍ରକାର ପକ୍ଷପାତିତା କରିଥିବା ନେଇ ଗୁଗଲ ରଖିଥିବା ଯୁକ୍ତିକୁ ଟ୍ରିବ୍ୟୁନାଲର ଶୁଣାଣି ସମୟରେ ଖାରଜ କରାଯାଇଛି। ଏପରିକି ଗୁଗଲକୁ ଉକ୍ତ ପରିମାଣର ଜରିମାନା ରାଶି ପୈଠ କରିବା ପାଇଁ ୩୦ଦିନର ସମୟ ଦିଆଯାଇଛି।

ଏ ନେଇ ଏନ୍‌ସିଏଲ୍‌ଏଟି ପକ୍ଷରୁ କୁହାଯାଇଛି, ସ୍ମାର୍ଟଫୋନ କମ୍ପାନୀଗୁଡିକୁ ଗୁଗଲର ମନମାନି ଓ ଆପ୍ ବିରୋଧରେ ଅଭିଯୋଗ କରିଥିଲେ। ବିଶେଷକରି ଗୁଗଲ ୧୧ ଆପ୍‌କୁ ପୂର୍ବରୁ ଇନ୍‌ଷ୍ଟଲ କରିବା ପାଇଁ କମ୍ପାନୀ କହିଥାଏ, ଯାହା ବ୍ୟବସାୟର ଭୁଲ୍ ବାଟ । ଟ୍ରିବ୍ୟୁନାଲ ଏହା ମଧ୍ୟ କହିଛନ୍ତି ଯେ ଗୁଗଲ ପ୍ରକୃତରେ କମ୍ପାନୀଗୁଡ଼ିକୁ ନିଜସ୍ୱ ଆଣ୍ଡ୍ରଏଡ୍ ବିକଶିତ କରିବାରେ ପ୍ରତିବନ୍ଧକ ଲଗାଉଛି। ଏପରିକି କମ୍ପାନୀ ଏଥିପାଇଁ ଆଣ୍ଟି ଫ୍ରାଗ୍‌ମେଣ୍ଟସନ ଏଗ୍ରିମେଣ୍ଟ (ଏଏଫ୍‌ଏ)ର ବ୍ୟବହାର କରିଥାଏ। ଉଲ୍ଲେଖଯୋଗ୍ୟ, ୨୦୧୮ରେ ଆଣ୍ଡ୍ରଏଡ୍ ୟୁଜର୍ସ ସିସିଆଇ ନିକଟରେ ଗୁଗଲ ବିରୋଧରେ ଫେରାଦ ହୋଇଥିଲେ। ଏପରିକି ଗୁଗଲ ମୋବାଇଲ ଅପରେଟିଂ ସିଷ୍ଟମ ସହ ଜଡ଼ିତ ମାର୍କେଟରେ ନିଜର ଦବଦବା ଓ ଅପବ୍ୟବହାର କରୁଛି ବୋଲି ମୋବାଇଲ ନିର୍ମାତାମାନେ ଅଭିଯୋଗ କରିଥିଲେ। ଏହା ପ୍ରତିଦ୍ୱନ୍ଦ୍ୱିତା ଆକ୍ଟର ଉଲ୍ଲଂଘନ କରୁଛି। ଗୁଗଲର ଏମ୍‌ଏଡିଏ ନୀତିକୁ ମଧ୍ୟ ସେମାନେ ବିରୋଧ କରିଥିଲେ। ଉକ୍ତ ନୀତି ଅନୁସାରେ ଗୁଗଲ ସ୍ମାର୍ଟଫୋନ କମ୍ପାନୀଗୁଡ଼ିକୁ ନିଜ ଫୋନରେ ଗୁଗଲ ମୋବାଇଲ ସର୍ଭିସେସ୍ ସୁଇଟ୍ ଅର୍ଥାତ ଏହା ଆପ୍‌କୁ ପ୍ରି ଇନ୍‌ଷ୍ଟଲ କରିବାକୁ କହିଥାଏ। ଫଳରେ କମ୍ପାନୀଗୁଡିକ ବିଶେଷ ଭାବେ ପ୍ରଭାବିତ ହେଉଥିବାରୁ ଏହା ଉପରେ ତଦନ୍ତକରି ସିସିଆଇ ୨୦୨୨ ଅକ୍ଟୋବର ୨୦ରେ ଗୁଗଲ ଉପରେ ପ୍ରାୟ ୧୩୩୮ କୋଟି ଟଙ୍କାର ଜରିମାନା ଲଗାଇଥିଲେ।

## ଆଇପିକ୍ୟୁର ୫ମ ସଂସ୍କରଣର ଫଳାଫଳ

ନୂଆଦିଲ୍ଲୀ,୨୯।୩

ମ୍ୟାକ୍ସ ଲାଇଫ୍ ଇନ୍ସୁରାନ୍ସର ଫ୍ଲାଗଶିପ୍ ସର୍ଭେ ଇଣ୍ଡିଆ ପ୍ରୋଟେକ୍ସନ କ୍ୱୋଟେଣ୍ଟ ସର୍ଭେ (ଆଇପିକ୍ୟୁ)ର ୫ମ ସଂସ୍କରଣର ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ମ୍ୟାକ୍ସ ଲାଇଫ୍‌ର ଉପ ପରିଚାଳନା ନିର୍ଦ୍ଦେଶକ ଭି. ବିଶ୍ୱାନନ୍ଦ କହିଛନ୍ତି, ଆମର ଫ୍ଲାଗ୍‌ଶିପ୍ 'ଇଣ୍ଡିଆ ପ୍ରୋଟେକ୍ସନ କ୍ୱୋଟେଣ୍ଟ' ସର୍ଭେର ୫ମ ସଂସ୍କରଣ ପୂର୍ବ ଭାରତର ସହରାଞ୍ଚଳର ଲୋକମାନେ ଆର୍ଥିକ ସୁସ୍ଥତା ପାଇଁ ସମ୍ମୁଖୀନ ହେଉଥିବା ପ୍ରମୁଖ ଆହ୍ୱାନଗୁଡିକୁ ଉନ୍ମୋଚନ କରିଛି। ବିଶେଷ କରି ସେମାନଙ୍କର ଆର୍ଥିକ ସୁରକ୍ଷାକୁ ଉନ୍ନତ କରିବା ଲାଗି ଉଦ୍ଦିଷ୍ଟ ପଦକ୍ଷେପଗୁଡିକର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛି। ଗତ ୫ ବର୍ଷ ମଧ୍ୟରେ ଏହି ଆଇପିକ୍ୟୁ ସର୍ଭେ ଆର୍ଥିକ ସ୍ୱାଧୀନତା ପ୍ରତି ଭାରତୀୟମାନଙ୍କ ଯାତ୍ରାକୁ ଦର୍ଶାଉଛି। ଆମେ ନିଶ୍ଚିତ ଯେ, ଆଇପିକ୍ୟୁ ୫.୦ ଫଳାଫଳ ଜୀବନ ବୀମା ସମ୍ପର୍କରେ ସଚେତନତା ବୃଦ୍ଧି କରିବ।

## ନ୍ୟୁ ୟେକିଂ ପିଟି ସହ ଜେଏସ୍‌ଏଲ୍ ରାଜିନାମା

ନୂଆଦିଲ୍ଲୀ,୨୯।୩


ଅଭ୍ୟୁଦୟ ଜିନ୍ଦଲ

ଦେଶର ସର୍ବବୃହତ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦନକାରୀ କମ୍ପାନୀ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ନିକେଲର ଦୀର୍ଘକାଳୀନ ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ଏକ ପ୍ରମୁଖ ରଣନୀତିକ ପଦକ୍ଷେପ ଗ୍ରହଣ କରିଛି। ବିଶେଷକରି କମ୍ପାନୀ ନ୍ୟୁ ୟେକିଂ ପିଟି ଲିମିଟେଡ୍ ସହ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ଚୁକ୍ତି (ସହଭାଗିତ ରାଜିନାମା) ସ୍ୱାକ୍ଷର କରିଛି। ଏପରିକି ଇଣ୍ଡୋନେସିଆର ହାଲ୍‌ମେହେରା ଦ୍ୱୀପପୁଞ୍ଜର ଏକ ଇଣ୍ଡଷ୍ଟ୍ରିଆଲ ପାର୍କରେ ଅବସ୍ଥିତ ନିକେଲ୍ ପିଗ୍ ଆଇରନ୍ ଲିମିଟେଡ୍ (ଏନ୍‌ପିଆଇ) ସ୍ମେଲଟର ସୁବିଧା ବିନିଯୋଗ,ବିକାଶ, ନିର୍ମାଣ ଏବଂ କାର୍ଯ୍ୟ ପାଇଁ ସହଭାଗିତା କରିଥିବା ଜଣାପଡ଼ିଛି। ଉକ୍ତ ସହଭାଗିତା ଅନୁଯାୟୀ ଜେଏସ୍‌ଏଲ୍ ଏନ୍‌ପିଆଇର ୪୯% ଅଂଶଧନ ହାସଲ କରିବ ବୋଲି ସୂଚନା ମିଳିଛି। ଏପରିକି ପ୍ରାୟ ୧୫୭ ନିୟୁତ ଡଲାରର ଜେଏସ୍‌ଏଲ୍ ଉକ୍ତ କମ୍ପାନୀର ୪୯% ଇକ୍ୱିଟି ସୁଧ ହାସଲ କରିବ। ସେହିଭଳି ବାର୍ଷିକ ନାମପ୍ଲେଟ୍ ଉତ୍ପାଦନ କ୍ଷମତା ୨,୦୦,୦୦୦ ମେଟ୍ରିକ୍ ଟନ୍ ଏନ୍‌ପିଆଇର ହାରାହାରି ୧୪% ଏନ୍‌ଆଇ ବିଷୟବସ୍ତୁ ସହ ୨ ବର୍ଷ ମଧ୍ୟରେ ଉପରୋକ୍ତ ସୁବିଧା କାର୍ଯ୍ୟକ୍ଷମ ହେବାକୁ କମ୍ପାନୀ ପକ୍ଷରୁ ଯୋଜନା କରାଯାଇଛି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଏହି ସହଯୋଗ ହିତାଧିକାରୀଙ୍କ ପାଇଁ ମୂଲ୍ୟ ବୃଦ୍ଧି କରିବ, ଯାହା ଜେଏସ୍‌ଏଲ୍ ସହ ନିକେଲ୍ ଯୋଗାଣରେ ଅଂଶଧନ ହାସଲ କରିବ ଏବଂ ଏହାର ଷ୍ଟେନ୍‌ଲେସ୍ ଷ୍ଟିଲ୍ କାର୍ଯ୍ୟ ପାଇଁ କଞ୍ଚାମାଲର ସୁରକ୍ଷା ସୃଷ୍ଟି କରିପାରିବ। ଏହି ଅଧିଗ୍ରହଣ ଭାରତୀୟ ତଥା ଅନ୍ତର୍ଜାତୀୟ ବଜାରରେ ଜେଏସ୍‌ଏଲ୍ ପାଇଁ ଏକ ତୀବ୍ର ପ୍ରତିଯୋଗିତା ଲାଭ କରିବ ବୋଲି ସେ ମତପ୍ରକାଶ କରିଛନ୍ତି।

## ୟୁବିଆଇର ସିଏସ୍‌ଆର୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୯।୩

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର କ୍ଷେତ୍ରୀୟ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷ କରି ୟୁବିଆଇର କର୍ପୋରେଟ ସାମାଜିକ ଦାୟିତ୍ୱବୋଧତା(ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ସ୍ଥାନୀୟ ସିଆର୍‌ପିଏଫ୍ କ୍ୟାମ୍ପସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୨କୁ ସ୍ମାର୍ଟ ଶ୍ରେଣୀଗୃହ ଉପକରଣ ଯଥା ପ୍ରୋଜେକ୍ଟର, କମ୍ପ୍ୟୁଟର ଏବଂ ଆବଶ୍ୟକ ଉପକରଣ ଆଦି ଦିଆଯାଇଥିଲା। ଏପରିକି ୟୁବିଆଇ ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ସତ୍ୟବାନ ବେହେରା ସ୍କୁଲର ପ୍ରିନ୍ସିପାଲ ଅଞ୍ଜନ କୁମାର ଖଟୁଆଙ୍କୁ ବ୍ୟାଙ୍କର ମହିଳା ସଶକ୍ତୀକରଣ କମିଟିର ସଦସ୍ୟ ଓ ସ୍କୁଲ କର୍ମଚାରୀମାନଙ୍କ ଉପସ୍ଥିତିରେ ଉପରୋକ୍ତ ଉପକରଣ ପ୍ରଦାନ କରାଯାଇଥିଲା। ସେହିଭଳି ମହିଳା ସଶକ୍ତୀକରଣକୁ ଆଗେଇନେବା ପାଇଁ ୟୁବିଆଇର କ୍ଷେତ୍ରୀୟ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ଏଭଳି ଏକ ସିଏସ୍‌ଆର୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଅପରପକ୍ଷରେ କେନ୍ଦ୍ରୀୟ ବିଦ୍ୟାଳୟ-୨ର ପ୍ରିନ୍ସିପାଲ ଅଞ୍ଜନ କୁମାର ଖଟୁଆ ଦେଶରେ ନାରୀ ଶକ୍ତିକୁ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇବା ଉପଲକ୍ଷେ ୟୁବିଆଇର ଏଭଳି ଏକ ଅଭିନବ ପଦକ୍ଷେପକୁ ସେ ଖୁବ୍ ପ୍ରଶଂସା କରିଥିଲେ। ଉଲ୍ଲେଖଯୋଗ୍ୟ, ୟୁବିଆଇର ପରିଚାଳନା ନିର୍ଦ୍ଦେଶିକା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏ. ମଣି ମେଖାଲାଇଙ୍କ ଉପନ୍ୟାସ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ସମସ୍ତଙ୍କ ପାଇଁ ମୌଳିକ ସୁବିଧା ଏବଂ ସ୍ୱଚ୍ଛ ପରିବେଶ ଆଣିବା ଦିଗରେ ଏକ ଅତୁଳନୀୟ ଭୂମିକା ନିର୍ବାହ କରୁଛି। ଏପରିକି ମହିଳା ବର୍ଗଙ୍କୁ ସହଯୋଗ କରିବା ସହ ମାନବ ସ୍ଫୁର୍ତ୍ତିକୁ ଜାଗ୍ରତ କରୁଛି। ଏଭଳି ଏକ ପଦକ୍ଷେପ ଭବିଷ୍ୟତର ଯୁବପିଢ଼ିଙ୍କ ପାଇଁ ଉନ୍ନତ ବୈଷୟିକ ସୁବିଧା ସୃଷ୍ଟି କରିବା ସହ ଛାତ୍ରୀଛାତ୍ରମାନଙ୍କୁ ଉନ୍ନତ ଶିକ୍ଷାଦାନ ସୁବିଧା ପ୍ରଦାନ କରିବାରେ ସାହାଯ୍ୟ କରିବ।

## ପାନାସୋନିକ୍‌ର ନୂଆ ଓଏଲ୍‌ଇଡି ଟିଭି

ଭୁବନେଶ୍ୱର,୨୯।୩

ଦେଶର ପ୍ରମୁଖ ବୈଦ୍ୟୁତିକ ସାମଗ୍ରୀ ଉତ୍ପାଦକ ତଥା ଗୃହୋପକରଣ ଏବଂ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ କମ୍ପାନୀ ପାନାସୋନିକ୍‌ର ୪କେ ଓଏଲ୍‌ଇଡି ଟିଭି ନିକଟରେ ସର୍ବଭାରତୀୟ ଉନ୍ମୋଚନ ହୋଇଥିଲା। ଏହି ପରିପ୍ରେକ୍ଷୀରେ କମ୍ପାନୀ ତା'ର ନ୍ୟୁ ପାନାସୋନିକ୍ ଓଏଲ୍‌ଇଡି ଟିଭିର ବଜାର ପ୍ରବେଶ କରାଇଛି। ଏପରିକି କମ୍ପାନୀ ଓଡ଼ିଶା କ୍ଷେତ୍ର ପକ୍ଷରୁ ନିକଟରେ ସ୍ଥାନୀୟ ବାପୁଜୀନଗରସ୍ଥିତ ରାଜ୍ ଇଲେକ୍ଟ୍ରୋନିକ୍ସ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀର ୪କେ ଓଏଲ୍‌ଇଡି ଟିଭିର ଏଲ୍‌ଜେଡ୍୯୫୦ ମଡେଲ ୨ଟି ଓଏଲଇଡିକୁ ଉନ୍ମୋଚନ ଓ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବ୍ରାଣ୍ଡର ଉକ୍ତ ମଡେଲ ଉଭୟ




୫୫ ଓ ୬୫ ଇଞ୍ଚ ଅତ୍ୟାଧୁନିକ ସ୍କ୍ରିନ୍‌ରେ ଉପଲବ୍ଧ । ଏହି ଅବସରରେ କମ୍ପାନୀର ବାଣିଜ୍ୟ ମୁଖ୍ୟ (ଓଡ଼ିଶା ଓ ଛତିଶଗଡ଼) ଦୁର୍ଗେଶ ଶୁକ୍ଲାଙ୍କ ସମେତ କମ୍ପାନୀର ଏରିଆ ମ୍ୟାନେଜର ହର୍ଷ ମିତ୍ତଲ, ମାର୍କେଟିଂ ମ୍ୟାନେଜର ସୋଭିତ ରାଏଜ୍ୟାଦା ଏବଂ ରାଜ୍ ଇଲେକ୍ଟ୍ରୋନିକ୍ସର ସ୍ୱତ୍ୱାଧିକାରୀ ସନ୍ତୋଷ କୁମାର ବିଶ୍ୱାଳ, ସିଦ୍ଧାର୍ଥ ଶଙ୍କର ବିଶ୍ୱାଳ, ଗୌରବ ବିଶ୍ୱାଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଉକ୍ତ ମଡେଲରେ ଅନେକ ବୈଶିଷ୍ଟ୍ୟ ସାଙ୍ଗକୁ ଅତ୍ୟାଧୁନିକ ସୁବିଧା ଓ ବିକ୍ରି ପରବର୍ତ୍ତୀ ସେବାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ଆଜି ସ୍ୱାଇଲ ଗୋଲ୍ଡର ୨ୟ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୯।୩

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ସ୍ୱାଇଲ ଗୋଲ୍ଡ ଜୁଏଲର୍ସର ୨ୟ ବାର୍ଷିକ ଉତ୍ସବ ଗୁରୁବାର ପାଳନ ହେବ ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାହକମାନଙ୍କ ପାଇଁ ସୁନାଗହଣା ଉପରେ ଶୂନ ଗଢ଼ା ମୂଲ୍ୟ ସହ ହୀରା ଗହଣା, ରୁପା ଏବଂ ଜେମ୍‌ଷ୍ଟୋନ୍ ଓ ଘଣ୍ଟା ଆଦି ଉପରେ ଆକର୍ଷଣୀୟ ଅଫର ଦିଆଯାଉଛି। ବିଶେଷକରି ରୁପା ଅଳଙ୍କାରର ଗଢ଼ା ମଞ୍ଜୁରୀ ଉପରେ ଫ୍ଲାଟ୍ ୫୦% ଦିଆଯାଉଥିବା ବେଳେ ହୀରା ଗହଣାର ଉପରେ ଫ୍ଲାଟ୍ ୨୫%ର ରିହାତି ଏବଂ ବ୍ରାଣ୍ଡେଡ୍ ଘଣ୍ଟା ଉପରେ ଫ୍ଲାଟ୍ ୨୫% ରିହାତି ମିଳୁଥିବା ପ୍ରତିଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ବିଭିନ୍ନ ସାମଗ୍ରୀର ଫ୍ରେମ୍ ଉପରେ ଫ୍ଲାଟ୍ ୨୫%ର ରିହାତି ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି। ଉଲ୍ଲେଖଯୋଗ୍ୟ, ପବିତ୍ର ରାମନବମୀରୁ ଉପରୋକ୍ତ ଅଫର ଚଳିତ ବର୍ଷର ଅକ୍ଷୟ ତୃତୀୟା ପର୍ଯ୍ୟନ୍ତ ଉପଲବ୍ଧ ସାଙ୍ଗକୁ ଗ୍ରାହକମାନଙ୍କ ପାଇଁ ଲକି ଡ୍ର ସୁବିଧା ମଧ୍ୟ ରହିଛି। ଏପରିକି ପ୍ରତି ୨୦,୦୦୦ ଟଙ୍କାର କ୍ରୟ ଉପରେ ଏକ ଆକର୍ଷଣୀୟ ପୁରସ୍କାରର କୁପନ ମିଳିବ। ଉକ୍ତ କୁପନଧାରୀ ଲକି ଡ୍ର ଜରିଆରେ ଆକର୍ଷଣୀୟ ଡାଏମଣ୍ଡ ପେଣ୍ଡାଣ୍ଟ, ଫାଷ୍ଟଟ୍ରାକ୍ ୱାଚ୍ ,ହୀରାମୁଦି, ମିକ୍ସର ଗ୍ରାଇଣ୍ଡର ଏବଂ ସ୍ୱର୍ଣ୍ଣମୁଦ୍ରା ଭଳି ଅନେକ ଉପହାର ଜିତିବାର ସୁଯୋଗ ପାଇପାରିବେ ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି।

## ସାବଧାନତାକୁ ସର୍ବାଧିକ ଗୁରୁତ୍ୱ

ଭୁବନେଶ୍ୱର,୨୯।୩

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ଏକ ଦିନିକିଆ ଅନ୍‌ଲାଇନ ସେମିନାର 'ବ୍ୟାଙ୍କରେ ଠକେଇ ଓ ସାବଧାନତା ଅବଲମ୍ବନ' ଶୀର୍ଷକ ବିଷୟ ଉପରେ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଓଆଇର ଭୁବନେଶ୍ୱର ଆଞ୍ଚଳିକ ପ୍ରବନ୍ଧକ ମଳୟ ଦାସ ଏସ୍ ସ୍ୱାଗତ ଅତିଥି ପରିଚୟ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଏହି ଅବସରରେ ବିଓଆଇ ମୁଖ୍ୟ କାର୍ଯ୍ୟାଳୟର ରାଜଭାଷା ବିଭାଗର ସହାୟକ ମହାପ୍ରବନ୍ଧକ ତଥା ରାଜଭାଷା ପ୍ରମୁଖ ସୁଶ୍ରୀ ମଉ ମୈତ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଆମେ ଛୋଟ ଛୋଟ ସୁରକ୍ଷାତ୍ମକ ପଦକ୍ଷେପ ଗ୍ରହଣ କରିବା ଦ୍ୱାରା ବିଭିନ୍ନ ପ୍ରକାର ଠକାମିରୁ ନିଜକୁ ରକ୍ଷା କରିପାରିବା। ସେହିଭଳି ବିଓଆଇ ସୁରକ୍ଷା ବିଭାଗର ମୁଖ୍ୟ ପ୍ରବନ୍ଧକ ବେଦପ୍ରକାଶ ଓଝା ମୁଖ୍ୟବକ୍ତାଭାବେ ଯୋଗଦେଇ ପାୱାର ପଏଣ୍ଟ ଜରିଆରେ ବିଭିନ୍ନ ଜାଲିଆତି ଏବଂ ତା'ର ସାବଧାନତା ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଅପରପକ୍ଷରେ ନରାକାସ ବ୍ୟାଙ୍କ ଭୁବନେଶ୍ୱରର ସଦସ୍ୟ, ଏଲ୍‌ଆଇସିର ରାଜଭାଷା ପ୍ରଭାରୀ ବିପିନ ଏକ୍କା ମଧ୍ୟ ଏ ସମ୍ପର୍କିତ ବିଭିନ୍ନ ପ୍ରକାର ସୁରକ୍ଷିତ ଉପାୟ ବିଷୟରେ ବର୍ଣ୍ଣନା କରିଥିଲେ। ପରିଶେଷରେ ଇନ୍ଦୋର ଅଞ୍ଚଳର ରାଜଭାଷା ବିଭାଗର ମୁଖ୍ୟ ପ୍ରବନ୍ଧକ ଅମରୀଶ କୁମାର ଉକ୍ତ ସମ୍ମିଳନୀରେ ପ୍ରାପ୍ତ ହୋଇଥିବା ମହତ୍ତ୍ୱପୂର୍ଣ୍ଣ ସୂଚନାକୁ ବେଶ୍ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୩୨ଜଣ ରାଜଭାଷା ଅଧିକାରୀ ଅଂଶଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ରାଜଭାଷା ବିଭାଗର ବରିଷ୍ଠ ପ୍ରବନ୍ଧକ ସୋନିଆ ସାୱନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏଏସ୍‌ବିଏମ୍‌ର ବାର୍ଷିକ ଉତ୍ସବ 'ପ୍ରେରଣା'




ଭୁବନେଶ୍ୱର,୨୯।୩

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ 'ପ୍ରେରଣା' ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଶିକ୍ଷା ସହ ସମାନ୍ତରାଳ ଭାବେ ସାମାଜିକ ଚିନ୍ତନ ଓ ମୂଲ୍ୟବୋଧର ସମନ୍ୱୟ ଘଟିଲେ ବିଦ୍ୟାର୍ଥୀର ପୂର୍ଣ୍ଣାଙ୍ଗ ବିକାଶ ସମ୍ଭବ ହୋଇଥାଏ। ଏଥିଲାଗି ବିଦ୍ୟାର୍ଥୀମାନଙ୍କ ନିମନ୍ତେ ବିଶ୍ୱବିଦ୍ୟାଳୟ ପକ୍ଷରୁ ନାନାଦି ପ୍ରାସଙ୍ଗିକ ବିଷୟବସ୍ତୁ ଯଥା ତର୍କ ଓ ବକ୍ତୃତା, ପ୍ରବନ୍ଧ ରଚନା, ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ଛବି ଉତ୍ତୋଳନ ଓ କ୍ରୀଡ଼ା ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇଥାଏ । ଏପରିକି ଚଳିତ ବର୍ଷର କୃତୀ ପ୍ରତିଯୋଗୀମାନଙ୍କୁ ସ୍ୱୀକୃତି ପ୍ରଦାନ ନିମନ୍ତେ ତଥା ଅନ୍ୟ ଛାତ୍ରୀଛାତ୍ରମାନଙ୍କୁ ପ୍ରୋତ୍ସାହିତ କରିବା ଲାଗି ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ପ୍ରେରଣା ଆୟୋଜିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଗଭୀର ଅଧ୍ୟବସାୟ ସହ କର୍ତ୍ତବ୍ୟପରାୟଣ ଓ ପରିଶ୍ରମୀ ହେବା ଲାଗି ପରାମର୍ଶ ଦେଇଥିଲେ। ପରିଶେଷରେ ମେୟର ବିଭିନ୍ନ ବର୍ଗର ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସେହିଭଳି ବିଶ୍ୱବିଦ୍ୟାଳୟର କୁଳାଧ୍ୟକ୍ଷ ପ୍ରଫେସର ଡ. ବିଶ୍ୱଜିତ ପଟ୍ଟନାୟକ ଅଧ୍ୟକ୍ଷୀୟ ଭାଷଣ ପ୍ରଦାନ ସହ ନିଷ୍ଠା ଓ ନିରବଚ୍ଛିନ୍ନ ସାଧନା ନିଜକୁ ଅନ୍ୟଠାରୁ ପୃଥକ୍ କରିଥାଏ ଓ ସମାଜର ସମସ୍ତ ଆବେଗ ଓ ଆହ୍ୱାନକୁ ଫଳବତି କରିପାରେ ବୋଲି ପଟ୍ଟନାୟକ ମତପ୍ରକାଶ କରିଥିଲେ। ଅପରପକ୍ଷରେ ଅନୁଷ୍ଠାନର ପ୍ରିନ୍ସିପାଲ ଡାଇରେକ୍ଟର ପ୍ରଫେସର ଡ. ସ୍ମାରକୀ ପଟ୍ଟନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିବା ବେଳେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସ୍‌ର ଡ. ରଞ୍ଜନ କୁମାର ବଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପରିଶେଷରେ ଷ୍ଟୁଡେଣ୍ଟ ଆଫେୟାର୍ସ ସହାୟକ ଡିନ୍ ପ୍ରଫେସର ଅଭିଜିତ୍ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଏପ୍ରିଲ୍ ୨ରେ ବିଜ୍‌ନେସ୍ ଆଇଡିଆ ମଡେଲ କନ୍‌କ୍ଲେଭ

ଭୁବନେଶ୍ୱର,୨୯।୩

କନ୍‌ଫେଡେରେଶନ ଅଫ୍ ଇଣ୍ଡିଆ ଇଣ୍ଡଷ୍ଟ୍ରି (ସିଆଇଆଇ)ର ଭୁବନେଶ୍ୱର ଶାଖାର ଏକ ଅବିଚ୍ଛେଦ୍ୟ ଅଙ୍ଗ ୟଙ୍ଗ୍ ଇଣ୍ଡିଆନସ୍ ପକ୍ଷରୁ ୨୦୨୩ ଏପ୍ରିଲ ୨ରେ 'ମୋ ଉତ୍କଳ ଦିବସ' ପାଳନ କରାଯାଉଛି। ଏ ସମ୍ପର୍କରେ ୱାଇଆଇ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ବିଶାଳ ଡାଲମିଆ କହିଛନ୍ତି, ୧୯୩୬ ଏପ୍ରିଲ ୧ରେ ଓଡ଼ିଶା ରାଜ୍ୟ ଗଠନ ସ୍ମୃତିରେ ଉତ୍କଳ ଦିବସ ପାଳନ କରାଯାଉଛି। ଏପରିକି କି ଚଳିତ ବର୍ଷ ଏପ୍ରିଲ ୨ରେ ୱାଇଆଇ ଭୁବନେଶ୍ୱର 'ମୋ ଉତ୍କଳ ଦିବସ'ପାଳନ କରୁଛି। ବିଶେଷକରି ଭାରତ କ୍ରୀଡ଼ା ଓ ଯୁଥ୍ ଆଫେୟାର୍ସ ସହଯୋଗରେ ୱାଇଆଇ ଭୁବନେଶ୍ୱର ପକ୍ଷରୁ ସେଦିନ ଏକ ଯୁବ ସମ୍ମିଳନୀର ଆୟୋଜନ କରାଯିବା ସହ ପ୍ରଗତିଶୀଳ ଓଡ଼ିଶା ଦିଗରେ ଅକ୍ଳାନ୍ତ ପରିଶ୍ରମ କରୁଥିବା କେତେଜଣ ପ୍ରମୁଖ ବ୍ୟକ୍ତି ଓ ସଂଗଠନର ସମ୍ବର୍ଦ୍ଧନା ନେଟ୍‌ୱାର୍କିଂ ଓ ଉତ୍ସବ ଅନୁଷ୍ଠିତ ହେଉଛି। ସେହିଭଳି ୱାଇଆଇ ଭୁବନେଶ୍ୱର ଚାପ୍ଟର ସହ ଅଧ୍ୟକ୍ଷ ସୋନାଲ ମୋର କହିଛନ୍ତି, ୟୁଥ୍ କନ୍‌କ୍ଲେଭରେ ଇଣ୍ଟରକଲେଜ ଭଳି ଓଡ଼ିଶା ସ୍କୁଲ ଡ୍ୟାନ୍ସ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଓଡ଼ିଶା ସାଂସ୍କୃତିକ ନୃତ୍ୟ ପରିବେଷଣ ସହ ବିଶିଷ୍ଟ ଅତିଥି ବକ୍ତାମାନଙ୍କ ଦ୍ୱାରା ଓଡ଼ିଶାର ଇତିହାସ ଉପରେ ପ୍ୟାନେଲ ଆଲୋଚନା ଅନୁଷ୍ଠିତ ହେବ। ଏପରିକି ଶିଳ୍ପ ଲିଡରଙ୍କ ଦ୍ୱାରା ଓଡ଼ିଆ-୨୦୪୭ ଉପରେ ଚିନ୍ତାଧାରା ଲିଡରଶିପ୍ ପ୍ୟାନେଲ ଆଲୋଚନା ଏବଂ ଓଡ଼ିଆ ଖାଦ୍ୟ ମହୋତ୍ସବ 'ଉତ୍କଳ ରୋଷେଇ', ଗର୍ବର ଓଡ଼ିଶା 'ଉତ୍କଳ ସମ୍ମାନ', ଇଣ୍ଟରକଲେଜ ଆଇଡିଆଥନ-ଆଇଡିଆଜ୍ ଆଣ୍ଡ ଜଷ୍ଟ ପିଚ୍ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହେବ; ଯେଉଁଥିରେ ଛାତ୍ରୀଛାତ୍ରମାନେ ନୂତନ ଉଦ୍ଭାବନ ଏବଂ ୧୭ଟି ନିରନ୍ତର ବିକାଶ ଲକ୍ଷ୍ୟ(ଏସ୍‌ଡିଜି) କ୍ଷେତ୍ରରେ ବିଜ୍‌ନେସ ଆଇଡିଆ ମଡେଲ ଉପସ୍ଥାପନା କରିବେ।

## ନବୀନ ଜିନ୍ଦଲଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ



ଭୁବନେଶ୍ୱର,୨୯।୩

ଦେଶର ପ୍ରମୁଖ ଘରୋଇ ଶିଳ୍ପ ପ୍ରତିଷ୍ଠାନ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ଚେୟାରମ୍ୟାନ ନବୀନ ଜିନ୍ଦଲଙ୍କୁ ନିକଟରେ 'ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ' ସମ୍ମାନ ସମ୍ମାନିତ କରାଯାଇଛି। ବିଶେଷକରି ଶିଳ୍ପ, ରାଜନୀତି ଏବଂ ଶିକ୍ଷା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ନବୀନ ଜିନ୍ଦଲଙ୍କୁ ଟେକ୍ସାସ ୟୁନିଭର୍ସିଟି (ଡଲାସ) ପକ୍ଷରୁ ଆଜୀବନ ଆଚିଭମେଣ୍ଟ ଆୱାର୍ଡ ଦିଆଯାଇଛି। ଏପରିକି ୨୦୨୩ ମାର୍ଚ୍ଚ ୨୫ରେ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ନବୀନ ଜିନ୍ଦଲଙ୍କୁ ଉପରୋକ୍ତ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିଭଳି ଉକ୍ତ ବିଶ୍ୱବିଦ୍ୟାଳୟ ୧୯୯୨ ବ୍ୟାଚ୍‌ର ପୁରାତନ ଛାତ୍ର ନବୀନ ଜିନ୍ଦଲ ୨ୟ ବ୍ୟକ୍ତି ଭାବେ ସମ୍ମାନଜନକ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ହାସଲ କରିଛନ୍ତି। ଏହା ପୂର୍ବରୁ ନୋବେଲ ବିଜେତା ଅଜିଜ ସେଂକର ଉକ୍ତ ସମ୍ମାନଜନକ ପୁରସ୍କାର ପାଇଥିଲେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଟେକ୍ସାସ ୟୁନିଭର୍ସିଟି (ଡଲାସ) ର ଛାତ୍ର ଭାବେ ନବୀନ ଜିନ୍ଦଲ ଷ୍ଟୁଡେଣ୍ଟ ଗଭର୍ନମେଣ୍ଟର ଉଭୟ ଉପାଧ୍ୟକ୍ଷ ଏବଂ ଅଧ୍ୟକ୍ଷ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ ଏବଂ ଷ୍ଟୁଡେଣ୍ଟ ଲିଡର ଅଫ୍ ଦି ଇୟର ପୁରସ୍କାର ମଧ୍ୟ ପାଇଥିଲେ। ଏପରିକି ୨୦୧୦ରେ ସେ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ଆଲୁମ୍ନି ପୁରସ୍କାର ସହ ସମ୍ମାନିତ ମଧ୍ୟ ହୋଇଥିଲେ। ଟେକ୍ସାସ ୟୁନିଭର୍ସିଟି(ଡଲାସ)ର ସ୍କୁଲ ଅଫ୍ ମ୍ୟାନେଜମେଣ୍ଟକୁ ୨୦୧୧ରେ ନବୀନ ଜିନ୍ଦଲ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଭାବେ ପୁନଃ ନାମକରଣ କରି ନିଜର ଅତିବିଶିଷ୍ଟ ପୁରାତନ ଛାତ୍ରଙ୍କୁ ସମ୍ମାନିତ କରିଥିଲେ। ସେହିପରି ପୁରାତନ ଛାତ୍ରମାନଙ୍କ ନିମନ୍ତେ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ଟେକ୍ସାସ ୟୁନିଭର୍ସିଟି(ଡଲାସ)ର ସର୍ବୋଚ୍ଚ ସମ୍ମାନ ବୋଲି କୁହାଯାଉଛି। ଯେଉଁମାନେ ସମାଜ ପରିବର୍ତ୍ତନ ସହ ବିଶ୍ୱବିଦ୍ୟାଳୟର ବିକାଶ ନିମନ୍ତେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଏବଂ ଉତ୍କର୍ଷର ନୂତନ ଉଚ୍ଚତାରେ ପହଞ୍ଚିବାକୁ ଅନ୍ୟମାନଙ୍କୁ ପ୍ରେରଣା ଦେଇଥାନ୍ତି,ସେମାନଙ୍କୁ ଏଭଳି ଏକ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥାଏ।

## ସମ୍‌ରେ ଜଟିଳ କ୍ୟାନ୍ସର ଅସ୍ତ୍ରୋପଚାର

ଭୁବନେଶ୍ୱର,୨୯।୩

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ 'ସମ୍ ହସ୍ପିଟାଲ'ରେ ଆଉ ଏକ ବିରଳ ଅସ୍ତ୍ରୋପଚାର ସଫଳତାର ସହ ଶେଷ ହୋଇଛି। ଏପରିକି ଏକ ଜଟିଳ କ୍ୟାନ୍‌ସର ରୋଗୀଙ୍କର କଷ୍ଟ ଦୂର କରାଯାଇପାରିଛି ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ବିଶେଷକରି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଯୁବ ସର୍ଜନମାନଙ୍କର ଏକ ମିଳିତ ଟିମ୍ ଦ୍ୱାରା ଅଗ୍ନ୍ୟାଶୟ (ପାନ୍‌କ୍ରିଆସ୍) କର୍କଟ ରୋଗରେ ପୀଡ଼ିତ ଥିବା ଜଣେ ୫୫ ବର୍ଷୀୟ କ୍ୟାନ୍‌ସର ରୋଗୀଙ୍କର ଜଟିଳ ଅସ୍ତ୍ରୋପଚାରକୁ ସମ୍ ହସ୍ପିଟାଲର ସର୍ଜିକାଲ ଟିମ୍ ଜରିଆରେ ସଫଳତାର ସହ ସମ୍ପନ୍ନ କରାଯାଇଛି। ସେହିଭଳି ରୋଗୀଙ୍କ ଶରୀରରେ ସୃଷ୍ଟି ହୋଇଥିବା ଟ୍ୟୁମରଟି ପ୍ରମୁଖ ରକ୍ତ ଧମନୀ ସିଲିଆକ୍ ଟ୍ରଙ୍କ୍‌କୁ ଆକ୍ରାନ୍ତ କରିଥିଲା, ଯାହାକି ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ସହ ମଧ୍ୟ ଜଡ଼ିତ ହୋଇ ରହିଥିଲା। ଏପରିକି ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲଜି ବିଭାଗର ଆସୋସିଏଟ୍ ପ୍ରଫେସର ଡା. ଜ୍ୟୋତିର୍ମୟ ଜେନାଙ୍କ ନେତୃତ୍ୱରେ ଏକ ମିଳିତ ଟିମ୍ ଉକ୍ତ ସମସ୍ୟାକୁ ନେଇ ଅନେକ ବିଚାରବିମର୍ଶ କରିବା ପରେ ଅସ୍ତ୍ରୋପଚାର ନିମନ୍ତେ




ନିଷ୍ପତ୍ତି ନେଇଥିଲେ। ଉକ୍ତ ଟ୍ୟୁମରଟି ଶରୀରର ଗୁରୁତ୍ୱପୂର୍ଣ୍ଣ ଅଂଶ ଯେପରିକି ସିଲିଆକ୍ ଟ୍ରଙ୍କ୍, ଯକୃତକୁ ରକ୍ତବାହୀ ଧମନୀ, ପାକସ୍ଥଳୀ ଏବଂ ପ୍ଲୀହାକୁ ପ୍ରଭାବିତ କରିଥିଲା। ଫଳରେ ସିଲିଆକ୍ ଟ୍ରଙ୍କ୍ (ସିଲିଆକ୍ ଧମନୀ) ଯାହାକି ୩ ଭାଗ ହୋଇ ପାକସ୍ଥଳୀ, ଯକୃତ ଏବଂ ପ୍ଲୀହାକୁ ରକ୍ତ ଯୋଗାଇଥାଏ। ତାହାକୁ ବାହାର କରିବାର ଆବଶ୍ୟକତା ପଡ଼ିଥିଲା। ତେବେ ଏଭଳି କରିବା ଦ୍ୱାରା ଯକୃତକୁ ରକ୍ତ ସଞ୍ଚାଳନ ବନ୍ଦ ହୋଇ ରୋଗୀର ମୃତ୍ୟୁ ହେବାର ଯଥେଷ୍ଟ ସମ୍ଭାବନା ଥିଲା ବୋଲି ଜେନା ନିକଟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିସ୍ତୃତ ଆଲୋକପାତ କରିଥିଲେ। ଅପରପକ୍ଷରେ ଏଭଳି ରୋଗୀଙ୍କ କ୍ଷେତ୍ରରେ ପ୍ରାୟତଃ ଅସ୍ତ୍ରୋପଚାର କରାଯାଇ ନ ଥାଏ। କାରଣ ସମ୍ପୃକ୍ତ ରୋଗୀ ମାତ୍ର ୬ ମାସ ବଞ୍ଚିବା ସମ୍ଭାବନା ଥାଏ। ତେବେ ଆପେଲ୍‌ବି ପ୍ରୋସିଡ୍ୟୁରର ନାମକ ଏକ ଜଟିଳ ଅସ୍ତ୍ରୋପଚାର ଏଭଳି ରୋଗୀଙ୍କ କ୍ଷେତ୍ରରେ କରାଯାଇଥାଏ। ବିଶ୍ୱର ଅଳ୍ପ କେତେକ ହସ୍ପିଟାଲରେ ଉକ୍ତ ସୁବିଧା ଥିବା ଡା. ଜେନା କହିଛନ୍ତି। ତେବେ ନିର୍ଦ୍ଦିଷ୍ଟ କେତେଜଣ ରୋଗୀଙ୍କ ଶରୀରରେ ଏଭଳି ପ୍ରକାର ଅସ୍ତ୍ରୋପଚାର କରାଯାଇଥାଏ ଓ ସର୍ଜରି ପୂର୍ବରୁ ସିଟି ସ୍କାନ୍ ମାଧ୍ୟମରେ ଯକୃତକୁ ଅନ୍ୟ କେଉଁ ଦିଗରୁ ରକ୍ତ ସଞ୍ଚାଳନ ହୋଇପାରୁଛି କି ନାହିଁ ତାହା ପରୀକ୍ଷା କରାଯାଇଥାଏ। ତେବେ ଉକ୍ତ ରୋଗୀଙ୍କ କ୍ଷେତ୍ରରେ ଅନ୍ୟ କୌଣସି ମାଧ୍ୟମରେ ଯକୃତକୁ ରକ୍ତ ସଞ୍ଚାଳନ ହେଉ ନଥିଲା। ତେଣୁ କାର୍ଡିଓ ଥୋରାସିକ୍ ଭାସ୍କୁଲାର ସର୍ଜରି (ସିଟିଭିଏସ୍) ସର୍ଜନଙ୍କ ସାହାଯ୍ୟରେ ଗୋଡ଼ରୁ ଏକ ରକ୍ତ ଧମନୀ ଆଣି ସେହି ସ୍ଥାନରେ ଏକ ନୂତନ ଧମନୀ ସୃଷ୍ଟି କରାଯାଇ ଆଓର୍ଟାରୁ ଯକୃତକୁ ରକ୍ତ ସଞ୍ଚାଳନ କରାଯାଇଥିଲା। ଏଭଳି ପରିସ୍ଥିତିରେ 'ମୋଡିଫାଏଡ୍ ଆପେଲ ବି ସର୍ଜରି' କରିବା ନିମନ୍ତେ ଚିନ୍ତା କରାଯାଇଥିଲା ବୋଲି ସିଟିଭିଏସ୍ ସର୍ଜନ ତଥା ଆସୋସିଏଟ୍ ପ୍ରଫେସର ଡା.ସଂଗ୍ରାମ କେଶରୀ ବେହେରା ମତପ୍ରକାଶ କରିଛନ୍ତି। ଗତ ଫେବୃୟାରୀ ଶେଷ ସପ୍ତାହରେ ଉକ୍ତ ରୋଗୀଙ୍କର ଅସ୍ତ୍ରୋପଚାର କରାଯାଇଥିବା ବେଳେ ହସ୍ପିଟାଲର ଉକ୍ତ ଟିମ୍‌ରେ ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲଜି, କାର୍ଡିଓ ଥୋରାସିକ୍ ଭାସ୍କୁଲାର ସର୍ଜରି (ସିଟିଭିଏସ୍), ମେଡିକାଲ ଅଙ୍କୋଲୋଜି, ରେଡିଓ-ଡାଏଗ୍ନୋସିସ୍ ଏବଂ ଆନେସ୍‌ଥେସିଓଲୋଜି ବିଭାଗର ବିଶେଷଜ୍ଞମାନେ ସାମିଲ ହୋଇଥିଲେ।

**ଭାଜପାକୁ ହଟାଇବାକୁ ସବୁ ଦଳ ଏକାଠି ହୁଅନ୍ତୁ: ମମତା**

**କୋଲକାତା:** ଭାଜପାକୁ ଗାଦିଚ୍ୟୁତ କରି ଦେଶର ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଦେଶର ସମସ୍ତ ନାଗରିକ ଆଗେଇ ଆସନ୍ତୁ। ଏହାସହ ଭାଜପା ସରକାରକୁ ହଟାଇବା ପାଇଁ ସମସ୍ତ ଦଳ ଏକଜୁଟ ହେବା ଜରୁରୀ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର କୋଲକାତାଠାରେ କହିଛନ୍ତି।




ନୂଆଦିଲ୍ଲୀର ପାର୍ଲାମେଣ୍ଟ ପରିସରରେ ବୁଧବାର ତୃଣମୂଳ କଂଗ୍ରେସ ଏମ୍‌ପିମାନେ 'ସେଭ୍ କନ୍‌ଷ୍ଟିଚ୍ୟୁସନ୍' ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବାଚାଳାମି ଛାଡ଼ନ୍ତୁ ବିରୋଧୀଦଳ ନେତା: ଅରୁଣ

**ନବ ଦାସ ହତ୍ୟା ପ୍ରସଙ୍ଗ**

ଭୁବନେଶ୍ୱର,୨୯।୩(ବ୍ୟୁରୋ)

ନବ ଦାସଙ୍କ ହତ୍ୟାକାଣ୍ଡକୁ ନେଇ ବିଧାନସଭାରେ ବହୁବାର ଆଲୋଚନା ହୋଇ ସାରିଥିଲେ ମଧ୍ୟ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ମନଗଢ଼ା କାହାଣୀ ଗପି ଚାଲିଛନ୍ତି। ଏଥିରୁ ରାଜନୈତିକ ଫାଇଦା ନେବାକୁ ବିଧାନସଭାକୁ ବନ୍ଦ କରୁଛନ୍ତି। ଫଳରେ ବିଧାନସଭାରେ ଓଡ଼ିଶାବାସୀଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହୋଇ ପାରୁନାହିଁ। ତେଣୁ ଏଭଳି ବାଚାଳାମି ଓ ପାଗଳାମିରୁ ବିରୋଧୀ ଦଳ ନେତା କ୍ଷାନ୍ତ ରହିବା ଉଚିତ ବୋଲି ବିଜେଡିର ବରିଷ୍ଠ ନେତା ବିଧାୟକ ଅରୁଣ ସାହୁ କହିଛନ୍ତି। ସେ କହିଛନ୍ତି ଯେ, ବିଧାନସଭାରେ ନବ ଦାସଙ୍କ ହତ୍ୟାକାଣ୍ଡକୁ ନେଇ ବିରୋଧୀ ଦଳ ନେତା ଓ ଅନ୍ୟ ଭାଜପା ବିଧାୟକମାନେ ବହୁବାର ପ୍ରଶ୍ନ କରିଛନ୍ତି, ମୁଲତବୀ ପ୍ରସ୍ତାବ ଆଣିଛନ୍ତି, ଗୃହ ବିଭାଗର ଆଲୋଚନା ବେଳେ ଏହି ପ୍ରସଙ୍ଗରେ ସବିଶେଷ ଆଲୋଚନା ହୋଇଛି, ଯେକୌଣସି ବିଭାଗର ଆଲୋଚନାବେଳେ ମଧ୍ୟ ସେମାନେ ଟାଣିଓଟାରି ଏକଥା ପକାଇଛନ୍ତି। ଯେଉଁମାନଙ୍କର ଟିକେ ପାଗଳାମି ଥାଏ, ସେମାନେ ଗୋଟିଏ କଥାକୁ ବାରମ୍ବାର କହି ଚାଲିଥା'ନ୍ତି। ଠିକ୍ ସେମିତି ବିରୋଧୀ ଦଳ ନେତା ଅଭ୍ୟାସଗତ କାହାଣୀକାର ଭଳି ଏହି ଗୋଟିଏ ପ୍ରସଙ୍ଗରେ ମନଗଢ଼ା କାହାଣୀ ଗପି ଚାଲିଛନ୍ତି। ଏଥିରୁ ଜଣାପଡୁଛି ଯେ, ସେ ମାନସିକ ସ୍ତରରେ ଅସୁସ୍ଥ ହୋଇ ଯାଇଛନ୍ତି। କେତେବେଳେ କ'ଣ କହୁଛନ୍ତି ତାହା ନିଜେ ଜାଣିପାରୁନାହାନ୍ତି। କେନ୍ଦ୍ର ସରକାରଙ୍କ ମୁଖ୍ୟ ତଦନ୍ତକାରୀ ସଂସ୍ଥା ସିବିଆଇ କେତେଥର ଲୋଡ଼ିଛି, ବିରୋଧୀ ଦଳ ନେତା ତାହା ଯଦି ଜାଣନ୍ତି ନାହିଁ, ତେବେ ନିଜ ଦଳର କେନ୍ଦ୍ରୀୟ ନେତାମାନଙ୍କୁ ପଚାରନ୍ତୁ। ଏ ବିଷୟରେ କିଛି ମନ୍ତବ୍ୟ ଦେବା ପୂର୍ବରୁ ସେ ଆଗ ସେମାନଙ୍କଠାରୁ ବୁଝନ୍ତୁ। ଯଦି ସେ ଭାବୁଥା'ନ୍ତି ଯେ ବିଧାନସଭା କେବଳ ଗୋଟିଏ ଘଟଣାକୁ ନେଇ ଚାଲିବ, ଓଡ଼ିଶାବାସୀଙ୍କର ଆଉ ଅନ୍ୟାନ୍ୟ ପ୍ରସଙ୍ଗ ତାଙ୍କ ପାଇଁ ମୂଲ୍ୟହୀନ ବୋଲି ମନେ କରି ସେ ବିଧାନସଭାରେ ଆଲୋଚନା କରାଇଦେବାକୁ ଚାହୁଁ ନ ଥା'ନ୍ତି, ତାହେଲେ ଏହା ଅତ୍ୟନ୍ତ ରୁଗ୍ଣ ମାନସିକତାର ପରିଚୟ। ନବ ଦାସଙ୍କ ହତ୍ୟା ମାମଲାରୁ ରାଜନୈତିକ ଫାଇଦା ନେବା ଲାଗି ଜୟନାରାୟଣ ବାବୁ ଆପ୍ରାଣ ଚେଷ୍ଟା କରିଥିଲେ। ମୁଖ୍ୟମନ୍ତ୍ରୀ ଏ ପ୍ରସଙ୍ଗରେ ବିଧାନସଭାରେ ବିବୃତି ରଖି ସବୁ କଥା ସ୍ପଷ୍ଟ କଲା ପରେ ମଧ୍ୟ ସେ ହୀନ ରାଜନୀତି କରୁଛନ୍ତି ବୋଲି ଅରୁଣ କହିଛନ୍ତି।

# ଭଲ ପ୍ରଦର୍ଶନ ନେଇ ସବୁ ଦଳର ଦୃଢ଼ୋକ୍ତି

ଭୁବନେଶ୍ୱର, ୨୯।୩(ବ୍ୟୁରୋ)

ଝାରସୁଗୁଡ଼ା ଉପନିର୍ବାଚନ ଆସନ୍ତା ମେ ୧୦ ତାରିଖରେ ହେବା ନେଇ ବୁଧବାର ଘୋଷଣା ହେବା କ୍ଷଣି ରାଜନୈତିକ ଚର୍ଚ୍ଚା ଆଲୋଚନା ଜୋର୍ ଧରିବାରେ ଲାଗିଛି। ସବୁ ଦଳ ଏବେ କାହାକୁ ପ୍ରାର୍ଥୀ କରିବେ କିପରି ରଣନୀତି ପ୍ରସ୍ତୁତି କରିବେ ବର୍ତ୍ତମାନ ଏହିଭଳି ଅନେକ କଥା ନେଇ ଆଲୋଚନା ଜୋର୍ ଧରିଲାଣି। ତେବେ ଏହା ଭିତରେ ବିଜେଡି ନବ ଦାସଙ୍କ ଝିଅକୁ ପ୍ରାର୍ଥୀ କରିପାରେ ବୋଲି ଅଧିକାଂଶ ସ୍ଥାନରେ ଚର୍ଚ୍ଚା ଚାଲିଛି। କାରଣ ନବ ଦାସଙ୍କ ସହ ଝିଅ ଦୀପାଳି ବିଭିନ୍ନ ରାଜନୈତିକ ସଭା ଏବଂ କାର୍ଯ୍ୟକ୍ରମରେ ଯୋଗଦେଉଥିଲେ। ନବଙ୍କ ମୃତ୍ୟୁ ପରେ ମଧ୍ୟ ତାଙ୍କ ଝିଅ ବିଭିନ୍ନ ସ୍ଥାନରେ ରାଜନୈତିକ ଏବଂ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି। ଅନ୍ୟପଟେ ଭାଜପାର ପୂର୍ବତନ ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ରାଜନୈତିକ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ହେଲେ କଂଗ୍ରେସ କାହାକୁ ପ୍ରାର୍ଥୀ କରିବ ସେନେଇ

**ପ୍ରାର୍ଥୀ ଲାଗି କଂଗ୍ରେସ ଗଠନ କଲା କମିଟି**

ସ୍ଥିର କରି ନ ଥିବାବେଳେ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଛି। ତେବେ ନବ ଦାସଙ୍କ ହତ୍ୟା ଘଟଣା ପଛରେ ମୁଖ୍ୟ କାରଣ କ'ଣ ତାହା ବିରୋଧୀଙ୍କ ମୁଖ୍ୟ ପ୍ରସଙ୍ଗ ହେବ ବୋଲି ଆଲୋଚନା ହେଉଛି।

ବିଜେଡି ବିଧାୟକ ଦେବୀ ମିଶ୍ର କହିଛନ୍ତି, ଧାମନଗର ପରାଜୟ ପରେ ବିଜେଡି ବିରୋଧରେ ଅନେକ କଥା କୁହାଯାଉଥିଲା। ଏମିତି କୁହାଗଲା ଯେ ବିଜେଡି ଶେଷ ହୋଇଗଲା କିମ୍ବା ପଛକୁ ଚାଲିଗଲା। ହେଲେ ପଦ୍ମପୁର ଉପନିର୍ବାଚନରେ ବିରାଟ ବ୍ୟବଧାନରେ ବିଜେଡି ପ୍ରାର୍ଥୀ ବିଜୟ ଲାଭ କରିବାରେ ସବୁ କିଛି ପ୍ରମାଣିତ ହୋଇଗଲା। ଝାରସୁଗୁଡ଼ାରେ ମଧ୍ୟ ତାହା ପ୍ରମାଣିତ ହେବ ବୋଲି ଦେବୀ କହିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ଉପନିର୍ବାଚନ ଲାଗି ଭାଜପା ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ଭାଜପା ଏହି ଉପନିର୍ବାଚନରେ ଜୋର୍‌ଦାର ଲଢ଼େଇ କରିବ। ଦଳ ଜିତିବା ଲାଗି ବୁଥ୍‌ସ୍ତରରୁ ସଙ୍ଗଠନକୁ ମଜଭୁତ କରାଯାଇଥିବା ମୋହନ କହିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ପିସିସି ପକ୍ଷରୁ ଏକ ସିଲେକ୍ସନ କମିଟି ଗଠନ କରାଯାଇଛି। ଏଥିରେ କେତେଜଣ ପର୍ଯ୍ୟବେକ୍ଷକଙ୍କୁ ରଖାଯାଇଛି। ସେହି କମିଟି ଝାରସୁଗୁଡ଼ା ଯାଇ ଲୋକମାନଙ୍କ ସହ କର୍ମୀଙ୍କ ସହ ଆଲୋଚନା କରିବା ପରେ ପ୍ରାର୍ଥୀ କାହାକୁ କରାଯିବ ସେନେଇ ସ୍ଥିର କରାଯିବ। କଂଗ୍ରେସ ଏହି ଉପନିର୍ବାଚନରେ ଭଲ ପ୍ରଦର୍ଶନ କରିବ ବୋଲି ଶରତ କହିଛନ୍ତି।

**ଝାରସୁଗୁଡ଼ା ଉପନିର୍ବାଚନ ତାରିଖ ଘୋଷଣା ପରେ...**

**ହତ୍ୟାକାଣ୍ଡ ଦିନ ଉପନିର୍ବାଚନ ଘୋଷଣା**

# ବିଜେଡିର ଭରସା ନବ ପରିବାର, ଭାଜପାର ଟଙ୍କଧର

ସମ୍ବଲପୁର,୨୯।୩(ବ୍ୟୁରୋ)

ଜାନୁୟାରୀ ୨୯ରେ ଝାରସୁଗୁଡା ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ହତ୍ୟା କରାଯାଇଥିଲା। ଘଟଣାକୁ ଠିକ୍ ଦୁଇମାସ ବିତିଥିବାବେଳେ ବୁଧବାର ଭାରତର ନିର୍ବାଚନ କମିଶନ ଉପନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏପ୍ରିଲ ୨୦ରେ ନାମାଙ୍କନ ଦାଖଲ, ୨୩ ମଧ୍ୟରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ସହ ମେ ୧୦ରେ ମତଦାନ ଓ ମେ ୧୩ରେ ଭୋଟ ଗଣତି ହେବ।

ତାରିଖ ଘୋଷଣା ହେବା ପରେ ଝାରସୁଗୁଡ଼ା ରାଜନୀତି ସରଗରମ ହୋଇଉଠିଛି। ତିନି ପ୍ରମୁଖ ଦଳ ସମ୍ମାନ ପାଇଁ ପ୍ରାର୍ଥୀ ଦେଇ ନିର୍ବାଚନ ମଇଦାନକୁ ଓହ୍ଲାଇବେ। ବିଜେଡି ପକ୍ଷରୁ ନବ ଦାସଙ୍କ ଝିଅ ଦୀପାଳି କିମ୍ବା ପୁଅ ବିଶାଳଙ୍କୁ ଟିକେଟ ଦେବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ଅନ୍ୟପଟେ ଭାଜପା ପକ୍ଷରୁ ରାଜ୍ୟ ସମ୍ପାଦକ ଥିବା ଟଙ୍କଧର ତ୍ରିପାଠୀଙ୍କ ନାମ ଚର୍ଚ୍ଚାରେ ରହିଥିବା ବେଳେ ଦିନେଶ ଜୈନ ଓ ବିଜେଡିରୁ ଆସିଥିବା ଦୀନଦୟାଲଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ଦିନେଶ ଗତ ନିର୍ବାଚନରେ ନବଙ୍କଠାରୁ ପରାଜିତ ହୋଇଥିଲେ। ଅନ୍ୟପଟେ କଂଗ୍ରେସରେ ମହେନ୍ଦ୍ର ନାଏକଙ୍କ ନାମ ଆଗରେ ରହିଛି। ଝାରସୁଗୁଡାରେ ସ୍ୱର୍ଗତ ନବ ଦାସଙ୍କ ଯେଭଳି ଲୋକପ୍ରିୟତା ହାସଲ କରିଥିଲେ ଓ ତାଙ୍କର ଯେପରି ସଂଗଠନ ଥିଲା ଅନ୍ୟ ଦଳର ନେତାମାନଙ୍କ ସେଭଳି ନ ଥିବା ଜଣାପଡୁଥିଲା। ନବଙ୍କୁ ଯେଉଁମାନେ ଭୟଭୀତ ହୋଇ ଦଳରେ ଥିଲେ ସେମାନେ ଏବେ ଦଳଛାଡି ଅନ୍ୟ ଦଳକୁ ସମର୍ଥନ କରିବେ ବୋଲି ଆଲୋଚନା ହେଉଛି। ଅନ୍ୟପଟେ ତାଙ୍କ ପରିବାର ସଦସ୍ୟଙ୍କୁ ବିଜେଡି ପ୍ରାର୍ଥୀ କଲେ ଝାରସୁଗୁଡାବାସୀ କିଭଳି ଗ୍ରହଣ କରିବେ ତାହା ନିର୍ବାଚନ ଫଳାଫଳ ପ୍ରକାଶ ପରେ ସ୍ପଷ୍ଟ ହୋଇଯିବ। ଅନ୍ୟପଟେ ଭାଜପାର ଆଶାୟୀ ପ୍ରାର୍ଥୀ ତ୍ରିପାଠୀ ଝାରସୁଗୁଡା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ପରିଚୟ ସୃଷ୍ଟି ଲାଗି ଚେଷ୍ଟା କରିଛନ୍ତି। ହେଲେ ଭାଜପାର ଅନ୍ୟ ଏକ ଗୋଷ୍ଠୀ ଟଙ୍କଙ୍କୁ ବିରୋଧ କରିଥିବା ନଜର ରହିଛି। ବିରୋଧ କରୁଥିବା ଗୋଷ୍ଠୀ ରାଜ୍ୟସ୍ତରୀୟ ନେତାମାନଙ୍କ ପାଖରେ ମଧ୍ୟ ଅଭିଯୋଗ କରିଛନ୍ତି। ହେଲେ ଟଙ୍କ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଅନୁଗତ ହୋଇଥିବାରୁ ଟିକେଟ ପାଇବାର ଅଧିକ ଆଶା ରହୁଛି ବୋଲି ଆଲୋଚନା ହେଉଛି।

ନବଙ୍କ ଝିଅ ଦୀପାଳି କହିଛନ୍ତି, ଆଜି ଦିନ ଆମ ପରିବାର ପାଇଁ ଦୁଃଖର ଦିନ। ବାପା ସବୁଦିନ ପାଇଁ ଆଖି ବୁଜିଥିଲେ। ସମାନ ତାରିଖରେ ଉପନିର୍ବାଚନ ଘୋଷଣା ହୋଇଛି। ଝାରସୁଗୁଡା ପାଇଁ ବାପାଙ୍କ ଅବଦାନ ଅତୁଳନୀୟ ଥିଲା। ସେ ସବୁବେଳେ ଝାରସୁଗୁଡାବାସୀଙ୍କ ସାଥିରେ ଥିଲେ। ତେଣୁ ଯିଏ ବି ବିଜେଡି ପ୍ରାର୍ଥୀ ହେବେ ତାଙ୍କ ସହ କାମ କରିବି। ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟିକେଟ ନିଷ୍ପତ୍ତି ନେବେ। ଆମେ ଲୋକଙ୍କ ସହ ଅଛୁ, ଲୋକଙ୍କ ପାଇଁ କାମ କରିବୁ। ଯିଏ ଟିକେଟ ପାଇବ ସେ ବିଜୟୀ ହେବା ନିଶ୍ଚିତ। ଝାରସୁଗୁଡାବାସୀଙ୍କ ଭଲପାଇବା, ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ତାଙ୍କ ପରିବାର ଉପରେ ଥିବା ସେ କହିଥିଲେ। ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର କହିଛନ୍ତି, ଭାଜପା ଏକ ଗଣତାନ୍ତ୍ରିକ ଦଳ। ଦଳର ସଂସଦୀୟ ବୋର୍ଡ ପ୍ରାର୍ଥୀ ଚୟନ କରିଥାଏ। ଭାଜପାରେ ପରିବାର ବାଦ ନାହିଁ। ଦଳ ଯାହାକୁ ଟିକେଟ ଦେବ ସମସ୍ତେ ସମର୍ଥନ କରିବେ। କୌଣସି ବ୍ୟକ୍ତିର ସ୍ୱପ୍ନ ପୂରା କରିବା ପାଇଁ ଆମ ଦଳ ନିର୍ବାଚନ ଲଢିବ ନାହିଁ। ଝାରସୁଗୁଡାବାସୀଙ୍କ ସ୍ୱପ୍ନ ଓ ମୌଳିକ ଅଧିକାର ପାଇଁ ଦଳ ଲଢେଇ କରିବ ଓ ନିଶ୍ଚିତ ବିଜୟୀ ହେବ ବୋଲି କହିଥିଲେ।

**ବିଧାନସଭା ସମାଚାର**

# ସିବିଆଇ ତଦନ୍ତ ଦାବିରେ ବିଧାନସଭା ଅଚଳ

ଭୁବନେଶ୍ୱର,୨୯।୩(ବ୍ୟୁରୋ)

**ନବ ଦାସ ହତ୍ୟାକାଣ୍ଡ**
- **୬୦ ଦିନ ପରେ ବି ହତ୍ୟାର କାରଣ ଅସ୍ପଷ୍ଟ**
- **ଚପାଇ ଦେବାକୁ ଷଡ଼ଯନ୍ତ୍ର ହେଉଛି: ଜୟନାରାୟଣ**
- **ସର୍ବଦଳୀୟ ବୈଠକ ଫେଲ୍**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ପ୍ରସଙ୍ଗକୁ ନେଇ ବିଧାନସଭାରେ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ନବ ଦାସ ହତ୍ୟାକାଣ୍ଡକୁ ଇତିମଧ୍ୟରେ ୨ ମାସ ପୂରିଗଲାଣି। ଏହା ପଛରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ଏ ପର୍ଯ୍ୟନ୍ତ ଜଣାପଡ଼ିଲା ନାହିଁ। ହତ୍ୟାକୁ ଚପାଇ ଦେବାକୁ ଓଡ଼ିଶା ପୋଲିସ ଉଦ୍ୟମ କରୁଛି। ଏହାର ସିବିଆଇ ତଦନ୍ତ ଦାବିରେ ବିରୋଧୀ ଦଳ ସଦସ୍ୟମାନେ ବିଧାନସଭାରେ ହଙ୍ଗାମା କରିଛନ୍ତି। ବୁଧବାର ଶୂନ୍ୟକାଳରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ନବ ଦାସଙ୍କ ହତ୍ୟା ପ୍ରସଙ୍ଗ ଉଠାଇଥିଲେ। ସେ କହିଛନ୍ତି, ନବ ଦାସ ହତ୍ୟାକାଣ୍ଡ ଏକ ଷଡ଼ଯନ୍ତ୍ର। ଷାଠିଏ ଦିନ ବିତିଲାଣି। ହତ୍ୟାର ଉଦ୍ଦେଶ୍ୟ ଏବଂ ଏହା ପଛରେ କିଏ ତାହା ଜଣାପଡ଼ିଲା ନାହିଁ। ଏଥିରୁ ଓଡ଼ିଶା ପୋଲିସର ପାରିବାପଣିଆ ଜଣାପଡୁଛି। ଘଟଣାକୁ ଚପାଇ ଦେବାକୁ ଚେଷ୍ଟା କରାଯାଉଛି। ପ୍ରତ୍ୟେକ ହତ୍ୟାର ଉଦ୍ଦେଶ୍ୟ ଥାଏ। ଏହାକୁ ଆପରାଧିକ ଷଡ଼ଯନ୍ତ୍ର ବୋଲି ଗୃହ ରାଷ୍ଟ୍ରମନ୍ତ୍ରୀ କହିଲେ, କିନ୍ତୁ ମୁଖ୍ୟମନ୍ତ୍ରୀ କହିଲେ ନାହିଁ। ରାଜ୍ୟରେ ଏଫ୍‌ବିଆଇ ତଦନ୍ତର ନଜିର ନାହିଁ। ତେଣୁ ଏହା ଏକ ବିଶ୍ୱସ୍ତରୀୟ ହତ୍ୟା, ସେଥିପାଇଁ ବିଶ୍ୱସ୍ତରୀୟ ତଦନ୍ତର ଦାୟିତ୍ୱ ଦେଲେ।

ବିଧାନସଭା ସରିଗଲେ ଅନ୍ୟ ହତ୍ୟାକାଣ୍ଡ ଭଳି ଏହାକୁ ମଧ୍ୟ ଚପାଇ ଦିଆଯିବ। ଏହି ପ୍ରସଙ୍ଗ ଗୃହରେ ବାରମ୍ବାର ଉଠୁଛି। ପୋଲିସ ଗୋଟେ ନୂଆ ନୂଆ କାହାଣୀ କହୁଛି। ଏହାର ନିର୍ଯ୍ୟାସ କିଛି ବାହାରୁ ନାହିଁ, ଗୃହର ଆବଶ୍ୟକତା ବା କ'ଣ। ଆମେ କ'ଣ କରିବୁ। ଜନସାଧାରଣ କ'ଣ କରିବେ। ଯେହେତୁ ଏହି ହତ୍ୟାକାଣ୍ଡ ପଛରେ ବଡ଼ ବଡ଼ ଲୋକଙ୍କ ହାତ ଅଛି, ସେଥିପାଇଁ ସରକାର ଏହାକୁ ତଦନ୍ତ କରିବାକୁ ଚାହୁଁନାହାନ୍ତି। ଏତିକି ବେଳେ ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ଘଟଣାର ସିବିଆଇ ତଦନ୍ତ ଦାବି କରି ହୋ ହଲ୍ଲା କଲେ। ଏହି ସମୟରେ ବିରୋଧୀ ଦଳ ନେତାଙ୍କ ସହ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସ୍ୱର ମିଳାଇଲେ। ସେ କହିଲେ, ବିରୋଧୀ ଦଳ ନେତା ଯେଉଁ ପ୍ରସଙ୍ଗ ଉଠାଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସେଥିରେ ମୁଁ ସହମତ। ଗୃହରେ ବାରମ୍ବାର ଏହି ପ୍ରସଙ୍ଗ ଉଠାଯାଉଛି, ଆଜିକୁ ଷାଠିଏ ଦିନ ହୋଇଗଲା। ଏସ୍‌ସିବି ମେଡିକାଲ ଏକ୍ସପର୍ଟ କମିଟି ରିପୋର୍ଟ ଅନୁଯାୟୀ ଗୋପାଳ ପାଗଳ ନୁହେଁ। କିନ୍ତୁ ଗୋପାଳକୁ ପାଗଳ ବନେଇବା ପାଇଁ ସରକାର ପାଗଳ ହୋଇଛନ୍ତି। ଏଫ୍‌ବିଆଇ ତଦନ୍ତ ପାଇଁ ସରକାର ସୁପାରିସ କରିଥିବା କଥା କହୁଛନ୍ତି, ସେହି ତଦନ୍ତରେ ଗୋପାଳ ପାଗଳ କି ନୁହେଁ ତାହାର ତଦନ୍ତ ହେବ। ଷାଠିଏ ଦିନ ପରେ ହତ୍ୟା ଷଡ଼ଯନ୍ତ୍ରର ପ୍ରକୃତ ସତ୍ୟାସତ୍ୟ ଉନ୍ମୋଚନ ହୋଇପାରିଲା ନାହିଁ ବୋଲି କହି ନରସିଂହ ସରକାରଙ୍କ ଉପରେ ବର୍ଷିଛନ୍ତି। ଅନ୍ୟପଟେ ବିରୋଧୀଙ୍କୁ କାଉଣ୍ଟର କରିଛନ୍ତି ବିଜେଡି ସଭ୍ୟ ଅରୁଣ ସାହୁ। ସେ କହିଛନ୍ତି, ବିଧାନସଭାରେ ବିରୋଧୀଙ୍କ ଅଭିଯୋଗ ଅନୁସାରେ ନବ ଦାସଙ୍କ ହତ୍ୟାକାଣ୍ଡକୁ ନେଇ ସବୁ ଫୋରମରେ ସରକାର ଆଲୋଚନା କରିଛନ୍ତି। ଯେଉଁମାନଙ୍କ ପାଗଳାମି ଥାଏ, ସେମାନେ ଗୋଟେ କଥା ବାରମ୍ବାର କୁହନ୍ତି। ଯେତେବେଳେ ଜଣେ ପାଗଳ ହୋଇଯାଏ, ସବୁବେଳେ ଗୋଟିଏ କଥାକୁ ବାରମ୍ବାର କହେ। ଗୋଟିଏ କଥାକୁ ନେଇ ରାଜନୀତି କରେ। ସେମାନେ ଗୋପାଳକୁ ପାଗଳ କହି କହି ନିଜେ କେତେବେଳେ ପାଗଳ ହୋଇଯିବେ ବୋଲି ଅରୁଣ ସାହୁ କହିଛନ୍ତି। ସିବିଆଇ ତଦନ୍ତ ଦାବିକୁ ନେଇ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଗୃହରେ ପ୍ରବଳ ହଟ୍ଟଗୋଳ କଲେ। ବାଚସ୍ପତି ବାଧ୍ୟ ହୋଇ ଗୃହକୁ ୧୧ଟା ୪୪ରୁ ୧୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୫୩ରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ଗୃହରୁ ଚାଲିଯିବା କହିବାକୁ ନେଇ କଡ଼ା ଆପତ୍ତି ଉଠାଇଥିଲେ। ସେ କହିଥିଲେ ଯେ, ଗୃହ ଚଳାଇବା ଯେଉଁ ମନ୍ତ୍ରୀଙ୍କର ଦାୟିତ୍ୱ ସେ କହୁଛନ୍ତି ଗୃହରୁ ଚାଲିଯିବୁ। ଗୃହକୁ ମନ୍ତ୍ରୀ ଧମକ ଦେଇ ପାରିବେ କି। ମନ୍ତ୍ରୀ କ୍ଷମାମାଗନ୍ତୁ ବୋଲି ସେ ଦାବି କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଥିଲେ, ଗୃହରୁ ଚାଲିଯିବାକୁ ମୁଁ କହି ନାହିଁ। କଂଗ୍ରେସ ବିଧାୟକ ଦଳ ନେତା କହୁଥିବା ବେଳେ ହାଉସକୁ ଅର୍ଡରକୁ ଆଣିବାକୁ କହିଥିଲି। ଭାଜପା ଓ କଂଗ୍ରେସ ସଭ୍ୟମାନେ ଗୃହରେ ହଟ୍ଟଗୋଳ କରିଥିଲେ। ବାଚସ୍ପତି ଗୃହକୁ ୧୧ଟା ୫୬ରେ ମୁଲତବୀ ଘୋଷଣା କରି ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକରେ କୌଣସି ନିର୍ଯ୍ୟାସ ବାହାରି ପାରିଲା ନାହିଁ। ମାତ୍ର ବୈଠକ ଫେଲ୍ ମାରିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟାଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ଅପରାହ୍ନରେ ମଧ୍ୟ ଅନୁରୂପ ଅବସ୍ଥା ହୋଇଥିଲା।

**ବିଧାନସଭାରେ ଉଦ୍‌ବେଗ**

# ରାଜ୍ୟରେ ୯୭ ଶୀତଳଭଣ୍ଡାର ଅଚଳ

ଭୁବନେଶ୍ୱର,୨୯।୩(ବ୍ୟୁରୋ)

- **ଅଚଳକୁ ପୁନଃ କାର୍ଯ୍ୟକ୍ଷମ କରି ହେବ ନାହିଁ: କୃଷିମନ୍ତ୍ରୀ**
- **ନିର୍ମାଣ ହେବ ୧ ହଜାର ମିନି କୋଲ୍ଡ ସେଣ୍ଟର**

ରାଜ୍ୟରେ ୯୭ ଶୀତଳ ଭଣ୍ଡାର ଅଚଳ ହୋଇପଡ଼ିଛି। ୩୬ଟି କାର୍ଯ୍ୟକ୍ଷମ ଅବସ୍ଥାରେ ରହିଛି। ଯେଉଁ ଶୀତଳ ଭଣ୍ଡାରଗୁଡ଼ିକ ଅଚଳ ରହିଛି, ସେଗୁଡ଼ିକୁ ସଚଳ କରିବା ସମ୍ଭବ ନୁହେଁ। ବିଧାନସଭା ପ୍ରଶ୍ନକାଳରେ କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟଙ୍କ ମୂଳ ପ୍ରଶ୍ନରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହା କହିଛନ୍ତି। ମୂଳ ପ୍ରଶ୍ନକର୍ତ୍ତା ପଚାରିଥିଲେ ରାଜ୍ୟର କେଉଁ ଜିଲାରେ କେତୋଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ହେଉନାହିଁ। କେତୋଟି ସଚଳ ଅବସ୍ଥାରେ ଅଛି। ଅଚଳଗୁଡ଼ିକୁ କାର୍ଯ୍ୟକ୍ଷମ କରାଇବାରେ କ'ଣ ସମସ୍ୟା ରହିଛି। ଚାଷୀଙ୍କ ସମସ୍ୟାକୁ ଦୂର କରିବାକୁ ସ୍ୱତନ୍ତ୍ର ପଦକ୍ଷେପ ନେବେ କି। ରାଜ୍ୟରେ ଆଳୁ, ପିଆଜ ଓ ପନିପରିବା ସଂରକ୍ଷଣରେ କିପରି ଅସୁବିଧା ହେଉଛି ସେନେଇ ସଦସ୍ୟମାନେ ଗୃହରେ ପ୍ରକାଶ କରିଥିଲେ।

ମନ୍ତ୍ରୀ କହିଛନ୍ତି, ଅଚଳ ହୋଇପଡ଼ିଥିବା ଶୀତଳ ଭଣ୍ଡାରକୁ ସଚଳ କରିବା ସମ୍ଭବ ନୁହେଁ। କାରଣ ଅଚଳକୁ ସଚଳ କରିବା ବ୍ୟୟବହୁଳ। ସେହି ଟଙ୍କାରେ ନୂଆ ଶୀତଳ ଭଣ୍ଡାର ହୋଇପାରିବ। ରାଜ୍ୟରେ ଶୀତଳ ଭଣ୍ଡାରର ଅଭାବକୁ ଦୂର କରିବା ପାଇଁ ଚଳିତବର୍ଷ ରାଜ୍ୟର ପଞ୍ଚାୟତ ସ୍ତରରେ ୧୦୦୦ଟି ଶୀତଳୀକରଣ ଗୃହ (ମିନି କୋଲ୍ଡ ସେଣ୍ଟର) ନିର୍ମାଣ ପାଇଁ ସରକାର ଯୋଜନା କରିଛନ୍ତି, ଯାହାକି ସୌର ଶକ୍ତି ଦ୍ୱାରା ଚାଲିବ। ଏହାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଜରିଆରେ ପରିଚାଳନା କରାଯିବ। କ୍ଷୁଦ୍ର ଚାଷୀଙ୍କ ନିମନ୍ତେ ୧୦୦ କିଲୋଗ୍ରାମ ସାମଗ୍ରୀ ରହିପାରୁଥିବା ଶୀତଳ ଭଣ୍ଡାର ପ୍ରତିଷ୍ଠା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ଏ ବାବଦରେ ସରକାର ୭୦% ରିହାତି ଦେବେ। ଏହାଛଡ଼ା ବେସରକାରୀ ସ୍ତରରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ନିମନ୍ତେ ୫୫% ବା ସର୍ବାଧିକ ୨ କୋଟି ୨୦ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଉଛି। ସେହିପରି ଅନୁସୂଚିତ ଜାତିଙ୍କ କ୍ଷେତ୍ରରେ ୭୦% ଅଥବା ୨ କୋଟି ୮୦ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଉଛି। ଏ ନେଇ ସ୍ଥାନୀୟ ଉଦ୍ୟାନ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କଲେ ଆବଶ୍ୟକ ସୂଚନା ଓ ସହାୟତା ମିଳୁଛି ବୋଲି ମନ୍ତ୍ରୀ କହିଛନ୍ତି। ମୂଳ ପ୍ରଶ୍ନକର୍ତ୍ତା ପୁଣି ପଚାରିଲେ– ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆଳୁ, ଟମାଟୋ, ବିଭିନ୍ନ ପନିପରିବା ପ୍ରଚୁର ମାତ୍ରାରେ ଚାଷ ହେଉଛି। ସେସବୁ ରଖିବା ପାଇଁ ଜାଗା ନାହିଁ। ଯେଉଁ ଶୀତଳ ଭଣ୍ଡାର ବନ୍ଦ ରହିଛି, ସେଗୁଡ଼ିକୁ ନିଲାମ କରୁନାହାନ୍ତି କାହିଁକି। ସେହିପରି ବିଜେଡି ସଭ୍ୟ ବଦ୍ରି ନାରାୟଣ ପାତ୍ର କେନ୍ଦୁଝରରେ ଶୁଭ ଦିଆଯାଇ ଶୀତଳ ଭଣ୍ଡାର ହୋଇ ପାରି ନ ଥିବା ପ୍ରସଙ୍ଗ ଉଠାଇଥିଲେ। ଭାଜପା ସଭ୍ୟ ସନାତନ ବିଜୁଳି, ସୁବାସ ପାଣିଗ୍ରାହୀ, ନାଉରୀ ନାୟକ, ବିଜେଡି ସଭ୍ୟ ପ୍ରଣବ ବଳବନ୍ତରାୟ, ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ନିଜ ଅଞ୍ଚଳରେ ହେଉଥିବା ପନିପରିବାକୁ ରଖିବା ପାଇଁ ଶୀତଳ ଭଣ୍ଡାର ନିର୍ମାଣ କରିବା ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ କହିଥିଲେ, ଜାତୀୟ ଉଦ୍ୟାନ କୃଷି ଯୋଜନାରେ ୧୯୭୧ ମସିହାରେ ହୋଇଥିବା ୩୬୦୦ ମେଟ୍ରିକ ଟନ କ୍ଷମତାବିଶିଷ୍ଟ ୪ଟି ଶୀତଳ ଭଣ୍ଡାର ବନ୍ଦ ହୋଇଯାଇଛି। ସେଗୁଡ଼ିକ ଆଉ ଚଳାଇବା ସମ୍ଭବ ନୁହେଁ। ରାଜ୍ୟରେ ୨ ଲକ୍ଷ ୭୧ ହଜାର ୧୫୫ ହେକ୍ଟର ଜମିରେ ୩.୨୫ ଲକ୍ଷ ମେଟ୍ରିକ ଟନ ଆଳୁ ଉତ୍ପାଦନ ହେଉଛି। କେନ୍ଦ୍ର ସରକାର ଧୀରେ ଧୀରେ ଅନୁଦାନ କମାଇ ଦେଇ ଚାଲିଛନ୍ତି। ଜାତୀୟ ଉଦ୍ୟାନ କୃଷି ଯୋଜନାରେ ୨୦୨୦–୨୧ରେ ୧୩୬୩.୬୨ କୋଟି ଟଙ୍କା ଦେଇଥିବା ବେଳେ ୨୦୨୧–୨୨ରେ ୧୩୪୫.୫୦ ଏବଂ ୨୦୨୨–୨୩ରେ ୧୦୪୯.୨୬ କୋଟି ଟଙ୍କା ପ୍ରଦାନ କରିଛନ୍ତି। ୩୦୦ରୁ ୪୦୦ କୋଟି ଟଙ୍କା କମାଇ ଦେଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।



# ଖର୍ଚ୍ଚଦାବି ଆଲୋଚନା ବି ଠିକ୍‌ରେ ଚାଲିପାରିଲାନି

ଭୁବନେଶ୍ୱର, ୨୯।୩(ବ୍ୟୁରୋ)

- **ନବ ହତ୍ୟାକାଣ୍ଡ, ଜାଲ୍ ସାର୍ଟିଫିକେଟ୍ ପ୍ରସଙ୍ଗରେ ବିରୋଧୀଙ୍କ ହୋହଲ୍ଲା**
- **ନିର୍ମାଣ, ଗ୍ରାମ୍ୟ ଉନ୍ନୟନ ବିଭାଗର ଖର୍ଚ୍ଚଦାବି ଗୃହୀତ**
- **ଗିଲୋଟିନ୍ ଜରିଆରେ ୨୫ ବିଭାଗର ଖର୍ଚ୍ଚଦାବି ପାରିତ**

ମଧ୍ୟାହ୍ନଭୋଜନ ପରେ ମଧ୍ୟ ଭାଜପା ଏବଂ କଂଗ୍ରେସ ସଦସ୍ୟଙ୍କ ହୋହଲ୍ଲାରେ ବିଧାନସଭା ଚାଲିପାରି ନାହିଁ। ନବ ଦାସ ହତ୍ୟାକାଣ୍ଡକୁ ଦୁଇ ମାସ ବିତିସାରିଥିବା ବେଳେ ଏଫ୍‌ବିଆଇ ତଦନ୍ତ ଆଳ ନ ଦେଖାଇ ହତ୍ୟାର ଉଦ୍ଦେଶ୍ୟ ସମ୍ପର୍କରେ କହିବାକୁ ଭାଜପା ସଦସ୍ୟମାନେ ଦାବି କରିଥିଲେ। ଏହା ସହ ଜାଲ୍ ସାର୍ଟିଫିକେଟ ରାକେଟରେ ଧରାପଡ଼ିଥିବା ବ୍ୟକ୍ତି ଶାସକ ଦଳର ଜଣେ ପ୍ରଭାବଶାଳୀ ତଥା ପୂର୍ବତନ ମନ୍ତ୍ରୀଙ୍କ ସହ ସମ୍ପର୍କ ଥିବା କଥା କହି କଂଗ୍ରେସ ସଦସ୍ୟମାନେ ହୋହଲ୍ଲା କରିଥିଲେ। ଏହା ଭିତରେ ପ୍ରଥମେ ଗୃହ ୩୦ ମିନିଟ୍ ଲାଗି ୪ଟା ୪୦ ପର୍ଯ୍ୟନ୍ତ ମୁଲତବୀ ରହିଥିଲା। ବାଚସ୍ପତି ଏକ କମିଟି କରି ଆଲୋଚନା ମାଧ୍ୟମରେ ଗୃହକୁ ସୁରୁଖୁରୁରେ ଚଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ବିଫଳ ହୋଇଥିଲା। ଏହାପରେ ପୁଣି ଥରେ ୪ଟା ୪୦ରୁ ୫ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ପୁଣି ସାଢେ ୫ ଏବଂ ୬ଟା ୨୨ ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ତେବେ ବିରୋଧୀ ସଦସ୍ୟଙ୍କ ହୋହଲ୍ଲା ଭିତରେ ନିର୍ମାଣ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହୋଇଥିଲା। ଶାସକ ଦଳ ସଦସ୍ୟ ଭୂପିନ୍ଦର ସିଂ ଏବଂ ଚନ୍ଦ୍ରସାରଥି ବେହେରା ଆଲୋଚନାରେ ଭାଗ ନେଇଥିବା ବେଳେ ବିରୋଧୀ କିନ୍ତୁ ନାରାବାଜି, ହୋହଲ୍ଲା ଜାରି ରଖିଥିଲେ। ଏହା ଭିତରେ ଉଭୟ ବିଭାଗର ମନ୍ତ୍ରୀ ଶୀଘ୍ର ତାଙ୍କ ଉତ୍ତର ରଖିଥିଲେ। ଏହାସହ ଶେଷରେ ଗିଲୋଟିନ୍ ଜରିଆରେ ୨୫ଟି ବିଭାଗର ଖର୍ଚ୍ଚଦାବି ପାରିତ ହୋଇଥିଲା।

# ରାଜସ୍ଥାନକୁ ୧୨–୦ରେ ହରାଇଲା ଓଡ଼ିଶା

## ଯଶୋଦାଙ୍କ ୪ ଗୋଲ୍

**ଭୁବନେଶ୍ୱର, ୨୯।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ଗୋଆରେ ଅନୁଷ୍ଠିତ ୨୭ ତମ ଜାତୀୟ ମହିଳା ଫୁଟବଲରେ ଏକପାଖିଆ ବିଜୟ ହାସଲ କରିଛି ଓଡ଼ିଶା। ବୁଧବାର ଫତୋର୍ଦାର ପଣ୍ଡିତ ଜବାହର ଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ରାଜସ୍ଥାନକୁ ୧୨–୦ଗୋଲରେ ପରାସ୍ତ କରି ଓଡ଼ିଶା ଚଳିତ ଟୁର୍ନାମେଣ୍ଟରେ ଦ୍ୱିତୀୟ ବିଜୟ ହାସଲ କରିଛି। ଓଡ଼ିଶା ପକ୍ଷରୁ ଯଶୋଦା ମୁଣ୍ଡା (୧୧, ୫୮, ୯୦+୪ ଓ ୯୦+୬ ) ମିନିଟରେ ୪ଟି ଗୋଲ ସ୍କୋର କରିଥିଲେ। ବନ୍ୟା କବିରାଜ(୪୫+୩, ୭୨) ଓ ମାଳତୀ ମୁଣ୍ଡା(୨୩, ୩୩) ମିନିଟରେ ଦୁଇଟି ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନିକେତା ବିଶି(୫୨), ସୁମିତ୍ରା ହେମ୍ବ୍ରମ(୮୦), ଶ୍ରୀଜନା ତମାଙ୍ଗ(୭୧) ଓ ଭାରତୀ ଦାସ(୫୭) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଓଡ଼ିଶା ଖେଳାଳି ପ୍ରଥମ ହାଫ୍‌ରେ ୪ ଗୋଲ୍ ଦେଇଥିବା ବେଳେ ଦ୍ୱିତୀୟ ହାଫ୍‌ରେ ୮ ଗୋଲ୍ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧର ୧୧ ତମ ମିନିଟରେ ଯଶୋଦା ଓଡ଼ିଶା ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ମାଳତୀ ମୁଣ୍ଡା(୨୩, ୩୩) ମିନିଟ ପରବର୍ତ୍ତୀ ଦୁଇ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧର ଅତିରିକ୍ତ ସମୟରେ ଗୋଲ୍ ଦେଇ ବନ୍ୟ ଅଗ୍ରଣୀକୁ ୪–୦ରେ ପହଞ୍ଚାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଯଶୋଦା ୩ଟି ଗୋଲ ଦେଇଥିଲେ। ୩୧ ତାରିଖରେ ଓଡ଼ିଶା ନିଜର ପରବର୍ତ୍ତୀ ମ୍ୟାଚରେ ତ୍ରିପୁରାକୁ ଭେଟିବେ।



କଳିଙ୍ଗ ଷ୍ଟାଡିୟମରେ ବୁଧବାର ଟେନିସ ସେଣ୍ଟର ଉଦ୍‌ଘାଟନ ଅବସରରେ ସମ୍ବର୍ଦ୍ଧିତ କୃତୀ ଖେଳାଳିଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ। (ଫଟୋ: ବିକାଶ ନାୟକ)



ଉଦ୍‌ଘାଟିତ ଟେନିସ ସେଣ୍ଟର।

# ଆଜିଠୁ କଳାହାଣ୍ଡି କପ୍ ଦ୍ୱିତୀୟ ପର୍ଯ୍ୟାୟ

## ଡାଏମଣ୍ଡ-ବି ଓ ଗୋଲ୍ଡ-ବି ଗ୍ରୁପ୍ ମ୍ୟାଚ୍ ଖେଳାଯିବ

**ଭୁବନେଶ୍ୱର, ୨୯।୩ (କ୍ରୀଡ଼ା ପ୍ରତିନିଧି)**

ରାଜ୍ୟର ସମ୍ମାନଜନକ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍‌ର ଦ୍ୱିତୀୟ ପର୍ଯ୍ୟାୟ ଗୁରୁବାରଠାରୁ ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ଡାଏମଣ୍ଡ–ବି ଓ ଗୋଲ୍ଡ–ବି ଗ୍ରୁପ୍ ମ୍ୟାଚଗୁଡ଼ିକ ଖେଳାଯିବ। ଡାଏମଣ୍ଡ–ବି ଦଳରେ କଟକ 'ଏ', ଝାରସୁଗୁଡ଼ା, ଯାଜପୁର, ଭୁବନେଶ୍ୱର 'ବି', ରାଉରକେଲା ଓ ବାଲେଶ୍ୱର ଦଳ ସ୍ଥାନ ପାଇଛି। ସେହିପରି ଗୋଲ୍ଡ 'ବି' ଦଳରେ ମୟୂରଭଞ୍ଜ, ଢେଙ୍କାନାଳ, ନୟାଗଡ଼, ଜଗତ୍‌ସିଂହପୁର, କେନ୍ଦୁଝର ଓ ପୁରୀ ଦଳ ସାମିଲ ରହିଛି। ବିଭିନ୍ନ ଭେନ୍ୟୁରେ ହେବାକୁଥିବା ମ୍ୟାଚ୍‌ଗୁଡ଼ିକ ଦିନିକିଆ ଫର୍ମାଟ (୫୦ ଓଭର)ରେ ଖେଳାଯିବ। ପ୍ରଥମ ସେସନ ପୂର୍ବାହ୍ନ ୮ଟା ୩୦ରୁ ଅପରାହ୍ନ ୧୨ଟା ଏବଂ ଦ୍ୱିତୀୟ ସେସନ ଅପରାହ୍ନ ୧୨ଟା ୪୫ରୁ ୪ଟା ୧୫ ପର୍ଯ୍ୟନ୍ତ ଖେଳାଯିବ।

# କ୍ୟାପିଟାଲ୍ସ ଦଳରେ କିପିଂ ସମସ୍ୟା

## ଇଣ୍ଡିଆନ ପ୍ରିମିୟର ଲିଗ୍

- ପୋରେଲଙ୍କୁ ଚୁକ୍ତିବଦ୍ଧ କରିବ ଦିଲ୍ଲୀ
- ସର୍ଫରାଜ ପ୍ରଥମ ପସନ୍ଦ ଉଇକେଟ କିପର
- ଫିଲ୍ ସଲ୍ଟ ଅନ୍ୟ ବିକଳ୍ପ

**ନୂଆଦିଲ୍ଲୀ, ୨୯।୩**

ତାରକା ଖେଳାଳି ଋଷଭ ପନ୍ତ ଦୁର୍ଘଟଣା ଜନିତ ଆହତ ସମସ୍ୟା ମଧ୍ୟ ଦେଇ ଗତି କରୁଥିବାରୁ ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ଉଇକେଟ କିପରଙ୍କୁ ନେଇ ସମସ୍ୟା ଦେଖା ଦେଇଛି। ଏହି ସମସ୍ୟାର ସମାଧାନ ପାଇଁ ଦିଲ୍ଲୀ ଫ୍ରାଞ୍ଚାଇଜ୍ ଅନ୍‌କ୍ୟାପେଡ୍ ଭାରତୀୟ ଉଇକେଟ କିପର ଅଭିଷେକ ପୋରେଲଙ୍କ ସହ ଚୁକ୍ତି କରିବ ବୋଲି ଜଣାଯାଇଛି। ସେ ଗତ ସପ୍ତାହରେ ଅନ୍ୟ ଭାରତୀୟ ଉଇକେଟ କିପରଙ୍କ ସହ ଟ୍ରାଏଲ ଦେଇଥିଲେ। ପୋରେଲଙ୍କ ନାମ ଯଦିଓ ଆନୁଷ୍ଠାନିକଭାବେ ଘୋଷଣା କରାଯାଇନାହିଁ ତେବେ ଗତ ସପ୍ତାହେଧରି ପ୍ରାକ୍ଟିସ ଗେମ୍ ଗୁଡ଼ିକ ପରେ ଏହା ଏକପ୍ରକାର ନିଶ୍ଚିତ ହୋଇଛି। ଗତ କିଛି ସପ୍ତାହଧରି ପୋରେଲଙ୍କ ବ୍ୟତୀତ ଅନ୍ୟ ଭାରତୀୟ ଅନ୍‌କ୍ୟାପେଡ ଉଇକେଟ କିପର ଶେଲଡନ ଜ୍ୟାକଶନ, ଲୁଭନିଥ୍ ସିସୋଡିଆ ଓ ବିବେକ ସିଂ ଟ୍ରାଏଲ ଦେଇଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ କ୍ରିକେଟ ଡାଇରେକ୍ଟର ସୌରଭ ଗାଙ୍ଗୁଲି, ମୁଖ୍ୟ କୋଚ୍ ରିକି ପଣ୍ଟିଙ୍ଗଙ୍କୁ ନେଇ ଗଠିତ କୋଚିଂ ଗ୍ରୁପ୍‌ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟ୍ରାଏଲ ଗୁଡ଼ିକ ଅନୁଷ୍ଠିତ ହୋଇଥିଲା। ପୋରେଲ ଘରୋଇ କ୍ରିକେଟରେ ବେଙ୍ଗଲ ପକ୍ଷରୁ ଉଇକେଟ କିପିଂ କରିଥାନ୍ତି। ସେ ଜଣେ ଭଲ ଉଇକେଟ କିପର, ତେବେ କୌଣସି ଫର୍ମାଟରେ ବଡ଼ ସ୍କୋର କରିପାରି ନାହାନ୍ତି। ସୟଦ ମୁସ୍ତାକ ଅଲୀ କ୍ରିକେଟ ଟୁର୍ନାମେଣ୍ଟର ୩ ମ୍ୟାଚରେ ସେ ମାତ୍ର ୨୨ ରନ କରିଥିଲେ। ଏହା ମଧ୍ୟରେ ଗୋଟିଏ ଇନିଂସ ୨୦* ଥିଲା।

ପୋରେଲ ସାମିଲ ହେଲେ ଦିଲ୍ଲୀ ଦଳର ପ୍ରଥମ ପସନ୍ଦ ଉଇକେଟ କିପର ରହିବେ ସର୍ଫରାଜ ଖାଁ। ଘରୋଇ କ୍ରିକେଟରେ ଗତ କିଛି ସିଜନଧରି ସର୍ଫରାଜ ଚମତ୍କାର ଫର୍ମରେ ଅଛନ୍ତି। କ୍ରମାଗତ ୨ ରଣଜୀ ସିଜନ (୨୦୧୯–୨୦ ଓ ୨୦୨୧–୨୨)ରେ ସେ ୯୦୦ରୁ ଊର୍ଦ୍ଧ୍ୱ ରନ ସ୍କୋର କରିଛନ୍ତି। ଗତ ସିଜନରେ ସେ ୬ ଇନିଂସରେ ୫୫୬ ରନ କରିଥିଲେ। ସୟଦ ମୁସ୍ତାକ ଅଲୀ ଟୁର୍ନାମେଣ୍ଟରେ ମୁମ୍ବାଇର ସଫଳତାରେ ସର୍ଫରାଜଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଗତ ସିଜନରେ ସେ ନିଜ ବେସ୍ ପ୍ରାଇସ୍ ୨୦ ଲକ୍ଷ ଟଙ୍କାରେ କିଣା ଯାଇଥିଲେ। ଲୋୟର ଅର୍ଡରରେ ବ୍ୟାଟିଂ ସୁଯୋଗ ପାଇଥିବା ସର୍ଫରାଜ ୬ ଗେମ୍‌ରେ ୯୧ ରନ ସ୍କୋର କରିଥିଲେ। ସୟଦ ମୁସ୍ତାକ ଅଲୀରେ ସର୍ଫରାଜ ମୁମ୍ବାଇ ପକ୍ଷରୁ ଉଇକେଟ କିପିଂ କରିଥାନ୍ତି। ତେଣୁ ପନ୍ତଙ୍କ ଅନୁପସ୍ଥିତିରେ ତାଙ୍କୁ ଏହି ଭୂମିକାଲାଗି ପ୍ରସ୍ତୁତ ରହିବାକୁ ଜାନୁୟାରୀରୁ ନିର୍ଦ୍ଦେଶ ଦିଆ ଯାଇଛି।

କ୍ୟାପିଟାଲ୍ସ ଦଳର ଅନ୍ୟ ଉଇକେଟ କିପିଂ ବିକଳ୍ପ ହେଲେ ଇଂଲଣ୍ଡର ଫିଲ୍ ସଲ୍ଟ। ଚଳିତବର୍ଷ ହୋଇଥିବା ନିଲାମରେ ତାଙ୍କୁ ବେସ୍ ପ୍ରାଇସ୍ ୨ କୋଟି ଟଙ୍କାରେ ଦିଲ୍ଲୀ କିଣିଥିଲା। ନିକଟରେ ଇଂଲଣ୍ଡ ଦଳର ବାଂଲାଦେଶ ଗସ୍ତରେ ଯଦିଓ ସେ ନିରାଶ କରିଥିଲେ ତେବେ ଘରୋଇ କ୍ରିକେଟରେ ୧୮୦ ଟି୨୦ ମ୍ୟାଚ ଖେଳିବାର ଦକ୍ଷତା ରଖିଛନ୍ତି। ୧୪୯.୭୯ ଷ୍ଟ୍ରାଇକ୍ ହାରରେ ସେ ୪୧୧୮ ରନ ସ୍କୋର କରିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ଦଳ ଏପ୍ରିଲ ୧ରେ ଏହାର ପ୍ରଥମ ମ୍ୟାଚ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ସହିତ ଖେଳିବ।



ଅଭିଷେକ ପୋରେଲ

# ରଶ୍ମିକା, ତମନ୍ନା ମୁଖ୍ୟ ଆକର୍ଷଣ

## ଆଇପିଏଲ୍ ୨୦୨୩ ଉଦ୍‌ଘାଟନୀ ସମାରୋହ



ରଶ୍ମିକା ମନ୍ଦାନା



ତମନ୍ନା ଭାଟିଆ

**ନୂଆଦିଲ୍ଲୀ, ୨୯।୩:** ଆଇପିଏଲ୍ ୨୦୨୩ର ଉଦ୍‌ଘାଟନୀ ସମାରୋହ ବିଶ୍ୱର ସର୍ବବୃହତ ନରେନ୍ଦ୍ର ମୋଦୀ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ମାର୍ଚ୍ଚ ୩୧ ତାରିଖରେ ଡିଫେଣ୍ଡିଂ ଚାମ୍ପିୟନ ଗୁଜରାଟ ଟାଇଟନ୍ସ ଓ ୪ ଥରର ଚାମ୍ପିୟନ୍ ଚେନ୍ନାଇ ସୁପରକିଙ୍ଗ୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଆଇପିଏଲ୍ ନିଜ ପୁରୁଣା ଫର୍ମାଟକୁ ଫେରିଥିବା ବେଳେ ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କ ଗୁଜରାଟ ଏହାର ପ୍ରଥମ ଘରୋଇ ମ୍ୟାଚ୍ ଖେଳିବ। ପୂର୍ବ ସଂସ୍କରଣର ଫାଇନାଲ ଗୁଜରାଟ ଦଳ ଏହି ଷ୍ଟାଡୟମରେ ଖେଳଥିଲେ ମଧ୍ୟ ଏହା ଘରୋଇ ମ୍ୟାଚ୍ ନଥିଲା। ଏହି ମ୍ୟାଚ୍ ପୂର୍ବରୁ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ସନ୍ଧ୍ୟା ୬.୦୦ରେ ୪୫ ମିନିଟ ଯାଏ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏକାଧିକ ବଲିଉଡ୍ ଓ ଦକ୍ଷିଣ ଭାରତୀୟ କଳାକାର ଏହି କାର୍ଯ୍ୟକ୍ରମରେ ପ୍ରଦର୍ଶନ କରିବେ। ବିସିସିଆଇ ପକ୍ଷରୁ ଆନୁଷ୍ଠାନିକ ଭାବରେ କୌଣସି କଳାକାରଙ୍କ ନାମ ଘୋଷଣା କରାଯାଇନଥିବା ବେଳେ ତମନ୍ନା ଭାଟିଆ ଓ ରଶ୍ମିକା ମନ୍ଦାନା ମୁଖ୍ୟ ଆକର୍ଷଣ ରହିବେ। ବଲିଉଡ୍ ଗାୟକ ଅରିଜିତ୍ ସିଂ ମଧ୍ୟ ପ୍ରଦର୍ଶନ କରିବା ନେଇ ଖବର ପ୍ରକାଶ ପାଇଛି। ଏହା ବ୍ୟତିତ କାଟ୍ରିନା କୈଫ୍ ଓ ଟାଇଗର ଶ୍ରଫଙ୍କ ଜଲୱା ମଧ୍ୟ ଦେଖିବାକୁ ମିଳିବ। ଉଲ୍ଲେଖଯୋଗ୍ୟ ଯେ, ଏହା ପୂର୍ବରୁ ଗୁଜରାଟ ଟାଇଟନ୍ସ ଓ ଚେନ୍ନାଇ ସୁପରକିଙ୍ଗ୍ସ ୨ ଥର ସାମ୍ନାସାମ୍ନି ହୋଇଥିବା ବେଳେ ଉଭୟ ଥର ହାର୍ଦ୍ଦିକଙ୍କ ଦଳ ବାଜି ମାରିଛି।

# ଆଲ୍‌ଫା ସ୍ପୋର୍ଟିଂ ସେମିଫାଇନାଲରେ

## ରାମେଶ୍ୱର କପ୍ କ୍ରିକେଟ

**ଭୁବନେଶ୍ୱର, ୨୯।୩ (କ୍ରୀଡ଼ା ପ୍ରତିନିଧି)**

ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୧୫ ବର୍ଷରୁ କମ୍ କମଳା ପରିଡ଼ା ସ୍ମାରକୀ (୫ମ ରାମେଶ୍ୱର କପ୍) କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଆଲ୍‌ଫା ସ୍ପୋର୍ଟିଂ ୪ ରନ୍‌ରେ ବିହାରୀଲାଲ ସ୍ପୋର୍ଟ୍ସ ଟ୍ରଷ୍ଟକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ପୂର୍ବ ରାତିରେ ବର୍ଷା ଯୋଗୁ ମ୍ୟାଚକୁ ୩୫ ଓଭର ପରିବର୍ତ୍ତେ ୨୫ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଆଲ୍‌ଫା ସ୍ପୋର୍ଟିଂ ୨୩.୩ ଓଭରରେ ୧୦୭ ରନ୍‌କରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ଶୁଭମ୍ ସାହୁ ସର୍ବାଧିକ ୪୪ ରନ୍ କରିଥିବାବେଳେ ବିପକ୍ଷ ଦଳର ସ୍ୱୟମ୍ ସ୍ୱାଇଁ ୪ଟି ଓ ରାଜା ମହାପାତ୍ର ୩ଟି ଉଇକେଟ ନେଇଥିଲେ। ଜବାବରେ ବିହାରୀଲାଲ ସ୍ପୋର୍ଟ୍ସ ଟ୍ରଷ୍ଟ ୨୫ ଓଭରରେ ୮ ଉଇକେଟ ହରାଇ ୧୦୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ମିଧାଂଶୁ ଦାସ ସର୍ବାଧିକ ୨୮ ରନ୍ କରିଥିଲେ। ବିଜୟୀ ଦଳର ଆଦର୍ଶ ପଟ୍ଟନାୟକ, ଶୁଭମ୍ ସାହୁ, ଅଭିନିତ ପଟ୍ଟନାୟକ ପ୍ରମୁଖ ୨ଟି ଲେଖାଏ ଉଇକେଟ ନେଇଥିଲେ। ଆଲ୍‌ଫା ସ୍ପୋର୍ଟିଂର ଶୁଭମ୍ ସାହୁଙ୍କୁ ଅତିଥି ଅମରେଶ ଚନ୍ଦ୍ର ପରିଡ଼ା ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ସୁଶୀଲ କୁମାର ଓ ରବୀନ୍ଦ୍ର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଅନ୍‌ଲାଇନ୍ ସ୍କୋରର ଥିଲେ ଏମ୍. ଗୌତମ ଗୋପାଳ। ଗୁରୁବାର ପ୍ରଥମ ସେମିଫାଇନାଲ ପ୍ରଗତି ସ୍ପୋର୍ଟିଂ ଓ ଆଲ୍‌ଫା ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହେବ।



ଶୁଭମ୍ ସାହୁଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

# ପ୍ରଥମ ମ୍ୟାଚ୍ ଖେଳିବେ ନାହିଁ ଲିଭିଂଷ୍ଟୋନ୍

**ନୂଆଦିଲ୍ଲୀ, ୨୯।୩ (ପି.ଟି.):** ଆଇପିଏଲ୍ ୨୦୨୩ର ପ୍ରଥମ ମ୍ୟାଚ୍ ପୂର୍ବରୁ ପଞ୍ଜାବ କିଙ୍ଗ୍ସକୁ ବଡ଼ ଝଟକା ଲାଗିଛି। ପ୍ରଥମ ମ୍ୟାଚ୍ ଖେଳି ପାରିବେନି ଇଂଲଣ୍ଡର ଲିଆମ୍ ଲିଭିଂଷ୍ଟୋନ୍। ଇଂଲଣ୍ଡ କ୍ରିକେଟ ବୋର୍ଡ(ଇସିବି) ପକ୍ଷରୁ ଫିଟ୍‌ନେସ ସାର୍ଟିଫିକେଟ ମିଳି ନ ଥିବାରୁ ଲିଭିଂଷ୍ଟୋନ୍ ପ୍ରଥମ ମ୍ୟାଚରେ ଖେଳି ପାରିବେ ନାହିଁ। ଡିସେମ୍ବରରେ ଆଣ୍ଠୁ ଆଘାତ କାରଣରୁ ଲିଭିଂଷ୍ଟୋନ୍ କ୍ରିକେଟ ପଡ଼ିଆରୁ ଦୂରରେ ଅଛନ୍ତି। ଏପ୍ରିଲ୍ ୧ରେ ପଞ୍ଜାବ କିଙ୍ଗ୍ସ ଏହାର ଓପନିଂ ମ୍ୟାଚ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ଖେଳିବ।

# ଭାରତୀୟ ଦଳରେ ଓଡ଼ିଶାରୁ ୨ ଖେଳାଳି

**ଭୁବନେଶ୍ୱର, ୨୯।୩ (ସ୍ପୋର୍ଟ୍ସ ବ୍ୟୁରୋ):** ଅଲିମ୍ପିକ୍ସ କ୍ୱାଲିଫାୟର ରାଉଣ୍ଡ–୧ ପାଇଁ ଭାରତୀୟ ମହିଳା ଫୁଟ୍‌ବଲ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାର ଦୁଇ ରକ୍ଷଣଭାଗ ଖେଳାଳି ଜୁଲି କିଶାନ୍ ଓ ମନୀଷା ପାନ୍ନା ସ୍ଥାନ ପାଇଛନ୍ତି। ୪ରୁ ୭ ଏପ୍ରିଲ ମଧ୍ୟରେ ଏହି ଟୁର୍ନାମେଣ୍ଟ କିର୍ଗିଜ୍‌ସ୍ତାନରେ ଖେଳାଯିବ। ଉଭୟ ଖେଳାଳି ଏହା ପୂର୍ବରୁ ୨୩ ବର୍ଷରୁ କମ୍ ଭାରତୀୟ ଦଳରେ ସ୍ଥାନ ପାଇ ଜୋର୍ଡାନ ଓ ଉଜ୍‌ବେକିସ୍ତାନ ଗସ୍ତ କରିଥିଲେ।

# ହକି ଇଣ୍ଡିଆ ୧୧,୦୦୦ ଷ୍ଟିକ୍, ୩,୩୦୦ ବଲ୍ ବାଣ୍ଟିବ

**ନୂଆଦିଲ୍ଲୀ, ୨୯।୩**

ଦେଶରେ ହକିର ଅଧିକ ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ହକି ଇଣ୍ଡିଆ ଏହାର ରାଜ୍ୟ ୟୁନିଟ ଏବଂ ନିର୍ଦ୍ଦିଷ୍ଟ କେତେକ ହକି ଏକାଡେମୀକୁ ୧୧,୦୦୦ ହକି ଷ୍ଟିକ୍, ୩,୩୦୦ ବଲ୍ ବାଣ୍ଟିବାକୁ ନିଷ୍ପତ୍ତି ନେଇଛି। ଏହା ବ୍ୟତୀତ ଖେଳ ସମୟରେ ସୁରକ୍ଷା ପାଇଁ ଆବଶ୍ୟକ ଅନ୍ୟ ସରଞ୍ଜାମ ମଧ୍ୟ ପ୍ରଦାନ କରାଯିବ ବୋଲି ବୁଧବାର ହକି ଇଣ୍ଡିଆ ପକ୍ଷରୁ ପ୍ରକାଶ କରାଯାଇଛି। ''ଦେଶର ସମସ୍ତ ପ୍ରତିଭା ସମ୍ପନ୍ନ ଖେଳାଳିମାନେ ଯେପରି କ୍ୟାରିୟର ଆରମ୍ଭରେ ଆବଶ୍ୟକ ହକି ସରଞ୍ଜାମ ପାଇପାରିବେ ତାହା ଆମର ମୁଖ୍ୟ ଲକ୍ଷ୍ୟ। ଏହି କାର୍ଯ୍ୟ ଦେଶରେ ଥିବା ରାଜ୍ୟ ୟୁନିଟ ଓ କେତେକ ହକି ଏକାଡେମୀ ମାଧ୍ୟମରେ ସମ୍ପନ୍ନ କରାଯିବ। ଭାରତରେ ହକିର ବିକାଶ ଆମର ମୁଖ୍ୟ ଲକ୍ଷ୍ୟ'' ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ସମଗ୍ର ଦେଶରେ ଉଚ୍ଚ ମାନଯୁକ୍ତ ହକି ସରଞ୍ଜାମ ଯୋଗାଇଦେବା ଆମର ଲକ୍ଷ୍ୟ। ଏହାଦ୍ୱାରା ଯୁବ ହକି ଖେଳାଳିମାନେ ଉପକୃତ ହୋଇପାରିବେ ବୋଲି ହକି ଇଣ୍ଡିଆ ମହାସଚିବ ଭୋଳାନାଥ ସିଂ କହିଛନ୍ତି।

# ଏନ୍‌ସିଏ କ୍ୟାମ୍ପରେ ଓଡ଼ିଶାର ୫ ଖେଳାଳି

## ୧୯ ବର୍ଷରୁ କମ୍ ମହିଳା କ୍ରିକେଟ

**ଭୁବନେଶ୍ୱର, ୨୯।୩ (କ୍ରୀଡ଼ା ପ୍ରତିନିଧି)**

ନିକଟରେ ଶେଷ ହୋଇଥିବା ବିସିସିଆଇ ଘରୋଇ ସିଜନ ୨୦୨୨–୨୩ରେ ପ୍ରଭାବୀ ପ୍ରଦର୍ଶନ ପାଇଁ ଓଡ଼ିଶାର ୧୯ ବର୍ଷରୁ କମ୍ ୫ ମହିଳା ଖେଳାଳି ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) କ୍ୟାମ୍ପପାଇଁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ପ୍ରିୟଙ୍କରି ମୁଦୁଲି, ଶୁଚିସ୍ମିତା ପଣ୍ଡା, ଏସ୍.ବି. ଲରେନ୍ସ, ଦିବ୍ୟା ରାଉତରାୟ ଓ ତନ୍ମୟୀ ବେହେରା। ଏନ୍‌ସିଏ କ୍ୟାମ୍ପ ବିଭିନ୍ନ ସ୍ଥାନରେ ଏପ୍ରିଲ ୧୭ରୁ ମେ ୧୧ ପର୍ଯ୍ୟନ୍ତ ଚାଲିବ। ଟିମ୍ 'ଏ' କ୍ୟାମ୍ପରେ ପ୍ରିୟଙ୍କରି ଓ ସୁଚିସ୍ମିତା ସୁଲତାନପୁରରେ ଟ୍ରେନିଂ ନେବେ। ଟିମ୍ 'ବି' କ୍ୟାମ୍ପ ରାଞ୍ଚିରେ ଅନୁଷ୍ଠିତ ହେବ। ସେଠାରେ ଲରେନ୍ସ ସାମିଲ ହେବେ। ଟିମ୍ 'ଡି' କ୍ୟାମ୍ପ ଭାଲସାଡରେ ହେବ ଏବଂ ସେଥିରେ ଦିବ୍ୟା ଓ ତନ୍ମୟୀ ସାମିଲ ରହିବେ। ମନୋନୀତ ହୋଇଥିବା ଖେଳାଳିଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ ଓ ସମ୍ପାଦକ ସଞ୍ଜୟ ବେହେରା ଅଭିନନ୍ଦନ ଜଣାଇଛନ୍ତି।



ତନ୍ମୟୀ ବେହେରା ପ୍ରିୟଙ୍କରୀ ମୁଦୁଲି ଶୁଚିସ୍ମିତା ପଣ୍ଡା ଏସ.ବି. ଲରେନ୍ସ ଦିବ୍ୟା ରାଉତରାୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଶ୍ରୀରାମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସବୁଠୁ ଓଜନିଆ ସାଇକେଲ

**ବର୍ଲିନ୍:** ପିଲାଙ୍କୁ ଛୋଟବେଳେ ସାଇକେଲ ଚଲାଇବା ଶିଖାଯାଇଥାଏ, ଯାହାକି ଅଧିକ ଓଜନ ହୋଇ ନ ଥାଏ ଏବଂ ସେମାନେ ଏହାକୁ ସହଜରେ ଶିଖିପାରନ୍ତି। ଯେପରି ଆଗକୁ ସେମାନଙ୍କୁ କୌଣସି ବି ଯାନବାହନ ଚଲାଇବାକୁ ଅସୁବିଧା ନ ହେବ। ନିକଟରେ 'କ୍ଲେଇନି ଜୋହାନା'ର ବହୁତ ଚର୍ଚ୍ଚା ହେଉଛି। ଏହା କୌଣସି ଝିଅର ନାମ ନୁହେଁ, ଏହା ଏକ ସାଇକେଲର ନାମ। ଯାହାକୁ ବିଶ୍ୱର ସବୁଠୁ ଓଜନଦାର ସାଇକେଲ ଭାବେ ଆଖ୍ୟା ମିଳିଛି। ରେକର୍ଡ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଜର୍ମାନୀ ଏହାକୁ ଏହି ଆଖ୍ୟା ପ୍ରଦାନ କରିଛି। ଏହି ସାଇକେଲର ଲମ୍ବ ୫ ମିଟର ଓ ଉଚ୍ଚତା ୨ ମିଟର। ସାଧାରଣତଃ କାର୍‌ର ଓଜନ ୭୦୦ରୁ ୧ହଜାର କିଲୋ ହୋଇଥିବାବେଳେ ଏହି ସାଇକେଲର ଓଜନ ୨୧୭୭ କିଲୋ। ଏହି ସାଇକେଲଟିକୁ ଜର୍ମାନୀର ସାକ୍ସୋନି ଏନ୍‌ହଲ୍ଟ ରାଜ୍ୟରେ ରହୁଥିବା ସେବାଷ୍ଟିଆନ୍ ବେଉଟଲର୍ ନାମକ ବ୍ୟକ୍ତି ତିଆରି କରିଛନ୍ତି। ସେ ଏଥିରେ ଟ୍ରକ୍ ଗିୟର ବକ୍ସ ଲଗାଇଛନ୍ତି। ଯେପରି କ୍ଲାସିକ ସାଇକେଲର ଗିୟର ସିଷ୍ଟମକୁ କପି କରିହେବ। ସାଇକେଲଟି ଆଗକୁ ଯିବାକୁ ୩୫ଟି ଗିୟର ଲାଗିଥିବାବେଳେ ପଛକୁ ଯିବାକୁ ୭ଟି ଗିୟର ଲଗାଯାଇଛି। ଏହାକୁ କେବଳ ଜଣେ ବ୍ୟକ୍ତି ହିଁ ପେଡଲ ମାରିକି ଚଲାଇପାରିବ। ଏଥିସହ ଏଥିରେ ୧୫ ଟନ୍ ଓଜନ ଉଠାଯାଇପାରିବ। ତେବେ ଏହି ସାଇକେଲକୁ ତିଆରି କରିବାକୁ ତାଙ୍କୁ ୩ ବର୍ଷ ସମୟ ଲାଗିଥିଲା। ତାଙ୍କ ପରିବାର ଏହି ସାଇକେଲ ତିଆରି କରିବାକୁ ମନା କରୁଥିଲେ, ହେଲେ ସେ ତାଙ୍କ ଉଦ୍ୟମ ଜାରି ରଖି ସଫଳ ହେଲେ।



# ୩ ନବଜାତ ୨ ଗିନିଜ୍ ରେକର୍ଡ ଅଧିକାରୀ



**ଲଣ୍ଡନ:** ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ନାମ ଯୋଡ଼ିବାକୁ ଜଣେ ବ୍ୟକ୍ତିଙ୍କୁ ବହୁ ପରିଶ୍ରମ କରିବାକୁ ପଡିଥାଏ। ହେଲେ ଏଠାରେ ୩ ନବଜାତ କନ୍ୟା ଜନ୍ମ ହେବା ସହିତ ୨ଟି ୱାର୍ଲ୍ଡ ରେକର୍ଡର ଅଧିକାରୀ ହୋଇଛନ୍ତି। ପ୍ରିମାଚ୍ୟୁର୍ ଶିଶୁ ଭାବେ ସେମାନେ ପ୍ରଥମ ରେକର୍ଡ ଅଧିକାର କରିଛନ୍ତି। ୩ ଶିଶୁଙ୍କ ମୋଟ ଓଜନ ସବୁଠାରୁ କମ୍ ହୋଇଥିବାରୁ ସେଥିରେ ୨ୟ ୱାର୍ଲ୍ଡ ରେକର୍ଡ ହାସଲ କରିଛନ୍ତି। ପ୍ରେଗ୍ନାନ୍ସିର ୨୨ ସପ୍ତାହ ୫ ଦିନରେ ଏହି ୩ ଶିଶୁ ୧୪ ଫେବୃୟାରୀ ୨୦୨୧ରେ ଇଂଲଣ୍ଡରେ ହୋଇଥିଲେ। ସେତେବେଳେ ୩ ଶିଶୁଙ୍କ ମୋଟ ଓଜନ ୧୨୮୪ ଗ୍ରାମ୍ ହୋଇଥିଲା। ପ୍ରଥମ କନ୍ୟା ୧୦ଟା ୨୧ରେ ଜନ୍ମ ହୋଇଥିବାବେଳେ ଦ୍ୱିତୀୟ ୧୨ଟା ୧ରେ ଏବଂ ତୃତୀୟ କନ୍ୟା ୧୨.୨ମିନିଟ୍‌ରେ ଜନ୍ମ ହୋଇଥିଲେ। ଜନ୍ମ ହେବାର ୨୧୬ ଦିନ ପର୍ଯ୍ୟନ୍ତ ୩ ଶିଶୁଙ୍କୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍(ଆଇସିୟୁ)ରେ ରଖିବାକୁ ପଡିଥିଲା। ମା' ମାଇକେଲ ହ୍ୱାଇଟ୍‌ଙ୍କ କହିବା ମୁତାବକ, ତାଙ୍କ ୩ ଶିଶୁଙ୍କ ଜନ୍ମର ୨ ବର୍ଷ ବହୁତ କଷ୍ଟରେ ଯାଇଛି। କାରଣ ୩ ଶିଶୁ ସେରେବ୍ରାଲ୍ ପାଲ୍‌ସି (ନ୍ୟୁରୋଲୋଜିକାଲ ଡିଜ୍‌ଅର୍ଡର) ସହ ଜନ୍ମ ହୋଇଥିଲେ।

# ୨୦୩ ୟୁନିଟ୍ ରକ୍ତଦାନ କରି ରେକର୍ଡ



**ୱାଶିଂଟନ୍:** ଜରୁରୀ ସମୟରେ ଜଣେ ବ୍ୟକ୍ତିଙ୍କ ରକ୍ତ ଅନ୍ୟଜଣଙ୍କ ଜୀବନ ରକ୍ଷା କରିଥାଏ। ସେଥିପାଇଁ କଥାରେ ଅଛି, ରକ୍ତଦାନ ମହାପୁଣ୍ୟ। ଯାହାକୁ ପ୍ରତିଫଳିତ କରିଛନ୍ତି ଜଣେ ୮୦ ବର୍ଷୀୟା ମହିଳା। ଯିଏକି ନିୟମିତ ରକ୍ତ ଦାନ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ଜୋସେଫିନ୍ ମିଚାଲୁକ୍ ଏପର୍ଯ୍ୟନ୍ତ ମୋଟ ୨୦୩ ୟୁନିଟ୍ ରକ୍ତ ଦାନ କରିସାରିଲେଣି। ତାଙ୍କୁ ୧୯୬୫ରେ ୨୨ ବର୍ଷ ବୟସ ହୋଇଥିବାବେଳେ ଭଉଣୀଙ୍କଠୁ ପ୍ରେରଣା ପାଇ ପ୍ରଥମେ ରକ୍ତଦାନ କରିଥିଲେ। ସେବେଠାରେ ସେ ରକ୍ତଦାନ କରିଆସୁଛନ୍ତି। ତାଙ୍କର ବ୍ଲଡ୍ ଗ୍ରୁପ 'ଓ+' ହୋଇଥିବାବେଳେ ସେ ବର୍ଷକୁ ୪ ଥର ରକ୍ତଦାନ କରୁଛନ୍ତି। ସେ ରକ୍ତ ଦେବାବେଳେ ଏଥିରେ କୌଣସି ରେକର୍ଡ କରିବେ ବୋଲି ଭାବି ନ ଥିଲେ। ହେଲେ ସେ ଲୋକଙ୍କୁ ରକ୍ତ ଦେଇ ଅନ୍ୟମାନଙ୍କୁ ରକ୍ତ ଦେବା ପାଇଁ ଅନୁପ୍ରାଣିତ କରିପାରିଛନ୍ତି। ତାଙ୍କ ପୂର୍ବରୁ ଭାରତର ମଧୁରା ଅଶୋକ କୁମାର ନାମ୍ନୀ ମହିଳା ଏହି ରେକର୍ଡର ଅଧିକାରୀ ଥିଲେ। ସେ ମୋଟ ୧୧୭ ୟୁନିଟ୍ ରକ୍ତଦାନ କରିଥିଲେ। ତେବେ ଯୁକ୍ତରାଷ୍ଟ୍ର ଆମେରିକାରେ ରକ୍ତଦାନର କୌଣସି ବୟସ ସୀମା ନାହିଁ। ଯେଉଁ ବ୍ୟକ୍ତି ସୁସ୍ଥ ଥିବେ ସେ ବୃଦ୍ଧାବସ୍ଥାରେ ମଧ୍ୟ ରକ୍ତଦାନ କରିପାରିବେ। ଜଣେ ବ୍ୟକ୍ତି ବର୍ଷକୁ ଅତିକମ୍‌ରେ ଥରେ ରକ୍ତଦାନ କରିବା ଉଚିତ। ଏହା ଫଳରେ ଶରୀର ସୁସ୍ଥ ରହିଥାଏ ବୋଲି ବିଶେଷଜ୍ଞଙ୍କ ମତ ରହିଛି।

# ଅନନ୍ୟାଙ୍କ ଡେଟିଂକୁ ନେଇ ଚର୍ଚ୍ଚା



ଅନନ୍ୟା ପାଣ୍ଡେ

ମୁମ୍ବାଇ

ବଲିଉଡ୍‌ର ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଏବଂ ଅଭିନେତା ଆଦିତ୍ୟ ରୟ କପୁରଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ବର୍ତ୍ତମାନ ଅଧିକ ଚର୍ଚ୍ଚା ହେଉଛି। ଉଭୟ ପରସ୍ପରକୁ ଡେଟ୍ କରୁଥିବା ଜଣାପଡିଛି। ସେମାନେ ଖୁବ୍‌ଶୀଘ୍ର ବିବାହ କରିବେ ବୋଲି ପ୍ରଶଂସକମାନେ ଚର୍ଚ୍ଚା କରୁଛନ୍ତି। ତେବେ ଦୁହିଁଙ୍କ ପ୍ରେମ ନେଇ ଦୀର୍ଘ ସମୟରୁ ବଲିଉଡ୍‌ରେ ଚର୍ଚ୍ଚା ଲାଗିରହିଛି। ଅତୀତରେ ଦୁହେଁ ଏକାଠି ରାମ୍ପରେ ଚାଲୁଥିବାର ମଧ୍ୟ ଦେଖାଯାଇଥିଲା। ଏହା ପରେ ଆଦିତ୍ୟ ଏବଂ ଅନନ୍ୟା ନିଜ ସମ୍ପର୍କକୁ ସାର୍ବଜନୀନ କରିବାକୁ ପ୍ରସ୍ତୁତ ହେଉଛନ୍ତି ବୋଲି କୁହାଯାଉଛି। ହେଲେ ବର୍ତ୍ତମାନ ଯାଏ ଦୁହେଁ ଏନେଇ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। କିନ୍ତୁ ଉଭୟଙ୍କ ପରିବାର ମଧ୍ୟ ଏହି ସମ୍ପର୍କ ପାଇଁ ସବୁଜ ସଙ୍କେତ ଦେଇଥିବା ଜଣାପଡିଛି। ଏହା ପୂର୍ବରୁ ଆଦିତ୍ୟଙ୍କ ନାଁ ଅନେକ ଅଭିନେତ୍ରୀଙ୍କ ସହ ଜଡିତ ଥିଲା। ଏବେ ଆଦିତ୍ୟ ଏବଂ ଅନନ୍ୟା ଡେଟ୍ କରୁଥିବା କୁହାଯାଉଛି। ତେବେ ଉଭୟଙ୍କ ପ୍ରେମ ଏକ ପାର୍ଟିରୁ ଆରମ୍ଭ ହୋଇଥିଲା। ଏବେ ଅନେକ ସମୟରେ ଦୁହିଁଙ୍କୁ ଏକାଠି ଦେଖିବାକୁ ମିଳୁଛି। ସେମାନେ ତାଙ୍କ ବିବାହକୁ ନେଇ ଏତେ ତତ୍ପର ନୁହନ୍ତି। ବର୍ତ୍ତମାନ ସେମାନେ ପରସ୍ପରକୁ ସମୟ ଦେବାକୁ ଚାହାନ୍ତି। ଆଗକୁ ଦୁହେଁ ଏକତ୍ର ଛୁଟି ବିତେଇବାକୁ ଯାଇପାରନ୍ତି ବୋଲି ଜଣାପଡ଼ିଛି।

## ଜନ୍ମଦିନ ଶୁଭେଚ୍ଛା



**ଶ୍ରୀରାମ ଚନ୍ଦ୍ର ସାହୁ**

ଗଁଦିଆ, ଢେଙ୍କାନାଳ

ତୋର ଚଳାପଥ କୁସୁମିତ ହେଉ, ଏତିକି ଭଗବାନଙ୍କ ନିକଟରେ ପ୍ରାର୍ଥନା ।
ବାପା, ମାମା, ଜେଜେବାପା, ଜେଜେମା, ଅଜା, ଆଈ, ମାମୁ, ମାଇଁ, ବଡବାପା, ବଡମା, ଦାଦା, ଖୁଡୀ, ମଉସା, ମାଉସୀ, ଭାଇ, ନାନା ଓ ପରିବାରବର୍ଗ।

ଧ-୭୪୦୫୫

## ୧୩ତମ ଜନ୍ମଦିନ ଶୁଭେଚ୍ଛା



(ଲିଟୁ)

**ସ୍ୱରୂପ ସାଗର**

ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ସଦାସର୍ବଦା ତୋର ଚଲାପଥ କୁସୁମିତ ହେଉ।

ଇତି: ତୋର ଶୁଭାକାଂକ୍ଷୀ ମାମା, ଦାଦା, ମା, ବାପା, ଖୁଡ଼ୀ, କାକା, ପିଉସୀ, ପିଉସା, ଭଉଣୀ ଶ୍ରୀନିକା ଓ ସୃଷ୍ଟି ସ୍ୱରୂପା (ଲିସୁ)।
ସୌଜନ୍ୟ: ଜୟ ପ୍ରକାଶ ମିଶ୍ର, ହାଟପଦାପଡ଼ା, ଟିଟିଲାଗଡ଼, ବଲାଙ୍ଗୀର, ଓଡ଼ିଶା

ଧ-୩୧୬୨

## ରାଜ୍ୟ ଖବର

# କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟାମଣ୍ଡଳୀ ପୁନର୍ଗଠିତ

ଭୁବନେଶ୍ୱର,୨୯।୩(ବ୍ୟୁରୋ)

କେନ୍ଦ୍ର ସାହିତ୍ୟ ଏକାଡେମୀର ଉଚ୍ଚକ୍ଷମତା ସମ୍ପନ୍ନ ଅର୍ଥ କମିଟିକୁ ଓଡ଼ିଆ ଭାଷା ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ଗୌରହରି ଦାସ ମନୋନୀତ ହୋଇଛନ୍ତି। ନୂଆଦିଲ୍ଲୀସ୍ଥିତ ରବୀନ୍ଦ୍ର ଭବନରେ ବୁଧବାର ଅନୁଷ୍ଠିତ ନବଗଠିତ କାର୍ଯ୍ୟନିର୍ବାହୀ ସମିତିର ପ୍ରଥମ ବୈଠକରେ ଦାସ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିବା ଏକାଡେମୀର ସଚିବ କେ. ଶ୍ରୀନିବାସ ରାଓ ସୂଚନା ଦେଇଛନ୍ତି। ଏହି ଅବସରରେ ୨୦୨୩-୨୭ ପର୍ଯ୍ୟନ୍ତ ପାଞ୍ଚବର୍ଷ ପାଇଁ ବିଭିନ୍ନ ଭାଷାର ଉପଦେଷ୍ଟାମଣ୍ଡଳୀ ପୁନର୍ଗଠିତ ହୋଇଛି। ଉପଦେଷ୍ଟାମଣ୍ଡଳୀକୁ ସାଧାରଣ ପରିଷଦର ସଦସ୍ୟ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ପ୍ରଫେସର ବିଜୟ କୁମାର ଶତପଥୀ ଏବଂ କାର୍ଯ୍ୟନିର୍ବାହୀ ସମିତି ସଭ୍ୟ ଗୌରହରି ଦାସଙ୍କ ବ୍ୟତୀତ ଆଉ ୭ଜଣ ଲେଖିକା ଲେଖକ ମନୋନୀତ ହୋଇଛନ୍ତି। ପ୍ରୀତିଧାରା ସାମଲ, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡ. ମନୋଜ କୁମାର ପଣ୍ଡା, ମହେନ୍ଦ୍ର ପ୍ରସାଦ, ଅରୁଣ କୁମାର ସାହୁ, ପବିତ୍ର ମୋହନ କର ଏବଂ ଯୁବ କଥାକାର ଚିତ୍ତରଞ୍ଜନ ଚିରଞ୍ଜିତ ପ୍ରମୁଖ ଉପଦେଷ୍ଟା କମିଟିର ସଦସ୍ୟ ଭାବେ କାର୍ଯ୍ୟ କରିବେ। ବୈଠକରେ ଏକାଡେମୀର ସଭାପତି ମାଧବ କୌଶିକ ଅଧ୍ୟକ୍ଷତା କରିଥିବାବେଳେ ଉପାଧ୍ୟକ୍ଷ ପ୍ରଫେସର କୁମୁଦ ଶର୍ମା ଏବଂ ସମସ୍ତ ଭାଷାର ଆବାହକମାନେ ଯୋଗଦେଇଥିଲେ। ସଚିବ ଡ. ଶ୍ରୀନିବାସ ରାଓ ବିବରଣୀ ପାଠ କରିବା ସହ ନୂତନ ସଭ୍ୟାସଭ୍ୟଙ୍କୁ ସ୍ୱାଗତ କରିଥିଲେ।

# ୨୪୯ ସବୁଦିନିଆ ରାସ୍ତା, ୨୫ ସେତୁ ନିର୍ମାଣ ହେବ

## ଓମ୍ଫାଡିସିର ୨୫ତମ ନିର୍ଦ୍ଦେଶକମଣ୍ଡଳୀ ପରିଷଦ ବୈଠକ

ଭୁବନେଶ୍ୱର,୨୯।୩(ବ୍ୟୁରୋ)

ଓଡ଼ିଶା ଖଣିଜ ସମ୍ପଦ ଅଞ୍ଚଳ ବିକାଶ ନିଗମ (ଓମ୍ଫାଡିସି)ର ୨୫ତମ ନିର୍ଦ୍ଦେଶକମଣ୍ଡଳୀ ପରିଷଦ (ବୋର୍ଡ ଅଫ୍ ଡିରେକ୍ଟର୍ସ) ବୈଠକ ମଙ୍ଗଳବାର ଲୋକସେବା ଭବନଠାରେ ରାଜ୍ୟ ମୁଖ୍ୟ ଶାସନ ସଚିବ ତଥା ଓମ୍ଫାଡିସିର ଅଧ୍ୟକ୍ଷ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ଓମ୍ଫାଡିସି ପାଣ୍ଠିରୁ ଆବଣ୍ଟିତ ଆର୍ଥିକ ଅନୁଦାନରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ଓମ୍ଫାଡିସିର ମୁଖ୍ୟ କାର୍ଯ୍ୟନିର୍ବାହୀ ଜି. ରାଜେଶ ୨୦୨୨-୨୩ ବର୍ଷରେ ନିଗମର ଆର୍ଥିକ ସ୍ଥିତି ଉପସ୍ଥାପନ କରିଥିଲେ। ଖଣିଜ ଅଞ୍ଚଳରେ ବିଭିନ୍ନ କ୍ଷତିପୂରଣ ବାବଦରେ ସଂଗୃହୀତ ଅର୍ଥପାଣ୍ଠିରୁ ପରିଷଦ ୨୦୧୯ ଏପ୍ରିଲରୁ ଅଦ୍ୟାବଧି ୧୭,୩୧୮.୦୫ କୋଟି ଟଙ୍କା ଅନୁମୋଦନ କରିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ୧୮ଟି ବିଭାଗ ଦ୍ୱାରା ଦିଆଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପ୍ରସ୍ତାବ କ୍ରମେ ଏହି ଖର୍ଚ୍ଚ ଦିଆଯାଇଛି ଓ ଆବଣ୍ଟିତ ଅର୍ଥରେ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। '୫-ଟି' ଉପକ୍ରମ ଆଧାରରେ ୧୧୪୬ଟି ଉଚ୍ଚ ବିଦ୍ୟାଳୟକୁ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ଅନୁଦାନ ଦିଆଯାଇଥିବା ବେଳେ ତନ୍ମଧ୍ୟରୁ ୧୦୮୮ଟିର କାର୍ଯ୍ୟ ସରିଛି। ତୃତୀୟ ପର୍ଯ୍ୟାୟରେ ଆଉ ୨୦୫ଟି ସ୍କୁଲ ରୂପାନ୍ତରୀକରଣ ପାଇଁ ଅନୁଷ୍ଠିତ ବୈଠକରେ ଅନୁମୋଦନ କରାଯାଇଛି। ଏଥିପାଇଁ ୧୨୫.୪୬ କୋଟି ଟଙ୍କା ଖର୍ଚ୍ଚ ହେବ। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା (ଏମ୍‌ଏମ୍‌ଏସ୍‌ପିୱାଇ)ରେ ୭୮ଟି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପକୁ ୫୮୯.୪୬ କୋଟି ଟଙ୍କା ପ୍ରଦାନ ପାଇଁ ବୈଠକରେ ପ୍ରସ୍ତାବ ଆଗତ କରାଯାଇଥିଲା। ଗ୍ରାମୀଣ ସଡ଼କ ଯୋଗାଯୋଗ କ୍ଷେତ୍ରରେ ପ୍ରାୟ ୭୦୦ କୋଟି ଟଙ୍କା ବିନିଯୋଗ କରାଯାଇ ଯୋଗାଯୋଗ ନ ଥିବା ବସତିକୁ ୨୪୯ଟି ସବୁଦିନିଆ ରାସ୍ତା ଓ ୨୫ଟି ସେତୁ ନିର୍ମାଣ ଲକ୍ଷ୍ୟ ରହିଛି। ଉଦ୍ୟାନ କୃଷି, ପ୍ରାଣୀପାଳନ, ମତ୍ସ୍ୟଚାଷ, ରେଶମ କୀଟ ପାଳନ, ବୟନଶିଳ୍ପ ଆଦି କ୍ଷେତ୍ରରେ ଜୀବନଜୀବିକା କ୍ଷେତ୍ର ପ୍ରକଳ୍ପ ପାଇଁ ୫୦୦ କୋଟିରୁ ଅଧିକ ଅର୍ଥ ଆବଣ୍ଟନ କରାଯାଇଛି। ପରିଷଦ ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀଙ୍କୁ ପରିଷଦର ନୂତନ ନିର୍ଦ୍ଦେଶକ ସଦସ୍ୟ ସଦସ୍ୟା ଭାବେ ଅନ୍ତର୍ଭୁକ୍ତ କରାଯାଇଛି।

## Classified Everyday
0674-2580101, 2549949




**SALE**

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ : 9090778800.
D-74528

ଭୁବନେଶ୍ୱର Retanga Railway Station ପାଖରେ 30ft. ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ 650/-, 9348767829.
D-74834

House for sale at GGP Colony 3Storied building (10nos of individual quarters). Contact: 7978141625. D-3080

Gharabari boundary plot for sale at Bhubaneswar Rangabazar Enderapal. Per sqft Rs-1200/-. Electricity & bank loan available. Ph-9040172828.
D-3161

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




"3.5BHK @20000 PM. and 2BHK @15000 PM at Unit-8, Bhubaneswar. Contact- 9861043575".
D-3159




Newly open health benefits SPA Special Offer @ 999 Sahidnagar. 8118028440.
D-73695

**Relax, Refresh your Body, Mind at Saikrupa Spa with best therapies, 8984068077.** D-3063

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74668

All types of professional body massage by professional therapy. Contact: 9556924059, 7077933109. D-3163

Newly open health benefits Spa special offer @999, Nayapalli, 7846814019. D-73694

**AFFIDAVIT**

Affidavit before Executive Magistrate, Dhenkanal, I have changed my name from Doly Singh to Deepa Kotak. Doly Singh and Deepa Kotak is same and one person. Henceforth I shall be known as Deepa Kotak, W/o. Chandrakanta Kotak, At-Ratan Bazar, PO/PS-Dhenkanal Town, Dist-Dhenkanal for postal saving bank A/c No.-0923210715 & all purposes. D-74056

ମୋର ସ୍ୱାମୀଙ୍କର Title ଆମ୍ଭ ପାସ୍‌ପୋର୍ଟରେ ସଂଶୋଧନ ନିମିତ୍ତ। ଆମ୍ଭ ନାମରେ ପ୍ରସ୍ତୁତ ହୋଇଥିବା ପାସ୍‌ପୋର୍ଟ ଯାହାର ନଂ. W9339513 dt.17.3.23, File No. BH1065145558723 ରେ ଆମ୍ଭ ସ୍ୱାମୀଙ୍କର Title 'SHAH' ପରିବର୍ତ୍ତେ 'SAHA' ହୋଇଛି । ଦୟାପୂର୍ବକ ସଂଶୋଧନ ଦରକାର।
ଧ-୩୧୨୨

By virtue of affidavit before Public Notary, Puri, I, Rabindra Upadhyaya, S/o Ashok Mohanty, resident of Srikhetra Colony, Water Workers Road, Puri, 752002, P.S.-Seabeach, here by changed my name to Rabindra Mohanty. Henceforth, I will be known as Rabindra Mohanty for all purpose. D-3124

Your classified advertisement published in Dharitri will be listed free in Dharitri online edition:
**dharitriepaper.in**

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ରଜନୀକାନ୍ତ ଜେନା**

ଗ୍ରାମ: ଲୁଣିଗାଁ, କପାସି, ନିଆଳି, କଟକ
ଆବିର୍ଭାବ: ୨୦।୧୧।୧୯୬୨
ତିରୋଧାନ: ୧୦।୦୪।୨୦୨୨

ଜନନାୟକ, ପ୍ରଖ୍ୟାତ ସମାଜସେବୀ ଏବଂ କଲ୍ଲାରପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ତଥା ପରୋପକାରୀ ମାନବ ବନ୍ଧୁ ୰ ରଜନୀକାନ୍ତ ଜେନାଙ୍କ ସ୍ମୃତି ସଂସଦ ପକ୍ଷରୁ ତାଙ୍କର ପ୍ରଥମ ପୁଣ୍ୟତିଥି ଉପଲକ୍ଷେ କୋଟି କୋଟି ନମନ।
ଶୋକସନ୍ତପ୍ତ: ସ୍ତ୍ରୀ: ସୁରେଖା ଜେନା, ପୁତ୍ର: ସ୍ମୃତି ରଞ୍ଜନ ଏବଂ ଜ୍ୟୋତି ରଞ୍ଜନ, ନାତି/ନାତୁଣୀ: ସୂର୍ଯ୍ୟଦେବ ଏବଂ ଜାନ୍‌ଭି ଜାଗୃତି ।

ଧ-୩୧୬୮

### ତୃତୀୟ ଶ୍ରାଦ୍ଧବାର୍ଷିକୀ



**୰ପ୍ରଫୁଲ୍ଲ କୁମାର ରାଉତ**

(ଭାରତୀୟ ଷ୍ଟେଟ ବ୍ୟାଙ୍କ) ଅବସରପ୍ରାପ୍ତ
ସନ୍ତୋଷୀ ବିହାର, ଲକ୍ଷ୍ମୀସାଗର
ଆବିର୍ଭାବ-୦୪।୦୧।୧୯୫୨
ତିରୋଧାନ- ୦୨।୦୪।୨୦୨୦ (ଶ୍ରୀରାମ ନବମୀ)

କକା, ଏହାରି ଭିତରେ ତିନିବର୍ଷ ବିତିଗଲା। ଏପର୍ଯ୍ୟନ୍ତ ଆମ ଅନ୍ତରର କୋହ ଆଉ ଆଖିର ଲୁହ ଶୁଖିନି, ତୁମର ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟପରାୟଣତା, କଠିନ ପରିଶ୍ରମ, ଧର୍ମଭାବନା ଏବଂ ସମସ୍ତଙ୍କୁ ବାନ୍ଧି ରଖିବାର କଳା ଆମ ଜୀବନର ସର୍ବଦା ପ୍ରେରଣାର ଉତ୍ସ ହୋଇ ରହୁ। ଆଜିର ଏହି ପବିତ୍ର ଦିନରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ବନ୍ଧୁ ଏବଂ ପରିବାରବର୍ଗ ।**

ଧ-୩୧୬୯

### ଶ୍ରଦ୍ଧାଞ୍ଜଳି



**୰ଅନ୍ୱେଷା ଧରାଶ୍ରୀ ଜେନା (ଲାଡ଼ଲି)**

ଆବିର୍ଭାବ- ୨୩।୦୪।୨୦୦୯
ତିରୋଧାନ- ୩୦।୦୩।୨୦୧୨
ହଣ୍ଡପା, ଅନୁଗୋଳ

ତୁ ଦୀର୍ଘ ୧୧ ବର୍ଷ ହେବ ଆମକୁ ଛାଡି କେଉଁଆଡେ ଚାଲିଯାଇଛୁ। ପରିବାରର ସମସ୍ତ ସଦସ୍ୟଙ୍କୁ କନ୍ଦାଇ ସବୁଦିନ ପାଇଁ ଚାଲିଗଲୁ। ତୁ ଯେଉଁଠି ବି ଥା ଭଲରେ ଥାଆ। ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଜେନା ପରିବାରବର୍ଗ

ଧ-୩୧୭୩

ଧରିତ୍ରୀ
DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


'ଭୋଲା' ଫିଲ୍ମରେ ଅଜୟ ଦେବଗନ

ପରଦାରେ..

# ଭୋଲା

ବର୍ଷେ କି ଦୁଇବର୍ଷ ନୁହେଁ, ଦୀର୍ଘ ୧୦ ବର୍ଷ ଜେଲ ଭିତରେ ରହିବା ପରେ ବାହାରକୁ ଆସେ ଭୋଲା। ହେଲେ ସେ ଯିବ କୁଆଡ଼େ ? ୟା ଭିତରେ ଅନେକ କିଛି ପରିବର୍ତ୍ତନ ହୋଇଯାଇଛି। ଶେଷକୁ ସେ ଘରକୁ ଯାଇ ସାନଝିଅକୁ ଭେଟିବାକୁ ସ୍ଥିର କରିଛି। ହେଲେ ବାଟରେ ପୁଣି ଏକ ସମସ୍ୟା ସତେ ଯେମିତି ତାକୁ ଚାହିଁ ବସିଥିଲା। ଆଉ ସେଠାରେ କ'ଣ ଘଟିଲା, ଆଉ ଭୋଲା କାହିଁକି ଜେଲ ଯାଇଥିଲା ତାହାର ଉତ୍ତର ରହିଛି ସିନେମାରେ। 'ଭୋଲା' ଟାଇଟଲବିଶିଷ୍ଟ ଏହି ଫିଲ୍ମଟି ଆଜି ଅର୍ଥାତ୍ ମାର୍ଚ୍ଚ ୩୦ରେ ପରଦା ଉପରକୁ ଆସୁଛି। ଅଜୟ ଦେବଗନ ବ୍ୟାନରରେ ଏହାକୁ ନିର୍ମାଣ କରାଯାଇଛି। ଅଜୟ ଏହାର ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବା ସହ ଟାଇଟଲ ଭୂମିକାରେ ମଧ୍ୟ ଅଭିନୟ କରିଛନ୍ତି। ଲୋକେଶ କନଗରାଜଙ୍କ 'କାଇଥି'କୁ ଆଧାର କରି ଏହାକୁ ପ୍ରସ୍ତୁତ କରାଯାଇଛି। ଚିତ୍ରର ବିଭିନ୍ନ ଭୂମିକାରେ ଅଜୟ ଦେବଗନଙ୍କ ବ୍ୟତୀତ ତବୁ, ସଞ୍ଜୟ ମିଶ୍ର, ଦୀପକ ଡ୍ରୋବିୟାଲ, ଗଜରାଜ ରାଓ, ବିନୀତ କୁମାର ଅଭିନୟ କରିଛନ୍ତି। ରବି ବସରୁର୍ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ୧୪୪ ମିନିଟ୍ ଅବଧିବିଶିଷ୍ଟ ଏହି ଫିଲ୍ମଟି କେବଳ ହିନ୍ଦୀ ଭାଷାରେ ହିଁ ନିର୍ମାଣ କରାଯାଇଛି। ତେବେ ଅଜୟଙ୍କ ଏହି ଫିଲ୍ମ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ଜଣାପଡ଼ିବ।


ଯାମି

# କେମିତି କାଟେ ଅବସର

ଯେତେବେଳେ କୌଣସି ଶୁଟିଂ ନ ଥାଏ ସେତେବେଳେ କଳାକାର ନିଜକୁ କେତେକ କାମରେ ନିୟୋଜିତ ରଖିଥାଆନ୍ତି। ଆଉ ସେଥିରୁ ବା ୟାମି ଗୌତମ ବାଦ୍ ପଡ଼ିବେ କିପରି ? କିଛି କାମ ନ ଥିଲେ ସେ ଘରେ ରହି ନିଜ ମନ ପସନ୍ଦର ଗୀତ ଶୁଣନ୍ତି। ତା'ସହ ଆଉ ଏକ କାମରେ ବ୍ୟସ୍ତ ମଧ୍ୟ ରହନ୍ତି। ଘରେ ଥିଲେ ସେ ଘରର ସାଜସଜ୍ଜା ପ୍ରତି ଧ୍ୟାନଦିଅନ୍ତି। ବିଶେଷଭାବରେ ଘରର ଇଣ୍ଟେରିୟର ଡିଜାଇନ୍‌କୁ ସେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ପରିବର୍ତ୍ତନ କରିଥାଆନ୍ତି। ୟାମିଙ୍କ ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରୁ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଭିକି ଡୋନର'। ପାଠ ପଢ଼ି ସେ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ଆଶା ରଖିଥିଲେ। ପରବର୍ତ୍ତୀ ସମୟରେ ସେ ଜଣେ ଓକିଲ ହେବାକୁ ଚାହିଁଥିଲେ। କିନ୍ତୁ ଅଭିନୟକୁ ଆପଣେଇ ନେବା ପରେ ନିଜ କ୍ୟାରିୟରକୁ ନେଇ ବେଶ୍ ସନ୍ତୁଷ୍ଟ ଅଛନ୍ତି ସେ। ଏ ସମ୍ପର୍କରେ ୟାମି କହନ୍ତି, 'ଇତି ମଧ୍ୟରେ ନଅ ବର୍ଷ ବିତିଗଲାଣି। ହିନ୍ଦୀ ସିନେମାରେ ଆଜି ମୁଁ ତିଷ୍ଠି ରହିଛି କେବଳ ଦର୍ଶକଙ୍କ ପାଇଁ। ସେମାନେ ମୋତେ ଯେଉଁ ଭଲ ପାଇବା ଦେଇଛନ୍ତି ତାହାକୁ ମୁଁ କଦାପି ଭୁଲିପାରିବି ନାହିଁ।'

# ବିକିନି ପାଇଁ...

ଦିଶା ପଟାନି ଏବେ ମାଲେସିଆରେ ଡେରା ପକାଇଛନ୍ତି। ହେଲେ ସେଠାରେ ତାଙ୍କୁ ଟେନ୍‌ସନ ଛାଡିବାକୁ ନାରାଜ। କାରଣ କ'ଣ ଜାଣନ୍ତି ? ନିକଟରେ ଦିଶାଙ୍କର ବିକିନି ପିନ୍ଧା ଫଟୋ ବେଶ୍ ଭାଇରାଲ ହୋଇଛି। ଏ ନେଇ ଦିଶା କହନ୍ତି, 'ଯେହେତୁ ଏବେ ମୋତେ ଶୁଟିଂରୁ କିଛିଦିନ ବ୍ରେକ୍ ମିଳିଛି ତେଣୁ ମୁଁ ମାଇଣ୍ଡ ଫ୍ରେଶ୍ କରିବାକୁ ମାଲେସିଆ ଆସିଛି। ଏଠାରେ ବିକିନି ପିନ୍ଧା ଫଟୋ କିଛି ପୋଷ୍ଟ କରିଥିଲି। ମୋ ମତରେ ଏହାକୁ ନେଇ ଏତେ ଆଲୋଚନା କାହିଁକି ହେଉଛି ତାହା ମୁଁ ଜାଣିପାରୁ ନାହିଁ।' ଅନ୍ୟପକ୍ଷରେ ଦିଶା ଅଭିନୟ କରିଥିବା 'ୟୋଦ୍ଧା' ଚଳିତ ବର୍ଷ ଜୁଲାଇ ୭ରେ ରିଲିଜ୍ ହେବ। ଏଥିରେ ତାଙ୍କର ନାୟକ ସାଜିଛନ୍ତି ସିଦ୍ଧାର୍ଥ ମାଲହୋତ୍ରା।


ଦିଶା

ଅପେରା ହାଲ୍‌ଚାଲ୍

# ସଫଳତା ପଥେ ଜିନୁ


ଜିନୁ

ପ୍ରଥମେ ଥିଏଟର ତା'ପରେ ଧାରାବାହିକ। ବାସ୍, ସେଇଠୁ ହିଁ ସେ ଅଭିନୟକୁ ପେସା କରିବାକୁ ମନସ୍ଥ କରିନେଇଥିଲେ। ୨୦୦୮ରେ ସେ ପାଦ ଥାପିଥିଲେ ଜଲିଉଡ୍‌ରେ। ଏହି ଅଭିନେତା ଜଣକ ହେଉଛନ୍ତି ଜିନୁ। ବର୍ତ୍ତମାନ ଅପେରା ସ୍ୱର୍ଣ୍ଣମହଲରେ ନିଜ କ୍ୟାରିୟରକୁ ଆଗେଇ ନେଉଛନ୍ତି। ଆସନ୍ତା ଯାତ୍ରା ସିଜନ୍‌ରେ ତାଙ୍କୁ ଶିବାନୀ ଗଣନାଟ୍ୟରେ ଦେଖିବାକୁ ମିଳିବ। ଯାତ୍ରା ତ୍ରିରଙ୍ଗା ପରିବେଷିତ ନାଟକ 'ତୁ ମୋଦି ମୁଁ ଗାନ୍ଧୀ'ରେ ଗାନ୍ଧୀ ଭୂମିକା ତାଙ୍କୁ ବେଶ୍ ମାଇଲେଜ ଦେଇଥିଲା। ନିଜ ଅପେରା ଜୀବନ ବିଷୟରେ ସେ କହନ୍ତି, 'ଥିଏଟର, ଧାରାବାହିକ ଆଉ ତା'ପରେ ଓପନ ପେଣ୍ଡାଲ-ଏହି ତିନୋଟି ଫର୍ମାଟ୍‌ରେ ଅଭିନୟ କରିବା ପରେ ମୁଁ ଅନେକ କିଛି ଶିଖିପାରିଛି। ଭୁବନେଶ୍ୱରସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ଅଭିନୟରେ ଡିଗ୍ରୀ ହାସଲ କରିବା ପରେ ଆକ୍ଟିଂ ପ୍ରତି ଅଧିକ ଧ୍ୟାନ ଦେଇଥିଲି। ମୋ ମତରେ ଜଣେ ଅଭିନୟକୁ ଭଲ ପାଇଲେ ହିଁ ସେ ସେଥିରେ ସଫଳ ହେବ। ମନ, ପ୍ରାଣ ଦେଇ ଆକ୍ଟିଂ କଲେ ତାହା ଦର୍ଶକଙ୍କ ମନକୁ ଛୁଇଁ ପାରିବ। କାରଣ ସେମାନଙ୍କ ପାଇଁ ଆଜି ମୁଁ ସଫଳତା ପରେ ସଫଳତା ହାସଲ କରିଚାଲିଛି।' ଜଗତ୍‌ସିଂହପୁର ନାଉଗାଁ ବ୍ଲକ୍ ଅନ୍ତର୍ଗତ ଗାରୋଇ ଗ୍ରାମରେ ଜନ୍ମିତ ଜିନୁଙ୍କ ୧୫ବର୍ଷର ଅପେରା କ୍ୟାରିୟରର ସଫଳ ନାଟକ ମଧ୍ୟରେ ରହିଛି 'ତୁ ମୋଦି ମୁଁ ଗାନ୍ଧୀ', 'ବାଃ ବାଃରେ ଉପରବାଲା', 'ଅସତୀ ତୁଳସୀ ସତୀ ଚଉରା', 'ଆମ ଗାଁ ଜଗନ୍ନାଥ ତୁମ ଗାଁ ଆଲ୍ଲା', 'ହାଟ ବସେଇଛି ହଟ ନାଗରୀ', 'ସିନ୍ଦୂର ହାଟରେ ନାହିଁ ସିନ୍ଦୂର', 'ମୁଁ ରାତିର ରାଣୀ, 'କହି ହେଉନି କି ସହି ହେଉନି' ଏବଂ 'ବଣ ମଣିଷ' ପରି ଅନେକ ନାଟକ।

# ଯୋଗ ପ୍ରଶିକ୍ଷିକାରୁ ଅଭିନେତ୍ରୀ


ଅନୁଷ୍କା

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ପରିଚିତ ଅଭିନେତ୍ରୀ ହେଉଛନ୍ତି ଅନୁଷ୍କା ସେଟ୍ଟୀ। ବ୍ଲକ୍ ବଷ୍ଟର 'ବାହୁବଳୀ' ସିନେମାରେ ଦେବସେନା ଚରିତ୍ରରେ ତାଙ୍କର ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ବିଶେଷଭାବରେ ଏହି ଫିଲ୍ମଟି ତାଙ୍କ ଆକ୍ଟିଂ କ୍ୟାରିୟରରେ ଅନ୍ୟତମ ସ୍ମରଣୀୟ ଚିତ୍ର ହୋଇ ରହିବ। ତେବେ ଅଭିନୟ ଜଗତକୁ ପ୍ରବେଶ କରିବା ପୂର୍ବରୁ ସେ କ'ଣ କରୁଥିଲେ ଜାଣନ୍ତି ? ପାଠ ପଢ଼ା ଶେଷ ହେବା ପରେ ସେ କିଛିଦିନ ଭରତ ଠାକୁରଙ୍କ ମେଡିଟେସନ ସେଣ୍ଟର 'ତପସ୍ୟା'ରେ ଯୋଗ ଶିଖିଥିଲେ। ଶେଷରେ ସେ ଏହାର ମାୟାରେ ଏପରି ପଡିଗଲେ ଯେ ପରବର୍ତ୍ତୀ ସମୟରେ ନିଜେ ଯୋଗ ଶିଖାଇବା ଆରମ୍ଭ କଲେ। ଏପରି କି ଏହାକୁ ନିଜ ଜୀବନର ଏକ ଅଙ୍ଗ ଭାବରେ ସେ ଗ୍ରହଣ କରିନେଇଥିଲେ। ଏକଦା ନିର୍ଦ୍ଦେଶକ ମେହେର ରମେଶ ତାଙ୍କୁ ଦେଖିବା ପରେ ଆକ୍ଟିଂ କରିବାକୁ ପରାମର୍ଶ ଦେଇଥିଲେ। କେବଳ ସେତିକି ନୁହେଁ ନାମୀ ନିର୍ଦ୍ଦେଶକ ପୁରୀ ଜଗନ୍ନାଥଙ୍କ ସିନେମା 'ସୁପର' (୨୦୦୫) ପାଇଁ ହେଉଥିବା ଅଡିଶନ୍‌ରେ ଯୋଗ ଦେବାକୁ ମଧ୍ୟ କହିଥିଲେ। ଆଉ ତା'ପରେ ଯାହା ଘଟିଲା ତାହା ପ୍ରାୟ ଅନେକେ ଜାଣନ୍ତି। ଅଡିଶନରେ ପାସ୍ କରିବା ପରେ ଅନୁଷ୍କା ଅଭିନୟକୁ ଆପଣେଇ ନେଇଥିଲେ।

ରିଲିଜ ଅପେକ୍ଷାରେ...

# ପ୍ରିୟେ ତୁ ମୋ ସିଏ


'ପ୍ରିୟେ ତୁ ମୋ ସିଏ' ଫିଲ୍ମରେ (ବାମରୁ) ଅମ୍ଳାନ-ଏଲିନା-ବବି

ଓଡ଼ିଆ ସିନେମା 'ପ୍ରିୟେ ତୁ ମୋ ସିଏ' ଆସନ୍ତା ମାସରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ଲିଡ୍ ରୋଲ୍‌ରେ ଅମ୍ଳାନ ଅଭିନୟ କରିଥିବା ବେଳେ ତାଙ୍କ ସହ ପ୍ରଥମ ଥର ପାଇଁ ଦେଖାଦେବେ ଏଲିନା ସାମନ୍ତରାୟ। ଏଥିରେ ବବି ମିଶ୍ରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ବେଳେବେଳେ ହଠାତ୍ ପ୍ରେମ ହେଇଯାଏ। ଝିଅଟିର ଜନ୍ମ ଜମିଦାର ପରିବାରରେ। ହେଲେ ଯେତେବେଳେ ସେ ପ୍ରେମ ରାସ୍ତାର ଯାତ୍ରୀ ହୋଇଛି ସେତେବେଳେ ଜଣେ ଗରିବ ତଥା ରାସ୍ତା କଡ଼ରେ ଜୀବନ ବିତାଉଥିବା ଜଣେ ଯୁବକକୁ ପ୍ରେମିକ ଭାବରେ ଗ୍ରହଣ କରିଛି। ତେବେ ଏହି ପ୍ରେମର ଶେଷ ପରିଣତି କ'ଣ ହେଉଛି ତାହା ଫିଲ୍ମଟି ଶେଷ ପର୍ଯ୍ୟନ୍ତ ଦେଖିଲେ ହିଁ ଜାଣିପାରିବେ। ଝିଲିକ୍ ମୋସନ ପିକ୍‌ଚର ବ୍ୟାନରରେ ଏହି ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି ଝିଲିକ୍ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ସୁଧାଂଶୁ ମୋହନ ସାହୁ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ।

# ସମ୍ବିତ କୁମାରଙ୍କ ଆକଳନ


ସମ୍ବିତ କୁମାର

ସମ୍ବିତ କୁମାର ନିଜ ଅଭିନୀତ ତଥା ନିକଟରେ ରିଲିଜ୍ ହୋଇ ସଫଳତା ହାସଲ କରିଥିବା ଓଡ଼ିଆ ଫିଲ୍ମ 'ନାରୀ ନୁହେଁ ତୁ ଅର୍ଦ୍ଧନାରୀ'କୁ ନେଇ ଯାହା ଆକଳନ କରିଥିଲେ ତାହା ସତ ହୋଇଛି। ଏ ନେଇ ସମ୍ବିତ କହନ୍ତି, 'ଏହି ସିନେମାର କାହାଣୀଟିକୁ ଯେତେବେଳେ ମୁଁ ସିଲେକ୍ଟ କଲି, ସେତେବେଳେ ମୋର ଦୃଢ଼ ବିଶ୍ୱାସ ଥିଲା ଯେ ଏହା ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ। ଏବେ ରିଲିଜ୍ ପରେ ଫିଲ୍ମଟିକୁ ମିଳିଥିବା ସଫଳତା ମୋ କ୍ୟାରିୟର ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୋଇଛି। ନିକଟରେ ମୁଁ ଦୁଇଟି ନୂଆ ସିନେମା ସାଇନ୍ କରିଛି।' ଚନ୍ଦ୍ରାବତୀ ଭିଜନ ବ୍ୟାନରରେ ନିଜ କାହାଣୀକୁ ନେଇ ଏହାର ପ୍ରଯୋଜନା କରିବା ସହ ମୁଖ୍ୟ ଭୂମିକାରେ ମଧ୍ୟ ଅଭିନୟ କରିଛନ୍ତି ସମ୍ବିତ କୁମାର। ସହ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ସଞ୍ଜୟ କୁମାର ସାହୁ। ଏଥିରେ ସମ୍ବିତଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଲକ୍ଷ୍ମୀପ୍ରିୟା।

ଛୋଟ ପରଦା

# 'ଦିଦି ନଂ-୧'ରେ ସ୍ୱାମୀ-ସ୍ତ୍ରୀର ପରିଭାଷା

ଜୀ-ସାର୍ଥକର ବିବାହ ମହୋତ୍ସବ ଧାରାରେ ସାମିଲ ହୋଇଛି ଅନ୍ୟତମ ଲୋକପ୍ରିୟ ରିଆଲିଟି ଶୋ' 'ଦିଦି ନଂ-୧'। ଏହି ସପ୍ତାହ ଦିଦି ନଂ-୧ରେ ଦିଦିମାନେ ସେମାନଙ୍କର ବୈବାହିକ ଜୀବନର ତିକ୍ତ-ମଧୁର ସମ୍ପର୍କ ବିଷୟରେ ଆଲୋଚନା କରୁଛନ୍ତି। ନିଜର ସ୍ୱତନ୍ତ୍ର ଦିନର ସ୍ମୃତି ଚାରଣ କରୁଛନ୍ତି। ଏହି ଶୋ'ରେ ଅଂଶଗ୍ରହଣ କରୁଥିବା ପ୍ରତିଯୋଗୀ ସେମାନଙ୍କ ସ୍ୱାମୀମାନଙ୍କ ସହ ଶିଖାଇବେ ସ୍ୱାମୀ-ସ୍ତ୍ରୀ ସମ୍ପର୍କର ଠିକ୍ ପରିଭାଷା। ସମ୍ପୂର୍ଣ୍ଣ ମନୋରଞ୍ଜନଭିତ୍ତିକ ଏବଂ ଲୋକପ୍ରିୟ ଏହି କାର୍ଯ୍ୟକ୍ରମକୁ ଉପସ୍ଥାପନା କରୁଛନ୍ତି ଅଭିନେତ୍ରୀ ଲିପି ମହାପାତ୍ର। ଲୋକପ୍ରିୟ ଓଡ଼ିଆ ଚାନେଲ ଜୀ-ସାର୍ଥକରେ ସୋମବାରରୁ ରବିବାର ସନ୍ଧ୍ୟା ୫ ଟାରେ ପ୍ରସାରିତ 'ଦିଦି ନଂ -୧ର ସିଜନ୍ - ୨' କାର୍ଯ୍ୟକ୍ରମଟି ବେଶ୍ ଦର୍ଶକାଦୃତ ହେଉଛି।


'ଦିଦି ନଂ-୧ ସିଜନ-୨'ର ଏକ ଦୃଶ୍ୟ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୩୦/୨୦୨୩ Bhubaneswar, Thursday, March 30/ 2023




ବୁଧବାର ଟେନିସ ସେଣ୍ଟର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓ ଅନ୍ୟ ଅତିଥିମାନେ।

# କଳିଙ୍ଗରେ ଟେନିସ ସେଣ୍ଟର ଉଦ୍‌ଘାଟିତ

## ଆଇଟିଏଫ୍ ଏସିଆନ ଜୁନିୟର ଟେନିସ୍ ଲୋଗୋ ଓ ଜର୍ସି ଉନ୍ମୋଚିତ

## ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କୃତୀ ଖେଳାଳି ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୯।୩
(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରୀଡ଼ା ଇତିହାସରେ ଯୋଡ଼ିହୋଇଛି ଆଉ ଏକ ନୂଆପର୍ବ। କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ବୁଧବାର ଟେନିସ ସେଣ୍ଟର ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆଇଟିଏଫ୍ (ଅନ୍ତର୍ଜାତୀୟ ଟେନିସ୍ ଫେଡେରେଶନ)ଏସିଆନ ଟେନିସ୍ ଚାମ୍ପିୟନଶିପ୍ (୧୪ ବର୍ଷରୁ କମ୍) ଏପ୍ରିଲ ୪ରୁ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହାର ଲୋଗୋ ଏବଂ ଜର୍ସିକୁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି। ଏହା ବ୍ୟତୀତ ଉକ୍ତ କାର୍ଯ୍ୟକ୍ରମରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ‘‘କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଏକ ହବ୍ ଭାବେ ସବୁଆଡ଼େ ପ୍ରଶଂସିତ ଏବଂ ଏହା ଭବିଷ୍ୟତର ଉଦୀୟମାନ ପ୍ରତିଭାଙ୍କ ଲାଗି ପ୍ରିମିୟର ଟେନିସ୍ ଗ୍ରାଉଣ୍ଡରେ ପରିଣତ ହୋଇଛି। ଆମ ଇକୋ ସିଷ୍ଟମରେ ଟେନିସ ସେଣ୍ଟରର ଉନ୍ନତୀକରଣ କରାଯାଇଛି। ଆମ ଟେନିସ ଖେଳାଳିଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଏହା ସାହାଯ୍ୟ କରିବ। ଲୁକ୍କାୟିତ ପ୍ରତିଭାଙ୍କୁ ଖୋଜି ଏଠାରେ ଟ୍ରେନିଂ ଦିଆଯାଇ ପଦକ ଦାବିଦାର ବନାଯାଇ ପାରିବ’’ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି)ଭି.କେ. ପାଣ୍ଡିଆନ, କ୍ରୀଡ଼ା ଓ ଯୁବସେବା ସଚିବ ଆର. ଭିନିଲ କ୍ରିଷ୍ଣା, ଓଡ଼ିଶା ଟେନିସ ଆସୋସିଏଶନ ସଭାପତି ଅସିତ୍ ତ୍ରିପାଠୀ, ସମ୍ପାଦକ ସତ୍ୟଜିତ୍ ମହାନ୍ତି ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

କଳିଙ୍ଗରେ ଉଦ୍‌ଘାଟିତ ଟେନିସ୍ ସେଣ୍ଟର ଅନ୍ତର୍ଜାତୀୟ ଟେନିସ ଫେଡେରେଶନ ଦ୍ୱାରା ମାନ୍ୟତାପ୍ରାପ୍ତ। ଏଥିରେ ଏକ ସିନ୍ଥେଟିକ୍ ସେଣ୍ଟର କୋର୍ଟ ରହିଛି। ଗ୍ୟାଲେରିରେ ୧୪୦୦ ଦର୍ଶକ ବସି ଖେଳ ଦେଖିପାରିବେ। ଏହାବ୍ୟତୀତ ଜିମ୍ନାସିୟମ, ଖେଳାଳିଙ୍କ ଚେଞ୍ଜିଂ ରୁମ୍, ଅଡିଟୋରିୟମ, ଅଧିକାରୀଙ୍କ ପାଇଁ ରୁମ୍, ମିଡିଆ ରୁମ୍, ବ୍ରଡ୍‌କାଷ୍ଟ ପାଇଁ ରୁମ୍ ପ୍ରଭୃତି ରହିଛି। ୨୫ କୋଟି ଟଙ୍କା ବ୍ୟୟରେ ଏହି ସେଣ୍ଟରର ଉନ୍ନତୀକରଣ କରାଯାଇଛି। ଏହା ବ୍ୟତୀତ ୮ଟି ସିନ୍ଥେଟିକ୍ କୋର୍ଟବିଶିଷ୍ଟ କଳିଙ୍ଗ ଷ୍ଟାଡିୟମର ଟେନିସ କମ୍ପ୍ଲେକ୍ସ ଏବେ ଅନ୍ତର୍ଜାତୀୟ ଟେନିସ ଫେଡେରେଶନ ଏବଂ ଏସିଆନ ଟେନିସ ଫେଡେରେଶନ ସ୍ୱୀକୃତ ମ୍ୟାଚ୍ ଆୟୋଜନ ପାଇଁ ପ୍ରସ୍ତୁତ।

ପ୍ରକାଶଯୋଗ୍ୟ, କବିର ହଂସ, ଦେବାଶିଷ ସାହୁ, ସୋହିନୀ ସଞ୍ଜୟ ମହାନ୍ତି ଓ ଆରାଧ୍ୟା ବର୍ମାଙ୍କ ପରି ରାଜ୍ୟର ଟେନିସ୍ ଖେଳାଳି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ରାଜ୍ୟର ଟେନିସ୍ ଖେଳାଳିଙ୍କ ପ୍ରଦର୍ଶନ କିପରି ଅଧିକ ଉନ୍ନତ ହୋଇପାରିବ ସେଥିପାଇଁ ଓଡ଼ିଶା ଟେନିସ୍ ଆସୋସିଏଶନ (ଓଟିଏ) ଓ କ୍ରୀଡ଼ା ବିଭାଗ ରୋଡ୍‌ମ୍ୟାପ ପ୍ରସ୍ତୁତ ଉପରେ ଫୋକସ କରୁଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ କ୍ରୀଡ଼ାକ୍ଷେତ୍ରରେ ସଫଳତା ପାଇଁ ଖୋ ଖୋ ଖେଳାଳି ଅର୍ଚ୍ଚନା ମାଝି, ଆଥଲେଟ୍ ସ୍ୱାଧୀନ ମାଝି, ଟେନିସ ଖେଳାଳି ଦେବାଶିଷ ସାହୁ ଓ ପାରା ଆଥଲେଟ୍ ଜୟନ୍ତୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଘାଟନୀ ସମାରୋହ ପୂର୍ବରୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ୪୫ ଆଥଲେଟ୍‌ଙ୍କୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରିଥିଲେ।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ